୬୨ତମ ବର୍ଷ ୨୧ ଫେବ୍ରୁଆରୀ ୨୦୧୯ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨


Since the beginning of the earth,
wherever and whenever there was the
possibility of manifesting a ray of
consciousness, I was there.

Since the beginning of the earth,
wherever and whenever there was the
possibility of manifesting a ray of
the Consciousness, I was there.

(CWM-13, p. 37) The Mother

ପୃଥିବୀର ଆରମ୍ଭରୁ, ଯେଉଁଠାରେ ଓ ଯେତେବେଳେ ବି ପରମଚେତନାର ରଶ୍ମିଟିଏ ମଧ୍ୟ ପ୍ରକାଶ କରି ଆଣିବାର ଏକ ସମ୍ଭାବନା ଉପସ୍ଥିତ ହୋଇଥିଲା, ସେଠାରେ ମୁଁ ଅବଶ୍ୟ ଥିଲି ।

- ଶ୍ରୀମା

୬୨ତମ ବର୍ଷ ୨୧ ଫେବ୍ରୁଆରୀ ୨୦୧୯ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ

ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୧୯]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୫ |
| ମାତୃବାଣୀ | ... | ... | ୬ |
| ଚୈତ୍ୟସତ୍ତାର ବିକାଶ ଧାରା | ... ଶ୍ରୀଅରବିନ୍ଦ | ... | ୯ |
| ଚୈତ୍ୟସତ୍ତାର ମୁକ୍ତି | ... ଶ୍ରୀମା | ... | ୧୨ |
| ଚୈତ୍ୟସତ୍ତାର ସ୍ୱରୂପ | ... ଶ୍ରୀଅରବିନ୍ଦ | ... | ୧୫ |
| ଚୈତ୍ୟ ଚେତନା ସମ୍ପର୍କରେ | ... ଶ୍ରୀମା | ... | ୧୭ |
| ଯୋଗର ପ୍ରାଥମିକ ଉପାଦାନ | ... ଶ୍ରୀଅରବିନ୍ଦ | ... | ୨୦ |
| ପୁନର୍ଜନ୍ମ ଓ ଚୈତ୍ୟସତ୍ତା | ... ଶ୍ରୀମା | ... | ୨୩ |
| ଚୈତ୍ୟସତ୍ତାର ଶରୀର ଗ୍ରହଣ | ... ଶ୍ରୀମା | ... | ୨୫ |
| ଆମର ସବୁକିଛି କେବଳ ଭଗବାନଙ୍କ ନିମନ୍ତେ | ... ଶ୍ରୀଅରବିନ୍ଦ | ... | ୨୮ |
| ଚାବିକାଠିଟି ନିଜ ଭିତରେ | ... ଶ୍ରୀମା | ... | ୨୯ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... ଶ୍ରୀଅରବିନ୍ଦ | ... | ୩୦ |
| ଚେତନାର ଅବତରଣ (୨) | ... ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୪ |
| ବୃହସ୍ପତି, ଆତ୍ମାର ଶକ୍ତି (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୫୦, ଋଷି : ବାମଦେବ) | ... ଶ୍ରୀଅରବିନ୍ଦ | ... | ୩୮ |
| ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା | ... ଶ୍ରୀ ପ୍ରପତ୍ତି | ... | ୪୧ |
| ଅଧ୍ୟାତ୍ମ-ପଥ : ଗ୍ରନ୍ଥ ଓ ଗୁରୁଙ୍କ ଭୂମିକା (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ... | ... | ୪୪ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୯) | ... | ... | ୪୭ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଅଷ୍ଟାବକ୍ର ସଂହିତା | ... | ... | ୫୦ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ପରମାଣୁ ବୋମା ଓ ଅଦୃଶ୍ୟ କ୍ଷୁଦ୍ର ସତ୍ତାମାନେ | ... | ... | ୫୪ |

**ଶେଷ ପୃଷ୍ଠା**

| | | | |
|---|---|---|---|
| ହୃଦୟ ଗୁହା | ... ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୭ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

A psychic fire within must be lit into which all is thrown with the Divine name upon it. In that fire all the emotions are compelled to cast off their grosser elements and those that are undivine perversions are burned away and the others discard their insufficiencies, till a spirit of largest love and a stainless divine delight arises out of the flame and smoke and frankincense.

(The Synthesis of Yoga, p. 165 - 166) – Sri Aurobindo

ଅନ୍ତରରେ ଏକ ଚୈତ୍ୟ ଅଗ୍ନି ପ୍ରଜ୍ୱଳିତ କରିବାକୁ ହେବ ଯାହା ଭିତରକୁ ସବୁକିଛି ନିକ୍ଷେପ କରିବାକୁ ହେବ ତା' ଉପରେ ଭଗବାନଙ୍କର ନାମାଙ୍କନ କରି । ସେହି ଅଗ୍ନିରେ ସମସ୍ତ ଭାବାବେଗ ସେମାନଙ୍କ ଖାଦର ଉପାଦାନଗୁଡ଼ିକୁ ପରିତ୍ୟାଗ କରିବାକୁ ବାଧ୍ୟ, ଏବଂ ଯେଉଁସବୁ ଅଦିବ୍ୟ ବିକାର ଥିବ ତାହା ପୋଡ଼ି ପାଉଁଶ ହୋଇଯିବ ଏବଂ ଅନ୍ୟଗୁଡ଼ିକ ନିଜର ନ୍ୟୂନତାକୁ ତ୍ୟାଗ କରିବେ, ଯେତେବେଳେ କି ଶେଷରେ ସେହି ଶିଖା, ଧୂଆଁ ଓ ଧୂପ ଭିତରୁ ଉଠି ଆସିବ ବିପୁଳତମ ପ୍ରେମର ଦିବ୍ୟଭାବ ଏବଂ ଏକ ନିଷ୍କଳଙ୍କ ଦିବ୍ୟ-ଆନନ୍ଦ ।

— ଶ୍ରୀଅରବିନ୍ଦ



# ମାତୃବାଣୀ

The Divine Presence is in you. It is in you. You look for it outside; look inside. It is in you. The Presence is there. You want the appreciation of others to get strength – you will never get it. The strength is in you. If you want, you can aspire for what seems to you the supreme goal, supreme light, supreme knowledge, supreme love. But it is in you – otherwise you would never be able to contact it. If you go deep enough inside you, you will find it there, like a flame that is always burning straight up.

(CWM. Vol. 15, p. 399 - 400) – The Mother

ଭଗବତ୍ ଦିବ୍ୟ-ଉପସ୍ଥିତି ତୁମ ନିଜ ଭିତରେହିଁ ରହିଛି । ଏହା ତୁମ ଭିତରେ ରହିଛି । ତୁମେ ଏହାକୁ ଖୋଜୁଛ ବାହାରେ; ନିଜ ଭିତରକୁ ଚାହଁ । ଏହା ତୁମ ଭିତରେହିଁ ରହିଛି । ସେହିଠାରେହିଁ ରହିଛି ଦିବ୍ୟ-ଉପସ୍ଥିତି । ଶକ୍ତି ପାଇବାର ଆଶା ନେଇ ତୁମେ ଅନ୍ୟମାନଙ୍କଠାରୁ ପ୍ରଶଂସା ଚାହୁଁଛ – ତୁମେ ତାହା କେବେହେଲେ ପାଇବ ନାହିଁ । ଶକ୍ତି ରହିଛି ତୁମ ନିଜ ଭିତରେ । ଯଦି ଚାହଁ, ତେବେ ଯାହା ସର୍ବୋତ୍ତମ ଲକ୍ଷ୍ୟ, ସର୍ବୋତ୍ତମ ଆଲୋକ, ସର୍ବୋତ୍ତମ ଜ୍ଞାନ, ପରମ ସର୍ବୋତ୍ତମ ପ୍ରେମ ବୋଲି ତୁମର ମନେହୁଏ, ତାହା ପାଇଁ ଅଭୀପ୍ସା କରିପାର । କିନ୍ତୁ ତାହା ରହିଛି ତୁମ ନିଜ ଭିତରେ – ତା' ନ ହୋଇଥିଲେ ତୁମେ କେବେହେଲେ ତାହା ସହିତ ସଂଯୋଗ ସ୍ଥାପନ କରିବା ପାଇଁ ସକ୍ଷମ ହୋଇ ପାରନ୍ତ ନାହିଁ । ତୁମେ ଯଦି ନିଜ ଭିତରେ ଆହୁରି ଆହୁରି ଗଭୀରକୁ ପ୍ରବେଶ କର, ତେବେ ଦେଖିବ ସେଠାରେ ତାହା ବିଦ୍ୟମାନ ହୋଇ ରହିଛି ଏକ ଅଗ୍ନିଶିଖା ରୂପେ, ଯାହାକି ନିତ୍ୟ ନିରନ୍ତର ସିଧା ଊର୍ଦ୍ଧ୍ୱକୁ ନିଜର ଶିଖା ବିସ୍ତାର କରି ପ୍ରଜ୍ୱଳିତ ହୋଇ ଚାଲିଛି ।

– ଶ୍ରୀମା



# ଚୈତ୍ୟସତ୍ତାର ବିକାଶ ଧାରା

## ଶ୍ରୀଅରବିନ୍ଦ

ସୂର୍ଯ୍ୟମୁଖୀ ଫୁଲ ସୂର୍ଯ୍ୟ ଆଡ଼କୁ ଚାହିଁ ରହିଲା ପରି ଅନ୍ତରାତ୍ମା ବା ଚୈତ୍ୟସତ୍ତାର ସ୍ୱଭାବହିଁ ହେଉଛି ଭଗବତ୍ ସତ୍ୟର ଅଭିମୁଖୀ ହୋଇ ରହିବା । ଯାହା କିଛି ନିଜ ସ୍ୱରୂପରେ ଦିବ୍ୟ ବା ଯାହାକିଛି ଦିବ୍ୟତା ଦିଗରେ ଅଗ୍ରସର ହେଉଥାଏ ଚୈତ୍ୟସତ୍ତା ସେସବୁକୁ ଗ୍ରହଣ କରିନିଏ ଏବଂ ନିଜକୁ ସେଗୁଡ଼ିକ ସହିତ ଯୁକ୍ତ ଓ ସଂଲଗ୍ନ କରି ରଖେ । ଏବଂ ଯାହାକିଛି ସେହି ଦିବ୍ୟସତ୍ୟକୁ ବିକୃତ ଓ ଅସ୍ୱୀକାର କରେ, ଯାହାକିଛି ଅସତ୍ୟ, ଅଦିବ୍ୟ, ଚୈତ୍ୟସତ୍ତା ସେସବୁରୁ ନିଜକୁ ପ୍ରତ୍ୟାହୃତ କରିଆଣେ ଓ ଦୂରେଇ ରଖେ । ତେବେ ଏହି ଅନ୍ତରାତ୍ମା ପ୍ରଥମ ଅବସ୍ଥାରେ ଏକ ଅଗ୍ନିକଣା ମାତ୍ର ହୋଇ ରହିଥାଏ ଏବଂ ତା'ପରେ ଘନ ଅନ୍ଧକାର ମଧ୍ୟରେ ଜଳୁଥିବା ଦେବତ୍ୱର ଏକ ଛୋଟ ଅଗ୍ନିଶିଖାର ରୂପ ନେଇଥାଏ । କାରଣ ଏହା ଅଧିକାଂଶ ଭାବରେ ଆବୃତ ଓ ଗୋପ୍ୟ ହୋଇ ରହିଥାଏ ନିଜ ଅନ୍ତରସ୍ଥ ଦେବସ୍ଥାନର ନିଭୃତ ଆଳୟ ଭିତରେ, ନିଜକୁ ପ୍ରକଟ କରିବାକୁ ହେଲେ ଏହାକୁ ମନ, ପ୍ରାଣଶକ୍ତି ଓ ଦୈହିକ ଚେତନାର ସହାୟତା ଲୋଡ଼ିବାକୁ ହେବ ଏବଂ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ହେବ ଯେପରି ସେମାନେ ନିଜ ନିଜର ଯଥାଶକ୍ତି ଖଟାଇ ତାହାକୁ ବ୍ୟକ୍ତ ଓ ପ୍ରକାଶିତ କରନ୍ତି । ସାଧାରଣତଃ ଏହା ଅତି ବେଶୀରେ ନିଜର ଆନ୍ତର ଆଲୋକ ଦ୍ୱାରା ସେମାନଙ୍କ ବାହ୍ୟଭାବଟିକୁ କିଛିଟା ଆପ୍ଲୁତ କରିବାରେ ଓ ନିଜର ବିଶୋଧନକାରୀ ସୂକ୍ଷ୍ମତା ଦ୍ୱାରା ସେମାନଙ୍କର ଅନ୍ଧକାରମୟ ଅଜ୍ଞନତା ଓ ସ୍ଥୂଳ ଅପମିଶ୍ରଣଗୁଡ଼ିକୁ କିଛିଟା ସଂଶୋଧିତ କରିବାରେ କିଛି ମାତ୍ରାରେ ସଫଳ ହୋଇଥାଏ । ଏପରିକି ସେତେବେଳେ ଗୋଟାଏ ସୁଗଠିତ ଚୈତ୍ୟସତ୍ତା ରହିଥାଏ ଏବଂ ଜୀବନ କ୍ଷେତ୍ରରେ ନିଜକୁ କିଛି ପରିମାଣରେ ପ୍ରତ୍ୟକ୍ଷ ଭାବରେ ପ୍ରକାଶ କରିବାର ସାମର୍ଥ୍ୟ ଅର୍ଜନ କରିଥାଏ, ସେତେବେଳେ ମଧ୍ୟ ଅଳ୍ପ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଅଧିକାଂଶଙ୍କ କ୍ଷେତ୍ରରେ ଏହା ସତ୍ତାର ଏକ କ୍ଷୁଦ୍ର ଅଂଶ ମାତ୍ର ହୋଇ ରହିଥାଏ, 'ସମଗ୍ର ଶରୀରପିଣ୍ଡ ମଧ୍ୟରେ ଏହାର ଆକାର ମଣିଷର ବୃଦ୍ଧାଙ୍ଗୁଷ୍ଠିଠାରୁ ବି ବଡ଼ ନୁହେଁ'— ଏହିପରି ଏକ ପ୍ରତିରୂପ ଦେଇହିଁ ପ୍ରାଚୀନ ଦ୍ରଷ୍ଟାମାନେ ଏହା ବର୍ଣ୍ଣନା କରିଛନ୍ତି । ଏବଂ ଆମ ଚେତନାର ଯେଉଁ ଅନ୍ଧକାର ଓ ଅଜ୍ଞାନମୟ ସଂକୀର୍ଣ୍ଣତା ରହିଥାଏ, ମନର ଯେଉଁ ଭ୍ରମାତ୍ମକ ନିଶ୍ଚିତତା ରହିଥାଏ କିଂବା ପ୍ରାଣିକ ପ୍ରକୃତିର ଯେଉଁ ଦାମ୍ଭିକତା ଓ ଉଗ୍ରଭାବ ରହିଥାଏ ସେଗୁଡ଼ିକ ବିରୋଧରେ ନିଜର ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ଏହି ଚୈତ୍ୟସତ୍ତା ସକ୍ଷମ ହୁଏ ନାହିଁ । ମନୁଷ୍ୟର ମନୋମୟ, ଆବେଗମୟ ଓ ଇନ୍ଦ୍ରିୟାନୁଭୂତିମୟ ଜୀବନ ବର୍ତ୍ତମାନ ଯେଉଁଭଳି ଅବସ୍ଥାରେ ରହିଛି, ଏହାର ଯେଉଁସବୁ ସମ୍ବନ୍ଧ, ଯେଉଁସବୁ କ୍ରିୟାକଳାପ ଓ ସଯତ୍ନ ସୁରକ୍ଷିତ ଅଭିଳାଷର ଯେଉଁ ନାନା ରୂପ ଓ ପ୍ରତିରୂପ ରହିଛି, ଚୈତ୍ୟସତ୍ତା ସେଗୁଡ଼ିକୁ ପ୍ରାୟ ସେହିଭଳି ଭାବରେହିଁ ଗ୍ରହଣ କରି ନେବାକୁ ବାଧ୍ୟ ହୋଇଥାଏ । ଏହି ସମସ୍ତ ଆପେକ୍ଷିକ ସତ୍ୟ ଭିତରେ ମିଥ୍ୟାଚାର ସୃଷ୍ଟି କରୁଥିବା ଭୁଲ୍‌ଭ୍ରାନ୍ତିର ଯେଉଁ ଅପମିଶ୍ରଣ ହୋଇଥାଏ, ପ୍ରେମ ଯେଉଳି ଭାବେ ପ୍ରାଣୀ ଶରୀରର ସଂଭୋଗ-ଲିପ୍ସା ବା ପ୍ରାଣିକ ଅହଂକୁ ଚରିତାର୍ଥ କରିବା ପାଇଁ ବ୍ୟବହୃତ ହୋଇଥାଏ, ହାରାହାରି ମନୁଷ୍ୟତ୍ୱର ଏହି ଜୀବନଟି କଦବା କ୍ୱଚିତ୍ ଦେବତ୍ୱର ବିରଳ ଓ ମ୍ଳାନ ଝଲକ ପାଇଲେ ମଧ୍ୟ ଯେଉଳିଭାବେ ଆସୁରିକ ଓ ପାଶବିକ ଭାବସବୁର ଅନ୍ଧକାରରେ ଜର୍ଜରିତ ହୋଇ ରହିଥାଏ, ସେସବୁକୁ ଦୂର କରିଦେଇ ତହିଁରେ ଦିବ୍ୟ ଉପାଦାନଗୁଡ଼ିକର ଅଭିବୃଦ୍ଧି ପାଇଁ ଚୈତ୍ୟସତ୍ତାକୁ ନିୟତ ଶ୍ରମ କରିବାକୁ ପଡ଼ିଥାଏ ।

ଏହି ଚୈତ୍ୟସତ୍ତା ନିଜ ସଂକଳ୍ପଶକ୍ତିର ମୂଳ ସ୍ୱରୂପରେ ଅଭ୍ରାନ୍ତ; ତଥାପି ତାହାକୁ ଯେଉଁ ପରିସ୍ଥିତି ଭିତରେ ନିଜର ସେହି ଅମୋଘ ଆନ୍ତର ଆଦର୍ଶକୁ ବ୍ୟକ୍ତ ଓ ରୂପାୟିତ କରିବାକୁ ପଡ଼େ ଅନେକ ସମୟରେ ସେହି ପରିସ୍ଥିତିର ନାନା ଚାପକୁ ମାନିନେବା ପାଇଁ ଏହା ବାଧ୍ୟ ହୋଇଥାଏ । ନିଜର ଯନ୍ତ୍ରଗୁଡ଼ିକର ଚାପରେ ଏହି ଚୈତ୍ୟସତ୍ତାକୁ ଅନେକ ସମୟରେ କର୍ମଗତ ନାନା ଭୁଲ୍‌ଭ୍ରାନ୍ତିକୁ, ଆବେଗ ଅନୁଭୂତିର ନାନା ଭୁଲ୍ ପ୍ରସ୍ଥାପନକୁ, ପାତ୍ର ନିର୍ବାଚନରେ ନାନା ଭୁଲ୍‌କୁ ଏବଂ ନିଜ ସଂକଳ୍ପର ଅବିକଳ ରୂପ ପରିବର୍ତ୍ତେ ସେ କ୍ଷେତ୍ରରେ ଦେଖାଯାଉଥିବା ନାନା ଭୁଲ୍‌ଭ୍ରାନ୍ତିକୁ ମାନି ନେବାକୁ ପଡ଼ିଥାଏ । ତଥାପି ଏହା ଭିତରେ ଏପରି ଏକ ଦିବ୍ୟ ବୋଧସାମର୍ଥ୍ୟ ରହିଛି ଯାହାକି ଏହାକୁ ଯୁକ୍ତି ବୁଦ୍ଧି ଅପେକ୍ଷା ଏବଂ ଏପରିକି ଉଚ୍ଚତମ ଅଭିଳାଷ ଅପେକ୍ଷା

ଏକ ଅଧିକ ନିଶ୍ଚିତ ପଥପ୍ରଦର୍ଶକରେ ପରିଣତ କରେ ଏବଂ ନାନା ବାହ୍ୟ ଆପାତ ଭୁଲ୍‌ଭ୍ରାନ୍ତି ଓ ସ୍ଖଳନ ମଧ୍ୟ ଦେଇ ଏହାର ବାଣୀ ସୁନିର୍ଦ୍ଦିଷ୍ଟ ବୌଦ୍ଧିକ ଶକ୍ତି ଓ ବିଚାରସମର୍ଥ ମାନସିକ ନିର୍ଣ୍ଣୟ ଅପେକ୍ଷା ଅଧିକ ଭଲ ଭାବରେ ମାର୍ଗ ପ୍ରଦର୍ଶନ କରିପାରେ । ଆମେ ଯାହାକୁ ବିବେକ ବୋଲି କହୁ, ଅନ୍ତରାତ୍ମାର ଏହି ବାଣୀକୁ ତାହା ସହିତ ସମାନ ବୋଲି ଭୁଲ୍ କରିବା ଉଚିତ ନୁହେଁ । କାରଣ ସେହି ବିବେକ ହେଉଛି ଏକ ମାନସିକ ଜିନିଷ ଏବଂ ଅନେକ ସମୟରେ ଯଥାର୍ଥ ସତ୍ୟ ନହୋଇ ତାହା ସେହି ସ୍ଥାନରେ ପରମ୍ପରାଧୀନ ପ୍ରତିକଳ୍ପ ବା ଆରୋପ ମାତ୍ର ହୋଇଥାଏ ଯାହାକି ନାନା ଭୁଲ୍ ମଧ୍ୟ କରିପାରେ; କିନ୍ତୁ ଆତ୍ମାର ବାଣୀ ଏକ ଗଭୀର ସ୍ତରରୁ ନିନାଦିତ ହୋଇ ଆସିଥାଏ ଏବଂ ଅପେକ୍ଷାକୃତ ବିରଳ ଓ କ୍ୱଚିତ୍ ଭାବରେ ଏହାର ବାଣୀ ଆମର କର୍ଣ୍ଣଗୋଚର ହୁଏ । ତଥାପି ଯେତେବେଳେ ଏହି ବାଣୀ ଆମେ ଶୁଣୁ ତାହାର ଅନୁସରଣ କରିବାହିଁ ସବୁଠାରୁ ବିଜ୍ଞତାର କାର୍ଯ୍ୟ, ଏପରିକି ଆମର ଯୁକ୍ତି-ବୁଦ୍ଧି ଓ ବାହ୍ୟ ନୈତିକତାରୂପକ ଉପଦେଷ୍ଟାର କଥା ମାନି ଆପାତଦୃଷ୍ଟିରେ ସିଧା ରାସ୍ତା ବୋଲି ମନେ ହେଉଥିବା ପଥରେ ଚାଲିବା ଅପେକ୍ଷା ନିଜ ଆତ୍ମାର ଆହ୍ୱାନଟି ଶୁଣି ଏଣେତେଣେ ଭ୍ରମି ବୁଲିବାହିଁ ଅଧିକ ଶ୍ରେୟସ୍କର । ମାତ୍ର କେବଳ ଯେତେବେଳେ ଆମର ଜୀବନ ଭଗବତ୍ ଅଭିମୁଖୀ ହୁଏ, ଦିବ୍ୟ ସତ୍ୟ ଦିଗରେ ମୋଡ଼ ଫେରାଏ, ସେତେବେଳେ ଯାଇ ଅନ୍ତରାତ୍ମା ସମ୍ମୁଖଭାଗକୁ ବାହାରି ଆସିପାରିବ ଏବଂ ବାହ୍ୟ ସତ୍ତାର ଅଙ୍ଗଗୁଡ଼ିକ ଉପରେ ନିଜର ଶକ୍ତିକୁ ଜାହିର କରିପାରିବ । କାରଣ ଏହା ସ୍ୱୟଂହିଁ ଭଗବତ୍ ଦିବ୍ୟସତ୍ତାର ଏକ ଅଗ୍ନିକଣା ଏବଂ ଏକ ପ୍ରଜ୍ୱଳିତ ଶିଖାର ରୂପ ଧରି ସେହି ପରମ ଦିବ୍ୟସତ୍ୟ ଆଡ଼କୁ ବିକଶିତ ହୋଇଉଠିବାହିଁ ହେଉଛି ଏହାର ଯଥାର୍ଥ ଜୀବନ ଓ ଏହାର ଅସ୍ତିତ୍ୱର ମୂଳ କାରଣ ।

ଯୋଗର ଗୋଟାଏ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ମନ ଯେତେବେଳେ ଯଥେଷ୍ଟ ପରିମାଣରେ ଶାନ୍ତ ଓ ନିରବ ହୋଇଆସେ ଓ ପ୍ରତ୍ୟେକ ପଦକ୍ଷେପରେ ନିଜର ମାନସିକ ନିଶ୍ଚୟତାଗୁଡ଼ିକୁ ଆଉ ଯଥେଷ୍ଟ ନିର୍ଭରଯୋଗ୍ୟ ଅବଲମ୍ବନ ବୋଲି ମନେକରେ ନାହିଁ, ଯେତେବେଳେ ପ୍ରାଣ-ସତ୍ତାଟି ସ୍ଥିର ଓ ଆୟତ୍ତାଧୀନ ହୋଇଆସେ ଏବଂ ନିଜର ଅନ୍ଧ ବେପରୁଆ ଇଚ୍ଛା, ଦାବି ଓ କାମନାବାସନାଗୁଡ଼ିକୁ ନେଇ ଆଉ ଅବିରତ ଜିଦ୍ କରି ବସେ ନାହିଁ, ଯେତେବେଳେ ଦେହସତ୍ତାଟି ଏପରି ବଦଳି ଯାଇଥାଏ ଯେ ତାହା ନିଜର ବାହ୍ୟତା, ଅଜ୍ଞାନତା, ଜଡ଼ତାସବୁର ସ୍ତୂପ ଭିତରେ ଅନ୍ତରସ୍ଥ ସେହି ଅଗ୍ନିଶିଖାଟିକୁ ଆଉ ପୂରାପୂରି ପୋତି ପକାଏ ନାହିଁ, ସେତେବେଳେ ଆମ ଭିତରେ ଯେଉଁ ଅନ୍ତରତମ ସତ୍ତା ଲୁକ୍‌କାୟିତ ହୋଇ ରହିଥାଏ ଓ ଯାହାର ବିରଳ ପ୍ରଭାବ ଆମେ କେବଳ କଦବା କ୍ୱଚିତ୍ ଅନୁଭବ କରିଥାଉ, ସେହି ସତ୍ତା ପୁରୋଭାଗକୁ ଆସିବାକୁ ସକ୍ଷମ ହୁଏ, ଏବଂ ଆମ ସତ୍ତାର ବାକି ଅଂଶଗୁଡ଼ିକୁ ଆଲୋକିତ କରେ ଓ ସାଧନାରେ ନେତୃତ୍ୱ ଗ୍ରହଣ କରେ । ଏହାର ସ୍ୱଭାବ ହେଉଛି ଭଗବତ୍ ସତ୍ୟ ବା ସର୍ବୋଚ୍ଚ ପରମ ସତ୍ୟ ଦିଗରେ ଏକମୁଖୀ ହୋଇ ରହିବା; ଏହା ଏହିଭଳି ଏକମୁଖୀ ହୋଇ ରହିଥିଲେ ମଧ୍ୟ ନିଜର କ୍ରିୟା ଓ ଗତିବୃତ୍ତିରେ ନମନୀୟ ହୋଇଥାଏ । ଏକମୁଖୀ ବା ଏକଦିଗଦର୍ଶୀ ବୁଦ୍ଧିପରି ଏହା ଲକ୍ଷ୍ୟ ବା ଦିକ୍‌ନିର୍ଦ୍ଦେଶର କ୍ଷେତ୍ରରେ କୌଣସି କଠିନ ଅନମନୀୟତା ସୃଷ୍ଟି କରେ ନାହିଁ; ବା ଏକମୁଖୀ ପ୍ରାଣଶକ୍ତି ପରି ଆଧିପତ୍ୟ ବିସ୍ତାର କରୁଥିବା କୌଣସି ପ୍ରଭାବଶାଳୀ ବିଚାର ବା ଆବେଗ, ପ୍ରବୃତ୍ତି ପ୍ରତି ଅନ୍ଧ ଅନୁରାଗକୁ ପ୍ରଶ୍ରୟ ଦିଏ ନାହିଁ । ପ୍ରତିଟି ମୁହୂର୍ତ୍ତରେ ଏକ ନମନୀୟ ନିଶ୍ଚିତତା ନେଇ ଏହା ଦିବ୍ୟ-ସତ୍ୟ ଦିଗରେହିଁ ପଥନିର୍ଦ୍ଦେଶ କରୁଥାଏ, ଭୁଲ୍ ପଦକ୍ଷେପ ଓ ଠିକ୍ ପଦକ୍ଷେପ ଭିତରେ ରହିଥିବା ପ୍ରଭେଦଟିକୁ ଏହା ନିର୍ଣ୍ଣୟ କରିଦିଏ ସ୍ୱୟଂଚାଳିତ ଓ ସ୍ୱଭାବପ୍ରେରିତ ହୋଇ; ଭଗବତ୍ ଅଭିମୁଖୀ ଦିବ୍ୟ-ଗତିବୃତ୍ତିକୁ, ଅଦିବ୍ୟ ସଂଲଗ୍ନ ସମସ୍ତ ଅପମିଶ୍ରଣରୁ ଏହା ମୁକ୍ତ କରିଆଣେ । ଏହାର କ୍ରିୟା ଏକ ମଶାଲ ପରି ଆଲୋକପାତ କରି ଦେଖାଇ ଦିଏ ପ୍ରକୃତି ଭିତରେ ରହିଥିବା ଯେଉଁସବୁ ଜିନିଷର ପରିବର୍ତ୍ତନ କରିବାକୁ ହେବ । ଏହା ଭିତରେ ସଂକଳ୍ପଶକ୍ତିର ଏପରି ଏକ ଅଗ୍ନିଶିଖା ରହିଛି ଯାହାକି ପୂର୍ଣ୍ଣତାର ଉପଲବ୍ଧି ଦିଗରେ ଏବଂ ଆନ୍ତର ଓ ବାହ୍ୟ ସମୁଦାୟ ଅସ୍ତିତ୍ୱର ରୂପାନ୍ତରକାରୀ ରସାୟନ ଓ ପରିବର୍ତ୍ତନ ଉପରେ ସମସ୍ତ ଜୋର୍ ଦେଇଥାଏ । ଏହା ସର୍ବତ୍ର ଓ ସବୁକିଛି ଭିତରେ ଦିବ୍ୟ-ସାରବସ୍ତୁ ବିଦ୍ୟମାନ ହୋଇ ରହିଥିବାର ପ୍ରତ୍ୟକ୍ଷ କରୁଥାଏ, କିନ୍ତୁ ଯେଉଁଠି ତାହା କେବଳ ଏକ ମୁଖା ରୂପରେ ରହିଥାଏ ବା ଏକ ଛଦ୍ମବେଶର ରୂପ ନେଇଥାଏ, ସେ ସେଗୁଡ଼ିକୁ ବର୍ଜନ ଓ ପରିତ୍ୟାଗ କରେ । ଏହି ଚୈତ୍ୟସତ୍ତା ଦିବ୍ୟସତ୍ୟ ଉପରେହିଁ ଜୋର୍ ଦେଇଥାଏ, ସଂକଳ୍ପ, ଶକ୍ତି ଓ କର୍ତ୍ତୃତ୍ୱ ଉପରେ, ଦିବ୍ୟ-ଆନନ୍ଦ, ପ୍ରେମ ଓ ସୌନ୍ଦର୍ଯ୍ୟ ଉପରେ ଜୋର୍ ଦେଇଥାଏ । କିନ୍ତୁ ଏହା ଯେଉଁ ସତ୍ୟ ଉପରେ ଜୋର୍ ଦେଉଥାଏ ତାହା ହେଉଛି ଦୃଢ଼ ସ୍ଥାୟୀ ଜ୍ଞାନର ସତ୍ୟ, ଯାହାକି ଅଜ୍ଞାନର ବ୍ୟବହାର

ଉପଯୋଗୀ କ୍ଷଣିକ ସତ୍ୟକୁ ଅତିକ୍ରମ କରି ରହିଥାଏ; ଏହା ଯେଉଁ ଆନନ୍ଦ ଉପରେ ଜୋର୍ ଦେଇଥାଏ ତାହା ହେଉଛି ଏକ ଆନ୍ତରମୁଖୀ ଆନନ୍ଦ, ତାହା କେବଳ ପ୍ରାଣିକ ସୁଖ ମାତ୍ର ନୁହେଁ – କାରଣ ନିମ୍ନଆଡ଼କୁ ନେଇ ଯାଉଥିବା ଯେକୌଣସି ସୁଖ-ସନ୍ତୋଷ ଅପେକ୍ଷା ବିଶୁଦ୍ଧି ଆଣି ଦେଉଥିବା ବେଦନା ଓ ଦୁଃଖଭୋଗକୁ ଏହା ଅଧିକ କାମ୍ୟ ବୋଲି ମନେକରେ । ଏହା ଏପରି ଏକ ପ୍ରେମ ଉପରେ ଜୋର୍ ଦିଏ ଯାହା ଉର୍ଦ୍ଧ୍ୱ ଆଡ଼କୁହିଁ ନିଜର ଡେଣା ମେଲି ଦେଇଛି, ଅହଂଗ୍ରସ୍ତ କୌଣସି କାମନା ବାସନାର ଯୂପକାଠରେ ବନ୍ଧା ହୋଇ ନାହିଁ ବା ତାହାର ପାଦ କୌଣସି କର୍ଦ୍ଦମ ଭିତରେ ପୋତି ହୋଇ ପଡ଼ି ନାହିଁ । ଏହା ଏପରି ଏକ ସୌନ୍ଦର୍ଯ୍ୟ ଉପରେ ଜୋର୍ ଦିଏ ଯାହା ଶାଶ୍ୱତର ଯଥାର୍ଥ ବ୍ୟାଖ୍ୟା ପାଇଁ ପୁରୋହିତ ପଦରେ ପୁନଃ ପ୍ରତିଷ୍ଠିତ, ଏହା ଯେଉଁ ସାମର୍ଥ୍ୟ, ସଂକଳ୍ପ ଓ କର୍ତ୍ତୃତ୍ୱଲାଭ ଉପରେ ଜୋର୍ ଦିଏ ସେଗୁଡ଼ିକୁ ଅହଂ ନୁହେଁ ବରଂ ଦିବ୍ୟ ଆତ୍ମାର ଯନ୍ତ୍ର ରୂପେ ବ୍ୟବହାର କରିବାହିଁ ଥାଏ ତା'ର ଉଦ୍ଦେଶ୍ୟ । ଏହି ଚୈତ୍ୟସତ୍ତାର ସଂକଳ୍ପ ହେଉଛି ଜୀବନକୁ ଦିବ୍ୟାୟିତ କରିବା ଓ ନିଜ ଭିତର ଦେଇ ଏକ ଉଚ୍ଚତର ସତ୍ୟକୁ, ଦିବ୍ୟ ପରମ ଓ ଶାଶ୍ୱତଙ୍କ ପାଖରେ ନିଜର ଉତ୍ସର୍ଗ ଓ ସମର୍ପଣକୁ ଅଭିବ୍ୟକ୍ତ କରିବା ।

(The Synthesis of Yoga, p. 153 - 155) ❖

## ଚୈତ୍ୟସତ୍ତା ସମ୍ପର୍କରେ ଶ୍ରୀମା

ଚୈତ୍ୟସତ୍ତା ଗଠିତ ହୋଇଥାଏ ସତ୍ୟ ଦ୍ୱାରା ଏବଂ ସତ୍ୟକୁ ଆବେଷ୍ଟନ କରି ଏହା ସଂଗଠିତ ହୋଇଥାଏ ।

*

ଆମ ସତ୍ତାର ଗଭୀରତମ ଆନ୍ତରଚେତନାର କେନ୍ଦ୍ରକୁ ଆମେ 'ଚୈତ୍ୟ' ବୋଲି ନାମକରଣ କରିଛୁ; ଏହା ହେଉଛି ଆମ ଭିତରେ ଆମ ଅସ୍ତିତ୍ୱର ସର୍ବୋଚ୍ଚ ଦିବ୍ୟସତ୍ୟର ଆସନ, ଏହା ସେହି ଦିବ୍ୟସତ୍ୟକୁ ଜାଣେ ଏବଂ ବିଭିନ୍ନ ଗତିବୃତ୍ତି ଭିତରେ ତାହାକୁ ରୂପ ଦେଇପାରେ ।

*

ଚୈତ୍ୟସତ୍ତା କୌଣସି ଜଡ଼ବସ୍ତୁ ନୁହେଁ, ଏହା ଏକ ଆନ୍ତର ଚେତନା । ଏହା ଜଡ଼ ଜଗତ୍ ଦ୍ୱାରା ଆବଦ୍ଧ ନୁହେଁ; ଯେଉଁ ମୁହୂର୍ତ୍ତରେ କୌଣସି ଶରୀରରେ ଏହାର ବାସ କରିବା ସମାପ୍ତ ହୁଏ, ସଙ୍ଗେ ସଙ୍ଗେ ଏହା ସେହି ଚୈତ୍ୟ ଜଗତକୁ ଚାଲିଯାଏ ଯାହା ଜଡ଼ ଜଗତଠାରୁ ବହୁ ଦୂରରେ ଅବସ୍ଥିତ ।

*

ଚୈତ୍ୟସତ୍ତାର ଆବିଷ୍କାର ଏକ ମହାନ୍ ଆବିଷ୍କାର ଏବଂ ଏକ ନୂତନ ମହାଦେଶର ଆବିଷ୍କାର ପାଇଁ ଯେତିକି ଦୃଢ଼ ମନୋବଳ, ଧୈର୍ଯ୍ୟ ଓ ସହନଶକ୍ତିର ପ୍ରୟୋଜନ ଚୈତ୍ୟସତ୍ତାର ଆବିଷ୍କାର ପାଇଁ ଅତି କମ୍‌ରେ ଅନ୍ତତଃ ସେତିକିର ଆବଶ୍ୟକତା ରହିଛି ।

*

ଆମକୁ ଦେଖିବାକୁ ହେବ ଚୈତ୍ୟସତ୍ତାର ଏହି ଆବିଷ୍କାର ଓ ଉପଲବ୍ଧିକୁ ଆମ ସତ୍ତା ଯେପରି ପ୍ରଥମ ଓ ପ୍ରଧାନ ଅଗ୍ରାଧିକାର ଦିଏ, ଯେତେ ଯାହା ମୂଲ୍ୟ ଦେବାକୁ ପଡ଼ିଲେ ମଧ୍ୟ ଆମେ ଯେପରି ଏହି ମହାର୍ଘ ମୁକ୍ତା ଆହରଣ ପାଇଁ ସକ୍ଷମ ହେଉ । ତୁମେ ଯାହା କିଛି କର ନା କାହିଁକି, ତୁମର ଜୀବିକା ଓ କ୍ରିୟାକ୍ରମ ଯାହା ବି ହେଉ ନା କାହିଁକି, ତୁମ ସତ୍ତାର ସତ୍ୟକୁ ଆବିଷ୍କାର କରିବା ଏବଂ ତାହା ସହିତ ମିଳିତ ହେବାର ଲକ୍ଷ୍ୟ ଯେପରି ତୁମର ସମସ୍ତ କର୍ମ, ତୁମର ସମସ୍ତ ଅନୁଭୂତି, ତୁମର ସମସ୍ତ ଚିନ୍ତା ଓ ଭାବନା ପଛରେ ସର୍ବଦା ଜୀବନ୍ତ ଓ ଜାଗ୍ରତ୍ ହୋଇ ରହିବ । ❖

# ଚୈତ୍ୟସତ୍ତାର ମୁକ୍ତି

## ଶ୍ରୀମା

*ପ୍ରଶ୍ନ : ଚୈତ୍ୟସତ୍ତାର ମୁକ୍ତିର ଅର୍ଥ କ'ଣ ?*

ଶ୍ରୀମା : ଏଇ ଧରଣର ଏକ ଅନୁଭବ ଆସେ; ବିଶେଷ କରି ସାଧନାର ପ୍ରାରମ୍ଭିକ ଅବସ୍ଥାରେ ଏଭଳି ଲାଗେ ଯେ ଯେପରିକି ଚୈତ୍ୟସତ୍ତା ଏକ ନିବୁଜ କଠିନ ଖୋଳରେ, ଏକ ରୁଦ୍ଧ କୋଠରିରେ ବନ୍ଦୀ ହୋଇ ରହିଛି ଏବଂ ତାହାହିଁ ତାକୁ ବାହ୍ୟ ଭାବରେ ପ୍ରକାଶିତ ହେବା ପାଇଁ ଏବଂ ବାହ୍ୟ-ଚେତନା ଓ ବାହ୍ୟ-ସତ୍ତା ସହ ଏକ ସଚେତ ଓ ନିରନ୍ତର ସମ୍ପର୍କ ରଖିବା ପାଇଁ ବାଧା ଦେଉଛି । ପୂରାପୂରି ଏହିଭଳି ଅନୁଭବ ହୁଏ ଯେପରିକି ଏକ ବାକ୍ସ ବା ନିବୁଜ କୋଠରିରେ ଏହାକୁ ବନ୍ଦ କରି ରଖାଯାଇଛି ଏବଂ ତାହାକୁ ପାଇବାକୁ ହେଲେ ସେହି ବାକ୍ସ ବା ଘରର କାନ୍ଥଗୁଡ଼ିକୁ ଭାଙ୍ଗି ଦେବାକୁ ପଡ଼ିବ ବା ଶକ୍ତି ପ୍ରୟୋଗ କରି ଦ୍ୱାର ଖୋଲି ଭିତରେ ପ୍ରବେଶ କରିବାକୁ ପଡ଼ିବ । ତେଣୁ ଏହା ସ୍ୱାଭାବିକ ଯେ ଯଦି କେହି ସେହି କାନ୍ଥଗୁଡ଼ିକୁ ଭାଙ୍ଗିଦିଏ ବା ଦ୍ୱାରକୁ ଖୋଲିଦିଏ ତା'ହେଲେ ସେ ଭିତରେ ରୁଦ୍ଧ ହୋଇଥିବା ଚୈତ୍ୟସତ୍ତାକୁ ମୁକ୍ତ କରିଦିଏ ଓ ତେଣିକି ତାହା ବାହ୍ୟ ଭାବରେ ପ୍ରକାଶିତ ବା ଅଭିବ୍ୟକ୍ତ ହେବାକୁ ସମର୍ଥ ହୁଏ । ଏସବୁ କିନ୍ତୁ ଉପମା ବା ଚିତ୍ରକଳ୍ପ । କିନ୍ତୁ ପ୍ରତ୍ୟେକ ଲୋକ ପାଇଁ ତା'ର ନିଜର ବ୍ୟକ୍ତିଗତ ଉପମା, ନିଜର ବ୍ୟକ୍ତିଗତ ପଦ୍ଧତି ରହିଛି, ସାମାନ୍ୟ ଅଦଳବଦଳ ସହ ।

କିନ୍ତୁ ଏହିସବୁ ଉପମା ବା ଚିତ୍ରକଳ୍ପ ଭିତରୁ ଅନେକଗୁଡ଼ିଏ ଖୁବ୍ ସମାନ ବା ସାଧାରଣ ଭାବରେ ଆସିଥାଏ ଅନେକଙ୍କ କ୍ଷେତ୍ରରେ, ଯେଉଁମାନଙ୍କର ଏହି ସମ୍ପର୍କୀୟ ଅନୁଭୂତି ହୋଇଥାଏ । ଉଦାହରଣସ୍ୱରୂପ ଯେତେବେଳେ କେହି ତା'ର ସତ୍ତାର ଖୁବ୍ ଗଭୀର ପ୍ରଦେଶକୁ ପ୍ରବେଶ କରୁଥାଏ ନିଜ ଚେତନାର ଅତଳ ଗର୍ଭରେ ବୁଡ଼ି ଚୈତ୍ୟସତ୍ତାକୁ ପାଇବା ପାଇଁ, ସେତେବେଳେ ଏହି ଧରଣର ଚିତ୍ରକଳ୍ପ ଆସିଥାଏ — ଯେପରିକି ଖୁବ୍ ଗଭୀର ଏକ କୂପ ଭିତରକୁ ତୁମେ ପ୍ରବେଶ କରୁଛ, ସତେ ଯେପରି ସେହି କୂପର ଗଭୀରରୁ ଆହୁରି ଗଭୀର ତଳକୁ ତୁମେ ବୁଡି ଯାଉଛ,— ଏହିଭଳି ଲାଗେ ।

ବାସ୍ତବରେ ଏଗୁଡ଼ିକ ଉପମା ମାତ୍ର । କିନ୍ତୁ ଏଇ ଧରଣର ବିଭିନ୍ନ ଅନୁଭୂତି ଓ ଧାରଣା ସହ ବରାବର ଯୁକ୍ତ ଓ ସଂଶ୍ଳିଷ୍ଟ ହୋଇଥିବାରୁ ଏହି ଚିତ୍ରକଳ୍ପଗୁଡ଼ିକରୁ ଅନୁଭୂତି ପାଇଁ ଯଥେଷ୍ଟ ଶକ୍ତି ଓ ବାସ୍ତବତାର ନିର୍ଦ୍ଦିଷ୍ଟ ସ୍ପର୍ଶ ମିଳିଥାଏ ।

ଯେତେବେଳେ ଜଣେ ନିଜର ଆନ୍ତର ସତ୍ତାର ଆବିଷ୍କାର ପାଇଁ, ନିଜ ସତ୍ତାର ବିଭିନ୍ନ ଅଂଶର ଆବିଷ୍କାର ପାଇଁ ଆଗେଇ ଯାଉଥାଏ, ଅନେକ ସମୟରେ ଏପରି ଅନୁଭବ ହୁଏ ଯେ ସେ ଯେପରି ଏକ ହଲ୍ ଭିତରକୁ ବା ଏକ କକ୍ଷର ଖୁବ୍ ଭିତରକୁ ପ୍ରବେଶ କରୁଛି । ଏବଂ ସେହି ଘରର ବାତାବରଣ, ରଙ୍ଗ ଓ ତହିଁରେ ରହିଥିବା ଜିନିଷସବୁ ଅନୁଯାୟୀ ଆମେ ସ୍ପଷ୍ଟ ବୁଝିପାରୁ ଆମ ସତ୍ତାର ଠିକ୍ କେଉଁ ଅଂଶ ଭିତରକୁ ଆମେ ପ୍ରବେଶ କରୁଛୁ । ସେତେବେଳେ ମଧ୍ୟ ଆମେ ଗୋଟିଏ କକ୍ଷରୁ ଆଉ ଗୋଟିଏ କକ୍ଷକୁ ଯାଇପାରୁ, ଦରଜା ପରେ ଦରଜା ଖୋଲି ଆହୁରି ଗଭୀରରେ ଅବସ୍ଥିତ କକ୍ଷସବୁକୁ ଯାଇପାରୁ । ଏହି ପ୍ରତ୍ୟେକଟି କକ୍ଷର ଭିନ୍ନ ଭିନ୍ନ ନିଜସ୍ୱ ଚରିତ୍ର ରହିଥାଏ । ଅନେକ ସମୟରେ ନିଜର ଭିତରକୁ ଆମର ଏହି ଯାତ୍ରା ରାତ୍ରିରେ ନିଦ୍ରା ସମୟରେ ହୋଇଥାଏ । ସେତେବେଳେ ଏହା ସ୍ୱପ୍ନ ଭଳି ଆହୁରି ସୁନିର୍ଦ୍ଦିଷ୍ଟ ଆକାର-ପ୍ରକାର ନେଇଥାଏ ଏବଂ ଆମେ ଅନୁଭବ କରୁ ଯେପରି ଗୋଟିଏ ଗୃହ ଭିତରକୁ ପ୍ରବେଶ କରୁଛୁ, ଏବଂ ସେହି ଗୃହଟି ଆମର ଅତି ପରିଚିତ । ଏବଂ ବିଭିନ୍ନ ସମୟ ଓ ଅବସ୍ଥା ଅନୁସାରେ ଏହି ଗୃହର ଆଭ୍ୟନ୍ତରୀଣ ଅବସ୍ଥା ଭିନ୍ନ ଭିନ୍ନ ହୋଇଥାଏ । ବେଳେ ବେଳେ ଦେଖୁ ଏହା ଖୁବ୍ ବିଶୃଙ୍ଖଳା ଓ ଅବ୍ୟବସ୍ଥାରେ ପୂରି ରହିଥାଏ, ସବୁକିଛି ଗୋଳମାଳିଆ ହୋଇ, ଅସଜଡ଼ା ହୋଇ ରହିଥାଏ, ଏପରିକି ଏଣେତେଣେ ଭଙ୍ଗା ଜିନିଷସବୁ ପଡ଼ିଥିବାର ଦେଖାଯାଏ — ପୂରାପୂରି ଏକ ଅରାଜକତାର ଅବସ୍ଥା । ଆଉ ବେଳେ ବେଳେ ଦେଖୁ ଜିନିଷଗୁଡ଼ିକ ଶୃଙ୍ଖଳିତ, ସୁବିନ୍ୟସ୍ତ ହୋଇ ନିଜ ନିଜ ସ୍ଥାନରେ ରହିଛନ୍ତି, ଯେପରିକି କିଏ ସୁନ୍ଦର ଓ ସଙ୍ଗଠିତ ଭାବରେ ଘରଟିକୁ ସଜାଡ଼ି ଦେଇଛି, ସବୁକିଛି ପରିଷ୍କାର ପରିଚ୍ଛନ୍ନ ଭାବରେ ସଜାଇ ରଖାଯାଇଛି, କିନ୍ତୁ ଘରଟି ବରାବର ସେଇ ଏକା ସମାନ ଘର । ଏହି ଘରଟି ଏକ ଚିତ୍ରକଳ୍ପ, ତୁମ ନିଜର ଆନ୍ତର ଅବସ୍ଥାର ଏକ ବାସ୍ତବ ପ୍ରତିଚ୍ଛବି । ତୁମେ ସେଠାରେ ଯାହା ଦେଖ ଓ ଯାହା କର, ତାହା ତୁମର ମାନସିକ

ଓ ଅନ୍ୟାନ୍ୟ ଆନ୍ତର କ୍ରିୟାର ଏକ ପ୍ରତୀକାତ୍ମକ ରୂପ ବହନ କରିଥାଏ । ଏହା ନିଜର ଆନ୍ତର ଅବସ୍ଥାକୁ ଏକ ସୁନିର୍ଦ୍ଦିଷ୍ଟ ରୂପ ଦେବା ପାଇଁ ଖୁବ୍ ସାହାଯ୍ୟକାରୀ ହୋଇପାରେ । ବ୍ୟକ୍ତି ଉପରେ ନିର୍ଭର କରେ ସେ ଏଗୁଡ଼ିକୁ କିପରି କାମରେ ଲଗାଇ ପାରୁଛି ।

କେତେକ ଲୋକ କେବଳ ବୁଦ୍ଧିଜୀବୀ ହୋଇ ରହି ଥାଆନ୍ତି, ସେମାନଙ୍କ ପାଇଁ ସବୁକିଛି କେବଳ ବିଚାର ଓ ଚିନ୍ତା ଆକାରରେ ପ୍ରକାଶ ପାଏ, କୌଣସି ଚିତ୍ରକଳ୍ପ ଆକାରରେ ନୁହେଁ । କିନ୍ତୁ ସେମାନେ ଯଦି ଅଧିକ ଜଡ଼ ବା ଭୌତିକ କୌଣସି ରାଜ୍ୟକୁ ପ୍ରବେଶ କରନ୍ତି, ସେମାନେ ସେଗୁଡ଼ିକର ନିର୍ଦ୍ଦିଷ୍ଟ ବାସ୍ତବ ରୂପକୁ ସ୍ପର୍ଶ କରିବାକୁ କୁଣ୍ଠିତ ହେବେ, ସେମାନେ ରହନ୍ତି କେବଳ ବିଚାର ଓ ଚିନ୍ତାର ଜଗତରେ, କେବଳ ମନର ଜଗତରେ, ଏବଂ ସେହିଠାରେହିଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରହିଥାଆନ୍ତି । ସେତେବେଳେ ସେମାନେ ଅଗ୍ରଗତି କରୁଛନ୍ତି ବୋଲି ମନେ କରନ୍ତି ଓ ମାନସିକ ଭାବରେ ଅଗ୍ରଗତି ମଧ କରିଥାଆନ୍ତି, ଯଦିଓ ଏହା ଆଦୌ ସୁନିର୍ଦ୍ଦିଷ୍ଟ ନୁହେଁ ।

ମନର ଅଗ୍ରଗତି ହଜାର ହଜାର ବର୍ଷ ଧରି ଚାଲିପାରେ, କାରଣ ଏହା ଏକ ଅତି ବିରାଟ ଓ ବ୍ୟାପକ କ୍ଷେତ୍ର, ଅତି ଅନିର୍ଦ୍ଦିଷ୍ଟ ଏକ କ୍ଷେତ୍ର, ଯେଉଁଥିରେ କି ବରାବର ପୁଣି ନୂଆ କରି କ୍ରିୟାରମ୍ଭ କରିବାକୁ ପଡ଼େ । କିନ୍ତୁ ଜଣେ ଯଦି ପ୍ରାଣ ଓ ଦୈହିକ କ୍ଷେତ୍ରରେ ଅଗ୍ରଗତି କରିବାକୁ ଚାହେଁ ତା'ହେଲେ ଏହି ପ୍ରତୀକାତ୍ମକ ଚିତ୍ରକଳ୍ପଗୁଡ଼ିକ ତୁମର କ୍ରିୟାଗୁଡ଼ିକୁ ଠିକ୍ ଭାବରେ ରୂପ ଦେବା ପାଇଁ, ସେଗୁଡ଼ିକୁ ଆହୁରି ସୁନିର୍ଦ୍ଦିଷ୍ଟ କରିବା ପାଇଁ ଖୁବ୍ କାମରେ ଲାଗିପାରେ । ଅବଶ୍ୟ ଏହା ସମ୍ପୂର୍ଣ୍ଣଭାବେ ନିଜର ଇଚ୍ଛାଧୀନ ନୁହେଁ, ଏହା ନିର୍ଭର କରେ ପ୍ରତ୍ୟେକର ସ୍ୱଭାବ ବା ପ୍ରକୃତି ଉପରେ । କିନ୍ତୁ ଯେଉଁମାନଙ୍କର ଏହିଭଳି ଚିତ୍ରକଳ୍ପ (image)କୁ ଆଶ୍ରୟ କରି ଏକାଗ୍ର ହେବାର କ୍ଷମତା ଥାଏ ସେମାନଙ୍କର ଗୋଟିଏ ଅଧିକ ସୁବିଧା ଥାଏ ।

ତୁମେ ଏପରି କଳ୍ପନା କରି ଧ୍ୟାନରେ ବସିପାର ଯେ ତୁମ ଆଗରେ ବ୍ରୋଞ୍ଜ୍ ନିର୍ମିତ ଏକ ଭାରୀ ଦୁଆର କବାଟ ବନ୍ଦ ହୋଇ ରହିଛି । ତୁମେ ତା' ଆଗରେ ଏକ ସ୍ଥିର ସଂକଳ୍ପ ନେଇ ବସିଛ ତାହା ଯେପରି ଖୋଲିଯାଏ ଓ ତୁମେ ତା' ଭିତରେ ପ୍ରବେଶ କର । ସେତେବେଳେ ଅନୁଭୂତ ହୁଏ ଯେପରି ସେହି ଦ୍ୱାର ଖୋଲିବା ପାଇଁ ତୁମର ସମସ୍ତ ଏକାଗ୍ରତା, ସମସ୍ତ ଅଭୀପ୍ସା ଏକତ୍ର ଠୁଳ ହୋଇଛି ଓ ତାହା ଏକ ପ୍ରଚଣ୍ଡ ଶକ୍ତି ନେଇ ସେହି ଦ୍ୱାରକୁ ଖୋଲିବା ପାଇଁ ଠେଲି ଚାଲିଛି, ଧକ୍କା ଦେଇଚାଲିଛି । କ୍ରମାଗତ ଭାବରେ ଅଧିକରୁ ଅଧିକ ଶକ୍ତି ନେଇ ତାହାକୁ ଠେଲିଚାଲିଛି । ସେହି ତୀବ୍ର ଚାପରେ ହଠାତ୍ ଦିନେ ସେହି ଦ୍ୱାର ପୂରା ଖୋଲି ଯାଇଥିବାର ଓ ତୁମେ ଭିତରେ ପ୍ରବେଶ କରିଥିବାର ଅନୁଭବ କରିବ । ଏହି ପ୍ରକାର ଅନୁଭୂତି ଚେତନା ଉପରେ ଖୁବ୍ ଗଭୀର ଛାପ ରଖିଯାଏ । ସେତେବେଳେ ଅନୁଭବ କରିବ ଯେପରିକି ତୁମେ ଏକ ଅପୂର୍ବ ଆଲୋକ ଭିତରେ ବୁଡ଼ିଯାଇଛ ଏବଂ ସେତେବେଳେ ଚେତନାର ସେହି ହଠାତ୍ ଓ ଆମୂଳ ପରିବର୍ତ୍ତନକୁ ତୁମେ ପୂର୍ଣ୍ଣଭାବରେ ଉପଭୋଗ କରିବ । ସେତେବେଳେ ଜ୍ୟୋତିଃର ସେହି ଉଦ୍‌ଭାସ ତୁମର ସମଗ୍ର ସତ୍ତାକୁ ଆପ୍ଲୁତ କରିଦେବ ଏବଂ ଅନୁଭବ କରିବ ତୁମେ ଯେପରି ହୋଇଉଠୁଛ ସମ୍ପୂର୍ଣ୍ଣ ଭିନ୍ନ ଏକ ବ୍ୟକ୍ତିତ୍ୱ । ନିଜର ଚୈତ୍ୟସତ୍ତା ସହିତ ସଂଯୋଗ ସ୍ଥାପନ ପାଇଁ ଏହା ଏକ ଅତି ସୁନିର୍ଦ୍ଦିଷ୍ଟ ଓ ଶକ୍ତିଶାଳୀ ପନ୍ଥା ।

*ପ୍ରଶ୍ନ : ମା, ଏଠାରେ ଶ୍ରୀଅରବିନ୍ଦ କହିଛନ୍ତି ''ଚୈତ୍ୟ-ସତ୍ତା ଓ ଉଚ୍ଚତର ଚେତନା ଭିତରେ ସଂଯୋଗ ହେଉଛି ସିଦ୍ଧିର ପ୍ରଧାନ ଉପାୟ ।'' ସାଧାରଣ ଭାବରେ ଚୈତ୍ୟସତ୍ତା ଓ ଉଚ୍ଚତର ଚେତନା ଭିତରେ କ'ଣ ସଂଯୋଗ ନ ଥାଏ ?*

ଶ୍ରୀମା : ସାଧାରଣଭାବରେ ମାନେ କ'ଣ ସାଧାରଣ ଜୀବନରେ ? ସାଧାରଣ ଜୀବନକ୍ଷେତ୍ରରେ ଚୈତ୍ୟସତ୍ତାର ଉଚ୍ଚତର ଚେତନା ସହ ସଂଯୋଗ କଥା ପଚାରୁଛ ?

*ପ୍ରଶ୍ନକର୍ତ୍ତା : ହଁ ।*

ଶ୍ରୀମା : ଏହା ପ୍ରାୟ, ପ୍ରାୟ ସମ୍ପୂର୍ଣ୍ଣଭାବରେ ଅଚେତନ ରହିଥାଏ ।

ସାଧାରଣ ଜୀବନରେ ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ଜଣେ ବି ଲୋକ ଦେଖାଯାଏ ନାହିଁ ଯାହାର କି ନିଜର ଚୈତ୍ୟସତ୍ତା ସହ ଏପରିକି କ୍ଷଣକ ପାଇଁ ମଧ ସଚେତ ସମ୍ପର୍କ ହୋଇଛି । ଚୈତ୍ୟସତ୍ତା ଭିତରୁ କାମ କରୁଥାଇ ପାରନ୍ତି, କିନ୍ତୁ ବାହାର ସତ୍ତା ପାଇଁ ଏପରି ଅଦୃଶ୍ୟ ଓ ଅଚେତ ଭାବରେ, ଯେପରିକି ତାହାର କୌଣସି ଅସ୍ତିତ୍ୱ ନାହିଁ । ଏବଂ ଅଧିକାଂଶଙ୍କ କ୍ଷେତ୍ରରେ, ବିପୁଳ ସଂଖ୍ୟାଧିକ ଲୋକଙ୍କ କ୍ଷେତ୍ରରେ, ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଏହା ଯେପରି ସମ୍ପୂର୍ଣ୍ଣ ସୁପ୍ତ ହୋଇ ରହିଥାଏ, ଆଦୌ

ସକ୍ରିୟ ନୁହେଁ, ସଂଜ୍ଞାଲୁପ୍ତ ଅବସ୍ଥାରେ ଯେପରି ନିଦ୍ରାଭିଭୂତ ହୋଇ ରହିଥାଏ ।

କେବଳ ସାଧନା ଦ୍ୱାରା, ଏକ ଅତ୍ୟନ୍ତ ଅବିରାମ ପ୍ରଚେଷ୍ଟା ଦ୍ୱାରା ଜଣେ ତା'ର ଚୈତ୍ୟସତ୍ତା ସହ ସଚେତ ସମ୍ପର୍କ ସ୍ଥାପନ କରିପାରେ । ସ୍ୱାଭାବିକ ଭାବରେ ଏହା ସମ୍ଭବ ଯେ କେତେକ ଅସାଧାରଣ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଥାଏ – କିନ୍ତୁ ପ୍ରକୃତରେ ଏଗୁଡ଼ିକ ଅସାଧାରଣ ଏବଂ ଏଗୁଡ଼ିକର ସଂଖ୍ୟା ଏତେ କମ୍ ଯେ ପ୍ରାୟ ଆଙ୍ଗୁଠିରେ ଗଣିହେବ – ଯେଉଁଠିକି ଚୈତ୍ୟସତ୍ତା ପୂର୍ଣ୍ଣ ଭାବରେ ଗଠିତ ହୋଇଛି, ଏକ ମୁକ୍ତ ସତ୍ତାରୂପେ ନିଜର ପ୍ରଭୁ ହୋଇଛି ଏବଂ ନିଜର କାମ କରିବା ପାଇଁ ଏକ ମାନବ-ଶରୀର ନେଇ ପୃଥିବୀ ଉପରେ ପୁଣି ଥରେ ଜନ୍ମଗ୍ରହଣ କରିଛି । ଏହି କ୍ଷେତ୍ରରେ ଯଦି ସେହି ବ୍ୟକ୍ତି ସଚେତ ଭାବରେ ସାଧନା ନ କରନ୍ତି, ତଥାପି ଏହା ସମ୍ଭବ ଯେ ତାଙ୍କର ଚୈତ୍ୟପୁରୁଷ ଊଣା-ଅଧିକେ ସଚେତ ସମ୍ପର୍କ ରଖିବା ପାଇଁ ଯଥେଷ୍ଟ ଶକ୍ତିଶାଳୀ କିନ୍ତୁ ଏପରି ଦୃଷ୍ଟାନ୍ତ ଅତ୍ୟନ୍ତ ବିରଳ ଓ ନିୟମକୁ ପ୍ରମାଣିତ କରୁଥିବା ବ୍ୟତିକ୍ରମ ବୋଲି କୁହାଯାଇପାରେ ।

ପ୍ରାୟ ସମସ୍ତ କ୍ଷେତ୍ରରେ, ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହେବା ପାଇଁ ଅତ୍ୟନ୍ତ ଧାରାବାହିକ ଓ ନିରବଚ୍ଛିନ୍ନ ଅବିରାମ ପ୍ରଚେଷ୍ଟା ଆବଶ୍ୟକ । ସାଧାରଣତଃ କୁହାଯାଇଥାଏ ଯେ ଯଦି ଜଣେ ଏହି କାମଟିକୁ ତିରିଶ ବର୍ଷ ଭିତରେ, ମୁଁ କହିବି ତିରିଶ ବର୍ଷର ଅବିରାମ ପ୍ରଚେଷ୍ଟା ଦ୍ୱାରା ସମ୍ପନ୍ନ କରିପାରିଲା ତେବେ ତାହାକୁ ଭାଗ୍ୟବାନ୍ ବୋଲି କୁହାଯିବ । ଏପରି ଘଟିଲେ ତାହାକୁ ଅପେକ୍ଷାକୃତ ଶୀଘ୍ର ବୋଲି କୁହାଯିବ । କିନ୍ତୁ ଏହା ଏପରି ବିରଳ ଯେ ଆମେ ସଙ୍ଗେ ସଙ୍ଗେ କହୁ 'ସେ ଜଣେ ଅସାଧାରଣ ମଣିଷ ଥିଲେ' । ସେହିମାନଙ୍କ କ୍ଷେତ୍ରରେ ଏପରି ଘଟିଥାଏ ଯେଉଁମାନଙ୍କୁ ଊଣା-ଅଧିକେ ବିଚାର କରାଯାଏ ଭଗବତ୍ ସତ୍ତା ବୋଲି, ଯେଉଁମାନେ ଥିଲେ ମହାନ୍ ଯୋଗୀ ଓ ମହାନ୍ ସାଧକ ।

(MCW, Vol. 7, p. 266 -269) ✥

By remaining psychically open to the Mother, all that is necessary for work or Sadhana develops progressively, that is one of the chief secrets, the central secret of the Sadhana.

– Sri Aurobindo

ଚୈତ୍ୟଗତ ଭାବରେ ମା'ଙ୍କ ପ୍ରତି ଉନ୍ମୋଚିତ ହୋଇ ରହିବା ଦ୍ୱାରା କର୍ମ ପାଇଁ ବା ସାଧନା ପାଇଁ ଯାହାକିଛି ଆବଶ୍ୟକ ତାହା କ୍ରମଶଃ ଅଧିକରୁ ଅଧିକ ବିକଶିତ ହେବ, ଏହାହିଁ ହେଉଛି ସାଧନାର ପ୍ରଧାନ ରହସ୍ୟମାନଙ୍କ ଭିତରୁ ଅନ୍ୟତମ, ଏହାହିଁ ସାଧନାର କେନ୍ଦ୍ରୀୟ ଗୋପନ ରହସ୍ୟ ।

– ଶ୍ରୀଅରବିନ୍ଦ

# ଚୈତ୍ୟସତ୍ତାର ସ୍ୱରୂପ

## ଶ୍ରୀଅରବିନ୍ଦ

ଚୈତ୍ୟସତ୍ତାର ଅନ୍ତରଙ୍ଗତମ ସ୍ୱଭାବ ହେଉଛି ଏକ ପବିତ୍ର ପ୍ରେମ, ଆନନ୍ଦ ଓ ଏକତ୍ୱଭାବ ଭିତର ଦେଇ ଭଗବାନଙ୍କ ଦିଗରେ ଅଗ୍ରସର ହେବା ପାଇଁ ଚାପ ଦେବା । ଏହା ଦିବ୍ୟପ୍ରେମକୁହିଁ ସବୁଠୁଁ ବେଶୀ ଖୋଜୁଥାଏ । ଭଗବାନଙ୍କ ପ୍ରତି ପ୍ରେମହିଁ ହୋଇଥାଏ ତାଙ୍କ ଦିଗରେ ଆଗେଇ ଯିବା ପାଇଁ ଏକ ପ୍ରେରଣାଦାୟୀ ଶକ୍ତି, ଏହାହିଁ ହୋଇଥାଏ ତାହାର ଲକ୍ଷ୍ୟ, ଏବଂ ଆମ ଭିତରେ ଯେଉଁ ଦେବତ୍ୱର ନବଜନ୍ମ ହୋଇଥାଏ, ସେହି ନବଜାତ ଦେବତ୍ୱ ଯେଉଁ ଜ୍ୟୋତିର୍ମୟ ଗୁହା ଭିତରେ ଅଥବା ତଥାପି ତମସାବୃତ ହୋଇ ରହିଥିବା ଯେଉଁ ଲାଳନ ଦୋଳାଟିରେ ବଢ଼ିଉଠିଥାଏ ତାହା ଉପରେ ସେହି ଭଗବତ୍ ପ୍ରେମହିଁ ଜଳୁଥାଏ ଦିବ୍ୟସତ୍ୟର ଏକ ନକ୍ଷତ୍ର ରୂପେ । ନିଜ ବିକାଶର ତଥା ଅପରିପକ୍ୱ ଅସ୍ତିତ୍ୱର ପ୍ରଥମ ଦୀର୍ଘ ପର୍ଯ୍ୟାୟରେ ଏହା ଭରା ଦେଇ ରହିଥାଏ ପାର୍ଥିବ ପ୍ରେମ, ସ୍ନେହ, କୋମଳତା, ସଦିଚ୍ଛା, କରୁଣା ତଥା ସର୍ବଜନ କଲ୍ୟାଣ ଆଦି ନାନା ଭାବ ଉପରେ; ଏହା ଭରା ଦେଇଥାଏ ସକଳ ସୌନ୍ଦର୍ଯ୍ୟ, ମୃଦୁଭାବ, ସୂକ୍ଷ୍ମତା ଏବଂ ଆଲୋକ, ସାମର୍ଥ୍ୟ ଓ ସାହସ ଆଦି ଭାବ ଉପରେ ଏବଂ ସେହିସବୁ ଭାବ ଉପରେ ଭରା ଦେଇଥାଏ ଯାହା ମନୁଷ୍ୟ ପ୍ରକୃତିର ସ୍ଥୂଳତା ଓ ଇତର ସାଧାରଣ ଭାବଗୁଡ଼ିକୁ ଅଧିକତର ସୂକ୍ଷ୍ମ ଓ ଶୁଦ୍ଧ କରିବା ଦିଗରେ ସାହାଯ୍ୟ କରିବ । କିନ୍ତୁ ଏହା ମଧ୍ୟ ଜାଣିଥାଏ ଯେ ଏହି ମାନବୀୟ ଗତିବୃତ୍ତିଗୁଡ଼ିକ ନିଜର ସର୍ବୋତ୍କୃଷ୍ଟ ଅବସ୍ଥାରେ ମଧ୍ୟ କେତେ ବେଶୀ ମିଶ୍ରିତ ହୋଇ ରହିଥା'ନ୍ତି ଓ ନିଜର ସର୍ବନିକୃଷ୍ଟ ଅବସ୍ଥାରେ ଏଗୁଡ଼ିକ କେତେ ତଳକୁ ଅଧଃପତିତ ହୋଇଥା'ନ୍ତି ଏବଂ ଅହଂ ତଥା ଆତ୍ମ-ପ୍ରବଞ୍ଚନାମୂଳକ ଭାବପ୍ରବଣ ମିଥ୍ୟାଚାରର କେତେ ମୋହର ଚିହ୍ନ ଏମାନଙ୍କ ଉପରେ ଲାଗିଥାଏ ଏବଂ ନିମ୍ନତର ସତ୍ତା କିପରି ଭାବରେ ଆତ୍ମାର ଗତିବୃତ୍ତିଗୁଡ଼ିକୁ ଅନୁସରଣ କରି ନିଜେ ଲାଭ ଉଠାଇବାକୁ ଚେଷ୍ଟା କରିଥାଏ । ତେଣୁ ଚୈତ୍ୟସତ୍ତା ଆତ୍ମପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହି ସମସ୍ତ ପୁରାତନ ବନ୍ଧନ ଓ ଅପୂର୍ଣ୍ଣ ସମସ୍ତ ଆବେଗମୟ କ୍ରିୟାକଳାପକୁ ଛିନ୍ନଛତ୍ର ଏବଂ ସମାପ୍ତ କରିଦେଇ ସେଗୁଡ଼ିକ ସ୍ଥାନରେ ପ୍ରେମ ଓ ଏକତ୍ୱଭାବର ଏକ ମହତ୍ତର ଆଧ୍ୟାତ୍ମିକ ସତ୍ୟର ପ୍ରତିଷ୍ଠା ପାଇଁ ପ୍ରସ୍ତୁତ ଓ ବ୍ୟଗ୍ର ହୋଇଉଠେ । ଏହା ତଥାପି ମାନବୀୟ ନାନା ରୂପାୟନ ଓ ନାନା ଗତିବୃତ୍ତିର ପ୍ରବେଶକୁ ସ୍ୱୀକାର କରିନେଇ ପାରେ ସତ କିନ୍ତୁ ଏହି ସର୍ତ୍ତରେ ଯେ ସେଗୁଡ଼ିକ ଯେପରି ସେହି ପରମ 'ଏକ'ଙ୍କ ଦିଗରେ ଅଭିମୁଖୀ ହୋଇ ରହିବେ । ସେ କେବଳ ସେହି ସମ୍ବନ୍ଧକୁ ସ୍ୱୀକାର କରିଥାଏ ଯେଉଁଗୁଡ଼ିକ ତା'ର ବିକାଶର ସହାୟକ ହୋଇଥା'ନ୍ତି – ଗୁରୁଙ୍କ ପ୍ରତି ହୃଦୟର ଗଭୀର ଶ୍ରଦ୍ଧାର ଭାବକୁ, ଈଶ୍ୱରାନ୍ୱେଷୀ ସାଧକମାନଙ୍କର ମିଳିତ ଏକତ୍ରିତ ଭାବକୁ, ମନୁଷ୍ୟ ଓ ଅନ୍ୟାନ୍ୟ ଇତର ପ୍ରାଣୀଙ୍କ ଅଧ୍ୟୁଷିତ ଏହି ଅଜ୍ଞାନମୟ ପୃଥିବୀ ଓ ତା'ର ଅଧିବାସୀମାନଙ୍କ ଲାଗି ଏକ ଆଧ୍ୟାତ୍ମିକ କରୁଣାର ଭାବକୁ, ଏବଂ ସର୍ବତ୍ର ଓ ସବୁକିଛି ଭିତରେ ଭଗବାନଙ୍କ ଉପସ୍ଥିତିକୁ ପ୍ରତ୍ୟକ୍ଷ କରିବା ଫଳରେ ସୌନ୍ଦର୍ଯ୍ୟାନୁଭୂତିର ଯେଉଁ ତୃପ୍ତି ମିଳିଥାଏ, ଯେଉଁ ଆନନ୍ଦ ଓ ସୁଖାନୁଭୂତିର ସଂଚାର ହୋଇଥାଏ ଏହା ସେହିସବୁ ଭାବକୁ ସ୍ୱୀକାର କରିନିଏ । ନିଜର ପ୍ରକୃତିକୁ ଅନ୍ତଃପ୍ରବିଷ୍ଟ କରାଇ, ଏହା ଅଗ୍ରସର ହୁଏ ହୃଦୟର ଗୋପନ କେନ୍ଦ୍ରରେ ଅନ୍ତର୍ବିରାଜିତ ହୋଇ ରହିଥିବା ଭଗବତ୍ ସତ୍ତାଙ୍କ ସହ ତାହାର ସାକ୍ଷାତ୍ ଓ ମିଳନ ଅଭିମୁଖେ । ଏବଂ ଯେପର୍ଯ୍ୟନ୍ତ ସେହି ଆହ୍ୱାନ ରହିଥାଏ ଅହଂକାରର କୌଣସି ତିରସ୍କାର ବା ପରୋପକାର, ଜନସେବା ବା ଲୋକହିତକର କୌଣସି କାର୍ଯ୍ୟର ଅଥବା କର୍ତ୍ତବ୍ୟ ପାଳନର କେବଳ ବାହ୍ୟ କୌଣସି ଆବେଦନ ତାକୁ ପ୍ରତାରିତ କରିପାରେ ନାହିଁ ବା ତାହାର ପବିତ୍ର ଅଭୀପ୍ସାଟିରୁ ଓ ନିଜର ଅନ୍ତରସ୍ଥ ପରମ ଦେବତ୍ୱର ଆକର୍ଷଣ ପ୍ରତି ରହିଥିବା ତା'ର ଆନୁଗତ୍ୟରୁ ତାହାକୁ ଟଳାଇ ଦେଇପାରେ ନାହିଁ । ଆମର ସତ୍ତାକୁ ତାହା ଏକ ବିଶ୍ୱାତୀତ ଦିବ୍ୟୋଲ୍ଲାସ ଦିଗରେ ଉତ୍ତୋଳିତ କରିନିଏ ଏବଂ ସର୍ବୋଚ୍ଚ ପରମ ଅଦ୍ୱିତୀୟଙ୍କ ପାଖରେ ପହଞ୍ଚିବା ପାଇଁ ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ଉଡ଼ି ଚାଲିବାର ସେହି ଆରୋହଣ ପର୍ବରେ ନିଜର ଡେଣାରୁ ଜଗତର ସମସ୍ତ ନିମ୍ନାଭିମୁଖୀ ଆକର୍ଷଣଗୁଡ଼ିକୁ ଝାଡ଼ି ଫିଙ୍ଗି ଦେବା ଲାଗି ପ୍ରସ୍ତୁତ ହୁଏ । କିନ୍ତୁ ବିଶ୍ୱାତୀତ ଏହି ପରମ ପ୍ରେମ ଓ ଦିବ୍ୟ-ସୌନ୍ଦର୍ଯ୍ୟକୁ ଏହା ମଧ୍ୟ ନିମ୍ନକୁ ଆବାହନ କରି ଆଣେ, ତାହା ଯେପରି ନାନା ବିଦ୍ୱେଷ, ସଂଘର୍ଷ, ବିଭାଜନ, ଅନ୍ଧକାର, ବିକଟ ଅଜ୍ଞାନତାରେ ପରିପୂର୍ଣ୍ଣ ଆମର ଏହି ଜଗତଟିକୁ ଉଦ୍ଧାର ଓ ରୂପାନ୍ତରିତ କରିବ । ଏହା ନିଜକୁ ଉନ୍ମୋଚିତ କରିଦିଏ ଏକ ବିଶ୍ୱମୟ ଦିବ୍ୟପ୍ରେମ, ଏକ ବିପୁଳ

କରୁଣା, ସର୍ବଭୂତର ମଙ୍ଗଳ ଲାଗି ଏକ ପ୍ରଗାଢ଼ ଓ ବିପୁଳ ସଂକଳ୍ପ ପ୍ରତି; ଏହା ନିଜକୁ ଉନ୍ମୋଚିତ କରିଦିଏ ସେହି ବିଶ୍ୱ-ଜନନୀଙ୍କ ଆଲିଙ୍ଗନ ପାଇଁ ଯେ ତାଙ୍କର ସନ୍ତାନମାନଙ୍କୁ ନିଜ ଚାରିପଟେ ଗୋଟାଇ ଆଣି ନିଜ ବାହୁଛାୟାର ଅଭୟ ଆଶ୍ରୟରେ ଘୋଡ଼ାଇ ରଖିଛନ୍ତି ଓ ବିଶ୍ୱମୟ ଅଜ୍ଞାନତାର କବଳରୁ ଏହି ଜଗତର ପରିତ୍ରାଣ ପାଇଁ ଦିବ୍ୟ-କରୁଣା ରୂପରେ ରାତ୍ରିର ଅନ୍ଧକାର ଭିତରକୁ ଅବଗାହନ କରିଛନ୍ତି । ଅସ୍ତିତ୍ୱର ଏହିସବୁ ମହାନ୍ ଓ ଗଭୀର ଦିବ୍ୟସତ୍ୟର କୌଣସି ମାନସିକ ଅନୁକରଣ ବା ପ୍ରାଣିକ ଦୁରୁପଯୋଗ ତାକୁ ଆଉ ଆକୃଷ୍ଟ ବା ପଥଭ୍ରଷ୍ଟ କରିପାରେ ନାହିଁ । ଏହା ନିଜର ଅନ୍ୱେଷଣକାରୀ ସଂଧାନୀ ରଶ୍ମିର ସାହାଯ୍ୟରେ ସେଗୁଡ଼ିକର ସ୍ୱରୂପକୁ ଖୋଲି ଧରେ ଓ ଦିବ୍ୟପ୍ରେମର ସମଗ୍ର ସତ୍ୟଟିକୁ ଆବାହନ କରିଆଣେ ଯେପରିକି ସେହି ସତ୍ୟ ଏଗୁଡ଼ିକ ଭିତରେ ଦେଖା ଦେଇଥିବା ତ୍ରୁଟିପୂର୍ଣ୍ଣ, ବିକୃତ ଗଠନସବୁକୁ ଆରୋଗ୍ୟ ଓ ସୁସ୍ଥ କରିଦେଇ ପାରିବ, ମାନସିକ, ପ୍ରାଣିକ ଓ ଦୈହିକ ପ୍ରେମକୁ ସେଗୁଡ଼ିକର ଅପୂର୍ଣ୍ଣତା ଓ ବିକୃତି ଭିତରୁ ଉଦ୍ଧାର କରିଦେଇ ପାରିବ, ଏବଂ ସେମାନଙ୍କ ଆଗରେ ଅନ୍ତରଙ୍ଗତା, ଏକତା ଓ ଆରୋହଣକାରୀ ଉଲ୍ଲାସ ଓ ଅବତରଣକାରୀ ଆନନ୍ଦରେ ରହିଥିବା ସେମାନଙ୍କର ଅପରିମେୟ ଭାଗଟିକୁ ପ୍ରକାଶ ଓ ଉଦ୍‌ଘାଟିତ କରିଦେବ ।

ଚୈତ୍ୟସତ୍ତା ପ୍ରେମର ଓ ପ୍ରେମ ସମ୍ପର୍କିତ କର୍ମର ସମସ୍ତ ଯଥାର୍ଥ ସତ୍ୟକୁ ସେଗୁଡ଼ିକର ନିଜ ନିଜର ସ୍ଥାନରେ ଗ୍ରହଣ କରିନିଏ କିନ୍ତୁ ତାହାର ଶିଖାଟି ନିରନ୍ତର ଊର୍ଦ୍ଧ୍ୱଗାମୀ ହେବାରେ ଲାଗିଥାଏ ଏବଂ ଏହି ଊର୍ଦ୍ଧ୍ୱାରୋହଣ ଯେପରି ସତ୍ୟର ଅପେକ୍ଷାକୃତ ନିମ୍ନତର ମାତ୍ରା ଓ ସୋପାନରୁ ଆହୁରି ଊର୍ଦ୍ଧ୍ୱତର ସୋପାନ ଦିଗରେ ଉଠି ଚାଲିବ ସେଦିଗରେ ତାହାକୁ ଆଗେଇ ନେବା ପାଇଁ ଏହା ସତତ ଉତ୍ସୁକ ହୋଇ ରହିଥାଏ । କାରଣ ଏହା ଭଲଭାବରେ ଜାଣିଥାଏ ଯେ ଏକ ଉଚ୍ଚତର ଦିବ୍ୟସତ୍ୟକୁ ଆରୋହଣ କରିବା ଦ୍ୱାରା ଏବଂ ସେହି ଉଚ୍ଚତମ ଦିବ୍ୟସତ୍ୟ ଅବତୀର୍ଣ୍ଣ ହୋଇ ଆସିବା ଦ୍ୱାରାହିଁ ପ୍ରେମକୁ କ୍ରୁଶ ଖୁଣ୍ଟର ଆପଦରୁ ମୁକ୍ତ କରିଦିଆଯାଇ ପାରିବ ଓ ସିଂହାସନରେ ଆରୂଢ଼ କରିଦିଆ ଯାଇପାରିବ; କାରଣ 'କ୍ରୁଶ' ହେଉଛି ସେହି ଭଗବତ୍ ଅବତରଣର ପ୍ରତୀକ ଯାହାକି ବିଶ୍ୱମୟ ଅଜ୍ଞାନ ଓ ବିକୃତିର ତୀର୍ଯ୍ୟକ୍ ରେଖା ଦ୍ୱାରା ବ୍ୟାଘାତ ଓ ବାଧାପ୍ରାପ୍ତ ହୋଇ ରହିଛି ଏବଂ ଜୀବନ ପାଇଁ ଆଣି ଦେଇଛି ଦୁଃଖଭୋଗ ଓ ଦୁର୍ଭାଗ୍ୟର ଏକ ପରିଣତି । କେବଳ ସେହି ମୂଳ ପରମ ସତ୍ୟଟିରେ ଆରୋହଣ କରିପାରିଲେହିଁ ଏହି ବିକାରଗ୍ରସ୍ତତାର ଆରୋଗ୍ୟ ଓ ନିରାକରଣ ହୋଇପାରିବ ଏବଂ ପ୍ରେମର ସମସ୍ତ ଜଗତ୍ ତଥା ଜ୍ଞାନ ଓ ଜୀବନର ସମସ୍ତ କର୍ମ ପୁନର୍ବାର ଏକ ଦିବ୍ୟ-ତାତ୍ପର୍ଯ୍ୟରେ ମଣ୍ଡିତ ହୋଇପାରିବ ଏବଂ ପୂର୍ଣ୍ଣାଙ୍ଗ ଚିନ୍ମୟ ଅସ୍ତିତ୍ୱର ଅଙ୍ଗରେ ପରିଣତ ହୋଇ ପାରିବ ।

(The Synthesis of Yoga, p. 155 - 57) ✤

ତୁମ ଚେତନାର ଗଭୀରତା ଭିତରେ ତୁମର ଚୈତ୍ୟସତ୍ତା ଅବସ୍ଥିତ ରହିଛି, ତୁମେ ତାହାକୁହିଁ ଆପଣା ଭିତରେ ପରମ ଦିବ୍ୟସତ୍ତାଙ୍କର ଆସ୍ଥାନ ବୋଲି ଜାଣିବ । ଏହି କେନ୍ଦ୍ରଟିର ଚାରିପାଖରେହିଁ ବିଭିନ୍ନ ଅଂଶର ଏକତ୍ରୀକରଣ ସଂଘଟିତ ହେବ, ତୁମ ସତ୍ତାର ଏହିସବୁ ପରସ୍ପର-ବିରୋଧୀ ଗତିସ୍ପନ୍ଦନର ମଧ୍ୟ ଏକତ୍ରୀକରଣ ଘଟିବ । ତୁମେ ଥରେ ଆପଣା ଚୈତ୍ୟସତ୍ତାର ଚେତନା ଏବଂ ତା'ର ଅଭୀପ୍ସାକୁ ହାସଲ କରି ପାରିଲେ ଯାଇ ଏହିସବୁ ଯାବତୀୟ ସନ୍ଦେହ ତଥା ଅସୁବିଧାର ବିନାଶ ଘଟିବ । ଏଥିଲାଗି ଅଳ୍ପ କିଂବା ଅଧିକ ସମୟ ଆବଶ୍ୟକ ହେବ, ମାତ୍ର ସର୍ବଶେଷରେ ତୁମେ ନିଶ୍ଚୟ ସଫଳତା ହାସଲ କରିପାରିବ ।

— ଶ୍ରୀମା

# ଚୈତ୍ୟ ଚେତନା ସମ୍ପର୍କରେ

## ଶ୍ରୀମା

*‘‘ବିଭିନ୍ନ ସ୍ଥାନ ଓ ସମୟରେ ଏହି ଅନୁଭୂତି ଓ ପ୍ରତ୍ୟକ୍ଷ ଲାଭ କରିବା ପାଇଁ (ଆମ ଭିତରେ ଚୈତ୍ୟ ଉପସ୍ଥିତିର ଉପଲବ୍ଧି) ଏବଂ ଶେଷରେ ଏହି ଚୈତ୍ୟସତ୍ତା ସହ ଏକାତ୍ମତା ସିଦ୍ଧ କରିବା ପାଇଁ ବିଭିନ୍ନ ପନ୍ଥାକୁ ସୂଚିତ କରାଯାଇଛି । କେତେକ ପଦ୍ଧତି ମାନସିକ, କେତେକ ଧର୍ମ ସମ୍ବନ୍ଧୀୟ ଏପରିକି କେତେକ ମଧ୍ୟ ଯାନ୍ତ୍ରିକ । ବାସ୍ତବରେ ପ୍ରତ୍ୟେକଙ୍କୁ ତାଙ୍କ ପାଇଁ ଯାହା ସବୁଠାରୁ ଅନୁକୂଳ ସେହି ପଦ୍ଧତିକୁହିଁ ଖୋଜି ବାହାର କରିବାକୁ ହେବ; ଏବଂ ଯଦି ଜଣଙ୍କର ଗଭୀର ଓ ଦୃଢ଼ ଆସ୍ପୃହା ଥାଏ, ଏକ ଧାରାବାହିକ ଓ ଗତିଶୀଳ ସଂକଳ୍ପ ଥାଏ ତା’ହେଲେ ନିଶ୍ଚିତ ଭାବରେ ସେ ଗୋଟିଏ ବା ଅନ୍ୟ ବାଟରେ ତାହାକୁ ଖୋଜିପାଇବ – ବାହ୍ୟ ଭାବରେ ପଠନ ଓ ଅଧ୍ୟୟନ ଦ୍ୱାରା ଏବଂ ଆନ୍ତର ଭାବରେ ଏକାଗ୍ରତା, ଧ୍ୟାନ, ପ୍ରକାଶ ଓ ଅନୁଭୂତି ଦ୍ୱାରା ବ୍ୟକ୍ତି ସେହି ସହାୟତା ପାଇପାରିବ, ଯାହା ତାକୁ ଲକ୍ଷ୍ୟ-ପ୍ରାପ୍ତିରେ ପହଞ୍ଚାଇ ଦେଇପାରିବ ।’’*

(The Science of Living)

(*On Education*, CWM, Vol. 12, pp. 4 – 8)

ଯାନ୍ତ୍ରିକ, ଧର୍ମ ସମ୍ବନ୍ଧୀୟ ଓ ମନସ୍ତାତ୍ତ୍ୱିକ ପଦ୍ଧତି ଭିତରେ ପାର୍ଥକ୍ୟ କେଉଁଠି ? ଧର୍ମସମ୍ବନ୍ଧୀୟ ପଦ୍ଧତିଗୁଡ଼ିକ ହେଉଛି ଯାହା ବିଭିନ୍ନ ଧର୍ମରେ ଅନୁସରଣ କରାଯାଇଥାଏ । ବେଶୀ ଭାଗରେ ଧର୍ମଗୁଡ଼ିକରେ ଆନ୍ତର ସତ୍ୟ ସମ୍ପର୍କରେ କୁହାଯାଇ ନଥାଏ, ସେମାନଙ୍କ ପାଇଁ ସେମାନଙ୍କ କଥିତ ଭଗବାନଙ୍କ ସମ୍ପର୍କରେ ଆସିବା ଉପରେହିଁ ଜୋର୍ ଦିଆଯାଇଥାଏ ସ୍ୱର୍ଗ ଓ ନରକ: ଏହା ହେଉଛି ବୁଲାଣି ଭାବରେ ସେହି କଥା କହିବା... ।

ମନସ୍ତାତ୍ତ୍ୱିକ ପଦ୍ଧତି ହେଉଛି ଯାହା ଚେତନାର ଅବସ୍ଥା ଓ ସ୍ତରକୁ ନେଇ ଜଡ଼ିତ, ଯାହା ଚେଷ୍ଟାକରେ ସମସ୍ତ କର୍ମରୁ ନିଜକୁ ପ୍ରତ୍ୟାହାର କରିନେଇ ଏବଂ ନିଜ ଭିତରେ, ଅନାସକ୍ତି, ଆତ୍ମବିଲୟ, ଏକାଗ୍ରତା, ଉଚ୍ଚତର ବାସ୍ତବତା, ସମସ୍ତ ବାହ୍ୟ କର୍ମରୁ ପ୍ରତ୍ୟାହାର ଆଦି ଉପରେ ଜୋର୍ ଦେବା ଉପରେ । ମନସ୍ତାତ୍ତ୍ୱିକ ପଦ୍ଧତିଟି ଚିନ୍ତା, ଅନୁଭବ ଓ କର୍ମ ଉପରେ କ୍ରିୟା କରିଥାଏ ।

ଯାନ୍ତ୍ରିକ ପଦ୍ଧତିଗୁଡ଼ିକ ପୂରାପୂରି ଯାନ୍ତ୍ରିକ ଉପାୟଗୁଡ଼ିକ ଉପରେହିଁ ଜୋର୍ ଦେଇଥାଏ – କେତେକ ବାଟରେ ଏଗୁଡ଼ିକର ଉପଯୋଗ କରି ଜଣେ ଲାଭବାନ୍ ହୋଇପାରେ । ଉଦାହରଣସ୍ୱରୂପ : ପ୍ରାଣାୟାମ କଥା କୁହାଯାଇପାରେ, ଊଣା-ଅଧିକେ ଏହା ଯାନ୍ତ୍ରିକ ଭାବରେ କ୍ରିୟା କରେ, କିନ୍ତୁ କେତେକ କ୍ଷେତ୍ରରେ ଏହା ସହିତ ଚିନ୍ତାର ଏକାଗ୍ରତା ବା ନାମଜପ ଆଦିକୁ ଯୋଗ କରାଯାଇପାରେ, ବିବେକାନନ୍ଦ ଯେପରି କହିଛନ୍ତି । ଏହି ପଦ୍ଧତିଗୁଡ଼ିକ କିଛି ବାଟ ପର୍ଯ୍ୟନ୍ତ କାର୍ଯ୍ୟ କରିପାରେ କିନ୍ତୁ ତାହାପରେ ଏହା ମ୍ଳାନ ହୋଇଯାଏ । ଏହି ଧରଣର ମାନୁଷୀ ପ୍ରଚେଷ୍ଟା କେତେକ ସମୟରେ ଓ କେତେକ ସ୍ଥାନରେ ଊଣା-ଅଧିକେ ବ୍ୟକ୍ତିଗତ ଭାବେ ଫଳପ୍ରଦ ହୋଇପାରେ କିନ୍ତୁ ସମଷ୍ଟିଗତ ଭାବରେ ଏହା କୌଣସି ବିଶେଷ ଫଳପ୍ରଦାନ କରି ନାହିଁ ।

ମନସ୍ତାତ୍ତ୍ୱିକ ପଦ୍ଧତି ଅନେକ ବେଶୀ ଆୟାସସାଧ୍ୟ କିନ୍ତୁ ଅନେକ ଅଧିକ ଫଳପ୍ରଦ; ତୁମ କର୍ମ ଭିତର ଦେଇ, ଏପରି ଏକ ଆନ୍ତର ସଂକଳ୍ପର ଅବସ୍ଥାରେ ରହିବ, ଯେତେବେଳେ ତୁମ ସତ୍ତାର ଦିବ୍ୟସତ୍ୟ ଛଡ଼ା ଅନ୍ୟ କିଛି ବି ପ୍ରକାଶ କରିବ ନାହିଁ ଏବଂ ବାକି ସବୁକିଛିକୁ ସେହି ଦିବ୍ୟସତ୍ୟ ଉପରେହିଁ ନିର୍ଭରଶୀଳ କରି ରଖିବାକୁ ହେବ । ଅବଶ୍ୟ ଯଦି ତୁମେ କିଛି କର୍ମ କରିବ ନାହିଁ, ତେବେ ଏହା ଅଧିକ ସହଜ ହେବ କିନ୍ତୁ ତା’ ଫଳରେ ଆତ୍ମ-ପ୍ରବଞ୍ଚନା ମଧ୍ୟ ଅଧିକ ସହଜ ହେବ । ଅନ୍ୟ ସବୁଥିରୁ ନିଜକୁ ବିଚ୍ଛିନ୍ନ କରି ଯଦି ତୁମେ ଚୁପ୍‌ଚାପ୍ ବସି ରହିବ, ଅନ୍ୟ ସମସ୍ତଙ୍କଠାରୁ ଦୂରେଇ ରହି ଯଦି ଊଣା-ଅଧିକେ ନିଜ ଭିତରେ ନିଜ ସହ ମଜ୍ଜି ରହିବ ତେବେ ତୁମେ ହୁଏତ କଳ୍ପନା କରିପାର ଯେ ତୁମେ ବିସ୍ମୟକର କିଛି ଉପଲବ୍ଧି କରୁଛ । କିନ୍ତୁ ଯଦି ତୁମେ ତୁମ ଜୀବନର ପ୍ରତିଟି ମିନିଟ୍‌କୁ ପରୀକ୍ଷା କର, ଯେତେବେଳେ ତୁମ ନିଜର ଅପୂର୍ଣ୍ଣତା, ନିଜର ଦୋଷତ୍ରୁଟି ସମ୍ପର୍କରେ, ତୁମ ନିଜର ଛୋଟ ଛୋଟ ଅସଦିଚ୍ଛା ସମ୍ପର୍କରେ ଦିନକୁ ଶହେବାର ସଚେତନ ହେବ, ସେତେବେଳେ ତୁମର ଆଉ ସେହି ଭ୍ରାନ୍ତି ଓ ମୋହ ରହିବ ନାହିଁ, ସେତେବେଳେ ତୁମର ପ୍ରଚେଷ୍ଟାଗୁଡ଼ିକ ହେବ ଅଧିକ ଆନ୍ତରିକ ।

ସେଇଥିପାଇଁ ଆମେ ନିଷ୍ପତ୍ତି ନେଇଛୁ ଏକ ନିର୍ଜନ ଅରଣ୍ୟରେ ଯେଉଁଠି ସବୁକିଛି ଖୁବ୍ ସୁନ୍ଦର, ଖୁବ୍ ବିଶ୍ରାନ୍ତିମୟ,

ଯେଉଁଠି କେବଳ ନିଜର ଛୋଟ ସତ୍ତାଟି ଛଡ଼ା ଅନ୍ୟକିଛିକୁ ଗୁରୁତ୍ୱ ଦେବାର ନାହିଁ, ସେହି ନିର୍ଜନ ଅରଣ୍ୟ ପରିବର୍ତ୍ତେ ଆମେ ବିପରୀତ ପକ୍ଷେ ଚେଷ୍ଟା କରୁଛୁ ଜୀବନର ସବୁକିଛି କର୍ମକୁ ନେଇ ଆମ ପକ୍ଷେ ଯେତିକିଟା ସମ୍ଭବ ସେଗୁଡ଼ିକୁ ସଚେତ କର୍ମରେ ପରିଣତ କରିବା ପାଇଁ, ଅନ୍ୟମାନଙ୍କ ସହ ସଂଯୋଗ ରଖି, ସମସ୍ତ ଆନ୍ତର ଗତିବୃତ୍ତି ସମ୍ପର୍କରେ ଅଧିକ ସ୍ପଷ୍ଟ ଭାବରେ ସଚେତ ରହିବା ପାଇଁ ।

ବାଧାବିଘ୍ନଠାରୁ ପଳାୟନ କରିବା ଦ୍ୱାରା ସେଗୁଡ଼ିକ ଉପରେ ବିଜୟ ଲାଭ କରିବା କେବେହେଲେ ସମ୍ଭବପର ନୁହେଁ । ତୁମେ ଯଦି ଶତ୍ରୁଠାରୁ ପଳାୟନ କର, ତେବେ ତୁମେ କେବେ ହେଲେ ତାକୁ ଜୟ କରିପାରିବ ନାହିଁ ଏବଂ ସେ ତୁମକୁ ପରାଜିତ କରିବାର ସମସ୍ତ ଆଶଙ୍କା ଦେଖାଦେବ । ସେଇଥିପାଇଁ ଆମେ କୌଣସି ହିମାଳୟର ଚୂଡ଼ାରେ ନୁହେଁ, ଏଇଠି ପଣ୍ଡିଚେରୀରେହିଁ ରହିଛୁ । ଯଦିଓ ମୁଁ ସ୍ୱୀକାର କରୁଛି ହିମାଳୟର ଚୂଡ଼ା ଅଧିକ ଆନନ୍ଦମୟ ହୁଅନ୍ତା କିନ୍ତୁ ବୋଧହୁଏ ସେତେଟା ଫଳପ୍ରଦ ନୁହେଁ ।

ପରେ ମୁଁ ମାନସିକ ଶୃଙ୍ଖଳା ବିଷୟରେ କହିବି, କାରଣ ସେବିଷୟରେ ମୋର ଅନେକ କିଛି କହିବାର ଅଛି । ଏହା ଏକ ବିରାଟ ବାଧାର ପ୍ରାଚୀର ଛିଡ଼ା କରାଇଛି : ଲୋକମାନେ ଭାବନ୍ତି ସେମାନଙ୍କର ଏକ ଉଚ୍ଚତର ବୁଦ୍ଧି ବିଚାର ଅଛି ଓ ସେହି ଭିତ୍ତିରେ ସେମାନେ ଏପରିସବୁ ବିଷୟରେ ବିଚାର କରନ୍ତି ଯାହା ସମ୍ପର୍କରେ ସେମାନେ କିଛି ବି ଜାଣନ୍ତି ନାହିଁ । ମନୁଷ୍ୟ ସମାଜରେ ଏହା ସବୁଠୁ ବଡ଼ ବାଧା ନ ହେଲେ ମଧ୍ୟ ଅନ୍ତତଃ ବଡ଼ ବାଧାବିଘ୍ନ ଭିତରୁ ଅନ୍ୟତମ । କାରଣ ଏହା ସତ୍ୟ ଯେ ସବୁ ଜୀବ ବା ପ୍ରାଣୀମାନଙ୍କ ଭିତରେ – କ୍ଷମା କର, ଆମେମାନେ ତଥାପି ଏକ ପ୍ରାଣୀ ବା ଜୀବ ହୋଇହିଁ ରହିଛୁ, ଏକମାତ୍ର ସେହି ଜୀବ ଯେ ଭାଷାରେ କଥା କହିପାରେ ଏବଂ ପୃଷ୍ଠା ପରେ ପୃଷ୍ଠା ଲେଖି ଯାଇପାରେ । ସେ ଭାବେ ଯେ ସେ ଏପରି ଏକ ଶ୍ରେଷ୍ଠଜୀବ ଯେ ଲେଖି ଦେଇପାରେ ଓ ସେ ଯାହା ଭାବୁଛି ଓ ଅନୁଭବ କରୁଛି ତାହା ଅନ୍ୟମାନଙ୍କୁ ପଢ଼ିବାକୁ ଦେଇପାରେ । ଏବଂ ଏହି ମାନସିକ ଶ୍ରେଷ୍ଠତାର, ଏହି ମାନସିକ ମହତ୍ତ୍ୱର ଧାରଣାରୁ, ତା'ଠାରୁ ଅନନ୍ତ ଗୁଣରେ ଶ୍ରେଷ୍ଠ ଜିନିଷଗୁଡ଼ିକୁ ସେ ପିଲାଳିଆ କହି ଉଡ଼ାଇ ଦିଏ ।

*ପ୍ରଶ୍ନ : ଚୈତ୍ୟସତ୍ତା କ'ଣ ନିଜକୁ ଆନ୍ତର ସତ୍ୟ ସହ ଏକାତ୍ମ କରିଥାଏ ?*

ଶ୍ରୀମା : ଏହା ନିଜକୁ ଏହି ଆନ୍ତର ସତ୍ୟର ଚତୁଃପାର୍ଶ୍ୱରେ ସଙ୍ଗଠିତ କରିଥାଏ ଏବଂ ଏହା ସହିତ ସଂଯୋଗରେ ପ୍ରବେଶ କରେ । ଚୈତ୍ୟସତ୍ତା ଦିବ୍ୟସତ୍ୟ ଦ୍ୱାରା ଚାଳିତ ହୋଇଥାଏ । ଦିବ୍ୟସତ୍ୟ ଏପରି ଏକ ଜିନିଷ ଯାହା ଚିରନ୍ତନ ଭାବରେ ଆତ୍ମପ୍ରତିଷ୍ଠ ବା ସ୍ୱୟଂସ୍ଥିତ ଏବଂ ସ୍ଥାନ ଓ କାଳର କିଛି ଉପରେ ନିର୍ଭର କରେ ନାହିଁ । କିନ୍ତୁ ଚୈତ୍ୟସତ୍ତା ହେଉଛି ଏକ ସତ୍ତା ଯାହା ବୃଦ୍ଧି ଲାଭ କରେ; ଆକାର ଗ୍ରହଣ କରେ, ଅଗ୍ରଗତି କରେ, ଅଧିକରୁ ଅଧିକ ବ୍ୟକ୍ତିତ୍ୱର ରୂପ ନିଏ । ଏହି ଭାବରେ ଏହା ଏହି ଦିବ୍ୟସତ୍ୟର ପରିପ୍ରକାଶ ପାଇଁ ଅଧିକରୁ ଅଧିକ ସକ୍ଷମ ହୁଏ । ଏହି ଦିବ୍ୟସତ୍ୟ ହେଉଛି ଚିରନ୍ତନ ଦିବ୍ୟସତ୍ୟ, ଏବଂ ଚିରସ୍ଥାୟୀ । ଚୈତ୍ୟସତ୍ତା ହେଉଛି ଏକ ଅଗ୍ରଗତିଶୀଳ ସତ୍ତା, ଯାହାର ଅର୍ଥ ହେଉଛି ଦିବ୍ୟସତ୍ୟ ଏବଂ ଚୈତ୍ୟ-ଚେତନାର ସମ୍ପର୍କ ମଧ୍ୟ ଅଗ୍ରଗତିଶୀଳ । ତେଣୁ ସେହି ଏକ ସମୟରେ ଆନ୍ତର ଦିବ୍ୟସତ୍ୟ ସମ୍ପର୍କରେ ସଚେତ ନହୋଇ ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହେବା ଅସମ୍ଭବ । ଯେଉଁମାନଙ୍କର ଏହି ଅନୁଭୂତି ହୋଇଛି – ଏକ ମାନସିକ ଅନୁଭୂତି ନୁହେଁ – କିନ୍ତୁ ଚୈତ୍ୟସତ୍ତା ସଙ୍ଗେ ସଂଯୋଗର ଏକ ପୂର୍ଣ୍ଣାଙ୍ଗ ଅନୁଭୂତି, ଏସମ୍ପର୍କରେ ସେମାନଙ୍କର ଯେଉଁ ମାନସିକ ଧାରଣା ରହିଛି ତା' ସହିତ ନୁହେଁ – କିନ୍ତୁ ଏକ ଯଥାର୍ଥ ସୁନିର୍ଦ୍ଦିଷ୍ଟ ସଂଯୋଗ,– ସମସ୍ତେ ସେହି ଗୋଟିଏ କଥା କହନ୍ତି : ଯେଉଁ ମୁହୂର୍ତ୍ତରୁ ଏହି ସଂଯୋଗ ଘଟିଥାଏ, ସେତେବେଳେ ଜଣେ ନିଜ ଭିତରେ ଥିବା ଚିରନ୍ତନ ସତ୍ୟ ସମ୍ପର୍କରେ ପୂର୍ଣ୍ଣ ଭାବରେ ସଚେତ ହୋଇଥାଏ, ଏବଂ ଜଣେ ଦେଖିପାରେ ଯେ ଏହାହିଁ ହେଉଛି ଜୀବନର ଲକ୍ଷ୍ୟ, ଏବଂ ସଂସାର-ପରିଚାଳନାର ନିର୍ଦ୍ଦେଶ । ଗୋଟିକ ବ୍ୟତୀତ ଅନ୍ୟଟି ହୋଇପାରେ ନାହିଁ; ପ୍ରକୃତରେ ଏହାହିଁ ତୁମ ଭିତରେ ଏହି ଉପଲବ୍ଧି ଆଣିଦିଏ ଯେ ତୁମେ ତୁମର ଚୈତ୍ୟସତ୍ତାର ସଂଯୋଗରେ ଆସିଛ । ହୁଏତ ଏହା ଏକ ସଚେତ ସଂଯୋଗ ନହୋଇ ପାରିଥାଏ କିନ୍ତୁ ଯାହା ତୁମ ଜୀବନକୁ ପରିଚାଳନା କରେ ।

କେତେକେ କହନ୍ତି ଯେ ଏପରି କିଛି ଅଛି ଯାହାକି ସେମାନଙ୍କ ଇଚ୍ଛା ବା ସଂକଳ୍ପର ବାହାରେ ତାହାହିଁ ସେମାନଙ୍କ ସମଗ୍ର ଜୀବନକୁ ସଙ୍ଗଠିତ କରୁଛି, ଏହାହିଁ ସେମାନଙ୍କୁ ଆବଶ୍ୟକ ଅବସ୍ଥା ଭିତରକୁ ନେଇଆଣିଛି, ଏହାହିଁ ସେମାନଙ୍କ ପାଇଁ ଅନୁକୂଳ ପରିସ୍ଥିତି ଓ ଲୋକମାନଙ୍କୁ ଆକର୍ଷିତ କରିଛି ଏବଂ କହିବାକୁ ଗଲେ ସେମାନଙ୍କ ବାହାରେ ସବୁକିଛିକୁ ବ୍ୟବସ୍ଥିତ

କରିଛି । ସେମାନଙ୍କ ବାହାର ପରିସ୍ଥିତିରେ ହୁଏତ ସେମାନେ ଆଉ କିଛି ଚାହିଁଥିଲେ ଓ ସେଥିପାଇଁ କାର୍ଯ୍ୟ କରିଥିଲେ କିନ୍ତୁ ଅନ୍ୟ କିଛି ସଂଘଟିତ ହେଲା । ବାସ୍, କିଛି ବର୍ଷ ପରେ ସେମାନେ ଉପଲବ୍ଧି କରନ୍ତି ଯେ ବାସ୍ତବରେ ଏହାହିଁ ଘଟିବାର ଥିଲା । ତୁମେ ନିଜ ଭିତରେ ଚୈତ୍ୟସତ୍ତାର ଉପସ୍ଥିତି ସମ୍ପର୍କରେ କିଛି ବି ନଜାଣି ପାର କିନ୍ତୁ ତଥାପି ଏହାଦ୍ୱାରାହିଁ ପରିଚାଳିତ ହୋଇପାର । କାରଣ କୌଣସି ବିଷୟରେ ସଚେତ ହେବାକୁ ହେଲେ ତୁମକୁ ପ୍ରଥମେ ସ୍ୱୀକାର କରିବାକୁ ହେବ ଯେ ଏହିପରି ଏକ ଜିନିଷ ତୁମ ଭିତରେ ରହିଛି । କେତେକ ବ୍ୟକ୍ତି ଏହା ଗ୍ରହଣ କରନ୍ତି ନାହିଁ । ମୁଁ ଏପରି ଲୋକମାନଙ୍କୁ ଜାଣେ ଯେଉଁମାନେ ନିଜର ଚୈତ୍ୟସତ୍ତା ସହ ଯଥାର୍ଥ ସଂଯୋଗ ସ୍ଥାପନ କରିଛନ୍ତି ଅଥଚ ସେସମ୍ପର୍କରେ ଆଦୌ କିଛି ବି ଜାଣି ନାହାନ୍ତି । କାରଣ ସେମାନଙ୍କ ଭିତରେ ଏପରି କିଛି ବି ନଥିଲା ଯାହାଫଳରେ ସେମାନେ ଏହି ସଂଯୋଗ ସମ୍ପର୍କରେ ଯଥାର୍ଥ ଜ୍ଞାନ ଲାଭ କରି ପାରନ୍ତେ ।

*ପ୍ରଶ୍ନ : ନିଜ ଚୈତ୍ୟସତ୍ତା ସମ୍ପର୍କରେ କୌଣସି ସଂଯୋଗ ନଥାଇ ଜଣେ କ'ଣ ଚିରନ୍ତନ ଦିବ୍ୟସତ୍ୟ ସହିତ ସଂଯୋଗ ସ୍ଥାପନ କରିପାରେ ?*

ଶ୍ରୀମା : ଏହି ବିଶ୍ୱରେ ଥିବା କେତେକ ସତ୍ତା ନିଜ ଚୈତ୍ୟସତ୍ତା ସହ କୌଣସି ସମ୍ପର୍କରେ ନଆସି ଚିରନ୍ତନ ଦିବ୍ୟସତ୍ୟ ସହ ସିଧାସଳଖ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ପାରନ୍ତି, କାରଣ ସେମାନଙ୍କର କୌଣସି ଚୈତ୍ୟସତ୍ତା ନଥାଏ । କିନ୍ତୁ ମନୁଷ୍ୟ ଭିତରେ ସଦାସର୍ବଦା ଏକ ଚୈତ୍ୟସତ୍ତା ରହିଛି ଏବଂ ବରାବର ଏହି ଚୈତ୍ୟସତ୍ତା ମାଧ୍ୟମରେହିଁ ସେମାନେ ଚିରନ୍ତନ ସତ୍ୟ ସହ ସମ୍ପର୍କ ସ୍ଥାପନ କରନ୍ତି । ଏବଂ ଚୈତ୍ୟସତ୍ତା ସହ ଏହି ସଂଯୋଗ ତା' ଆଖିରେ ସାଧାରଣତଃ ନିଜକୁ ଏହି ଭାବରେହିଁ ପ୍ରକାଶ କରେ; କାରଣ ଏହା ନିଜ ସହ ନିଜର ସେହି ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟ ଓ ମହତ୍ତ୍ୱକୁ ବହନ କରିଥାଏ । ଚୈତ୍ୟସତ୍ତା ହେଉଛି ମନୁଷ୍ୟର ଚାରିତ୍ରିକ ବୈଶିଷ୍ଟ୍ୟ, ଏବଂ ଯଦି ଜଣେ ବିଷୟଟିର ତଳକୁ ଯାଏ ତା'ହେଲେ ବୋଧହୁଏ ଏହାହିଁ ମନୁଷ୍ୟକୁ ତା'ର ଶ୍ରେଷ୍ଠତ୍ୱ ପ୍ରଦାନ କରିଛି ।

ପୁରାତନ ଦର୍ଶନମାନଙ୍କରୁ ଅନେକଙ୍କର ସତ୍ତାର ଶ୍ରେଣୀ-ବିନ୍ୟାସ ସମ୍ପର୍କରେ ପୂର୍ଣ୍ଣଜ୍ଞାନ ନଥିଲା – ଚୈତ୍ୟସତ୍ତା ଓ ଆନ୍ତର ସତ୍ୟ ସମ୍ପର୍କରେ ସେମାନଙ୍କର ବିଶେଷ ଧାରଣା ନଥିଲା । ଏହିସବୁ ଦାର୍ଶନିକ ଧାରାଗୁଡ଼ିକର ଖୁବ୍ ସହଜ ବିଚାର ଓ ଧାରଣା ରହିଥିଲା – ଯଥା : ବାହ୍ୟ ଓ ଆନ୍ତର ଚେତନା, ଜାଗ୍ରତ୍ ଓ ସୁଷୁପ୍ତି ଚେତନା, ମନୁଷ୍ୟର ମନସ୍ତତ୍ତ୍ୱ ସମ୍ପର୍କରେ କୌଣସି ବିସ୍ତୃତ ପୁଙ୍ଖାନୁପୁଙ୍ଖ ଧାରଣା ନଥିଲା । କିଂବା ଯଦି ବା ଥିଲା ଏହାକୁ ସମସ୍ତଙ୍କ ପାଖରେ ଉପସ୍ଥାପିତ କରିବାକୁ ସେମାନେ ଉଚିତ ବୋଲି ଭାବୁ ନଥିଲେ । ଆଗକାଳରେ ଯେକୌଣସି ଲୋକ ଆଗରେ ଯଥାର୍ଥ ଜ୍ଞାନର ଉପସ୍ଥାପନକୁ ସେମାନେ ପସନ୍ଦ କରୁ ନଥିଲେ । ତାହା ଆଗରେ ଯଥାର୍ଥ କିଛି ଶିକ୍ଷା ବା ଜ୍ଞାନ ଉପସ୍ଥାପନ କରିବା ପୂର୍ବରୁ ତାହାକୁ ନିଜର ଯଥାଯଥ ସଦିଚ୍ଛା, ବିକାଶ ଓ ସାମର୍ଥ୍ୟ ଦେଖାଇବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ, ଆଧୁନିକ ଜୀବନରେ ଏହି ଜ୍ଞାନ ମୁଦ୍ରିତ ହୋଇ ବା ଛାପାଯାଇ ପୁସ୍ତକ ଆକାରରେ ପ୍ରକାଶିତ ହେଉଛି ଏବଂ ଯେକୌଣସି ଲୋକ ଏହି ପୁସ୍ତକ କିଣି ପଢ଼ିପାରେ । ଅବଶ୍ୟ ତୁମେ ଏପରି ଶହ ଶହ ଲୋକଙ୍କ ସମ୍ପର୍କରେ ଆସିବ ଯେଉଁମାନେ ତା'ର ଅର୍ଥ କ'ଣ ସେସମ୍ପର୍କରେ ଆଦୌ କିଛି ନଜାଣି କେବଳ ଗୁଡ଼ିଏ ଶବ୍ଦହିଁ ପଢ଼ନ୍ତି । ଗୋଟିଏ ସମୟରେ ଏଠାରେ ମଧ୍ୟ ଅନେକ ଲୋକ ଥିଲେ ଯେଉଁମାନେ ଅତିମାନସ ଉପଲବ୍ଧି କରିବାର ଦାବି କରୁଥିଲେ କିନ୍ତୁ ପ୍ରକୃତରେ ଏହା କ'ଣ, ସେସମ୍ପର୍କରେ ସେମାନଙ୍କର କିଛି ବି ଧାରଣା ନଥିଲା ।

ଆଜିର ଗଣତାନ୍ତ୍ରିକ ଯୁଗରେ ଜ୍ଞାନର ଏହି ସର୍ବ-ସାଧାରଣୀକରଣ ବୋଧହୁଏ ଅବଶ୍ୟମ୍ଭାବୀ । କିନ୍ତୁ ବୋଧହୁଏ ଏଥିପାଇଁ ଯଥାର୍ଥ ନିର୍ବାଚନ-ପ୍ରକ୍ରିୟାରେ ଅନ୍ୟାନ୍ୟ ପଦ୍ଧତିମାନ ରହିଛି, ଯାହାକି ଅଧିକ ଗୋପନ, କମ୍ ସୁସ୍ପଷ୍ଟ କିନ୍ତୁ ଅଧିକ ଫଳପ୍ରଦ ।

(୧୮ ଜାନୁଆରୀ ୧୯୫୧)

(CWM, Vol. 15, 303 - 307)

# ଯୋଗର ପ୍ରାଥମିକ ଉପାଦାନ

## ଶ୍ରୀଅରବିନ୍ଦ

## (ଚୈତ୍ୟ ଉନ୍ମୀଳନ)

*'ମାତୃବାଣୀ'ରେ ମା' କହିଛନ୍ତି ହୃଦୟର ଗଭୀର ନିରବ ପ୍ରଶାନ୍ତିରେ ଏକ ଅଗ୍ନି ପ୍ରଜ୍ୱଳିତ । ଏହି ଅଗ୍ନି କ'ଣ ଚୈତ୍ୟସତ୍ତା ?*

ଅଗ୍ନି ଏକ ସତ୍ତା ନୁହେଁ – ଏହା ହେଉଛି ଚୈତ୍ୟ ଅଗ୍ନି, ଅଭୀପ୍ସାର ଏକ ତୀବ୍ର ଅବସ୍ଥା ।

*

*ଚୈତ୍ୟସତ୍ତା କେଉଁ ସ୍ଥାନରେ ରହିଛି ?*

ଏହା ହୃତ୍‌କେନ୍ଦ୍ରର ପଶ୍ଚାତରେ ଗଭୀରରେ ରହିଛି ।

*

*ମା କେବେ କେବେ କୁହନ୍ତି ଯେ ଅମୁକ ବ୍ୟକ୍ତିର ଚୈତ୍ୟସତ୍ତା ଉତ୍ତମ । କିନ୍ତୁ ଏହା କ'ଣ ସତ୍ୟ ନୁହେଁ କି ଯେ ସମସ୍ତଙ୍କ ଭିତରର ଚୈତ୍ୟସତ୍ତା ହେଉଛି ଭଗବାନଙ୍କର ଏକ ଅଂଶ, ତେଣୁ ସବୁସମୟରେ ତାହା ଉତ୍ତମ । ତା'ହେଲେ ମା କାହିଁକି ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଏପରି ତାରତମ୍ୟ କଥା କୁହନ୍ତି ?*

ଚୈତ୍ୟସତ୍ତା ବିକଶିତ ହେଉଥାଏ – କେତେକଙ୍କ କ୍ଷେତ୍ରରେ ଏହା ମନ ଓ ପ୍ରାଣର ପ୍ରତିରୋଧକୁ ଅତିକ୍ରମ କରିବା ପାଇଁ ବେଶ୍ ସମର୍ଥ ହୋଇଥାଏ – ଆଉ କେତେକଙ୍କ କ୍ଷେତ୍ରରେ ଏହା କମ୍ ବିକଶିତ ହୋଇଥାଏ ଏବଂ ସେମାନଙ୍କୁ ଅଧିକ ଅସୁବିଧା ଭୋଗ କରିବାକୁ ପଡ଼େ ।

*

*ଯୋଗଶକ୍ତି କ'ଣ ପ୍ରଥମେ ଚୈତ୍ୟସତ୍ତା ମଧଦେଇ ଆସି ପରେ ତାହା ମନରେ ଦ୍ରୁତ ପରିବର୍ତ୍ତନ ଆଣି ଦିଏ ନାହିଁ କି ?*

ସବୁକ୍ଷେତ୍ରରେ ଏପରି ହୁଏ ନାହିଁ । ଅଧିକାଂଶ ଲୋକେ ମନରେ କ୍ରିୟା କରୁଥିବା ଶକ୍ତିରୁ ସାଧନା ଆରମ୍ଭ କରିଥା'ନ୍ତି, କେବଳ ଯେତେବେଳେ ମନ ଓ ପ୍ରାଣ କିଛି ପରିମାଣରେ ପରିବର୍ତ୍ତିତ ହୁଅନ୍ତି ସେତେବେଳେ ଚୈତ୍ୟସତ୍ତା ସମ୍ମୁଖଭାଗକୁ ଆସିବା ପାଇଁ ପ୍ରସ୍ତୁତ ହୁଏ ।

*

*ମନ, ପ୍ରାଣ ଓ ଶରୀର ସତ୍ତାର ସାହାଯ୍ୟ ବିନା କ'ଣ ଚୈତ୍ୟସତ୍ତା ନିଜକୁ ସିଧାସଳଖ ଅଭିବ୍ୟକ୍ତ କରିପାରିବ ?*

ମନ, ପ୍ରାଣ ଓ ଶରୀର ହେଉଛନ୍ତି ଅଭିବ୍ୟକ୍ତିର ଯନ୍ତ୍ର । ଅବଶ୍ୟ, ଚୈତ୍ୟସତ୍ତା କେବଳ ନିଜ ଦ୍ୱାରା ଆନ୍ତର କ୍ଷେତ୍ରରେ ବା ନିଜ ସ୍ତରରେ ବିଭିନ୍ନ ବିଷୟକୁ ଅଭିବ୍ୟକ୍ତ କରିପାରେ କିନ୍ତୁ ସ୍ଥୂଳ ଦୈହିକ କ୍ଷେତ୍ରରେ ତାହାର ଅଭିବ୍ୟକ୍ତି ପାଇଁ ଯନ୍ତ୍ର ରୂପେ ଅନ୍ୟାନ୍ୟ ଅଂଶର ଆବଶ୍ୟକତା ରହିଛି ।

*

*ମନ ଓ ପ୍ରାଣରେ କୌଣସି ପରିବର୍ତ୍ତନ ନଆଣି ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆଣିବା ସମ୍ଭବ ନୁହେଁ କି ?*

ନା । ଯଦି ଏଗୁଡ଼ିକ ଅପରିବର୍ତ୍ତିତ ରୁହନ୍ତି ତେବେ ସେମାନେ ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆସିବା ପାଇଁ ବାଧା ଦେବେ ।

*

*ଆଧ୍ୟାତ୍ମିକ ଚେତନା ଓ ଚୈତ୍ୟ ଚେତନା ଭିତରେ ପାର୍ଥକ୍ୟ କେଉଁଠି ?*

ଅଧ୍ୟାତ୍ମ ହେଉଛି ମନର ଊର୍ଦ୍ଧ୍ୱରେ ରହିଥିବା ଚେତନା — ଆତ୍ମା । ଏହା ସର୍ବଦା ଭଗବାନଙ୍କ ସଙ୍ଗେ ଏକ ହୋଇ ରହିଥାଏ । ଅଧ୍ୟାତ୍ମ ଚେତନା ହେଉଛି ସେହି ଚେତନା ଯାହା ସଦାସର୍ବଦା ଭଗବାନଙ୍କ ସଙ୍ଗେ ଏକତ୍ୱ ରକ୍ଷା କରି ବା ଅତି କମ୍‌ରେ ସଂଯୋଗ ରକ୍ଷା କରି ରହିଥାଏ ।

ଚୈତ୍ୟସତ୍ତା ହେଉଛି ଭଗବାନଙ୍କଠାରୁ ଆସିଥିବା ଏକ ସ୍ଫୁଲିଙ୍ଗ ଯାହାକି ସବୁ ବସ୍ତୁ ଭିତରେ ବିଦ୍ୟମାନ ରହିଛି ଏବଂ ବ୍ୟକ୍ତିର ବିବର୍ତ୍ତନ ହେଉଥିବା ସଙ୍ଗେ ସଙ୍ଗେ ତାହା ଭିତରେ ଏହା ବୃଦ୍ଧି ପାଏ, ବିକଶିତ ହୁଏ ଓ ଚୈତ୍ୟସତ୍ତା ରୂପେ ଅଭିବ୍ୟକ୍ତ ହୁଏ । ଏହାହିଁ ହେଉଛି ଅନ୍ତରାତ୍ମା ଯେକି ସଦାସର୍ବଦା ଭଗବାନଙ୍କର ଓ ସତ୍ୟର ଅନ୍ୱେଷଣ କରୁଥାଏ ଏବଂ ଯେତେବେଳେ ଓ ଯେଉଁଠି ଏହା ଭଗବାନଙ୍କର ଓ ସତ୍ୟର ସନ୍ଧାନ ପାଏ ସେତେବେଳେ ଏହା ତାହାଙ୍କର ଉତ୍ତର ଦିଏ ।

*

*ଭଗବାନ୍ ଓ ଅଧ୍ୟାତ୍ମ ଭିତରେ ପାର୍ଥକ୍ୟ କ'ଣ ?*

ଭଗବାନ୍ ସର୍ବତ୍ର ବିରାଜମାନ, ଏପରିକି ଅଜ୍ଞାନ ଭିତରେ ମଧ୍ୟ ସେ ରହିଛନ୍ତି । ଭଗବତ୍ ସତ୍ୟ କେବଳ ଯେ ଅଧ୍ୟାତ୍ମରେ ରହିଛନ୍ତି ତାହା ନୁହେଁ, ସେହି ସତ୍ୟ ମନ, ପ୍ରାଣ ଓ ଶରୀରରେ ମଧ୍ୟ ବିଦ୍ୟମାନ । ମନ, ପ୍ରାଣ ଓ ଦେହର ପଶ୍ଚାତରେ ଯାହା ବିରାଜିତ ହୋଇ ରହିଛି ତାହାହିଁ ଅଧ୍ୟାତ୍ମ ।

*

*ଅନେକ ଗୁଡ଼ିଏ ଚୈତ୍ୟଭୂମି ରହିଛି କି ?*

ନା କେବଳ ଗୋଟିଏ ମାତ୍ର ଚୈତ୍ୟଭୂମି ରହିଛି ।

*

*ଜଣେ ବ୍ୟକ୍ତି ଯାହାର କି ଚୈତ୍ୟସତ୍ତା ଆଶାନୁରୂପ ବିକଶିତ ହୋଇ ନାହିଁ, ସେ କ'ଣ ତା'ର ପ୍ରକୃତିର ମୌଳିକ ବାଧାବିଘ୍ନଗୁଡ଼ିକ ଅତିକ୍ରମ କରି ପାରିବ ?*

ନା, ତା'ର ନିଜ ଶକ୍ତି ବଳରେ ନୁହେଁ, କିନ୍ତୁ ଭଗବତ୍ କୃପାର ସହାୟତା ଲାଭ କରିଲେ ସେ ତାହା କରିପାରେ ।

*

*ଏହା କ'ଣ ସତ୍ୟ ଯେ ଯଦି ଚୈତ୍ୟସତ୍ତା ସମ୍ମୁଖଭାଗକୁ ଆସେ ତେବେ ସମସ୍ତ ସନ୍ଦେହ ଓ ଅସୁବିଧାଗୁଡ଼ିକ ଦ୍ରୁତଗତିରେ ଦୂରୀଭୂତ ହୋଇଯିବ ?*

ହଁ ।

*

*ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆଣିବାର ଉପାୟ କ'ଣ ? ଭୁଲ୍ ଗତିବୃତ୍ତିଗୁଡ଼ିକୁ ପ୍ରଶ୍ରୟ ନଦେବା ଦ୍ୱାରା ଏହା କରିହେବ କି ?*

ଏହା ଏକ ନେତିବାଚକ ବାଟ; ଇତିବାଚକ ପଥ ହେଉଛି ଭଗବାନଙ୍କ ପ୍ରତି ଆନୁଗତ୍ୟ, ଭକ୍ତି ଓ ସମର୍ପଣ ।

*

*ଶାରୀର ଚେତନାକୁ ନମନୀୟ କରିବା ଦ୍ୱାରା କ'ଣ ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆଣି ବରାବର ତାହାକୁ ସେହିଠାରେ ରଖି ହେବ ?*

ନା, ବରଂ ଯେତେବେଳେ ଆଧ୍ୟାତ୍ମିକ ଓ ଚୈତ୍ୟବିକାଶ ଶରୀର-ଚେତନା ଉପରେ କ୍ରିୟା କରିଥାଏ, ସେତେବେଳେ ତାହାର ଫଳସ୍ୱରୂପ ଏହା ହୋଇଥାଏ ।

*

*ଆଜିକାଲି ମୁଁ ଗଭୀର ଭାବରେ ଏକ ଦୁଃଖ ଅନୁଭବ କରୁଛି ଯାହାକି ମୋ ଚକ୍ଷୁରେ ଲୋତକ ଆଣିଦିଏ । ଏଥିରେ କୌଣସି ପ୍ରକାର ଅସ୍ଥିରତା ବା କ୍ଷୋଭ ଆଦିର ଭାବ ନାହିଁ, ବରଂ ରହିଛି ଏକ ପ୍ରଶାନ୍ତି, ଶୁଦ୍ଧତା ଓ ଗଭୀର ଗାମ୍ଭୀର୍ଯ୍ୟର ଭାବ । ଏହାକୁହିଁ କ'ଣ ଚୈତ୍ୟ-ବେଦନା କୁହାଯାଏ ?*

ହଁ, ସେହି ଧରଣର ଏକ ଚୈତ୍ୟ-ବେଦନା ଅଛି – କିନ୍ତୁ ଚୈତ୍ୟ-ଅଶ୍ରୁ ଯେ ଖାଲି ଦୁଃଖାପ୍ଲୁତ ହେବ ତାହା ନୁହେଁ, ଏହା ମଧ୍ୟ ଭାବାବେଗ ଓ ଆନନ୍ଦର ଅଶ୍ରୁ ହୋଇପାରେ । ✜

The most important thing for the purification of the heart is an absolute sincerity. No pretence with oneself, no concealment from the Divine, or oneself or the Guru, a straight look at one's movement, a straight will to make them straight.

– Sri Aurobindo

ହୃଦୟର ଶୁଦ୍ଧି ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏକ ଅଖଣ୍ଡ ଆନ୍ତରିକତା । ନିଜ ସଙ୍ଗରେ କୌଣସି ଛଳନା ନୁହେଁ, ଭଗବାନଙ୍କଠାରୁ ବା ନିଜଠାରୁ ବା ଗୁରୁଙ୍କଠାରୁ କୌଣସି କିଛି ଗୋପନ ରଖିବା ନୁହେଁ, ନିଜର ଗତିବୃତ୍ତିଗୁଡ଼ିକୁ ସିଧା ଚାହଁ, ସେଗୁଡ଼ିକୁ ସିଧା କରିଦେବା ପାଇଁ ଏକ ସିଧା ସଂକଳ୍ପ ରଖ ।

– ଶ୍ରୀଅରବିନ୍ଦ

# ପୁନର୍ଜନ୍ମ ଓ ଚୈତ୍ୟସତ୍ତା

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

*''ପୁନର୍ଜନ୍ମରେ ଯେଉଁ ବାହ୍ୟ ସତ୍ତାଟି ମାତାପିତା, ପରିବେଶ ଓ ପରିସ୍ଥିତି ଦ୍ୱାରା ଗଠିତ ହୋଇଥାଏ ସେହି ମାନସିକ, ପ୍ରାଣିକ ଓ ଦୈହିକ ସତ୍ତା ପୁଣି ଥରେ ଜନ୍ମଗ୍ରହଣ କରେ ନାହିଁ; କେବଳ ଚୈତ୍ୟସତ୍ତାହିଁ ଗୋଟିଏ ଶରୀର ତ୍ୟାଗ କରି ଅନ୍ୟ ଏକ ଶରୀର ଗ୍ରହଣ କରେ । ତେଣୁ ଯୁକ୍ତି ଦୃଷ୍ଟିରୁ ଦେଖିଲେ ମାନସିକ ସତ୍ତା ବା ପ୍ରାଣିକ ସତ୍ତା ପୂର୍ବଜନ୍ମକୁ ସ୍ମରଣ କରିପାରିବ ନାହିଁ, ବା ଅମୁକ ବା ସମୁକ ବ୍ୟକ୍ତିର ଜୀବନ ଓ ଚରିତ୍ର ଭିତରେ ନିଜକୁ ଚିହ୍ନିପାରିବ ନାହିଁ । କେବଳ ଚୈତ୍ୟସତ୍ତାହିଁ ସ୍ମରଣ କରିପାରେ; ଏବଂ ଆମ ଚୈତ୍ୟସତ୍ତା ସଂପର୍କରେ ସଚେତ ହୋଇପାରିଲେ ଆମେ ତହିଁ ସଙ୍ଗେ ସଙ୍ଗେ ଆମର ଗତଜନ୍ମଗୁଡ଼ିକ ସଂପର୍କରେ ନିର୍ଭୁଲ ଧାରଣା ପାଇପାରିବୁ ।*

*''ତା'ଛଡ଼ା ଆମର ମନୋଯୋଗ ଦେବା ଉଚିତ ଆମେ କ'ଣ ହେବାକୁ ଚାହୁଁ, ଅତୀତରେ କ'ଣ ହୋଇଥିଲୁ, ତା'ଉପରେ ନୁହେଁ ।''*

(Words of the Mother, CWM, Vol. 15, p. 124)

*ପ୍ରଶ୍ନ : ଯଦି ମନ, ପ୍ରାଣ ବା ଦେହର ସତ୍ତା ନୁହେଁ କେବଳ ଚୈତ୍ୟସତ୍ତାହିଁ ପୁନର୍ଜନ୍ମ ଗ୍ରହଣ କରେ, ତା'ହେଲେ ପୂର୍ବଜନ୍ମରେ ପ୍ରାଣ ଓ ମନର ଯେଉଁ ଅଗ୍ରଗତି ହୋଇଥାଏ, ପରଜନ୍ମରେ ତା'ର ତ କୌଣସି ମୂଲ୍ୟ ନାହିଁ ?*

ଶ୍ରୀମା : ଏହିସବୁ ଅଂଶଗୁଡ଼ିକର ଅଗ୍ରଗତି କେବଳ ଯେତିକି ପରିମାଣରେ ଏଗୁଡ଼ିକୁ ଚୈତ୍ୟସତ୍ତାର ନିକଟବର୍ତ୍ତୀ କରାଇଥାଏ ତାହାର ମୂଲ୍ୟ ଅଛି, ଅର୍ଥାତ୍ ସତ୍ତାର ଯେଉଁସବୁ ଅଂଶଗୁଡ଼ିକ ପର୍ଯ୍ୟାୟକ୍ରମେ ଚୈତ୍ୟସତ୍ତାର ପ୍ରଭାବ ଅଧୀନକୁ ଆସିଥାଏ, ସେହି ପରିମାଣରେହିଁ ସେଗୁଡ଼ିକର ଅଗ୍ରଗତି ହୋଇଥାଏ । କାରଣ ଯେଉଁ ଅଂଶଗୁଡ଼ିକ ଚୈତ୍ୟସତ୍ତାର ପ୍ରଭାବ ଅଧୀନ ହୋଇ ରହିଥାଏ, ତାହା ସହ ଏକ ହୋଇ ଯାଇଥାଏ ସେହିଗୁଡ଼ିକହିଁ ଅଗ୍ରଗତି କରି ଚାଲିଥାଏ । କିନ୍ତୁ ଯଦି ଚୈତ୍ୟସତ୍ତାହିଁ ଜଣକର ଜୀବନ ଓ ଚେତନାର କେନ୍ଦ୍ର ହୁଏ, ଏବଂ ଯଦି ସମଗ୍ର ସତ୍ତା ସେହି ଚୈତ୍ୟକେନ୍ଦ୍ରର ଚାରିପଟେ ସଂଗଠିତ ହୋଇଥାଏ, ଯଦି ସମଗ୍ର ସତ୍ତା ଚୈତ୍ୟସତ୍ତାର ପ୍ରଭାବାଧୀନ ହୋଇ ରହେ ଓ ତା'ସହ ମିଳିତ ହୋଇ ଏକ ହୋଇଯାଏ, ତା'ହେଲେ ତାହାର ଅଗ୍ରଗତି ବରାବର ସେହିପରି ଚାଲିଥିବ – ଯଦି ସେପରି ଚାଲିରହିଥିବା ତା' ପାଇଁ ଆବଶ୍ୟକ ହୁଏ । ଅବଶ୍ୟ, ଅଗ୍ରଗତି ପାଇଁ ଓ ଉର୍ଦ୍ଧ୍ୱକୁ ଉତ୍ତରଣ ପାଇଁ ଚୈତ୍ୟସତ୍ତାର ଯେଉଁ ସାମର୍ଥ୍ୟ ଅଛି, ଯଦି କୌଣସି ସ୍ଥୂଳ ଶରୀରକୁ ସେହି ସାମର୍ଥ୍ୟ ଓ ସେହି ଗତିବୃତ୍ତି ଦିଆଯାଏ, ତା'ହେଲେ ତା'ର ଶରୀର ତ୍ୟାଗ ବା ଶରୀର କ୍ଷୟର କୌଣସି ପ୍ରୟୋଜନ ନାହିଁ, କିନ୍ତୁ ଠିକ୍ ତାହାହିଁ ହେଉଛି ସବୁଠାରୁ ଦୁଃସାଧ୍ୟ ।

କେବଳ ସେହି ଅଂଶଗୁଡ଼ିକ ଯାହା ଚୈତ୍ୟସତ୍ତା ସହ ସଂଯୋଗ ରଖିଥାଏ ତାହାହିଁ ସ୍ଥାୟୀ ହୋଇ ରହିପାରେ, ଏବଂ ଯାହା ସ୍ଥାୟୀ ରହେ ତାହାହିଁ ସ୍ମରଣ କରିପାରେ, କାରଣ ବାକିସବୁ ତିରୋହିତ ହୋଇଯାଆନ୍ତି, ପୁଣିଥରେ ଛୋଟ ଛୋଟ ଅଂଶରେ ମିଳାଇଯାଇ, ଅନ୍ୟ ସ୍ଥାନରେ ସେଗୁଡ଼ିକର ବିନିଯୋଗ ହୁଏ – ଯେପରି ଶରୀର ପୁଣି ଥରେ ଧୂଳିମାଟିରେ ପରିଣତ ହୁଏ ଓ ଅନ୍ୟତ୍ର ତାହାର ବିନିଯୋଗ ହୁଏ । ଶରୀର ପୁଣି ମାଟିରେ ମିଶିଯାଏ, ସେହି ମାଟିରୁ ସାର ସଂଗ୍ରହ କରି ଉଦ୍ଭିଦମାନେ ବଢ଼ି ଉଠନ୍ତି ଓ ମନୁଷ୍ୟମାନେ ପୁଣି ସେହି ଉଦ୍ଭିଦକୁ ନିଜର ଆହାର ରୂପେ ଗ୍ରହଣ କରନ୍ତି । ଏହି ଭାବରେହିଁ ବରାବର ଏହିପରି ଚାଲିଥାଏ । ମାଟିରୁ ଉତ୍ପନ୍ନ ହୋଇ ପୁଣି ସବୁକିଛି ମାଟିକୁ ଫେରିଆସେ ଓ ପୁଣିଥରେ ଏହାର ପୁନରାବର୍ତ୍ତନ ଆରମ୍ଭ ହୁଏ । ଏହି ଭାବରେହିଁ ବିଶ୍ୱପ୍ରକୃତି ଅଗ୍ରଗତି କରି ଚାଲିଥାଏ । ନିଜର ଅଗ୍ରଗତି ପାଇଁ ଏହା ଗଦା ଗଦା ରୂପ ବା ଆକାର ସୃଷ୍ଟି କରେ, ପୁଣି ଯେତେବେଳେ ଦେଖେ ସେଗୁଡ଼ିକର କାମ ଶେଷ ହୋଇଯାଇଛି, ତା'ପାଇଁ ସେଗୁଡ଼ିକର ଆଉ କୌଣସି ପ୍ରୟୋଜନ ନାହିଁ, ଆଉ କୌଣସି ଗୁରୁତ୍ୱ ନାହିଁ, ସେତେବେଳେ ସେ ସେଗୁଡ଼ିକୁ ଭାଙ୍ଗି ନଷ୍ଟ କରିଦିଏ, ତହିଁରେ ଥିବା ଉପାଦାନସବୁକୁ, ତାହା ରାସାୟନିକ ହେଉ ବା ଅନ୍ୟ କିଛି ହେଉ, ସେ ପୁଣିଥରେ ଗ୍ରହଣ କରିନିଏ

ଓ ସେଗୁଡ଼ିକୁ ଅନ୍ୟରୂପ ଦେଇ ନୂଆ କରି ଗଠନ କରେ; ଏହିପରି ଭାବରେ ଅନବରତ ଏହା ଏହିପରି ବଦଳି ଚାଲିଥାଏ, ଯାଉଥାଏ ପୁଣି ଆସୁଥାଏ, ନୂଆ ନୂଆ ରୂପରେ ସେହି ଯିବା ଆସିବା ବରାବର ଲାଗି ରହିଥାଏ । ବିଶ୍ୱପ୍ରକୃତିକୁ ଏହା ଖୁବ୍ ଭଲ ଲାଗେ, କାରଣ ସେ ବହୁତ ଦୂରକୁ ଦେଖିପାରେ, ତା'ର କାମ ଶତାବ୍ଦୀ ଶତାବ୍ଦୀ ଧରି କଳ୍ପ କଳ୍ପ ଧରି ପ୍ରସାରିତ ଏବଂ ତା' ପାଇଁ ଗୋଟିଏ କ୍ଷୁଦ୍ର ମଣିଷର ଜୀବନକାଳ କିଛି ନୁହେଁ, ଚିରନ୍ତନ କାଳରେ ତାହା ଗୋଟିଏ ନିଃଶ୍ୱାସ ମାତ୍ର । ଏହିପରି ଭାବରେ ସେ କିଛିକୁ ଗ୍ରହଣ କରେ, ତାକୁ ରୂପ ଦିଏ, ଏଥିପାଇଁ କିଛି ସମୟ ନିଏ, ତା' ପାଇଁ ଏହା ଏକ ଖେଳ-କୌତୁକର ଜିନଷ, ତାହାକୁ ଏହା ଖୁବ୍ ଭଲ ଲାଗେ, ତା'ପରେ ଯେତେବେଳେ ଏହା ତାକୁ ଆଉ ସେତେ ଭଲ ଲାଗେ ନାହିଁ, ସେ ତାହାକୁ ଭାଙ୍ଗିଦିଏ,— ପୁଣି ଆଉ କିଛି ଗ୍ରହଣ କରେ, ସବୁକୁ ପୁଣି ମିଶାଇ ଆଉ କିଛି ଆରମ୍ଭ କରେ, ଅନ୍ୟ କିଛି ଗଠନ କରେ । ଏବଂ ସମ୍ଭବତଃ ଏହି ପ୍ରକ୍ରିୟା ଦ୍ୱାରା ଯାହାକି ସ୍ପଷ୍ଟତଃ ଖୁବ୍ ମନ୍ଥର, ସମଗ୍ର ଜଡ଼ର ଅଗ୍ରଗତି ସାଧିତ ହୋଇଥାଏ । ବରାବର ଏହି ଭାବରେହିଁ ଏହା ସମ୍ଭବ ହୋଇ ଆସିଛି, ବିଭିନ୍ନ ଉପାଦାନକୁ ନେଇ ପରସ୍ପର ସହିତ ଏକତ୍ର ମିଶାଇବା, ସେଗୁଡ଼ିକୁ ଭାଙ୍ଗିଦେବା, ପୁଣି ନୂଆ କରି ମିଶାଇବା, ପୁଣି ଭାଙ୍ଗିଦେବା । ସାରମର୍ମରେ ଏହା ହେଉଛି ଯେପରିକି ତୁମେ ଗୁଡ଼ିଏ ଛୋଟ ଛୋଟ ଜିନିଷର ଏକ ଗଦା ତିଆରି କଲ, ଏବଂ ତା'ପରେ ତାକୁ ଭାଙ୍ଗି ଧୂଳିସାତ୍ କରିଦେଲ, ପୁଣି ସେହି ଧୂଳିରୁ ନୂଆ ନୂଆ ଖେଳଣା ତିଆରି କଲ, ପୁଣି ସେଗୁଡ଼ିକୁ ଭାଙ୍ଗି ଦେଲ ଏବଂ ତହିଁରୁ ପୁଣି ଅନ୍ୟ ଖେଳଣା ସବୁ ତିଆରି କଲ । ପ୍ରତ୍ୟେକ ଥର ତହିଁରେ ଆଉ କିଛି ଜିନିଷ ଯୋଗ କର ଯେପରିକି ମିଶ୍ରଣର କାମଟି ଭଲ ଭାବରେ ହୋଇପାରିବ । ଏବଂ ତା'ପରେ ଦିନେ ହୁଏତ ସେସବୁଥିରୁ ଉତ୍ତମ କିଛିର ଉତ୍ପାଦନ ସମ୍ଭବ ହେବ । ସେ ଯାହାହେଉ ବିଶ୍ୱପ୍ରକୃତି କେବେ ତରତର ହୁଏ ନାହିଁ । ଏବଂ ଆମେ ଯେତେବେଳେ ତରତର ହେଉ ସେ କହେ, ''ତୁମେ କାହିଁକି ଏପରି ତରବର ହେଉଛ ? ଦିନେ ଏହା ନିଶ୍ଚୟ ଘଟିବ । ସେବିଷୟରେ ତୁମେ ଚିନ୍ତା କରିବାର ଆବଶ୍ୟକତା ନାହିଁ, ଏହା ନିଶ୍ଚିତ ରୂପେ ଘଟିବ । ଧୀରସ୍ଥିର ଭାବରେ ଅପେକ୍ଷା କର ।'' ସେତେବେଳେ ଆମେ ତାକୁ କହୁ ''କିନ୍ତୁ ଯେ ଅପେକ୍ଷା କରିବ ସେତ ମୁଁ ନୁହେଁ ।'' ''ଆଃ, ଯାହା ଆସେ ଏବଂ ଚାଲିଯାଏ ତାହାକୁହିଁ ତୁମେ 'ମୁଁ' ବୋଲି କହୁଥିବାରୁ ଏପରି ଭାବୁଛ । ତୁମେ ଯଦି ସେହି ଚେତନାକୁ, ସେହି ଏକ ଶାଶ୍ୱତ ଓ ଦିବ୍ୟ-ଚେତନାକୁ 'ମୁଁ' ବୋଲି କୁହ ତା'ହେଲେ ତୁମେ ସବୁକିଛି ଦେଖିପାରିବ, ସବୁକିଛି ଭିତରେ ତୁମେ ଉପସ୍ଥିତ ରହିପାରିବ । ଏହା କରିବାରେ ତୁମର କିଛି ବାଧା ନାହିଁ । ଯେହେତୁ ତୁମେ କେବଳ ଏହା (ସ୍ଥୂଳ ଶରୀରକୁ ଅଙ୍ଗୁଳି ନିର୍ଦ୍ଦେଶ କରି) ସହିତ ନିଜକୁ ଏକ ବୋଲି ଭାବୁଛ, ତେଣୁ ଏପରି ହେଉଛି । ସେହି ସ୍ଥୂଳ ଶରୀର ସଙ୍ଗେ ନିଜକୁ ଏକ ବୋଲି ଭାବିବାକୁ ବନ୍ଦ କରିଦେବାକୁ ହେବ'' ।

(M.C.W. Vol. V pp. 359 - 360)

କିନ୍ତୁ ଯଦି ଶରୀର ଅନ୍ତର୍ସତ୍ତାର ପ୍ରଗତିମୂଳକ ଗତିବୃତ୍ତିକୁ ଅନୁସରଣ କରୁଥାଆନ୍ତା, ଯଦି ଏହାର ଚୈତ୍ୟସତ୍ତା ସଙ୍ଗେ ସମାନ ଅଗ୍ରଗତି ଓ ପୂର୍ଣ୍ଣତାର ବୋଧ ଥାଆନ୍ତା ତା'ହେଲେ ମୃତ୍ୟୁ ପାଇଁ ଏହାର କୌଣସି ପ୍ରୟୋଜନ ନ ଥା'ନ୍ତା ।

— ଶ୍ରୀମା

# ଚୈତ୍ୟସତ୍ତାର ଶରୀର ଗ୍ରହଣ

## ଶ୍ରୀମା

*ପ୍ରଶ୍ନ : ଯେତେବେଳେ ଏକ ଚୈତ୍ୟସତ୍ତା ପୃଥିବୀରେ ପ୍ରବେଶ କରି ଜନ୍ମଗ୍ରହଣ କରିବାକୁ ଯାଉଥାଏ; ସେ କ'ଣ ଆଗରୁ ବାଛିନିଏ ସେ କେଉଁ ଶରୀର ଗ୍ରହଣ କରିବ ?*

ଶ୍ରୀମା : ଏହା ଏକ ଆଗ୍ରହଜନକ ପ୍ରଶ୍ନ । ଏହା ଅନେକ ବିଷୟ ଉପରେ ନିର୍ଭର କରେ । ମୁଁ ବର୍ତ୍ତମାନ ତୁମକୁ ଯାହା କହିଲି, ଅନେକ ଚୈତ୍ୟସତ୍ତା ଅଛନ୍ତି ଯେଉଁମାନେ ଗଠିତ ହେବାର ପ୍ରକ୍ରିୟା ଭିତର ଦେଇ ଯାଉଛନ୍ତି, ଅଗ୍ରଗତିର ପଥରେ ରହିଛନ୍ତି, ଏହି ପ୍ରାଥମିକ ଅବସ୍ଥାରେ ସେମାନେ ବିଶେଷ କିଛି ବାଛି ନେଇ ପାରିବେ ନାହିଁ । କିନ୍ତୁ ଯେତେବେଳେ ସେମାନେ ଅଭିବୃଦ୍ଧି ଓ ଚେତନାର ଗୋଟାଏ ଅବସ୍ଥାରେ ପହଞ୍ଚି ପାରିଥାଆନ୍ତି (ସାଧାରଣତଃ ଯେତେବେଳେ ସେମାନେ ଏକ ସ୍ଥୂଳ ଦେହରେ ଥିବା ଅବସ୍ଥାରେ କିଛିଟା ଅନୁଭୂତି ଲାଭ କରିଥାଆନ୍ତି) ସେହି ସମୟରେହିଁ ସେମାନେ ସ୍ଥିର କରିଥାଆନ୍ତି ସେମାନଙ୍କ ଅନୁଭୂତିର ପରବର୍ତ୍ତୀ କ୍ଷେତ୍ର କେଉଁ ଧରଣର ହେବା ଆବଶ୍ୟକ ।

ମୁଁ ତୁମକୁ କେତେକ ବାହ୍ୟ ଉଦାହରଣ ଦେଇପାରେ । ଦୃଷ୍ଟାନ୍ତ ସ୍ୱରୂପ, ଏକ ଚୈତ୍ୟସତ୍ତା କର୍ତ୍ତୃତ୍ୱ ସ୍ଥାପନର, କ୍ଷମତା ଲାଭର ଅନୁଭୂତି ପାଇବା ପାଇଁ ଏକ ଆବଶ୍ୟକତା ଅନୁଭବ କଲା । ସେ ଜାଣିବାକୁ ଚାହିଁଲା ଏଗୁଡ଼ିକ କି ପ୍ରତିକ୍ରିୟା ଆଣିଦିଅନ୍ତି ଓ ଏହି ସମସ୍ତ ଗତିବୃତ୍ତିଗୁଡ଼ିକୁ କିପରି ଭଗବତ୍ ଅଭିମୁଖୀ କରିହେବ । ସେ ବୁଝିବାକୁ ଚାହିଁଲା ଏକ କ୍ଷମତାରୂଢ଼ ଜୀବନ ତୁମକୁ କ'ଣ ଶିକ୍ଷା ଦେଇପାରେ । ତେଣୁ ସେ ଏକ ରାଜା ବା ରାଣୀର ଶରୀର ନେଇ ଜନ୍ମଗ୍ରହଣ କଲା । ଫଳରେ ତାହାର ଗତିବୃତ୍ତିଗୁଡ଼ିକ କିଛିଟା କ୍ଷମତା ଉପଭୋଗ କଲେ ଏବଂ ସେହି ସମୟରେ ସେମାନେ ଏ ସଂପର୍କରେ ନିଜର ଆବଶ୍ୟକ ଅନୁଭୂତି ପାଇଲେ ଓ ଅନୁଭୂତିର କ୍ଷେତ୍ରରେ ଶେଷସୀମା ପର୍ଯ୍ୟନ୍ତ ପହଞ୍ଚିଲେ । ସେମାନେ ଯାହା ଜାଣିବାକୁ ଚାହିଁଥିଲେ ତାହା ଜାଣିଗଲେ । ବର୍ତ୍ତମାନ, ଏହି ଗତିବୃତ୍ତିଗୁଡ଼ିକ ପ୍ରାୟ ଯିବା ଯିବା ଅବସ୍ଥାରେ, ସେମାନେ ଗ୍ରହଣ କରିଥିବା ଶରୀର ସେମାନଙ୍କର ଆଉ କୌଣସି କାମରେ ଆସୁ ନାହିଁ; ସେମାନଙ୍କ ପାଇଁ ତାହା ସଂପୂର୍ଣ୍ଣ ଅଦରକାରୀ ଓ ସେତେବେଳେ ସେମାନେ ତାହା ପରିତ୍ୟାଗ କରି ପରବର୍ତ୍ତୀ ଅନୁଭୂତି ପାଇଁ ପ୍ରସ୍ତୁତ ହୁଅନ୍ତି । ବାସ୍, ସେହି ସମୟରେ, ଯେତେବେଳ ଯାଏଁ ଚୈତ୍ୟସତ୍ତା ତଥାପି ଶରୀର ଭିତରେ ରହିଥାଏ, ସେ ଯାହା ଶିକ୍ଷା ଲାଭ କରିଛି ସେଗୁଡ଼ିକୁ ବୁଝି, ମନେରଖି ପରବର୍ତ୍ତୀ ଜନ୍ମ ପାଇଁ ପ୍ରସ୍ତୁତ ହୁଏ । କେତେକ ସମୟରେ ଏହା ହୁଏ ଏକ କ୍ରିୟା ଓ ପ୍ରତିକ୍ରିୟାର ଗତିବୃତ୍ତି, କାରଣ ଏହା ପୂରାପୂରି ଗୋଟିଏ ସମଗ୍ର କ୍ଷେତ୍ରକୁ ଅଧ୍ୟୟନ କରିସାରିଛି ଏବଂ ବର୍ତ୍ତମାନ ତା'ର ପ୍ରୟୋଜନ ହେଉଛି ଏହାର ବିପରୀତ କ୍ଷେତ୍ରଟିକୁ ଅଧ୍ୟୟନ କରିବା । ଏବଂ ଅଧିକାଂଶ ସମୟରେ ଯେଉଁ ଜୀବନଟି ସେ ଯାପନ କରିସାରିଛି, ତାହାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଜୀବନ ବାଛିନିଏ । ତେଣୁ ଶରୀରତ୍ୟାଗ ପୂର୍ବରୁ ସେ କୁହେ ''ପରବର୍ତ୍ତୀ ସମୟରେ ମୁଁ ଅମୁକ କ୍ଷେତ୍ରରେ ଜନ୍ମଗ୍ରହଣ କରିବି... ।'' ଉଦାହରଣ ସ୍ୱରୂପ ଧରାଯାଉ ଏକ ଚୈତ୍ୟସତ୍ତା ଅଭିବୃଦ୍ଧିର ଏପରି ଏକ ଅବସ୍ଥାରେ ପହଞ୍ଚିଛି ଯେତେବେଳେ ସେ ସ୍ଥୂଳ ଶରୀର ଉପରେ ଏପରି ସବୁ କ୍ରିୟା କରିବାର ସୁଯୋଗ ପାଇବାକୁ ଚାହେଁ ଯାହାଫଳରେ ସେହି ଶରୀର ଭଗବାନଙ୍କ ସଙ୍ଗେ ସଂଯୋଗ ସ୍ଥାପନ ପାଇଁ ଏବଂ ରୂପାନ୍ତର ପାଇଁ ସମର୍ଥ ହେବ ।

ବର୍ତ୍ତମାନ, ଯେଉଁ ଶରୀରକୁ ନେଇ ସେ କର୍ତ୍ତୃତ୍ୱ, କ୍ଷମତା ଓ ସେଇ ଧରଣର କର୍ମରେ ଜୀବନ ବିତାଇଛି ଓ ନିଜର ସେହି ଅଭିବୃଦ୍ଧି ପାଇଁ ଶରୀରକୁ ବ୍ୟବହାର କରିଛି, ସେହି ଶରୀର ତ୍ୟାଗ କରିବାକୁ ପଡ଼ିବ । ସେତେବେଳେ ସେ କହିବ, ''ପରବର୍ତ୍ତୀ ଜୀବନ ପାଇଁ ମୁଁ ଏକ ସାଧାରଣ ପରିବେଶରେ ଜନ୍ମନେବି, ଅତି ନିମ୍ନ ବା ଅତି ଉଚ୍ଚ ଶ୍ରେଣୀର ନୁହେଁ, ଯେଉଁଠି ଏକ ଉଚ୍ଚସ୍ତରୀୟ ବାହ୍ୟ ଜୀବନର ଆବଶ୍ୟକତା ନାହିଁ (ଠିକ୍ କିପରି କୁହାଯିବ ?), ଯେଉଁଠି ବିପୁଳ କ୍ଷମତାର ଅଧିକାରୀ ହେବାକୁ ପଡ଼ିବ ନାହିଁ ବା ଅତ୍ୟନ୍ତ ଦୁଃଖ-ଦୁର୍ଦ୍ଦଶା ଭିତରେ ଜୀବନ କଟାଇବାକୁ ପଡ଼ିବ ନାହିଁ – ଏକ ମଝିମଝିଆ ପୂରା ସାଧାରଣ ଜୀବନ ।'' ପରଜନ୍ମ ପାଇଁ ସେ ଏହିପରି ଜୀବନଟିଏହିଁ ବାଛିବ । ମୃତ୍ୟୁ ପରେ ସେ ନିଜ ଚୈତ୍ୟଜଗତକୁ

ଫେରିଆସେ ଆବଶ୍ୟକ ବିଶ୍ରାମ ପାଇଁ ଓ ବିଗତ ଜୀବନରେ ଲାଭ କରିଥିବା ଅନୁଭୂତିଗୁଡ଼ିକୁ ଆତ୍ମସ୍ଥ କରିବା ପାଇଁ ଏବଂ ଭବିଷ୍ୟତ୍ ଅନୁଭୂତିଗୁଡ଼ିକ ଲାଗି ପ୍ରସ୍ତୁତି ପାଇଁ । ସେତେବେଳେ ଏହା ସ୍ୱାଭାବିକ ଭାବରେ ନିଜର ନିର୍ବାଚନକୁ ସ୍ମରଣ କରେ ଏବଂ ପୁଣିଥରେ ଇହଜୀବନକୁ ଫେରି ଆସିବା ପୂର୍ବରୁ, ଯେତେବେଳେ ଏହାର ଆତ୍ମୀଭୂତ ହେବାର କାମଟି ଶେଷ ହୋଇ ଯାଇଥାଏ, ଯେତେବେଳେ ପୃଥିବୀକୁ ଫେରି ଆସିବା ପାଇଁ ସମୟ ହୋଇ ଯାଇଥାଏ, ସେତେବେଳେ ଏହା ନିଜର ସେହି ପ୍ରତ୍ୟାବର୍ତ୍ତନ କାମଟିରେ ଲାଗିଯାଏ ।

ଆମେ ଏଠାରେ ସ୍ଥୂଳ ଜିନିଷଗୁଡ଼ିକୁ ଯେପରି ଭାବରେ ଦେଖୁଛୁ, ଚୈତ୍ୟ ଜଗତରୁ ସେ ସେଗୁଡ଼ିକୁ ସେପରି ଭାବରେ ଦେଖିପାରେ ନାହିଁ । ତା' ଆଗରେ ଏଗୁଡ଼ିକ ଭିନ୍ନ ରୂପରେ ଦେଖାଯାଏ । ତଥାପି ଏଠାରେ ଯେଉଁସବୁ ପାର୍ଥକ୍ୟ ବା ବିଭିନ୍ନତା ରହିଛି, ପରିବେଶର ପାର୍ଥକ୍ୟ, ସେହି ପରିବେଶ ସବୁ ଭିତରେ ହେଉଥିବା କ୍ରିୟାକର୍ମର ପାର୍ଥକ୍ୟ, ସେଗୁଡ଼ିକ ତା' ଆଗରେ ବେଶ୍ ସ୍ପଷ୍ଟରୂପେ ଦେଖା ଯାଇଥାଏ । ତାହାର ଏକ ସୂକ୍ଷ୍ମଦର୍ଶନ ହୋଇପାରେ ଯାହାକି ସାମଗ୍ରିକ ବା ପୃଥିବୀବ୍ୟାପୀ । ସେତେବେଳେ ସେ ବାଛିନେବାର କାମଟି କରିପାରେ । କେତେକ ସମୟରେ ଏହା କେଉଁ ଦେଶରେ ଜନ୍ମନେବ ତାହା ବାଛିଥାଏ, ଯେତେବେଳେ ଏହା ଏକ ନିର୍ଦ୍ଦିଷ୍ଟ ଧରଣର ଶିକ୍ଷା, ସଭ୍ୟତା ଓ ପ୍ରଭାବ ଆଦି ଚାହୁଁଥାଏ, ସେତେବେଳେ ସେ ଜନ୍ମନେବା ପୂର୍ବରୁ ସେଥିପାଇଁ ସେହି ଧରଣର ଉପଯୁକ୍ତ ଦେଶ ନିର୍ବାଚନ କରିପାରେ । କେତେକ ସମୟରେ ଏହା ଏପରି କରିପାରେ ନାହିଁ, କେତେକ ସମୟରେ ଏହା କେବଳ ଏକ ପରିବେଶ ଏବଂ ସେହି ପରିବେଶରେ କେଉଁ ଧରଣର ଜୀବନ ଯାପନ କରିବ, ତାହାହିଁ ବାଛିଥାଏ । ଏବଂ ଏହି ପୃଥିବୀ ଉପରକୁ ଓହ୍ଲାଇ ଆସିବା ପୂର୍ବରୁ, ଊର୍ଦ୍ଧ୍ୱରୁ ସେହି ଚୈତ୍ୟ-ଜଗତରେ ଏହା ଖୋଜୁଥାଏ ନିଜେ ଚାହୁଁଥିବା ସ୍ପନ୍ଦନସବୁ କେଉଁଠି ମିଳିବ ତାହା ଦେଖିବା ପାଇଁ, ଏବଂ ସେ ତାହା ସ୍ପଷ୍ଟ ଦେଖିପାରେ । ତା'ର ଲକ୍ଷ୍ୟ ରହିଥାଏ ଯେଉଁ ସ୍ଥାନରେ ଏହା ଓହ୍ଲାଇବ ତାହା ଖୋଜି ବାହାର କରିବା । କିନ୍ତୁ ପ୍ରକୃତରେ ଯାହା ଘଟେ ଏହା ତାହାର ଏକ ପାଖାପାଖି ବର୍ଣ୍ଣନା । କାରଣ ଏଥିପାଇଁ ଆଉ ଏକ ଅବସ୍ଥାର ପ୍ରୟୋଜନ ରହିଥାଏ, କେବଳ ଊର୍ଦ୍ଧ୍ୱରୁ ବାଛିଦେଲେ ଚଳିବ ନାହିଁ, ନିମ୍ନରୁ ମଧ୍ୟ ଏକ ଗ୍ରହଣଶୀଳତା ଓ ଅଭୀପ୍ସା ରହିଥିବା ଆବଶ୍ୟକ । ଚୈତ୍ୟସତ୍ତା ବାଛିଥିବା ପରିବେଶ ଭିତରେ ଏପରି କେହି ରହିଥିବା ଆବଶ୍ୟକ ଯେ ଏଥିପାଇଁ ଗ୍ରହଣଶୀଳ ଥିବେ । ସାଧାରଣତଃ ମାତା ତରଫରୁ ଏହା ହୋଇଥାଏ (କେତେକ ସମୟରେ ଉଭୟ ମାତା-ପିତା, କିନ୍ତୁ ମାତାର ଭୂମିକା ପୂରା ଅପରିହାର୍ଯ୍ୟ) । ମାତାର ଏକ ଅଭୀପ୍ସା ଓ ଗ୍ରହଣଶୀଳତା ରହିଥିବା ଆବଶ୍ୟକ, ଏପରି କିଛି ରହିଥିବା ଆବଶ୍ୟକ ଯାହାକି ଯଥେଷ୍ଟ ଭାବରେ ଅପ୍ରତିରୋଧୀ ଏବଂ ଉନ୍ମୋଚିତ ବା ଯାହାର ଉଚ୍ଚତର କିଛି ନିମନ୍ତେ ସଚେତ ଅଭୀପ୍ସା ରହିଛି । ଏବଂ ତାହାହିଁ ଚୈତ୍ୟସତ୍ତା ନିମନ୍ତେ ଏକ ଛୋଟ ଆଲୋକ ଜଳିଉଠିବାର ସଂକେତ ଦେଇଥାଏ । ଯେଉଁ ପରିବେଶରେ ଏହା ଜନ୍ମ ନେବାକୁ ଚାହୁଁଥାଏ, ତାହାକୁ ପ୍ରତିନିଧିତ୍ୱ କରୁଥିବା ସେହି ଅବସ୍ଥା ଓ ଅଞ୍ଚଳରେ ଯଦି ଚୈତ୍ୟସତ୍ତା ନିଜେ ପ୍ରକ୍ଷେପ କରିଥିବା ସଂକଳ୍ପ ଫଳରେ ଛୋଟ ଆଲୋକଟିଏ ଜଳିଉଠେ, ତା'ହେଲେ ସେ ଜାଣେ ଯେ ସେହିଠାରେହିଁ ତାକୁ ଜନ୍ମ ନେବାକୁ ହେବ ।

ଏହି ପ୍ରକ୍ରିୟାଟି ଆବଶ୍ୟକ । ଏଇଥିଯୋଗୁଁ ମଧ୍ୟ ଜନ୍ମନେବାର ସମୟ ନିର୍ଦ୍ଧାରଣ କ୍ଷେତ୍ରରେ ଦିନ ଓ ମାସର ହିସାବରେ କିଛିଟା ପାର୍ଥକ୍ୟ ଦେଖାଦିଏ, ବର୍ଷର ହିସାବ କ୍ଷେତ୍ରରେ ସମ୍ଭବତଃ ଏତେଟା ପାର୍ଥକ୍ୟ ନଥାଏ । ସେ ଯାହାହେଉ ଏହି ପ୍ରକ୍ରିୟା ଫଳରେ ଏକ ଅନିଶ୍ଚିତତା ସୃଷ୍ଟି ହୁଏ ଏବଂ ସେଇଥିପାଇଁ ଏକ ଚୈତ୍ୟସତ୍ତା କେଉଁ ଶରୀର ଗ୍ରହଣ କରି ଠିକ୍ କେଉଁ ତାରିଖରେ ଜନ୍ମ ହେବ, ଆଗରୁ ତାହା କହିହେବ ନାହିଁ । ସେ କହିପାରିବ ନାହିଁ ଯେ ଅମୁକ ଦିନ, ଅମୁକ ତାରିଖରେ, ଅମୁକ ଘଡ଼ିରେ ମୁଁ ଜନ୍ମଗ୍ରହଣ କରିବି । ତା'ର ପ୍ରୟୋଜନ ଗ୍ରହଣଶୀଳ କୌଣସି ଲୋକର ସଂଧାନ ପାଇବା । ଯେତେବେଳେ ସେ ଏହି ସନ୍ଧାନଟି ପାଇଯାଏ, ସେ ସଙ୍ଗେ ସଙ୍ଗେ ସେଠାକୁ ଓହ୍ଲାଇ ଆସେ । କିନ୍ତୁ ଯାହା ଘଟିଥାଏ, ତାହାର ଏହା ଏକ ଚିତ୍ରକଳ୍ପ, ଠିକ୍ ପୂରାପୂରି ସେପରି ନହେଲେ ମଧ୍ୟ ସେହି ଧରଣର କିଛି ଘଟିଥାଏ । ସେ ନିଜକୁ ଏକ ଅଚେତନ ଭିତରକୁ, ତଳକୁ ନିକ୍ଷେପ କରେ; କାରଣ ଏହି ସ୍ଥୂଳ ଜଗତ୍, ଏପରିକି ମାନବୀୟ ଚେତନା ଯେତେ ଯାହା ହେଲେ ମଧ୍ୟ ଚୈତ୍ୟଚେତନା ତୁଳନାରେ ଅତ୍ୟନ୍ତ ଅଚେତନ । ତେଣୁ ଏହା କ୍ଷିପ୍ର ଗତିରେ ଏକ ଅଚେତନା ଭିତରକୁ ପ୍ରବେଶ କରେ । ମନେହୁଏ ଯେପରିକି ଏହା ମଥା ତଳକୁ କରି ନିପତିତ ହେଲା । ଏହାହିଁ ତାକୁ ସ୍ତବ୍ଧ କରିଦିଏ । ତେଣୁ ସାଧାରଣ

ଭାବରେ ଅତ୍ୟନ୍ତ, ଅତ୍ୟନ୍ତ କ୍ୱଚିତ୍ କେତେକ ବ୍ୟତିକ୍ରମକୁ ଛାଡ଼ିଦେଲେ, ଦୀର୍ଘକାଳଧରି ଏହା କିଛି ଜାଣିପାରେ ନାହିଁ । ଏହା ଆଉ ଜାଣିପାରେ ନାହିଁ କେଉଁଠି ଅଛି, କ'ଣ କରୁଛି, କାହିଁକି ସେଠି ରହିଛି; କୌଣସି ବିଷୟରେ ସେ ଆଦୌ କିଛି ଜାଣିପାରେ ନାହିଁ । ନିଜକୁ ବ୍ୟକ୍ତ ବା ପ୍ରକାଶ କରିବାରେ ସେ ଖୁବ୍ ଅସୁବିଧା ଅନୁଭବ କରେ । ବିଶେଷ କରି ମସ୍ତିଷ୍କ-ଗଠିତ ହୋଇ ନଥିବା ଏକ ଶିଶୁର ମାଧ୍ୟମରେ ସେ ନିଜକୁ ପ୍ରକାଶ କରି ନପାରିବା ଖୁବ୍ ସ୍ୱାଭାବିକ । କାରଣ ସେତେବେଳେ ମସ୍ତିଷ୍କ ଥାଏ ଏକ ଭ୍ରୂଣ ଅବସ୍ଥାରେ, ତାହା କ୍ୱଚିତ୍ ଗଠିତ ହୋଇଥାଏ, ଏବଂ ନିଜକୁ ପ୍ରକାଶ କରିବାର କୌଣସି ଉପାଦାନ ମଧ୍ୟ ତା'ର ନଥାଏ । ତେଣୁ ନିଜ ଭିତରେ ଏକ ଅସାଧାରଣ ସତ୍ତାକୁ ଧାରଣ କରିଥିଲେ ମଧ୍ୟ, କୌଣସି ଶିଶୁ ପକ୍ଷେ ତାହାକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବା ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ । ଏପରି ହୁଏତ ଘଟେ, ଏପରି ଅନେକ ଘଟଣା ଆମେ ଶୁଣିବାକୁ ପାଉ । କିନ୍ତୁ ସାଧାରଣତଃ ଏଥିପାଇଁ କିଛି ସମୟ ଲୋଡ଼ା । କେବଳ ଅତି ଧୀର, ମନ୍ଥର ଭାବରେ ଏହା ନିଜର ନିଦ୍ରାଭିଭୂତ ଅବସ୍ଥାରୁ ଜାଗ୍ରତ୍ ହୁଏ ଓ ସଚେତ ହୁଏ ଯେ ସେ କୌଣସି ବିଶେଷ କାରଣରୁ ସେଠାରେ ରହିଛି ଏବଂ ତାହା ସେ ନିଜେ ବାଛିନେଇଛି । ଏବଂ ପ୍ରାୟଶଃ ଏହି ବିଳମ୍ବଟା ଘଟିଥାଏ ଅତିଶୟ ମାନସିକ ଶିକ୍ଷାର ଯୋଗାଯୋଗ ହେତୁ, ଯାହାକି ସଂପୂର୍ଣ୍ଣ ରୂପେ ତୁମକୁ ଚୈତ୍ୟଚେତନାଠାରୁ ନିବୁଜ କରି ରଖିଥାଏ । ତେଣୁ ଅନେକଗୁଡ଼ିଏ ପରିସ୍ଥିତି, ନାନା ଧରଣର ଘଟଣା ଓ ଆବେଗର ପ୍ରବାହ, ବହୁ ବିଭିନ୍ନ ପ୍ରକାରର ଜିନିଷ ଆବଶ୍ୟକ ହୁଏ, ଯାହାଫଳରେ ତୁମର ଅନ୍ତରର ଦ୍ୱାରଟି ଖୋଲିଯିବ ଏବଂ ତୁମେ ସ୍ମରଣ କରିବାକୁ ଆରମ୍ଭ କରିବ ଯେ ତୁମେ ଆସିଛ ଅନ୍ୟ ଏକ ଜଗତରୁ ଏବଂ ଏକ ସୁନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁହିଁ ତୁମେ ଆସିଛ ।

ନ ହେଲେ, ଯଦି ସବୁକିଛି ସାଧାରଣ ସ୍ୱାଭାବିକ ଭାବରେ ଚାଲନ୍ତା, ତେବେ ଖୁବ୍ ଶୀଘ୍ର, ତୁରନ୍ତ ଏହା ଏକ ସଂଯୋଗ ସ୍ଥାପନ କରିପାରନ୍ତା । ଯଦି ତାହାର ଏପରି କୌଣସି ବ୍ୟକ୍ତିଙ୍କ ସଂଧାନ ପାଇବାର ସୌଭାଗ୍ୟ ହୁଏ ଯାହାଙ୍କର କିଛିଟା ଯଥାର୍ଥ ଜ୍ଞାନ ରହିଛି, ଏବଂ ଏକ ଅଜ୍ଞାନମୟ ଜଗତରେ ବୁଡ଼ିଯିବା ପରିବର୍ତ୍ତେ ସେ ଯଦି ସେହି ଜ୍ଞାନର ଅନୁସରଣ କରନ୍ତା, ତେବେ ସବୁକିଛି ଖୁବ୍ ଦ୍ରୁତ ଗତିରେ ସଂପନ୍ନ ହୋଇପାରନ୍ତା ।

ନ୍ୟାୟ ସଂପର୍କରେ, ଦଣ୍ଡ ଓ ପୁରସ୍କାର ସଂପର୍କରେ ମନୁଷ୍ୟମାନଙ୍କର ଯେଉଁ ଗତାନୁଗତିକ ଧାରଣା ସବୁ ରହିଛି, ଚୈତ୍ୟ-ସଂକଳ୍ପ ଓ ଚୈତ୍ୟ-ଅଭିବୃଦ୍ଧି କ୍ଷେତ୍ରରେ ସେଗୁଡ଼ିକ ଆଦୌ ପ୍ରଯୋଜ୍ୟ ନୁହେଁ । ଏପରି ସବୁ ଧର୍ମ ଓ ଦର୍ଶନ ରହିଛି ଯେଉଁମାନେ ତୁମକୁ ନାନା ପ୍ରକାର କାହାଣୀ ଶୁଣାଇ ଥାଆନ୍ତି, ଯେଉଁଗୁଡ଼ିକ କି ଅତୀନ୍ଦ୍ରିୟ ଅଦୃଶ୍ୟ ଜଗତ୍ ସଂପର୍କରେ କହିବା ବେଳେ ନ୍ୟାୟ ସଂପର୍କରେ ମାନୁଷୀ ଧାରଣାକୁହିଁ ପ୍ରୟୋଗ କରିବା ଛଡ଼ା ଅଧିକ କିଛି ନୁହେଁ । ତେଣୁ ଏଗୁଡ଼ିକ କେବଳ ନିର୍ବୋଧତା । କାରଣ ଯଥାର୍ଥରେ ସତ୍ୟଟି ଆଦୌ ସେପରି ନୁହେଁ । ମନୁଷ୍ୟମାନେ ଦଣ୍ଡ ଓ ପୁରସ୍କାର ସଂପର୍କରେ ଯେଉଁ ଧାରଣା ରଖିଥାଆନ୍ତି ତାହା ସଂପୂର୍ଣ୍ଣ ଉଦ୍ଭଟ । ସେଗୁଡ଼ିକ ଆଦୌ ପ୍ରଯୋଜ୍ୟ ନୁହେଁ, ଆନ୍ତର ସତ୍ୟ ସଂପର୍କରେ ତାହା ଆଦୌ ପ୍ରଯୋଜ୍ୟ ନୁହେଁ । ତେଣୁ ତୁମେ ଯଦି ଥରେ ଯଥାର୍ଥ ଆଧ୍ୟାତ୍ମିକ-ଜଗତରେ ପ୍ରବେଶ କରିବ, ତେବେ ଦେଖିବ ସେଗୁଡ଼ିକ ପ୍ରକୃତରେ ନିର୍ବୋଧତା ମାତ୍ର । କାରଣ ଜିନିଷଗୁଡ଼ିକ ଆଦୌ ସେହିପରି ନୁହନ୍ତି ।

ବହୁଲୋକ ଆସି ମୋତେ କୁହନ୍ତି, ''ମୋର ପୂର୍ବଜନ୍ମରେ ଏପରି କ'ଣ ଦୋଷ କରିଥିଲି ଯେ ମୋତେ ଏ ଜନ୍ମରେ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ୁଛି, ଏପରିସବୁ ଦୁର୍ଭାଗ୍ୟ ଭିତର ଦେଇ ଯିବାକୁ ପଡୁଛି ?'' ଏବଂ ଅଧିକାଂଶ ସମୟରେ ମୁଁ କହିବାକୁ ବାଧ୍ୟ ହୁଏ ଯେ ''ତୁମେ କ'ଣ ଦେଖିପାରୁ ନାହଁ ଯେ ଏହା ତୁମ ପାଇଁ ଏକ ଆଶୀର୍ବାଦ; ଏକ କୃପା ସ୍ୱରୂପ ହୋଇ ଆସିଛି ? ଏବଂ ସମ୍ଭବତଃ ପୂର୍ବଜନ୍ମରେ ତୁମେ ଏହାହିଁ ପାଇବାକୁ ଚାହିଁଥିଲ, ଯାହାଫଳରେ ତୁମେ ଆହୁରି ଅଧିକ ଅଗ୍ରଗତି କରିପାରିବ ।'' ଏହି ଧରଣର ଏକ ଧାରଣାର ଖୁବ୍ ପ୍ରଚଳନ ରହିଛି, ''ଓଃ, ମୁଁ ଖୁବ୍ ପୀଡ଼ିତ, ଓଃ ମୋର ଶରୀରର ଅବସ୍ଥା ଖୁବ୍ ଖରାପ, ମୁଁ ଖୁବ୍ ଦୁଃଖ, ଯନ୍ତ୍ରଣା ଭୋଗୁଛି; ମୁଁ କି ଦୋଷ କରିଥିଲି ! ପୂର୍ବଜନ୍ମରେ କି ଅପରାଧ କରିଥିଲି ଯେ ଏ ଜନ୍ମରେ... ।'' ଏଗୁଡ଼ିକ କେବଳ ପିଲାଳିଆମି ।

(M.C.W. Cen. Vol. V, pp. 215 - 218)

# ଆମର ସବୁକିଛି କେବଳ ଭଗବାନଙ୍କ ନିମନ୍ତେ

**ଶ୍ରୀଅରବିନ୍ଦ**

ଏକମାତ୍ର ଯେଉଁ ନିର୍ମାଣ ପାଇଁ ଏଠାରେ କୌଣସି ସ୍ଥାନ ଅଛି ତାହା ହେଉଛି ଅତିମାନସ, ପରମ ଦିବ୍ୟସତ୍ୟକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ଆଣିବା – କେବଳ ମନ ଓ ପ୍ରାଣ ଭିତରକୁ ନୁହେଁ, ଶରୀର ଓ ଜଡ଼ ଭିତରକୁ ମଧ୍ୟ । ଅହଂର ବିସ୍ତାର ଦିଗରେ ସମସ୍ତ ସୀମାକୁ ଅପସାରିତ କରିଦେବା ଆମର ଲକ୍ଷ୍ୟ ନୁହେଁ କିଂବା ଏହା ମଧ୍ୟ ଆମର ଲକ୍ଷ୍ୟ ନୁହେଁ ଯେ ମଣିଷ ମନର ସମସ୍ତ ବିଚାର ଓ ଧାରଣାକୁ ବା ଅହଂ-କୈନ୍ଦ୍ରିକ ପ୍ରାଣିକ ଶକ୍ତିର ସମସ୍ତ କାମନାବାସନାକୁ ପୂରଣ କରିବା ପାଇଁ ଅବାଧ କ୍ଷେତ୍ର ଛାଡ଼ିଦେବା ଓ ସେଗୁଡ଼ିକର ପୂର୍ତ୍ତି ନିମନ୍ତେ ସୀମାହୀନ ଆବାସ ନିର୍ମାଣ କରିବା । ଆମକୁ ଯାହା ଭଲ ଲାଗିବ ମନଇଚ୍ଛା ତାହା କରିବା ପାଇଁ ଆମେ ଏଠାରେ କେହି ରହି ନାହୁଁ ବା ଏପରି ଏକ ଜଗତ୍ ସୃଷ୍ଟି କରିବା ଆମର ଅଭିପ୍ରାୟ ନୁହେଁ, ଯେଉଁଥିରେ ଶେଷରେ ଆମକୁ ଯାହା ଭଲ ଲାଗିବ ତାହା କରିପାରିବା ସମ୍ଭବ ହେବ । ଆମେ ଏଠାରେ ଅଛୁ ଭଗବାନଙ୍କ ସଂକଳ୍ପ ଅନୁଯାୟୀ କାମ କରିବାକୁ, ଭଗବାନ୍ ଯାହା ଇଚ୍ଛା କରନ୍ତି ତାହା ସମ୍ପନ୍ନ କରିବାକୁ ଏବଂ ଏପରି ଏକ ଜଗତ୍ ନିର୍ମାଣ କରିବାକୁ ଯେଉଁଥିରେ ଆଉ ମଣିଷର ଅଜ୍ଞାନତା ଦ୍ୱାରା ବିରୂପ ନହୋଇ ବା ପ୍ରାଣିକ ବାସନା ଦ୍ୱାରା ବିକୃତ ଓ ଦୋଷଦୁଷ୍ଟ ନହୋଇ ଭଗବତ ସଂକଳ୍ପ ତା'ର ଦିବ୍ୟସତ୍ୟକୁ ଅଭିବ୍ୟକ୍ତ କରିପାରିବ । ଅତିମାନସ ଯୋଗର ସାଧକକୁ ଯେଉଁ କାମ କରିବାକୁ ହେବ ତାହା ତା'ର ନିଜର କୌଣସି କାମ ନୁହେଁ ଯାହା ପାଇଁ ସେ ନିଜର ସର୍ତ୍ତସବୁ ଆରୋପ କରିପାରେ । ଭଗବାନଙ୍କ ସର୍ତ୍ତ ଅନୁସାରେ ତାହାକୁ ଭଗବାନଙ୍କ କାମହିଁ କରିବାକୁ ହେବ । ଆମ ଯୋଗ ଆମ ନିଜ ପାଇଁ ନୁହେଁ, ଏହା ଭଗବାନଙ୍କ ପାଇଁ । ଆମ ନିଜର କୌଣସି ବ୍ୟକ୍ତିଗତ ଅଭିବ୍ୟକ୍ତି, ସମସ୍ତ ସୀମା ଓ ବନ୍ଧନରୁ ମୁକ୍ତ ହୋଇ ବ୍ୟକ୍ତିଗତ ଅହଂର କୌଣସି ପ୍ରକାଶ ବା ଅଭିବ୍ୟକ୍ତି ଆମର ଲକ୍ଷ୍ୟ ବା ଉଦ୍ଦେଶ୍ୟ ହୋଇ ନପାରେ, ଆମର ଲକ୍ଷ୍ୟ ହେଲା ଭଗବାନଙ୍କର ଅଭିବ୍ୟକ୍ତି । ସେହି ପରମ ଅଭିବ୍ୟକ୍ତିର ଏକ ପରିଣାମ ଓ ଅଂଶ ରୂପେହିଁ ଆମେ ଲାଭ କରିବୁ ଆମ ନିଜର ଆଧ୍ୟାତ୍ମିକ ମୁକ୍ତି, ପୂର୍ଣ୍ଣତା ଓ ସାର୍ଥକତା, କିନ୍ତୁ ତାହା କୌଣସି ଅହଂଭାବାପନ୍ନ ଦୃଷ୍ଟିରୁ ନୁହେଁ ବା କୌଣସି ଅହଂ-କୈନ୍ଦ୍ରିକ ଆତ୍ମ ସ୍ୱାର୍ଥପରାୟଣ ଉଦ୍ଦେଶ୍ୟ ସାଧନ ପାଇଁ ନୁହେଁ । ଏହି ମୁକ୍ତି, ସାର୍ଥକତା ଓ ପୂର୍ଣ୍ଣତାର ସତ୍ୟକୁ ମଧ୍ୟ ଆମ ନିଜ ପାଇଁ ନୁହେଁ, ଭଗବାନଙ୍କ ପାଇଁହିଁ ଅନୁସରଣ କରିବୁ ।

(Letters on Yoga, IV, pp. 162 - 163) ✤

ଚୈତ୍ୟସତ୍ତାରେ ନିଜକୁ ସମର୍ପଣ କରିବାକୁ ହେବ ସଚେତନ ଭାବରେ ଓ ଅଧିକରୁ ଅଧିକ ଜ୍ଞାନର ସହିତ । ଚୈତ୍ୟସତ୍ତା ଭଗବାନଙ୍କ ଦିଗରେ ଅଭୀପ୍ସା କରେ ବା ଦିବ୍ୟ-ବସ୍ତୁସବୁର ଉତ୍ତର ଦିଏ, ତତ୍ତ୍ୱତଃ ଏହା ସମର୍ପିତ, କିନ୍ତୁ ନିଜର ସମର୍ପଣକୁ ଟିକିନିଖି ଭାବରେ ବିକଶିତ କରିବାକୁ ହେବ ଯାହା ଫଳରେ ଏହା ନିଜ ସଙ୍ଗରେ ସମଗ୍ର ସତ୍ତାର ସମର୍ପଣକୁ ବହନ କରିପାରିବ ।

– ଶ୍ରୀଅରବିନ୍ଦ

# ଚାବିକାଠିଟି ନିଜ ଭିତରେ

## ଶ୍ରୀମା

ମୂଳତଃ, ମାନବସମାଜର ଏକ ବିପୁଳ ସଂଖ୍ୟାଗରିଷ୍ଠ ଅଂଶ ଏକ ପ୍ରକାର ବନ୍ଦୀ ଭଳି ଜୀବନ କଟାନ୍ତି; ସମସ୍ତ କବାଟ ଝରକା ବନ୍ଦ ରହିଥାଏ ଓ ତା' ଭିତରେ ସେମାନେ ଶ୍ୱାସରୁଦ୍ଧ ହୋଇ ରହିଥା'ନ୍ତି, ଯାହା ହେବା ଖୁବ୍ ସ୍ୱାଭାବିକ । କିନ୍ତୁ ସେମାନଙ୍କ ନିଜ ପାଖରେହିଁ ସେହି ଚାବିକାଠିଟି ରହିଛି ଯାହାଦ୍ୱାରା ସେମାନେ ସେହି ଦରଜା, ଝରକା ଖୋଲିଦେଇ ପାରନ୍ତେ, କିନ୍ତୁ ସେମାନେ ସେହି ଚାବିକୁ ବ୍ୟବହାର କରନ୍ତି ନାହିଁ । ଅବଶ୍ୟ ଏହା ଠିକ୍ ଯେ ଗୋଟିଏ ସମୟ ଥାଏ ଯେତେବେଳେ ସେମାନେ ଜାଣି ନ ଥା'ନ୍ତି ଯେ ଚାବିଟି ସେମାନଙ୍କ ନିଜ ପାଖରେହିଁ ରହିଛି । କିନ୍ତୁ ସେହି ଚାବି କଥାଟି ଜାଣିସାରିବା ପରେ ବହୁଦିନ କଟି ଯାଇଥିଲେ ମଧ୍ୟ, ସେବିଷୟରେ ସେମାନଙ୍କୁ ସ୍ପଷ୍ଟ ଜଣାଇଦେବା ପରେ ବହୁକାଳ ବିତି ଯାଇଥିଲେ ମଧ୍ୟ ତଥାପି ସେମାନେ ସେହି ଚାବିକାଠିର ସଦ୍‌ବ୍ୟବହାର କରିବାକୁ କୁଣ୍ଠିତ ହୁଅନ୍ତି । ସେମାନଙ୍କ ଭିତରେ ସନ୍ଦେହ ଆସେ ଯେ ସତରେ କ'ଣ ଏହି ଚାବିର ସେହିସବୁ ବନ୍ଦ ଦରଜା ଓ ଝରକା ଖୋଲିଦେବାର ଶକ୍ତି ଅଛି ? ଏପରିକି ସେଗୁଡ଼ିକ ଖୋଲିଦେବା କେତେଦୂର ବାଞ୍ଛନୀୟ, ସେ ସଂପର୍କରେ ମଧ୍ୟ ସେମାନଙ୍କ ଭିତରେ ସନ୍ଦେହ ଓ ପ୍ରଶ୍ନ ଦେଖାଦିଏ । ଏପରିକି ଯଦି ସେମାନେ ଥରଟିଏ ଅନୁଭବ କଲେ ଯେ, ''ଯା'ହେଲେ ବି ଏଗୁଡ଼ିକ ଖୋଲିଦେବାହିଁ ବାଞ୍ଛନୀୟ'', ତଥାପି ଏକପ୍ରକାର ଭୟ ସେମାନଙ୍କୁ ଡରାଇ ଚାଲେ ଯେ, ''ଯଦି ଥରେ ଏହିସବୁ ଦରଜା, ଝରକା ଖୋଲିଯାଏ ତେବେ ତା'ପରେ କ'ଣ ଘଟିବ ?'' ସେହି ଭୟ ସେମାନଙ୍କୁ କବଳିତ କରେ; ବନ୍ଦ କବାଟସବୁ ଖୋଲିଗଲେ ଯେଉଁ ଆଲୋକ ଓ ଯେଉଁ ମୁକ୍ତି ମିଳିବ ତହିଁରେ ସେମାନେ ନିଜକୁ କାଳେ ହରାଇ ଦେବେ ବୋଲି ଭୟଭୀତ ହୋଇ ପଡ଼ନ୍ତି । ଯାହାକୁ ସେମାନେ 'ନିଜେ' ବୋଲି କହିଥା'ନ୍ତି ତାହାରି ଭିତରେ ଆବଦ୍ଧ ହୋଇ ରହିବାକୁହିଁ ସେମାନେ ଚାହାନ୍ତି । ସେହି ମିଥ୍ୟା ଓ ଦାସତ୍ୱକୁ ସେମାନେ ଭଲ ପାଆନ୍ତି । ସେମାନଙ୍କ ଭିତରେ କିଛି ଅଂଶ ତାହାକୁ ଭଲ ପାଉଥାଏ ଓ ତାହାକୁ ଜାବୁଡ଼ି ଧରି ରହିଥାଏ । ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କର ସୀମାଗୁଡ଼ିକୁ ଯଦି ଉଠାଇ ନିଆଯାଏ ତା'ହେଲେ ସେମାନେ ଆଉ ଆଦୌ ତିଷ୍ଠି ପାରିବେ ନାହିଁ ।

ସେଥିପାଇଁ ଯୋଗ-ପଥରେ ଆମର ଏହି ଯାତ୍ରାଟି ଏତେ ଦୀର୍ଘ ଓ ଏତେ ବାଧାବିଘ୍ନପୂର୍ଣ୍ଣ ହୋଇଥାଏ । କାରଣ ଯଦି ଆମେ ଯାହା ହୋଇ ରହିଛୁ ଆଉ ସେପରି ହୋଇ ନ ରହିବା ପାଇଁ ପୂର୍ଣ୍ଣ ପ୍ରାଣରେ ସମ୍ମତି ଦେଉ, ତେବେ ସବୁକିଛି କେଡ଼େ ସହଜ ହୋଇଯାଏ, କେଡ଼େ ତ୍ୱରାନ୍ୱିତ, କେଡ଼େ ଆଲୋକମୟ ଓ ଆନନ୍ଦମୟ ହୋଇଉଠେ — ଅବଶ୍ୟ ମଣିଷମାନେ ଯାହାକୁ ଆନନ୍ଦ ଓ ସ୍ୱଚ୍ଛନ୍ଦ ବୋଲି କୁହନ୍ତି ଏହା ସେହି ରୂପ ନେଇ ଆସେ ନାହିଁ । ଖୁବ୍ କ୍ୱଚିତ୍ ଲୋକ ଅଛନ୍ତି ଯେଉଁମାନଙ୍କର ନିଜ ଭିତରେ ସଂଗ୍ରାମର ଆକର୍ଷଣ ନାହିଁ । ଖୁବ୍ କ୍ୱଚିତ୍ ଲୋକ ଅଛନ୍ତି ଯେଉଁମାନେ ନିଜ ଭିତରେ ଆଦୌ କୌଣସି ଅନ୍ଧକାର ନ ରହିବା ପାଇଁ ସଙ୍ଗେ ସଙ୍ଗେ ସମ୍ମତ ହେବେ ବା ଯେଉଁମାନେ ଆଲୋକକୁ ଅଜ୍ଞାନ ବା ଅନ୍ଧକାରର ମାତ୍ର ଏକ ବିପରୀତ ଜିନିଷ ଛଡ଼ା ଅନ୍ୟକିଛି ବୋଲି କଳ୍ପନା କରି ପାରିବେ । ସେମାନେ ଭାବନ୍ତି : ''ଛାୟା ବିନା କୌଣସି ଅଙ୍କନ ସମ୍ଭବପର ନୁହେଁ, ସଂଘର୍ଷ ବିନା କୌଣସି ବିଜୟ ସମ୍ଭବପର ନୁହେଁ । ଦୁଃଖ ବା ବେଦନା ବିନା କୌଣସି ଆନନ୍ଦ ସମ୍ଭବପର ନୁହେଁ ।'' ସେମାନେ ଏହିପରିହିଁ ଭାବିଥାଆନ୍ତି ଏବଂ ସେପର୍ଯ୍ୟନ୍ତ ଏହିପରି ଭାବି ଚାଲୁଥିବେ ଯେପର୍ଯ୍ୟନ୍ତ ସେମାନେ ଆତ୍ମାର ସତ୍ୟରେ ଜନ୍ମଲାଭ କରି ନାହାନ୍ତି ।

(C.W.M. Vol. 9, pp.430 - 431) ❖

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପ୍ରସଙ୍ଗ କ୍ରମେ

'ଇଂଲିଶ୍ ମ୍ୟାନ୍' ଏବଂ ମିଃ. ଏନ୍. ଏନ୍. ଘୋଷ ବିଶ୍ୱସ୍ତ ଦୁଇ ଭାଇ ପରି ବିଗତ ସପ୍ତାହରେ ପରସ୍ପର ଖୁସିରେ ଆଲିଙ୍ଗନ ବଦ୍ଧ ହୋଇ ଏବେ ବଡ଼ ବିଚଳିତ ଜଣା ପଡୁଛନ୍ତି । ସତରେ କ'ଣ ଯେ ଘଟିଗଲା ? ଏମିତି କିଛି ଦିବ୍ୟ କୁହୁକ ବଳରେ ଏ ଦେଶରୁ ଜାତୀୟତାବାଦର ସତ୍ତା ଲୋପ ପାଇଯାଇ ଥାଆନ୍ତା କି ? ନୋବୋକିସେନ୍ (Nobokissen)ଙ୍କ ପ୍ରେତାତ୍ମା ଆସି ତାଙ୍କ ଭକ୍ତ ଓ ପ୍ରଶଂସକଙ୍କ ସମ୍ମୁଖରେ ଉଭା ହୋଇ ଭବିଷ୍ୟତ୍ ବାଣୀ କରନ୍ତେ କି ବ୍ରିଟିଶ ଶାସନ ଯେମିତି ଏ ଦେଶରେ ଚିରକାଳ ଧରି ରହିଥିବ ? କିଂବା ମିଃ. ଏନ୍. ଏନ୍. ଘୋଷ ଶେଷରେ ବିଧାନ ପରିଷଦକୁ ନିର୍ବାଚିତ ହୋଇ ଆସି ଯାଇଥାଆନ୍ତେ କି ? ନାଁ, କିନ୍ତୁ ସୌଭାଗ୍ୟର ସଙ୍କେତ କିଂବା ପୂର୍ବାଭାସ, ଏଇସବୁ ବାଞ୍ଛନୀୟ ଘଟଣାକୁ ନେଇ ଭବିଷ୍ୟକଥନ ରାଜନୈତିକ ସ୍ୱର୍ଗଲୋକରେ ଦେଖା ଦେଇନି । ଏଇଥିପାଇଁ ସତେଅବା ହ୍ୟାରେଷ୍ଟ୍ରିଟ୍ ଓ ଶଙ୍କରିତୋଲାରେ ବିଜୟର ଏ ରଣତାଣ୍ଡବ; ମହାନ୍ ସଖାଯୁଗଳ, ଜଣେ ହେଲେ କୃଷ୍ଣକାୟ ଅଶ୍ୱିନୀ ଏବଂ ଆର ଜଣକ ହେଲେ ଶ୍ୱେତାଙ୍ଗ କୁମାର, ଆମ ରାଜନୈତିକ ବ୍ୟାଧିଗୁଡ଼ିକର ଦୁଇ ଜଣ ସ୍ୱର୍ଗଲୋକର ବୈଦ୍ୟରାଜ, ଜାତିର ନାଡ଼ି ସ୍ପନ୍ଦନରେ ଯୁଗପତ୍ ଅଙ୍ଗୁଳି ସ୍ଥାପନ କରିଛନ୍ତି ଏବଂ ଆବିଷ୍କାର କରିଛନ୍ତି ଯେ ଜାତୀୟତାବାଦର ଜ୍ୱର ଅପସରି ଯାଇଛି ଆଉ ରୋଗୀ ଫେରି ଆସୁଛି ଆନୁଗତ୍ୟ ଓ ତୃପ୍ତିଦାୟକ ଦାସତ୍ୱର ସେଇ ପୂର୍ବାବସ୍ଥାକୁ ।

*

ଏଇ ମିତ୍ରଶକ୍ତିମାନଙ୍କ ପାଇଁ ଉଲ୍ଲାସ ଓ ଆରାମର ପ୍ରଧାନ ଉତ୍ସ ହେଲା 'ଇଣ୍ଡିଆନ୍ ମିରର୍'ର ଯୁଗାନ୍ତକାରୀ ଉଦ୍‌ଘୋଷଣା । ମୋଟସ୍ ଲେନ୍ (Mott's Lane)ର ମହାତ୍ମା ତାଙ୍କ ଶ୍ରୀହସ୍ତ କାଉଁରୀକୁ ହଲେଇ ଦେଇଛନ୍ତି ଏବଂ ଜାତୀୟତାବାଦର ଅସ୍ତିତ୍ୱ ଆଉ ନାହିଁ । ନରେନ୍ଦ୍ରନାଥ ଏତକ କହି ଦେଇଛନ୍ତି; ବ୍ରିଟିଶ ସାମ୍ରାଜ୍ୟ ବର୍ତ୍ତିଗଲା । ଇଣ୍ଡିଆନ୍ ମିରର୍‌ର ଆବିଷ୍କାରଗୁଡ଼ିକ ଯେ 'ହ୍ୟାରେ ଷ୍ଟ୍ରିଟ୍'ରେ ପ୍ରଶଂସାସୂଚକ ବିସ୍ମୟ ଓ ଆନନ୍ଦ ଉଦ୍ରେକ କରିଥିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ସେଗୁଡ଼ିକ ନିଃସନ୍ଦେହରେ ଏମିତି ଆବିଷ୍କାର ଯାହା କେତେ ଯୁଗ ମଧ୍ୟ ଦେଇ ଥରେ କିଂବା ଦୁଇଥର ସଂଘଟିତ ହୋଇଥାଏ । 'ମିରର୍' ଆବିଷ୍କାର କରିଛି ଯେ ସବୁ ସମ୍ଭାବ୍ୟ ସରକାରମାନଙ୍କର ସର୍ବୋତ୍ତମ ଉଦ୍ଦେଶ୍ୟ ପାଇଁ ସବୁକିଛି ଯେ ସର୍ବୋତ୍ତମ । ସେ ମିଷ୍ଟର ମୋର୍ଲେଙ୍କ ଭାରତୀୟ ନୀତିରେ ଉଦାରବାଦର ଏବଂ ଆଙ୍ଗ୍ଲୋ-ଭାରତରେ ସଂସ୍କାର ପାଇଁ ଏକ ଆବେଗ ଉଚ୍ଛ୍ୱସିତ ଆକାଙ୍କ୍ଷାର ସନ୍ଧାନ ପାଇଛି । ଆଉ ସବୁକିଛିର ମୁଣ୍ଡି ମାରିବା ପାଇଁ ଏହା ଦେଖି ପାରିଛି ଚରମପନ୍ଥୀମାନଙ୍କୁ, ସେଇ ନିର୍ଲଜ୍ଜ, ଦୁର୍ଜନ, ବିପଜ୍ଜନକ ମଣିଷମାନେ – ଏପରି ଏକ ଦଳର ପ୍ରତିନିଧିତ୍ୱ କରୁଛନ୍ତି ଯାହା ଗଠିତ ହୋଇଛି କେବଳ ସେଇମାନଙ୍କୁ ନେଇ । ଏହା ସତରେ ନିଉଟନ୍ କିଂବା କେପ୍‌ଲର୍ (Kepler)ଙ୍କ ତୁଲ୍ୟ ଆବିଷ୍କାରର ବସ୍ତୁ ଆଉ ସ୍ୱାଭାବିକଭାବେ ଏହା 'ହ୍ୟାରେ ଷ୍ଟ୍ରିଟ୍‌କୁ' ବିସ୍ମୟ, ବିମୁଗ୍ଧ ଆନନ୍ଦରେ ଭରି ଦେଇଛି । ଏକ ସାଧାରଣ ମଣିଷ ହୁଏତ ପଚାରିପାରେ, ଆଉ କାହାକୁ ନେଇ ଏ ଦଳ ଗଠିତ ହୋଇଥା'ନ୍ତା ? କିନ୍ତୁ ଏପ୍ରକାର ସମାଲୋଚନା ଏକ ବିଧର୍ମୀର ବୋଲି ବିବେଚିତ ହେବ ଏତେ ପରିମାଣର ରହସ୍ୟମୟ ଜ୍ଞାନ ସମ୍ମୁଖରେ ।

*

ବାବୁ ନରେନ୍ଦ୍ରନାଥ ସେନଙ୍କ ପାଦ ତଳେ 'ଇଂଲିଶ୍‌ମ୍ୟାନ୍' ଏକ ଛାତ୍ରତୁଲ୍ୟ ବସି ରହିଛି ଶିଶୁସୁଲଭ ବିସ୍ମୟ ଓ ପ୍ରଶଂସା ଭରା ନୟନ ଯୁଗଳକୁ ଟେକି ଧରି । ମିଃ. ଏନ୍. ଏନ୍. ଘୋଷ ତାଙ୍କ ପ୍ରତିବେଶୀଟିକୁ ଏଭଳି ବାକ୍ୟରେ ସମ୍ଭାଷଣ କରିଛନ୍ତି ଯାହା ସାଧୁ ରାଜ ଭକ୍ତ ଓ ଜଣେ ସାଧୁ ଆବିଷ୍କାରକଙ୍କୁ କରାଯାଏ । କାରଣ ମିଃ. ଏନ୍. ଏନ୍. ଘୋଷ ବହୁ ଶ୍ରମ ସ୍ୱୀକାର କରି ଖାଲି ପ୍ରାକୃତିକ ଇତିହାସ କ୍ଷେତ୍ରରେ ନୁହେଁ କିନ୍ତୁ ରାଜନୀତି ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଅନେକ ଆବିଷ୍କାର କରି ଆସୁଛନ୍ତି । ଆଉ ଦିନେ ସେ ଏକ ବିସ୍ମୟଜନକ ତଥ୍ୟ ଆବିଷ୍କାର କରିଛନ୍ତି ଯେ ମିଃ. ତିଳକ ଓ ଲାଲା ଲଜପତ୍ ରାୟ ନୂତନ ବିଚାର ଧାରାର ଅନ୍ତର୍ଭୁକ୍ତ ନୁହଁନ୍ତି – ଏହା ଏମିତି ଏକ ଆବିଷ୍କାର ଯାହା ଉଭୟ ଲାଲା ଲଜପତ୍ ରାୟଙ୍କ ଭାଷଣର ଶ୍ରୋତାବୃନ୍ଦଙ୍କୁ ଏବଂ

'କେଶରୀ'ର ପାଠକବର୍ଗଙ୍କ ଜ୍ଞାନର ବିକାଶ ସାଧନ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ମଧ୍ୟ ବିସ୍ମିତ କରିବ । ସେ ମଧ୍ୟ ଆବିଷ୍କାର କରିଛନ୍ତି ଯେ ନୂତନ ବିଚାରଧାରାରେ କୌଣସି 'ଗଠନମୂଳକ କାର୍ଯ୍ୟକ୍ରମ' ନାହିଁ ଆଉ ସେଥିରେ ଯେଉଁ ରାଜନୀତିଜ୍ଞମାନେ ରହିଛନ୍ତି ସେମାନେ କୌଣସି କାମକୁ ଯୋଗ୍ୟ ନୁହଁନ୍ତି । ଦୁର୍ଭାଗ୍ୟବଶତଃ ମିଃ. ଏନ୍. ଏନ୍. ଘୋଷ ତାଙ୍କ ଶତ୍ରୁ ଓ ସମାଲୋଚକମାନଙ୍କ ସଂକ୍ରାନ୍ତରେ ଏହି ଆବିଷ୍କାରଟି କରିଛନ୍ତି ଯେଉଁଦିନଠାରୁ ସେ ମିଃ. ଶମ୍ଭୁନାଥ ମୁଖାର୍ଜୀଙ୍କ ପ୍ରତି ରୁକ୍ଷ ଭାଷାରେ ଆକ୍ଷେପ କରି କହିଥିଲେ ଯାହା ସମସ୍ତଙ୍କୁ ଚକିତ କରିଥିଲା; ତେଣୁ ଏଥିରେ ସେମିତି କୌଣସି ନୂତନତ୍ୱର ମୋହ ନାହିଁ ।

*

ଅମୃତ ବଜାର ପତ୍ରିକା ମଧ୍ୟ ମିଃ. ଏନ୍. ଏନ୍. ଘୋଷଙ୍କ ବୈଜ୍ଞାନିକ ଅନୁସନ୍ଧାନର ଶରବ୍ୟ ହୋଇ ପଡ଼ିଛି । ସେ ଆବିଷ୍କାର କରିଛନ୍ତି ଯେ ଜନମତର ଏଇ ମହାନ୍ ମୁଖପତ୍ରଟି ଆଲୋକ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରୁଛି, — ଅନ୍ୟ କଥାରେ କହିଲେ ଏହା ଯେ ଉନ୍ମାଦ ହୋଇ ଉଠିଥିଲା, ଏବେ ପ୍ରକୃତିସ୍ଥ ହୋଇ ଯାଇଛି । ଏହାର କାରଣ କ'ଣ ଆମେ ଯଥାର୍ଥରେ ଜାଣିନୁ । 'ଅମୃତ ବଜାର' ପତ୍ରିକାରୁ ଉଦ୍ଧୃତ ପରିଚ୍ଛେଦଗୁଡ଼ିକ ଖାଲି ବିଭିନ୍ନ ମତାମତମାନ ପ୍ରକାଶ କରିଛି ଯାହା ଉପରେ ସେ ବିଗତ ବର୍ଷ ବର୍ଷ ଧରି ଜୋର୍ ଦେଇ ଚାଲିଥିଲା ଆଉ ଯେଉଁ କାର୍ଯ୍ୟକ୍ରମକୁ ଏହା ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିଛି ତାହା ଏମିତି ଗୋଟିଏ କାର୍ଯ୍ୟକ୍ରମ ଯାହା ଉପରେ 'ଅମୃତ ବଜାର' ଓ ନୂତନ ଗୋଷ୍ଠୀ ପୂରାପୂରି ସହମତି ପ୍ରକାଶ କରିଛନ୍ତି । ଯାହାହେଉ, ମିଃ. ଘୋଷଙ୍କ ମତରେ ଏହି କାର୍ଯ୍ୟକ୍ରମଟିରେ ଯେଉଁ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇଛି ତାହା ସେମିତି ସ୍ୱଷ୍ଟ ନୁହଁ ଓ ଶ୍ରୀଯୁକ୍ତ ମୋତିଲାଲ ଘୋଷଙ୍କ ବୁଦ୍ଧିକୁ ବିସ୍ତାରିତ କରିଦେବେ ବୋଲି ଅମଙ୍ଗଳସୂଚକ ଧମକ ମଧ୍ୟ ସେ ଦେଇଛନ୍ତି । ଯାହାହେଉ, ବର୍ତ୍ତମାନ ପାଇଁ "ଆମେ ଆମର ପରାମର୍ଶସବୁକୁ ସଂରକ୍ଷିତ କରି ରଖୁଛୁ" ଏବଂ 'ଅମୃତ ବଜାର' ପତ୍ରିକାକୁ ଏଇ କଷ୍ଟଦାୟକ କାର୍ଯ୍ୟାନୁଷ୍ଠାନରୁ ତ୍ରାହି ମିଳି ଯାଇଛି । ଶେଷରେ, ମିଃ. ଘୋଷ ଏକ ଆତଙ୍କଗ୍ରସ୍ତ ବିଶ୍ୱକୁ ସୂଚନା ଦେଇଛନ୍ତି ଯେ ଗଠନମୂଳକ କାର୍ଯ୍ୟ ସମ୍ବନ୍ଧରେ ତାଙ୍କର ନିଜସ୍ୱ କିଛି ଚିନ୍ତାଧାରା ରହିଛି । ସ୍ୱଷ୍ଟତଃ ସେ ଏକ ଗଠନମୂଳକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ଏବଂ ତାକୁ ପ୍ରକାଶ କରି ସାରା ଜଗତକୁ ହୁଲସ୍ଥୁଲ କରି ଦେବାର ନାଟକୀୟ ମୁହୂର୍ତ୍ତଟିକୁ ସେ ପ୍ରତୀକ୍ଷା କରି ରହିଛନ୍ତି । କିନ୍ତୁ ଏମିତି କେତେଦିନ ଧରି ଆମମାନଙ୍କୁ ସେ ଭୟ, ବିସ୍ମୟ ବିଜଡ଼ିତ ପ୍ରତ୍ୟାଶା ଭିତରେ ଶ୍ୱାସରୁଦ୍ଧ କରି ଅପରାଧୀଙ୍କ ପରି ରହିବାକୁ ଛାଡ଼ିଦେବେ ?

*

ରାଜସାହିରେ ବାବୁ ସୁରେନ୍ଦ୍ରନାଥଙ୍କୁ ଯେମିତି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆ ଯାଇଥିଲା ତାକୁ ଭର୍ତ୍ସନା କରିବା ପାଇଁ 'ଅମୃତ ବଜାର'କୁ ଗୋଟିଏ ସୁଯୋଗ ମିଳି ଯାଇଛି । ସେ ଦ୍ୱେଷ ଓ ଈର୍ଷା ପ୍ରଣୋଦିତ ହୋଇ ଏଭଳି କରିଛି ବୋଲି ଯେଉଁ ଅଭିଯୋଗ ହୋଇଥିଲା ତାକୁ ଖଣ୍ଡନ କରିଛି । ସେ କୌଣସି ନରମପନ୍ଥୀ ନେତାଙ୍କୁ ସମାଲୋଚନା କଲେ ତା' ବିରୋଧରେ ସାଧାରଣତଃ ଏ ପ୍ରକାର ଅଭିଯୋଗ ଆଗତ କରାଯାଏ । ତୁରନ୍ତ 'ଇଣ୍ଡିଆନ୍ ନେଶନ୍' ଆସି ତା' ଗ୍ରୀବାକୁ ଧରି ପକେଇଛି ଏବଂ ଆନନ୍ଦର ଲୋତକ ବର୍ଷଣ କରୁଛି । "ମୋତେ ମଧ୍ୟ ଅଭିଯୁକ୍ତ କରାଯାଇଛି । ଆଲିଙ୍ଗନ କର ମୋତେ ହେ ମୋର ନିର୍ଯାତିତ ସାଥୀ" । ଆମର ସଂଶୟ ହୁଏତ ଆମ ବନ୍ଧୁ ମିଃ. ଏନ୍. ଏନ୍. ଘୋଷ ଏବଂ ଇଣ୍ଡିଆନ୍ ନେଶନ୍ ସହିତ ସମଦଶାପନ୍ନ ହୋଇ ରହିବାଟାକୁ ବେଶ୍ ତୃପ୍ତିର ସହିତ ଉପଭୋଗ କରିବେ । ଏହାର ସମ୍ପାଦକ ହେଉଛନ୍ତି ଜଣେ ଜଣାଶୁଣା ରାଜନୈତିକ ନେତା ଓ ଆରମ୍ଭରୁ ତାଙ୍କ ପତ୍ରିକାଟି ଦେଶରେ ଏକ ଶକ୍ତି ରୂପେ ତିଷ୍ଠି ରହିଛି, ସମସ୍ତେ ଏହାକୁ ପାଠ କରୁଛନ୍ତି ଓ ବେଶ୍ ଉପଭୋଗ କରୁଛନ୍ତି, ଭାରତବର୍ଷର ସମସ୍ତ ଅଞ୍ଚଳରେ ଏପରିକି ଇଂଲଣ୍ଡରେ ମଧ୍ୟ; କିନ୍ତୁ ମିଃ. ଏନ୍. ଏନ୍. ଘୋଷ କେବଳ ଏନ୍. ଏନ୍. ଘୋଷ ହୋଇ ରହିଗଲେ ଏବଂ ତାଙ୍କ ସାପ୍ତାହିକୀର ପ୍ରସାରଣ କଥା — ଆଚ୍ଛା, ଚାଲ ଆମେ ତେବେ କହିବା କେତେଜଣ ନିର୍ଦ୍ଦିଷ୍ଟ ପାଠକବର୍ଗ ଭିତରେ ମାତ୍ର ଏହା ସୀମିତ ।

*

'ହ୍ୟାରେ ଷ୍ଟ୍ରିଟ୍' ପତ୍ରିକାଟିର ଚମକପ୍ରଦ ରୂପାନ୍ତର ଘଟିଛି । ସହାନୁଭୂତିର ସହ ଏହା ଚେଷ୍ଟା କରୁଛି ଲେଖିବା ପାଇଁ ଏବଂ ଅନେକ ରାଜନୈତିକ ବିଚାରବୋଧର ଛଳନା ମଧ୍ୟ କରୁଛି । ବରଂ, ଯେଉଁମାନେ ବାଧ୍ୟ ହୋଇ ଏହାର ଅଜସ୍ର ଲେଖାମାନ ପାଠ କରୁଛନ୍ତି ସେଇ ହତଭାଗ୍ୟ ଲୋକଙ୍କ ପାଇଁ

ଏହା ଏକ କଠିନ ବ୍ୟାପାର । କାରଣ ଏଇ ନେତାମାନଙ୍କ ଭିତରୁ କିଛି ମର୍ମ ବାହାର କରିବା ପାଇଁ ଉଦ୍ୟମ ଭିତରେ ଘୋର ଯନ୍ତ୍ରଣାଦାୟକ ବୌଦ୍ଧିକ ଚାପ ସନ୍ନିବିଷ୍ଟ ହୋଇ ରହିଛି ଯାହାକୁ ଜଣେ ସ୍ୱାଭାବିକ ଭାବେ ବିରୋଧ କରେ, କାରଣ ଏହା ଦିନର ଆଲୁଅ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ଭିତରେ ନଥାଏ । ଯଦି ଆମ ବନ୍ଧୁ ଜଣକ ଏ ପ୍ରକାର ଚାପ ଭିତରେ ଆହୁରି ଅଧିକ ଦୂର ପର୍ଯ୍ୟନ୍ତ ଗତି କରନ୍ତି, ଆମକୁ ଧର୍ମଘଟ କରିବାକୁ ପଡ଼ିବ ଏବଂ ସରକାରଙ୍କୁ ହୁଏତ ଆବେଦନ କରିବାକୁ ହେବ ଏକ ନିଷେଧାତ୍ମକ ଆଇନର ପ୍ରଣୟନ ପାଇଁ, ନହେଲେ ଶାନ୍ତିପୂର୍ଣ୍ଣ ପ୍ରତିରୋଧକୁ ସଙ୍ଗଠିତ କରିବାକୁ ହେବ । ଯୁଦ୍ଧର ଚିତ୍ରପଟରେ ଓ ଯୁଦ୍ଧ ଅଭିଯାନରେ ଦେଖିବାକୁ ମିଳୁଥିବା ଏକପ୍ରକାର ଜନବିରୋଧି ଲୋହିତ ଭାରତୀୟ ପରି ହାତରେ କୁଠାର ଧାରଣ ପୂର୍ବକ ଭୟ ପ୍ରଦର୍ଶନ କରି ଏବଂ ଅତି ଉଗ୍ର ଓ ଭୟଙ୍କର ରଣହୁଂକାରରେ କିଳିକିଳା ରାବ କରି 'ଇଂଲିଶ୍‌ମ୍ୟାନ୍' ଖୁବ୍ ମନୋରମ ଆଉ ବେଶ୍ କୌତୂହଳର ବସ୍ତୁ ହୋଇ ଉଠିଛି । କିନ୍ତୁ ତା'ର ଏଇ ନୂତନ ବ୍ୟତିକ୍ରମରେ ନା କିଛି ଶିକ୍ଷଣୀୟ ବିଷୟ ନା କିଛି ଆମୋଦ ରହିଛି ।

*

ତା'ର ମହାନ୍ ଘୋଷଣାନାମାକୁ ସେ ଅଧିକ କାର୍ଯ୍ୟକାରୀ କରିଛି । ପ୍ରାୟ ସମାନ ଭାବେ 'ସ୍ୱରାଜ'କୁ ନେଇ କୁହୁଡ଼ିର ଘେର ଭିତରେ ଥିବା ଏକ ନେତାଙ୍କ ସହିତ, ''ଏହିପରି ଏକ ସମୟ ପାଇଁ'' । ଏଇ ଦଲିଲଟିର ଆରମ୍ଭ ହୋଇଛି ଆମକୁ ସବିନୟ ଅନୁରୋଧରେ ଆମର ରାଜନୈତିକ ଆସ୍ପୃହାଗୁଡ଼ିକ ଜଳାଞ୍ଜଳି ଦେବା ପାଇଁ, ପ୍ରଫେସର ହକ୍ସଲେ(Huxley)ଙ୍କ ଶୋକାପ୍ଲୁତ ସ୍ମୃତିର ସମ୍ମାନାର୍ଥେ । କାରୁଣ୍ୟର ଆଘାତରେ ଆମ ବୁଦ୍ଧିକୁ ନିଶ୍ଚଳ କରି ଦେଲା ପରେ 'ମିରର୍' କିଂବା 'ନେଶନ୍' ଦ୍ୱାରା ପଛରେ ନପଡ଼ି 'ଇଂଲିଶ୍‌ମ୍ୟାନ୍' ତା' ନିଜ ଆଡୁ ଏକ ରାଜନୈତିକ ଆବିଷ୍କାରର ଘୋଷଣା କରିଛି । ଯାହା ଦେଖିବାକୁ ମିଳୁଛି, ଆମର ନରମପନ୍ଥୀ ବନ୍ଧୁଗଣ ଏକ ସାଂଘାତିକ ଭ୍ରମରେ ପଡ଼ି କାର୍ଯ୍ୟ କରୁଛନ୍ତି । ଉଦାରବାଦୀ ଦଳ ଆମ ପାଇଁ ସଂସ୍କାର ଆଣି ପାରିବେ ନାହିଁ, ଏହା ଯଦିବା ପାରିବ, କିନ୍ତୁ ଜଣେ ଅଛି ଯିଏ ଆଣିପାରେ ଆଉ ଆଣିବ ମଧ୍ୟ ଓ ସେ ହେଉଛନ୍ତି — ଭାରତ ସରକାର ! କଡ୍‌ଲିନ୍(Codlin's)ଙ୍କର ସେଇ ବନ୍ଧୁ ଜଣକ କିନ୍ତୁ ସ୍ନର୍ଟ(Snort) ନୁହଁନ୍ତି । ଆମ ନରମପନ୍ଥୀ ବନ୍ଧୁମାନଙ୍କୁ ଆମେ ଅଭିନନ୍ଦନ ଜଣାଉଛୁ ତାଙ୍କର ମନ ମୁତାବକ ପସନ୍ଦ ଉପରେ ଯାହା ସେମାନଙ୍କ ପାଇଁ ଉନ୍ମୁକ୍ତ ରହିଛି । ମିଣ୍ଟୋଙ୍କର ସହାନୁଭୂତିସମ୍ପନ୍ନ ସେଇ ବନ୍ଧୁ ଜଣକ, କିନ୍ତୁ ମର୍ଲେ ନୁହଁନ୍ତି — ମିଣ୍ଟୋ ତୁମକୁ ସ୍ୱରାଜ ଦେବେ — 'ଇଂଲିଶ୍‌ମ୍ୟାନ୍' ଏଥିପାଇଁ ଜାମିନଦାର୍ ରହିଛି । କିନ୍ତୁ ଭାରତ ସରକାରହିଁ ଆମକୁ କେବଳ ସାହାଯ୍ୟ କରିପାରିବ, ଆମର କ୍ଷତିସାଧନ କରିପାରିବ ବୋଲି ତାକୁ ଆଭୂମି ପ୍ରଣତ ହେବା ପାଇଁ ଆମକୁ ଆଦେଶ ଦେଲା ପରେ ଆମ ସାଥି ଜଣକ ହାଲୁକା ହୃଦୟରେ ଅସହିଷ୍ଣୁ ଭାବ ପ୍ରଦର୍ଶନ କରି ଘୋଷଣା କରିଛନ୍ତି ଯେ ଆମକୁ ସାହାଯ୍ୟ କରୁଥିବା କିଂବା ଆମର କ୍ଷତିସାଧନ କରୁଥିବା ବ୍ୟକ୍ତିମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିବାର ଅଭ୍ୟାସ ହେଲା ସ୍ୱରାଜ ପାଇଁ ଆମ ଅଯୋଗ୍ୟତାର ପ୍ରମୁଖ କାରଣ । ପକ୍ଷାନ୍ତରେ, ଏକଥା ମନେ ହୁଏ ଯେ ଯେଉଁମାନେ ଆମକୁ ସାହାଯ୍ୟ କରିପାରିବେନି କି ଆମର କ୍ଷତି କରିପାରିବେନି ସେଇମାନଙ୍କ ପ୍ରତି ଆମର ବ୍ୟବହାର ହେଉଛି ଅସମ୍ମାନଜନକ, ଉଦାହରଣସ୍ୱରୂପ ସିପାହୀମାନେ, କୁଲିମାନେ ଆଉ 'ଇଂଲିଶ୍‌ମ୍ୟାନ୍' । ଆଙ୍ଗ୍ଲୋ-ଭାରତକୁ ଶାସନ କରୁଛି କୁଲି ପ୍ରତି ତା'ର ପିତୃସୁଲଭ ଦରଦ ଯୋଗୁଁ । ଯେପର୍ଯ୍ୟନ୍ତ ଆମର ଲାଭ ସଙ୍ଗେ ସଙ୍ଗେ ତା'ର ଅବସାଦ ଅବସ୍ଥା ସମ୍ପର୍କରେ ଅଭ୍ୟାସବଶତଃ ଆମେ ଅନୁସନ୍ଧାନ ନକରିଛୁ ସମୟରେ ଅବା ଅସମୟରେ, କୋଳାକୋଳିର ବଳିଷ୍ଠ ଓ ବିଷାଦ ଜର୍ଜରିତ ବାକ୍ୟରେ ତାକୁ ଅଭିଭୂତ କରି ନପକେଇଛୁ, ସ୍ୱାୟତ୍ତ ଶାସନ ପାଇଁ ଆମେ ଯୋଗ୍ୟ ହୋଇପାରିବା ନାହିଁ । 'ମିରର୍' ଯେ ଆମକୁ ଗୁରୁଗମ୍ଭୀର ସ୍ୱରରେ କହୁଛି ଆମେ ନୈତିକଭାବେ, ମାନସିକ ସ୍ତରରେ ଏବଂ ଶାରୀରିକ ଦୃଷ୍ଟିରୁ ଆତ୍ମ-ଶାସନ ପାଇଁ ଯୋଗ୍ୟ କି ନାହିଁ ଏଇକଥା ବକ୍ଷରେ ହାତ ରଖି ପୂର୍ଣ୍ଣ ସତ୍ୟ ନିଷ୍ଠାର ସହିତ ଘୋଷଣା କରିବାକୁ । ଏହା ଯଦି ଜଣେ ପ୍ରଭୁ ଭକ୍ତ ପାଇଁ ପରୀକ୍ଷା ସ୍ୱରୂପ ହୁଏ ତା'ହେଲେ ଦୁଃଖର ସହିତ ଆମେ କହିବୁ 'ନାହିଁ' ।

*

ରାଜନୈତିକ ଆବିଷ୍କାରକଗଣ ଭାରତର ଏଇ ପ୍ରସଙ୍ଗ ଭିତରେ ଆବଦ୍ଧ ନୁହଁନ୍ତି । ଲର୍ଡ଼ କିଚ୍‌ନର୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ଯୋଗୁଁ ବମ୍ବେର 'ଇନ୍ଦୁ' ମିଃ. ମୋର୍ଲେଙ୍କ ବିରୋଧରେ ଅସହାୟ କ୍ରୋଧର ଶେଷ ସୀମାରେ; ଏବଂ ତାଙ୍କର ଅନୁଚିତ ଆଚରଣ ସକାଶେ ତାଙ୍କ ଉପରେ ସାମ୍ବାଦିକତାର ଏକ ନିର୍ମମ

ପ୍ରହାର କଶି ଦେଇଛି । 'ଇନ୍ଦୁ'ର ଚରମ ଉତ୍କଣ୍ଠା, ଜଣେ ଖାସ୍ ନରମପନ୍ଥୀ ପକ୍ଷରେ ଯାହା ଶୋଭାପାଏ, ଭାରତବର୍ଷରେ ବ୍ରିଟିଶ ଅଧିକାରରେ ଥିବା ସବୁକିଛିର ସୁରକ୍ଷା ପାଇଁ; ଏହା ଆବିଷ୍କାର କରି ସାରିଛି କୁଆଡ଼େ ଲର୍ଡ଼ କିଚ୍‌ନର୍ ଯିଏକି ଜଣେ ଉତ୍ତମ ସେନାଧକ୍ଷ ନୁହନ୍ତି ଏବଂ ଖାଲି ଯାହା ପରଲୋକଗତ ମହାନ୍ ନେତାମାନଙ୍କୁ (Mahdis) ଖୋଳି ବାହାର କରିବା ଛଡ଼ା ଆଉ କିଛି ଅଧିକ ବୀରୋଚିତ କାର୍ଯ୍ୟର ସେ ଉପଯୁକ୍ତ ପାତ୍ର ନୁହନ୍ତି, ତେଣୁ ହଲ୍ଲା କରି ଲାଗିଛି ଏକ ଉତ୍କୃଷ୍ଟ ସେନାଧକ୍ଷଙ୍କ ପାଇଁ, ଯିଏ ଅଧିକ ସଫଳତାର ସହିତ ବ୍ରିଟିଶ ସାମ୍ରାଜ୍ୟର ସୁରକ୍ଷା ପ୍ରବନ୍ଧ କରିବା ସଙ୍ଗେ ସଙ୍ଗେ ସେ ଦିଗରେ ଅଳ୍ପ ଖର୍ଚ୍ଚ ମଧ କରିବେ । ବିଚରା ମୋର୍ଲେ ! ଏମିତିକି 'ଇନ୍ଦୁ' ତାଙ୍କୁ ଶେଷରେ କେଉଁଠୁ ଖୋଜି ପାଇଗଲା । କେବଳ ଏକ ସ୍ୱାଧୀନ ଓ ସମୃଦ୍ଧ ଭାରତରେ ପ୍ରତିରକ୍ଷା ଉଭୟ ଫଳପ୍ରଦ ଓ ଅଳ୍ପ ବ୍ୟୟରେ ଯେ ସମ୍ଭବ ହୋଇପାରେ ଏକଥାଟିକୁ ଆମ ସାଥିଜଣକ ଉପଲବ୍ଧି କରିବେ ବୋଲି ଆମେ ଆଶା କରିପାରିବାନି । ବର୍ତ୍ତମାନର ସରକାରଙ୍କୁ ବାହ୍ୟ ଶତ୍ରୁର ଆକ୍ରମଣ ଓ ଆଭ୍ୟନ୍ତରୀଣ ଅସନ୍ତୋଷ ବିରୋଧରେ ବନ୍ଦୋବସ୍ତ କରିବାକୁ ପଡ଼ୁଛି ଏବଂ ଏହାର ଅର୍ଥ ହେଲା କେବଳ ଖର୍ଚ୍ଚ ଦୁଇ ଗୁଣାକୁ ବୃଦ୍ଧି କରିବା । ତା'ହେଲେ ମୋର୍ଲେଙ୍କ ମୁହଁ ପାଖରେ 'ଇନ୍ଦୁ' ଏମିତି ଗୋଲାପି ନିଶାରେ ଚୁର୍ ହୋଇ ମୁଷ୍ଟିବଦ୍ଧ କରିବା ଆଉ ନରମବାଦ (Moderatism)ର ପରମ ଆଦରଣୀୟ (Darling)ଙ୍କୁ କଦର୍ଯ୍ୟ ନାମ ଧରି ହୁରି ପକାଇବାରେ ଫାଇଦା କ'ଣ ? ତା'ଠୁ ଅଧିକ ଭଲ ହୁଅନ୍ତା ଯଦି ଦୁଇ ଲକ୍ଷ ଦସ୍ତଖତରେ ଏକ ଆବେଦନ ପତ୍ର ଲର୍ଡ଼ କିଚ୍‌ନର୍‌ଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପଠା ଯାଇଥା'ନ୍ତା ଏବଂ ସେତକ କରି ସାରିବା ପରେ,– ମନ ଶାନ୍ତିରେ ବସିଯାଅ ।

[ବନ୍ଦେ ମାତରମ୍, ଏପ୍ରିଲ ୨୪, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

Your soul blossoms to the Light as a flower opens to the sun.
(CWM Vol. 14, p. 330) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଚେତନାର ଅବତରଣ

## (୨)

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଏହି ଯେଉଁ ଦୁଇଟି ଅବତରଣର କଥା ମୁଁ କହିଲି, ତାହା ହେଲା ଚେତନାର ସାଧାରଣ ବା ନୈର୍ବ୍ୟକ୍ତିକ ଅବତରଣ । ପୁଣି ଚେତନାର ଅଛି ବିଶିଷ୍ଟ ବ୍ୟକ୍ତିଭୂତ ଅବତରଣ । ଚେତନା କେବଳ ଚେତନା ମାତ୍ର ନୁହେଁ, ସେ ହେଉଛି ପୁଣି ଚିନ୍ମୟ ପୁରୁଷ ।

ଚେତନାର ଯେଉଁ ସମସ୍ତ ଶକ୍ତିଧାରା ସତ୍ତାର ବା ସୃଷ୍ଟିର ବିଭିନ୍ନ ସ୍ତରରେ କ୍ରିୟା କରେ, ସେସବୁ କେବଳ ନିରାକାର, ନିରବୟବ, ନୈର୍ବ୍ୟକ୍ତିକ ଶକ୍ତିର ସ୍ରୋତ ନୁହେଁ, ସେସବୁ ହେଲା ପୁଣି ସାକାର ଓ ସାବୟବ – ସ୍ଥୂଳ ନହେଲେ ମଧ୍ୟ ସୂକ୍ଷ୍ମ – ବ୍ୟକ୍ତିରୂପୀ ଶକ୍ତି । ଆଦି ମୂଳ ସତ୍ୟ – ସଚ୍ଚିଦାନନ୍ଦ – କେବଳ ଗୋଟାଏ ତତ୍ତ୍ୱ ନୁହେଁ; ସଚ୍ଚିଦାନନ୍ଦ ହେଉଛି ପୁଣି ସଚ୍ଚିଦାନନ୍ଦମୟ ଓ ସଚ୍ଚିଦାନନ୍ଦମୟୀ । ସଚ୍ଚିଦାନନ୍ଦ କେବଳ ସତ୍-ଚିତ୍-ଆନନ୍ଦର ସମଷ୍ଟି ମାତ୍ର ନୁହେଁ, ସେ ପୁଣି ପୁରୁଷୋତ୍ତମ ଓ ପରାଶକ୍ତି ତଥା ଆଦ୍ୟାଶକ୍ତି । ସେଥିଲାଗି ସୃଷ୍ଟି ବା ପ୍ରକାଶ ହେଉଛି ଆଦ୍ୟାଶକ୍ତିଙ୍କର ଇଚ୍ଛାବେଗ, ସେହି ଇଚ୍ଛାକୁ ପୁରୁଷୋତ୍ତମଙ୍କର ଅନୁମତି ଓ ଅନୁମୋଦନ ଧାରଣ କରିଛି, ତାକୁ ସମର୍ଥନ କରିଛି ଓ ଅନୁପ୍ରାଣିତ କରିଛି । ଭଗବାନ୍ ଓ ଭଗବତୀ, ଆଦିପିତା ଓ ଆଦିମାତା ହେଲେ ଆଦି ବ୍ୟକ୍ତିରୂପ ।

ଜଡ଼ାଭିମୁଖୀ ଗତିର ଧାରା ଦ୍ୱାରା ସତ୍ତା ଯେପରି ଖଣ୍ଡିତ ଓ ବହୁଳ ହୋଇ ଚାଲିଛି, ଚେତନା ଯେପରି କ୍ରମାଚ୍ଛନ୍ନ ହୋଇ ପ୍ରତି କେନ୍ଦ୍ରରେ ଅନନ୍ୟମୁଖୀ ହୋଇ ଡୁବି ଚାଲିଛି, ସେହି ସଙ୍ଗେ ବ୍ୟକ୍ତି ରୂପ ମଧ୍ୟ ସୀମାବଦ୍ଧ, କ୍ଷୟିତ, ବିକୃତ ଓ ଚୂର୍ଣ୍ଣ ହୋଇ ଚାଲିଛି । ପ୍ରଥମେ ପୂର୍ଣ୍ଣପୁରୁଷ, ପରମ ବ୍ୟକ୍ତି – ଭଗବାନ୍-ଭଗବତୀ । ତା'ପରେ ବିଜ୍ଞାନମୟଲୋକ ଯେଉଁଠାରେ କି ସୃଷ୍ଟିର ସତ୍ୟ ସ୍ୱରୂପମୟ ପ୍ରଥମ ପ୍ରକାଶ ଓ ବହୁତ୍ୱର ଆଦି ଆବିର୍ଭାବ, ଯେଉଁଠି ଏକ ବହୁ ହେଲେ ମଧ୍ୟ ଏକ, ଓ ବହୁ ବହୁ ହେଲେ ମଧ୍ୟ ଏକ; ପ୍ରତ୍ୟେକ ଭିତରେ ସେହି ଏକର ସମଗ୍ରତା ସମାନଭାବେ ଓ ସମ୍ପୂର୍ଣ୍ଣ ରୂପେ ପ୍ରକଟ ଓ ସକ୍ରିୟ, ଯଦିଚ ବିଚିତ୍ର ଧାରାରେ – ସେହି ବିଜ୍ଞାନମୟ ଲୋକରେ ବ୍ୟକ୍ତିର ମୂଳସ୍ୱରୂପ ଓ ଆଦି ପ୍ରକାଶ,– ତାହା ହେଲା ଭଗବାନ୍-ଭଗବତୀଙ୍କର ନିଜରହିଁ ବିଭିନ୍ନ ସ୍ୱରୂପ ବା ବିଗ୍ରହ । ଏହି ବିଜ୍ଞାନମୟ ଲୋକ ଭଗବାନଙ୍କର ଚତୁର୍ବ୍ୟୂହ (ବୈଷ୍ଣବ ଶାସ୍ତ୍ରାନୁଯାୟୀ ଶ୍ରୀଅରବିନ୍ଦ ଯାହାର ନାମ ଦେଇଛନ୍ତି ମହାବୀର, ବଳରାମ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ) ଓ ଭଗବତୀଙ୍କ ଚତୁର୍ଶକ୍ତି (ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ)ର ସ୍ୱଧାମ ବା କର୍ମଭୂମି ବା ପାଦପୀଠ । ତତ୍ପରେ ଅଧିମାନସ – ଅଧିମାନସର ଅଧିଷ୍ଠାତ୍ରୀଙ୍କର ଯେଉଁ ସମସ୍ତ ବ୍ୟକ୍ତିଶକ୍ତି, ସାଧାରଣତଃ ସେମାନେହିଁ ଦେବତା ନାମରେ ଅଭିହିତ ହୁଅନ୍ତି । ମନେହୁଏ ବୈଦିକ ଋଷିଗଣ ଏହାର ସନ୍ଧାନ ପାଇଥିଲେ ଏବଂ ଏମାନଙ୍କ ସହିତ ଗୋଟାଏ ସାକ୍ଷାତ୍, ଜୀବନ୍ତ ସଂଯୋଗ ସ୍ଥାପନ କରି ପାରିଥିଲେ । ଏଠାରେ ମଧ୍ୟ ଅଧିମାନସର ଊର୍ଦ୍ଧ୍ୱସ୍ତରରେ ମନ୍ତ୍ର ହେଲା –

''ଏକଂ ସତ୍ ବିପ୍ରା ବହୁଧା ବଦନ୍ତି
ଅଗ୍ନିଂ ଯମଂ ମାତରିଶ୍ୱାନମାହୁଃ ।''
(ଋକ୍‌ବେଦ - ୧/୧୬୪/୪୬)

ଏଠାରେ ବିଶ୍ୱଦେବତା ଏକହିଁ ଦେବଙ୍କର ନାନା କ୍ରିୟାମୂର୍ତ୍ତି – ସେହି ଏକ ଦେବତାହିଁ ହେଲେ ସହସ୍ରଶିର, ସହସ୍ରପାଦ । ତଥାପି ମଧ୍ୟ ଦେବତାମାନେ ଏଠାରେ ଯଥୋଚିତଭାବେ ପୃଥକ୍ ହୋଇଛନ୍ତି, ନିଜ ନିଜର ବୈଶିଷ୍ଟ୍ୟରେ ସ୍ୱାତନ୍ତ୍ର୍ୟ ଲାଭ କରିଛନ୍ତି, ପ୍ରତ୍ୟେକଙ୍କର ପୂଜା-ଅର୍ଚ୍ଚନା ନିମିତ୍ତ ସ୍ତବ-ସ୍ତୁତି ତୁଷ୍ଟିର ବିଶେଷ ଧାରା ପରିସ୍ଫୁଟ ହୋଇଛି । ୟୁରୋପୀୟମାନେ ଏହି ବିଷୟଟିର ନାମ ଦେଇଛନ୍ତି henotheism ଅର୍ଥାତ୍ ଯେତେବେଳେ ଯେଉଁ ଦେବତାଙ୍କୁ ଆରାଧନା କରାଯାଏ ସେତେବେଳେ ସେହିଁ ହୋଇଉଠନ୍ତି ସର୍ବେସର୍ବା ଓ ସର୍ବପ୍ରଧାନ । ଏହା ପରେ ମନୋମୟ ସ୍ତରରେ ଅଥବା ଅଧିମାନସର ନିମ୍ନତର ସ୍ତରରୁ ଦେବଶକ୍ତିଗଣ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଛନ୍ତି : ସୁର ଏବଂ ଅସୁର, ପୌରାଣିକ ଦେବତା ଏବଂ ଦାନବ । ଏକ ପକ୍ଷରେ ହେଲେ ଯେଉଁମାନେ ପୂର୍ବର ଏକାତ୍ମକ ଊର୍ଦ୍ଧ୍ୱତର ଚେତନାର ସ୍ମୃତି ଏପର୍ଯ୍ୟନ୍ତ ବି ବଜାୟ ରଖିଛନ୍ତି, ଏବଂ ଅନ୍ୟ ପକ୍ଷରେ ହେଲା

ସେମାନେ ଯେଉଁମାନଙ୍କର କି ସ୍ମୃତି ବିଲୁପ୍ତ ହୋଇଯାଇଛି ଏବଂ ସେମାନେ ପରିଣତ ହୋଇଛନ୍ତି ମୂର୍ତ୍ତିମାନ୍ ସ୍ୱାତନ୍ତ୍ର୍ୟ, ସ୍ୱୈରତା ଓ ଅହଙ୍କାରରେ । ପ୍ରଥମ ଶ୍ରେଣୀଟି ହେଲେ ଅଦିତିଙ୍କର ଏବଂ ଦ୍ୱିତୀୟ ଶ୍ରେଣୀଟି ହେଲେ ଦିତିଙ୍କର ସନ୍ତାନ । ଅଦିତି ଅର୍ଥ ଅଖଣ୍ଡତା, ଅଭିନ୍ନତା, ଅବିଚ୍ଛିନ୍ନତା; ଦିତି ଅର୍ଥ ଖଣ୍ଡତା, ବିଚ୍ଛିନ୍ନତା ।

ପ୍ରାଚୀନ ସମସ୍ତ ଧର୍ମ-କିଂବଦନ୍ତୀରେ, ବହୁ ଆଳଙ୍କାରିକ କାହାଣୀର ଅନ୍ତରାଳରେ ଏହି ତତ୍ତ୍ୱଟି ଉଲ୍ଲେଖ ଥିବାର ପରିଲକ୍ଷିତ ହୁଏ । ପାର୍ଶୀମାନଙ୍କର ଆହ୍ରିମାନ ଓ ଅରହୁମଜାଦ, ଇହୁଦୀ-ମାନଙ୍କର ଜିହୋବା ଓ ସଇତାନ, ଗ୍ରୀକ୍‌ମାନଙ୍କର ଅଲିମ୍ପିୟାନ ଓ ଟାଇଟାନ୍ – ଏହିସବୁ ହେଲା ଅଦିତି-ଦିତି, ଜ୍ୟୋତିଃ ଓ ତମିସ୍ରାର ଦ୍ୱୈଧ ଧାରା । ଗ୍ରୀକ୍ କିଂବଦନ୍ତୀରେ ଅଛି ଟାଇଟାନ୍ ପ୍ରମେଥିଅସ୍ (Prometheus) ମନୁଷ୍ୟର ସେବା ନିମିତ୍ତ ସ୍ୱର୍ଗରୁ ଅଗ୍ନି ଅପହରଣ କରି ଆଣିଥିଲେ । ଇହୁଦୀମାନେ କହନ୍ତି ଆଦିମାନବ – ଆଦାମ୍ ସ୍ୱର୍ଗରେ ଥିବା ପୁଷ୍ପବାଟିକାରେ ନିଷ୍କଳୁଷ ଭାବେ ରହିଥିଲା – ସଇତାନ ତାକୁ ଜ୍ଞାନଫଳ ଖୁଆଇ ପହିଲି ପାପର ସ୍ୱାଦ ତା' ଭିତରେ ଜାଗ୍ରତ କରାଇ ଦେଇଥିଲା । ଏହିସବୁ ଉକ୍ତିର ଅର୍ଥ ହେଉଛି, ମୁଁ ଯାହା କହିଛି ଚେତନାର ଗୋଟାଏ ଅବତରଣ ଓ ଅବନତି । ଐକାତ୍ମକ ମାନସୋତ୍ତର ରାଜ୍ୟରୁ ଖଣ୍ଡତ୍ୱଧର୍ମୀ ମାନସ ମଧ୍ୟରେ ସତ୍ତାର ଓ ଚେତନାର କ୍ରମନିମଜ୍ଜନ ଘଟିଛି ଏବଂ ତା' ଫଳରେ ହୋଇଛି ଅହଂର ଅନ୍ଧ ଆବିର୍ଭାବ । ଏଠାରେ ସାଂଖ୍ୟର ତତ୍ତ୍ୱାବଳୀ ସ୍ମରଣ କରାଯାଇ-ପାରେ – ଅର୍ଥାତ୍ ମହତ୍-ତତ୍ତ୍ୱ ପରେ ଅହଂ, ମହତ୍ ହେଲା ସର୍ବବ୍ୟାପକ ଅଖଣ୍ଡ ଚେତନା ଏବଂ ସେ ଚେତନା ଯେତେବେଳେ ଖଣ୍ଡ ଓ ସଂକୀର୍ଣ୍ଣ ତଥା ଏକମୁଖୀ ହୋଇଛି ସେତେବେଳେହିଁ ସୃଷ୍ଟି ହୋଇଛି ଅହଂ ।

ମନର ଏକାନ୍ତ ନିଜସ୍ୱ ରାଜ୍ୟରେ ରହିଛନ୍ତି ମନୋମୟ ଦେବତାଗଣ । ଏକମୁଖୀ ଅନନ୍ୟ ସହ ଦୃଷ୍ଟି, ସିଦ୍ଧାନ୍ତ, ସାମ୍ପ୍ରଦାୟିକ ମତ,– ଏସବୁର ଉତ୍ସ ପ୍ରେରଣା ଏହିଠାରୁହିଁ ଆସେ । ଏହିସବୁ ପୁରୁଷମାନଙ୍କର ଆଲୋକ ଅଛି କିନ୍ତୁ ତାହା ସୀମାବଦ୍ଧ, ତାହା ନିଜକୁ ନିଜେ ଘେରି ରହିଛି, ଯେଉଁ ଆଲୋକ ରେଖା ଦ୍ୱାରା ନିଜକୁ ମଣ୍ଡିତ କରିଛି ତାହାହିଁ ତାକୁ ଅନ୍ୟଠାରୁ ସାର୍ବିକତାରୁ ବିଚ୍ଛିନ୍ନ ରଖିଛି – ବିଶ୍ୱକୁ ଯେତେବେଳେ ଆଲିଙ୍ଗନ କରିବାକୁ ଚେଷ୍ଟା କରିଛି ସେତେବେଳେ ସେ ବିଶ୍ୱକୁ ଟାଣି ନିଜର ପରିଧି ମଧ୍ୟରେ ଆବଦ୍ଧ କରିବାକୁ ଇଚ୍ଛା ପ୍ରକାଶ କରିଛି, ନିଜକୁ ପ୍ରସାରିତ କରିବା ଦ୍ୱାରା ବିଶ୍ୱର ସାଲୋକ୍ୟଲାଭ କରି ନାହିଁ ।

ତତ୍ପରେ ମନଠାରୁ ଚେତନା ପ୍ରାଣକୁ ଅବତରଣ କରିଛି । ଏହି ସନ୍ଧିସ୍ଥଳରେ ଯେ ରହିଛି – ଯାହାର ନାମ ଦିଆଯାଏ ଅସୁର – ପ୍ରାଣମୟ ଜୀବ, ସେମାନେ ମନର ରାଜ୍ୟକୁ ଉଠି ମନର ଏହି ଏକମୁଖୀ ଆତ୍ମସର୍ବସ୍ୱ-ଧର୍ମ ଅର୍ଜନ କରିଛନ୍ତି – ସେମାନେ ଚାହାନ୍ତି ଅହଂର ପ୍ରତିଷ୍ଠା, ପ୍ରତିପତ୍ତି ଏବଂ ଏକଚ୍ଛତ୍ର ରାଜତ୍ୱ ।

ଚେତନା ଯେତେବେଳେ ଏକେବାରେ ପ୍ରାଣ ମଧ୍ୟରେ ଅବତରଣ କରି ଆସିଛି ସେତେବେଳେ ସେ ଆହୁରି ଗାଢ଼, ଆହୁରି ଅସ୍ୱଚ୍ଛ ଏବଂ ଆହୁରି ଆତ୍ମମୁଖୀ ବା ଆତ୍ମଭୋଗପରାୟଣ ହୋଇ ଉଠିଛି । ଏଠାରେ ଯେଉଁ ସମସ୍ତ ସତ୍ତା ବା ପୁରୁଷ ବା ବ୍ୟକ୍ତି ଗଠିତ ହୁଅନ୍ତି ଏବଂ ରୂପ ଗ୍ରହଣ କରନ୍ତି ସେମାନଙ୍କ ମଧ୍ୟରେ ଗୋଟାଏ ପ୍ରଧାନ ଶ୍ରେଣୀର ନାମ ଦିଆ ହୋଇଛି ରାକ୍ଷସ । ଯଦିଓ ଏହି ପ୍ରାଣମୟ ଜଗତର ଅନ୍ୟ ଏକ ଦିଗରେ – ଏହି ପ୍ରାଣମୟ ଜଗତରେହିଁ ଗୋଟାଏ ଉଚ୍ଚତର ବା ନିଭୃତତର ସ୍ପର୍ଶର ପ୍ରଭାବ ହେତୁ – ଗଢ଼ି ଉଠିଛି ରସାନୁଭବର, ସୌନ୍ଦର୍ଯ୍ୟ ଲିପ୍ସାର କ୍ଷେତ୍ର, ଯାହାକୁ କି କୁହାଯାଏ ଗନ୍ଧର୍ବଲୋକ । ଯକ୍ଷ, ରକ୍ଷ, ଗନ୍ଧର୍ବ, କିନ୍ନର – ଏମାନେ ସମସ୍ତେ ପ୍ରାଣ ଜଗତର ବିଭିନ୍ନ ରାଜ୍ୟର ଅଧିବାସୀ ।

ଏସବୁ ହେଲା ପ୍ରାଣର ଉତ୍ତରାଙ୍ଗ; ପ୍ରାଣର ଅଧମାଙ୍ଗରେ ଚେତନା ଆହୁରିହିଁ ବିଚ୍ଛିନ୍ନ, ସଂକୀର୍ଣ୍ଣ, ମୋହାଚ୍ଛନ୍ନ ଓ ତମସାବୃତ ହୋଇ ଚାଲିଛି । ମନୁଷ୍ୟର ବ୍ୟକ୍ତିଗତ ଚେତନାରେ ଯାହା ହେଲା ଲାଳସା, ଲୁବ୍ଧତା, କ୍ରୂରତା, ନିଷ୍ଠୁରତା ଏବଂ ଯାହାକିଛି ଦୀନହୀନ, ନୀଚ, ମଳିନ, କୁତ୍ସିତ ସେସବୁର କେନ୍ଦ୍ର ମୂଳଭୂମି ଏହିଠାରେହିଁ ରହିଛି । ଏଠାକାର ଅଧିବାସୀ ପିଶାଚ, ଦୈତ୍ୟ, ଦାନବ । ତା'ପରେ ଆହୁରି ମଧ୍ୟ ନିମ୍ନରେ, ପ୍ରାଣ ଯେଉଁଠି ଜଡ଼କୁ ସ୍ପର୍ଶ କରିଛି ଏବଂ ସେ ଜଡ଼ରେ ପରିଣତ ହୋଇଛି, ସେଠାରେ ମଧ୍ୟ ରହିଛି ତଦୁପଯୋଗୀ ଜୀବ ବା ବ୍ୟକ୍ତିସତ୍ତାସବୁ – ସେମାନଙ୍କର ଚେତନା ଯେପରି କ୍ଷୁଦ୍ର, ସେମାନଙ୍କର ଶକ୍ତି ଓ ଆକାର ମଧ୍ୟ ତା'ଠାରୁ ଆହୁରି କ୍ଷୁଦ୍ର; ପାଶ୍ଚାତ୍ୟ ଜଗତରେ ଯେଉଁମାନଙ୍କର ନାମ ଦିଆହୋଇଛି goblin, imp, elf, fairy, ଅର୍ଥାତ୍ dryad(ବନପରୀ), naiad(ଜଳପରୀ) ପ୍ରଭୃତି – ଆମ୍ଭେମାନେ ଯେଉଁମାନଙ୍କୁ ସାଧାରଣତଃ ଜଡ଼ାଭିମାନୀ ଦେବତା ବୋଲି କହିଥାଉ

ସେମାନଙ୍କର ଉତ୍ପତ୍ତି ଓ ଲୀଳାସ୍ଥାନ ହେଉଛି ଏହିଠାରେ । ଜଡ଼ର ଏକାନ୍ତ ସନ୍ନିକଟରେ ଏପରି ବ୍ୟକ୍ତିସତ୍ତା ମଧ୍ୟ ଅଛନ୍ତି ଯେଉଁମାନଙ୍କର ଆୟୁ ଅତି ସ୍ୱଳ୍ପ ଏବଂ ଯେଉଁମାନଙ୍କର ଜୀବନ ନିର୍ଭର କରେ ଜଡ଼ର ଏକ ଭଙ୍ଗୁର ସାମ୍ୟାବସ୍ଥା ଉପରେ – ସେହି ସାମ୍ୟାବସ୍ଥାର ସାମାନ୍ୟ ବ୍ୟତିକ୍ରମ ହେଲେ ବ୍ୟକ୍ତି ଚେତନାଟି ନିର୍ବାଣ ଲାଭ କରେ ଓ ତା'ର ଉପାଦାନ ଭାଙ୍ଗି ଚୂର୍ଣ୍ଣ ହୋଇଯାଏ । ସର୍ବଶେଷରେ କହିବାକୁ ଗଲେ ଏକାନ୍ତ ଜଡ଼ ସ୍ତରରେ ବ୍ୟକ୍ତିସତ୍ତା ବୋଲି କିଛିହିଁ ନାହିଁ ।

ତେବେ ଆମ୍ଭେମାନେ ଦେଖିଲୁ ଯେ ବ୍ୟକ୍ତି ଚେତନା, ବ୍ୟକ୍ତି ସତ୍ତା, ବ୍ୟକ୍ତି ରୂପ – ଏହା ଏହିପରି ଗୋଟାଏ ଅବତରଣ ଧାରାରେ ଚାଲିଛି – ସେ ବ୍ୟକ୍ତିତ୍ୱ କ୍ରମେ ଖଣ୍ଡିତ, ସଂକୁଚିତ, ସଂକୀର୍ଣ୍ଣ ଏବଂ ତତ୍ ସଙ୍ଗେ ଆଚ୍ଛନ୍ନ, ଗାଢ଼, ଘନ, ଅନମନୀୟ ତଥା ଜଡ଼ତୁଲ୍ୟ ଅବଶ ହୋଇ ଚାଲିଛି; ପରିଶେଷରେ ଜଡ଼ ମଧ୍ୟରେ ଚେତନା ଯେପରି ଲୁପ୍ତ ହୋଇଛି, ବ୍ୟକ୍ତିତ୍ୱ ମଧ୍ୟ ସେହିପରି ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇ ବିକ୍ଷିପ୍ତ ହୋଇ କଠିନ ଜଡ଼ାଣୁ ମଧ୍ୟରେ ନିଜକୁ ମିଶାଇ ଦେଇଛି ।

ତତ୍ପରେ ବିବର୍ତ୍ତନଧାରାର ସୂତ୍ରପାତ, ଅର୍ଥାତ୍, ଚେତନାର ପରାବର୍ତ୍ତନ ଓ କ୍ରମସ୍ଫୁରଣ । ଚେତନା ଯେତେବେଳେ ବିବର୍ତ୍ତନର ପ୍ରାରମ୍ଭରେ ଜଡ଼ ଉପରେ ନିର୍ଭର କରି ଓ ତାକୁ ଆଶ୍ରୟ କରି ବିକଶିତ ଓ ଉର୍ଦ୍ଧାୟିତ ହୋଇଛି, ସେତେବେଳେ ବ୍ୟକ୍ତିତ୍ୱଟି ମଧ୍ୟ ପୁନରାୟ ଗଢ଼ି ଉଠି ଗୋଟାଏ ନୂତନ ଆକୃତି-ପ୍ରକୃତି ଧାରଣ କରିଛି । ବ୍ୟକ୍ତିତ୍ୱର କ୍ରମବିକାଶ ଓ କ୍ରମସଙ୍ଗଠନ ହେଉଛି ସୃଷ୍ଟିର ଗୋଟାଏ ପ୍ରଧାନ ରହସ୍ୟ; ସୃଷ୍ଟିର ସାର୍ଥକତାର ତାହା ଅନ୍ତରଙ୍ଗ, ଏପରିକି ମୁଖ୍ୟତମ ଉପାଦାନ ବୋଲି କୁହାଯାଇପାରେ ।

ବ୍ୟକ୍ତିର ସ୍ୱରୂପ କିପରି ଭାବେ ଗଢ଼ି ଉଠିଛି ? ମୁଁ ବର୍ତ୍ତମାନ କହିଲି ଯେ ଜଡ଼ରେ ବ୍ୟକ୍ତିତ୍ୱ ନାହିଁ – ଏପରିକି ଅସଲ ବ୍ୟଷ୍ଟିତ୍ୱ ପର୍ଯ୍ୟନ୍ତ ବି ନାହିଁ (ଆଧୁନିକ ବିଜ୍ଞାନ ପରମାଣୁର ସ୍ୱୈର-ଗତିର କଥା ଯେତେ କହୁନା କାହିଁକି) । ବ୍ୟଷ୍ଟିତ୍ୱର ମୂଳ ଧର୍ମ ଓ ବୈଶିଷ୍ଟ୍ୟ ହେଉଛି ଗୋଟାଏ ଅଖଣ୍ଡତା, ଏବଂ ଗୋଟାଏ ପୂର୍ଣ୍ଣତା । ଜଡ଼ ହେଲା ସେହି ଯାହାକୁ କି ନିରନ୍ତର ଅନନ୍ତ ପର୍ଯ୍ୟାୟରେ ଖଣ୍ଡିତ କରାଯାଏ । କିନ୍ତୁ ବ୍ୟଷ୍ଟିକୁ ଖଣ୍ଡିତ କଲେ ତା'ର ବ୍ୟଷ୍ଟିତ୍ୱ ନଷ୍ଟ ହୋଇଯାଏ (ବ୍ୟଷ୍ଟିର ଇଂରାଜୀ ପ୍ରତିଶବ୍ଦ ହେଉଛି individual, ଏହାର ବ୍ୟୁତ୍ପତ୍ତି ହେଲା ଯାହାକୁ ବିଭକ୍ତ କରାଯାଏ ନା) । ବ୍ୟଷ୍ଟିର ଆରମ୍ଭ ପ୍ରାଣର ଆରମ୍ଭରୁ । ବ୍ୟଷ୍ଟିର କେନ୍ଦ୍ରଗତ ଗୁଣ ହେଲା ସ୍ୱକୀୟତା ଅର୍ଥାତ୍ ପ୍ରତ୍ୟେକ ବ୍ୟଷ୍ଟି ଗୋଟିଏ ଗୋଟିଏ ବିଶିଷ୍ଟ ସତ୍ତା,ଏବଂ ପ୍ରତ୍ୟେକଙ୍କର ରହିଛି ନିଜସ୍ୱ ଧରଣର ଧାରା – ପ୍ରତ୍ୟେକ ବାହାରର ପାରିପାର୍ଶ୍ୱିକ ଓ ଅନ୍ୟାନ୍ୟ ସଙ୍ଗରେ ସମ୍ବନ୍ଧ ସ୍ଥାପନ କରେ, ନିଜ ଭିତରୁ ପ୍ରତିକ୍ରିୟା କରେ ବା ନିଜକୁ ପ୍ରକାଶ କରେ ନିଜ ନିଜର ବିଶିଷ୍ଟ ଭଙ୍ଗିମାରେ । ଅବଶ୍ୟ ଏହି ବୈଶିଷ୍ଟ୍ୟ ହେଉଛି ପ୍ରାଣର ମୂଳ ଏବଂ ସକଳ ଆଦିମ ରୂପାୟନରେ ସେପରି ସ୍ଫୁଟ ଓ ସ୍ପଷ୍ଟ ନୁହେଁ – ତାହା ସ୍ଫୁଟ ଓ ସ୍ପଷ୍ଟ ହୋଇଥାଏ, ଯେତେ ପରିମାଣରେ ଆମ୍ଭେମାନେ ବିବର୍ତ୍ତନର ଉଚ୍ଚତର ସ୍ତରକୁ ଉଠିଥାଉ । ପ୍ରାଣୀ ମଧ୍ୟରେ ଏହିପରି ବ୍ୟଷ୍ଟିତ୍ୱ ଆସି ସ୍ପଷ୍ଟ ଦେଖା ଦେଇଛି । ତେବେ ଉଚ୍ଚତର ପ୍ରାଣୀ ମଧ୍ୟରେ ବ୍ୟଷ୍ଟିତ୍ୱ ପରିଷ୍କାରଭାବେ ଦେଖା ଦେଲେ ମଧ୍ୟ, ବ୍ୟକ୍ତିତ୍ୱ ଦେଖା ଦେଇଛି କି ନା ସନ୍ଦେହ – ବ୍ୟକ୍ତିତ୍ୱ ହେଉଛି ମନୁଷ୍ୟର ବୈଶିଷ୍ଟ୍ୟ ।

ମନୁଷ୍ୟର ପୂର୍ବରୁ ଯେଉଁ ବ୍ୟଷ୍ଟିତ୍ୱ ଜନ୍ମ ନେଇଛି ଓ କ୍ରମେ ପରିସ୍ଫୁଟ ହୋଇଛି, ତାହାର ଉଦ୍ଦେଶ୍ୟ ହେଲା ଏପରି ଗୋଟାଏ ଆକାର ସୃଷ୍ଟି କରିବା, ଯାହା ମଧ୍ୟରେ ଆସି ବ୍ୟକ୍ତିତ୍ୱ ଧରା ଦେଇପାରେ, ଏବଂ ତା'ର କର୍ମ କରିପାରେ । ମନୁଷ୍ୟର ସମୁନ୍ନତ ସୁସଙ୍ଗଠିତ ଶରୀରଟି ମଧ୍ୟ ଠିକ୍ ଏହିପରି ପ୍ରକୃତିର ଗୋଟାଏ ସୁଦୀର୍ଘ କାଳବ୍ୟାପୀ ପ୍ରୟାସ ଓ ସାଧନାର ପରିଣତି । ପରିପୁଷ୍ଟ ଶରୀରରେ ପରିପୁଷ୍ଟ ବ୍ୟଷ୍ଟିତ୍ୱ (ଅର୍ଥାତ୍ କେବଳ ଦେହ ନୁହେଁ; ଦେହ, ପ୍ରାଣ ଓ ମନର ଗୋଟାଏ ବୈଶିଷ୍ଟ୍ୟମୟ ସଙ୍ଗଠନ) ଫୁଟି ଉଠିଛି ଏବଂ ପରିପୁଷ୍ଟ ବ୍ୟଷ୍ଟିତ୍ୱ ମଧ୍ୟରେ ଆବିର୍ଭୂତ ହୋଇଛି ବ୍ୟକ୍ତିତ୍ୱ । ଦେହ ଯଦି ବ୍ୟଷ୍ଟିତ୍ୱର ଆଧାର, ତା'ହେଲେ ବ୍ୟଷ୍ଟିତ୍ୱ ହେଉଛି ବ୍ୟକ୍ତିତ୍ୱର ଆଧାର । ଏହି ବ୍ୟକ୍ତିତ୍ୱ କ'ଣ ? ତେବେ ପ୍ରଶ୍ନ କରିବାକୁ ହୁଏ ଯେ ଏହି ଆଧାରର ଆଧେୟ କ'ଣ ? ଏ କ୍ଷେତ୍ରରେ ଆମକୁ ଅନ୍ୟ ଏକ ଅବତରଣର କଥା କହିବାକୁ ପଡ଼ିବ, ଅର୍ଥାତ୍ ଚେତନାର ଚତୁର୍ଥ ଅବତରଣ ।

ଏହି ଅବତରଣ ଘଟିଛି ମନୁଷ୍ୟର ହୃଦୟରେ – ଅନ୍ତଃ-ହୃଦୟରେ । ମନୁଷ୍ୟର ମନୁଷ୍ୟତ୍ୱ ବା ବ୍ୟକ୍ତିତ୍ୱର ଅର୍ଥ ତା' ଭିତରେ ହୃତ୍‌ପୁରୁଷର ଆବିର୍ଭାବ । ମୁଁ କହିଛି ପ୍ରାଣ ଓ ମନର ସନ୍ଧିସ୍ଥଳ ହୃଦୟ କଥା – ତା'ହେଲା ହୃଦୟାବେଗର ଭାବାଳୁତାର କ୍ଷେତ୍ର; କିନ୍ତୁ ଏହା ହୃଦୟର ବହିରଙ୍ଗ । ହୃତ୍‌ପିଣ୍ଡ ଯେପରି ସମସ୍ତ ଶରୀରକୁ ସତେଜ, ସକ୍ରିୟ କରି ରଖିଛି ଏବଂ ଗୋଟିଏ କରି ଧରି ରଖିଛି – ଉପନିଷଦରେ ଯେପରି କୁହାଯାଏ ଆଧାରର ଶତନାଡ଼ୀ ହୃଦୟରେ ଆସି ମିଳିତ ହୋଇଛି –

ସେହିପରି ଅନ୍ତର୍ହୃଦୟ ମନୁଷ୍ୟର ସମଗ୍ର ଆଧାରକୁ ମନ, ବୁଦ୍ଧି, ଇନ୍ଦ୍ରିୟ ପର୍ଯ୍ୟନ୍ତ ଯାବତୀୟ ଅଙ୍ଗକୁ ଗୋଟାଏ ସମଷ୍ଟିଗତ ସୁଷମ ଓ ଅଖଣ୍ଡ ଆକାର ଦେଇ ନିୟନ୍ତ୍ରିତ ଓ ପରିଚାଳିତ କରିଛି । ଏହି ଅନ୍ତର୍ହୃଦୟ ମନୁଷ୍ୟରହିଁ ରହିଛି, ଅନ୍ୟ ଆଉ କୌଣସି ସତ୍ତାର ବା ଜୀବର ନାହିଁ – ଏପରିକି ମନୋମୟ ସ୍ତରର ଅହଂମୟ ଅସୁରର, ପ୍ରାଣମୟ ସ୍ତରର ଯକ୍ଷର, ରକ୍ଷର, ପାର୍ଥିବ ପ୍ରାଣୀର ଉଚ୍ଚତମ ଶ୍ରେଣୀର ମଧ୍ୟ ଠିକ୍ ହୃଦୟଟି ନାହିଁ । ମନୁଷ୍ୟ ମଧ୍ୟରେହିଁ ଏହି ଅଭିନବ ସୃଷ୍ଟି । କାରଣ ମାନବ-ଆଧାରରେ ଏହା ଯେପରି ସଶରୀରେ – ଅର୍ଥାତ୍ ସ୍ୱରୂପରେ – ଅବତୀର୍ଣ୍ଣ ହୋଇଛି; ଉଚ୍ଚତମ ପଶୁ ମଧ୍ୟରେ ଅତି ବେଶୀରେ ଏହାର ଖଣ୍ଡପ୍ରକାଶ, ବିକ୍ଷିପ୍ତ ବୃତ୍ତି ଓ ଅନିଶ୍ଚିତ ରେଖା ପରିଲକ୍ଷିତ ହୁଏ (ଯେପରିକି ମନୁଷ୍ୟର ନିଜ ମଧ୍ୟରେ ତା'ର ଊର୍ଦ୍ଧ୍ୱସ୍ଥ ଅଧିମାନସ ଚେତନାର ପ୍ରକାଶ ଏଣେତେଣେ ଏବଂ ଯେକୌଣସି ମୁହୂର୍ତ୍ତରେ ଦେଖାଯାଏ ସତ କିନ୍ତୁ ସ୍ୱୟଂ ଅଧିମାନସ ସେଠାରେ ଅବତରଣ କରି ନାହିଁ) । ପ୍ରାଣୀ ମଧ୍ୟରେ ଓ ଉଚ୍ଚତର ପଶୁର ହୃତ୍‌କେନ୍ଦ୍ରରେ – ''ଚୈତ୍ୟ ସତ୍ତା'' କ୍ରମେ ଦେଖା ଦେଇଛି ସତ, କିନ୍ତୁ ''ଚୈତ୍ୟ ପୁରୁଷ'' ଦେଖା ଦେଇ ନାହିଁ । ଅନ୍ତର୍ହୃଦୟରେ ଚୈତ୍ୟପୁରୁଷର ପୂର୍ଣ୍ଣ ଅବତରଣର ଗୋଟାଏ ଅଭୂତପୂର୍ବ ସାର୍ଥକତା ହେଲା ଏହି ଯେ ମନୁଷ୍ୟ ମଧ୍ୟରେ ରୂପାନ୍ତର ଏବଂ ସଜ୍ଞାନ ଓ ସ୍ୱେଚ୍ଛାକୃତ ରୂପାନ୍ତରର ସମ୍ଭାବନା ଆସିଛି । ଏହି ଅବତରଣ ଫଳରେହିଁ ମନୁଷ୍ୟ ମଧ୍ୟରେ ଯେଉଁ ଆତ୍ମସଂବିତ୍ ଜାଗ୍ରତ ହୋଇଛି ତାହା କେବଳ ଆତ୍ମଜ୍ଞାନ ଦ୍ୱାରା ନୁହେଁ, ତାହା ପୁଣି ଊର୍ଦ୍ଧ୍ୱମୁଖୀ ଆତ୍ମଶକ୍ତି ଦ୍ୱାରା – ଅର୍ଥାତ୍ ସେ ବର୍ତ୍ତମାନ ଆସି ନିଜକୁ ନିଜେ ଦେଖିବାକୁ ପାଏ ଏବଂ ତତ୍‌ସଙ୍ଗେ ସେ ନିଜ ଉପରେ ନିଜେ ଗୋଟାଏ ଦିବ୍ୟ ଭାବରେ କାର୍ଯ୍ୟ କରିପାରେ । ବିବର୍ତ୍ତନର ପୂର୍ବତନ ସ୍ତରରେ ଗୋଟାଏ ପଦରୁ ଅନ୍ୟ ଗୋଟାଏ ପଦକୁ ଉଠିବାକୁ ଗଲେ ହୁଏତ ମୃତ୍ୟୁର ଭିତର ଦେଇ ଯିବାକୁ ହୁଏ ଏବଂ ତାହା ଘଟିପାରେ ସଜ୍ଞାନରେ ନୁହେଁ, ଅଜ୍ଞାନରେ, କୌଣସି ବନ୍ୟ ମନୁଷ୍ୟ ନିଜକୁ ପରିବର୍ତ୍ତିତ କରି କରି ମନୁଷ୍ୟରେ ପରିଣତ ହୋଇ ନାହିଁ – ଆଉ ମଧ୍ୟ ଏପରି କେବେ ଘଟେ ନାହିଁ ଯେ, ଆଜି ଯେ ବନ୍ୟ ମନୁଷ୍ୟ କାଲି ବା ପରଦିନ ସେ ମନୁଷ୍ୟ ହୋଇ ଉଠିଛି । ବନ୍ୟ ମନୁଷ୍ୟ ପରେ ମନୁଷ୍ୟ ଦେଖା ଦେଇଛି ସତ, କିନ୍ତୁ ମନୁଷ୍ୟ ଯେତେବେଳେ ଦେଖା ଦେଇଛି, ସେତେବେଳେ ସେ ମନୁଷ୍ୟ ରୂପରେହିଁ ଦେଖା ଦେଇଛି । ସେ ଯାହାହେଉ, ମନୁଷ୍ୟ କିନ୍ତୁ ବର୍ତ୍ତମାନ ଆଉ ଗୋଟିଏ ପଦବୀକୁ – ଦେବତ୍ୱକୁ ଉଠିଯିବାକୁ ଚାହେଁ, ତେବେ ସେ ତାହା ମନୁଷ୍ୟ ଶରୀରରେହିଁ ତା'ର ପରିବର୍ତ୍ତନ ସାଧନ କରି ପାଇପାରେ – ଗୋଟିଏହିଁ ଆଧାର ମଧ୍ୟରେ; ସେଥିଲାଗି ତାକୁ ମୃତ୍ୟୁର ଦ୍ୱାର ଅତିକ୍ରମ କରିବାକୁ ହୁଏ ନାହିଁ ।

(କ୍ରମଶଃ)

ଅନୁବାଦ : ଶ୍ରୀ ହରିହର ବେହେରା ✤

ସମସ୍ତ ଭାବାବେଗର ଅତୀତ ହୋଇ ଆମ ସତ୍ତାର ନିରବ ଓ ପ୍ରଶାନ୍ତ ଗଭୀରତା ଭିତରେ ଏକ ଆଲୋକ ନିରନ୍ତର ଜାଜ୍ୱଲ୍ୟମାନ ହୋଇ ରହିଛି, ଏହା ହେଉଛି ଚୈତ୍ୟଚେତନାର ଆଲୋକ । ଏହି ଆଲୋକର ଅନ୍ୱେଷଣ କର, ଏହାରି ଉପରେ ଏକାଗ୍ର ହୁଅ, ଏହା ତୁମ ନିଜ ଭିତରେହିଁ ରହିଛି । ଲାଗି ରହିବାର ସଂକଳ୍ପ ନେଇ ତୁମେ ଏହା ନିଶ୍ଚିତ ଭାବରେ ଲାଭ କରିପାରିବ, ଏବଂ ତୁମେ ଏହା ଭିତରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଅମରତ୍ୱର ଏକ ବୋଧରେ ଜାଗ୍ରତ୍ ହୋଇଉଠିବ ।

– ଶ୍ରୀମା

## ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୯

# ବୃହସ୍ପତି, ଆତ୍ମାର ଶକ୍ତି

## (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୫୦, ଋଷି : ବାମଦେବ)


## ଶ୍ରୀଅରବିନ୍ଦ


*(ଗତ ନଭେମ୍ବର ସଂଖ୍ୟା ଉତ୍ତାରୁ...)*

ସେ ହେଉଛନ୍ତି ବୃହସ୍ପତି ଯିଏ 'ଭୂମି'ର ଅନ୍ତ ତଥା ସ୍ଥିତିଗତ ସତ୍ୟଗୁଡ଼ିକୁ ଦୃଢ଼ତାର ସହ ପ୍ରତିଷ୍ଠା କରିଛନ୍ତି, 'ଭୂମି' (Earth) ଅର୍ଥାତ୍ ଭୌତିକ ଚେତନା । ଏହି ଯେଉଁ ଅସ୍ତିତ୍ୱ, ଯାହା ଭିତରୁ ସମସ୍ତ ରୂପ ଛନ୍ଦର ସୃଷ୍ଟି ହୋଇଛି, ତାହା ହେଉଛି ଏକ ତମସାଚ୍ଛନ୍ନ, ତରଳ ଓ ଅନିଶ୍ଚିତ ଗତିବୃତ୍ତି, – **ସଲିଲମ୍**, ଜଳ । ପ୍ରଥମ ଆବଶ୍ୟକତା ହେଉଛି ଏହି ତରଳ ତଥା ପ୍ରବହମାନ ତତ୍ତ୍ୱ ମଧ୍ୟରୁ ଯଥେଷ୍ଟ ସ୍ଥିର ରଚନାଟିଏ ଗଢ଼ିବାର ଅଛି ଯଦ୍ୱାରା ସଚେତନ ଜୀବନ ନିମନ୍ତେ ଏକ ଆଧାର ଗଠନ କରିହେବ । ବୃହସ୍ପତି ବଳ ପ୍ରୟୋଗ ପୂର୍ବକ, – **ସହସା**, ଅବଚେତନାର ପ୍ରତିରୋଧ ଉପରେ ଏକ ପ୍ରକାର ଚାପ ପ୍ରୟୋଗ କରି, ଦୈହିକ ଚେତନାର ଗଠନ ମଧ୍ୟରେ ତଥା ଏହାର ଜଗତ୍ ମଧ୍ୟରେ ଏହା କରିଥା'ନ୍ତି । ଏହି ମହାନ୍ ରଚନାକୁ ସେ ରୂପ ଦିଅନ୍ତି ମନ, ପ୍ରାଣ ଓ ଦେହ ରୂପକ ତ୍ରିତତ୍ତ୍ୱକୁ ଦୃଢ଼ଭାବେ ପ୍ରତିଷ୍ଠା କରିବା ଦ୍ୱାରା, ଯେଉଁଗୁଡ଼ିକ କି ସର୍ବଦା ଏକତ୍ର ବିଦ୍ୟମାନ ଏବଂ ଏକ ଅନ୍ୟଟି ମଧ୍ୟରେ ସଂପ୍ରବିଷ୍ଟ ହୋଇ ରହିଛନ୍ତି ଅଥବା ବୈଶ୍ୱ ଶ୍ରମ ଓ ସିଦ୍ଧିର ଏହି ଜଗତରେ ପରସ୍ପର ବିବର୍ତ୍ତିତ ହୋଇଛନ୍ତି । ଏହି ତ୍ରିସତ୍ତା ସମ୍ମିଳିତଭାବେ ଅଗ୍ନିଙ୍କର ତ୍ରିବିଧ ଆସନ ରଚନା କରନ୍ତି ଏବଂ ସେଠାରେ ସେ (ଅଗ୍ନି) ଯଜ୍ଞର ଲକ୍ଷ୍ୟ ସ୍ୱରୂପ କର୍ମର ସିଦ୍ଧି ବା ପୂର୍ଣ୍ଣତାର କ୍ରମୋତ୍ତର ଗତିଶୀଳ କର୍ମକୁ କ୍ରିୟାନ୍ୱିତ କରନ୍ତି । ବୃହସ୍ପତି **ରବେଣ**, ଧ୍ୱନି ଦ୍ୱାରା, ଉଚ୍ଚରବ ଦ୍ୱାରା ରଚନା କରନ୍ତି, କାରଣ ଯେହେତୁ 'ବାକ୍' ସଦାନବୀନ ଅନ୍ତର୍ବୋଧ ଓ ବିରଚନଗୁଡ଼ିକ ପ୍ରତି ଆମକୁ ଜାଗ୍ରତ୍ କରାନ୍ତି ତେଣୁ ତାହା ହେଉଛି ଆତ୍ମାର ରବ । ''ଏ ହେଉଛନ୍ତି ବୃହସ୍ପତି ଯିଏ ଆମ ପରିପୂର୍ଣ୍ଣତା ରୂପକ ତ୍ରିଜଗତରେ ବିଦ୍ୟମାନ ରହି ନିଜ ବଳ ଦ୍ୱାରା ତଥା ଉଚ୍ଚ ରବ ଦ୍ୱାରା ଧରଣୀର ଚରମ ପ୍ରାନ୍ତଗୁଡ଼ିକୁ ସ୍ଥିର କରିଛନ୍ତି ।''[୧]

ଏହି ସୂକ୍ତରେ କୁହାଯାଇଛି ଯେ, ପ୍ରାଚୀନ ବା ପ୍ରାକ୍ତନ ଋଷିଗଣ ତାଙ୍କୁ (ବୃହସ୍ପତିଙ୍କୁ) ଧ୍ୟାନ କରିଥିଲେ; ଧ୍ୟାନ ଦ୍ୱାରା ସେମାନେ ଜ୍ୟୋତିର୍ମନସ୍ୱୀ ହୋଇ ଯାଇଥିଲେ; ଜ୍ୟୋତିର୍ମୟ ହୋଇ ସେମାନେ ତାଙ୍କୁ ଆନନ୍ଦଜିହ୍ୱ ଦେବତାଭାବେ, **ମନ୍ଦ୍ରଜିହ୍ୱମ୍**, ପୁରୋଭାଗରେ ରଖିଥିଲେ, – ଏହି 'ମନ୍ଦ୍ରଜିହ୍ୱା'ର ଅର୍ଥ, ଏହା ଏପରି ଜିହ୍ୱା ଯାହା ମଦ ଉତ୍ପାଦକ 'ସୋମ', **ମଦ୍ୟ**, **ମଧୁ** ବା ରସରୁ ଆନନ୍ଦ ଲାଭ କରିଥାଏ, **ମଧୁମାନ୍ ଊର୍ମିଃ**, ମାଧୁର୍ଯ୍ୟ ତରଙ୍ଗ ବୋଲି ଯାହା କୁହାଯାଇଛି, ସଚେତନ ସତ୍ତା ମଧ୍ୟରେ ଯାହା ଗୁହାହିତ ହୋଇ ରହିଛି, ତାହା ମଧ୍ୟରୁ ଏହାକୁ କ୍ରମେ କ୍ରମେ ମୁକ୍ତ କରିବାକୁ ହୋଇଥାଏ ।[୨] କିନ୍ତୁ ଏଠାରେ ପ୍ରଶ୍ନଟି ହେଉଛି, କାହା ବିଷୟରେ ଏସବୁ କୁହାଯାଇଛି ? ଯେଉଁ ସପ୍ତ ଦିବ୍ୟ ଋଷି, **ଋଷୟଃ ଦିବ୍ୟାଃ**, ତାହାଙ୍କୁ ଲକ୍ଷ୍ୟ କରି ? ଯେଉଁମାନେ ଚେତନାର ସପ୍ତ ସ୍ତର ମଧ୍ୟରୁ ପ୍ରତ୍ୟେକକୁ ପରିପୂର୍ଣ୍ଣ କରିବା ଦ୍ୱାରା, ଏକସଙ୍ଗେ ସେହି ସବୁ ମଧ୍ୟରେ ସଙ୍ଗତି ସ୍ଥାପନ କରିବା ଦ୍ୱାରା ଜାଗତିକ ବିବର୍ତ୍ତନକୁ ସୁପରିଚାଳିତ କରିଥା'ନ୍ତି ? ଅଥବା ମାନବ ପିତୃପୁରୁଷଗଣ, **ପିତରୋ ମନୁଷ୍ୟାଃ**, ଯାହାଙ୍କ ବିଷୟରେ କୁହାଯାଇଛି କି, ଯେଉଁମାନେ ଉଚ୍ଚତର ଜ୍ଞାନକୁ ପ୍ରଥମେ ଆବିଷ୍କାର କରିଥିଲେ ଏବଂ ମନୁଷ୍ୟ ନିମନ୍ତେ 'ଋତଚିତ୍'ର ଆନନ୍ତ୍ୟକୁ ରୂପାୟିତ କରିଥିଲେ ? ଉକ୍ତ ଅଂଶଟି ଉଭୟଙ୍କ ଉଦ୍ଦେଶ୍ୟରେ ହୋଇ ଥାଇପାରେ, କିନ୍ତୁ ଏଥିରେ ଯାହା ସଂକେତ ରହିଛି ସେଥିରୁ ମନେ ହୁଏ ଏହା ଅଧିକଭାବେ 'ପ୍ରତ୍ନାସଃ' ବା ମାନବ ପିତୃପୁରୁଷଙ୍କ (ପିତରୋ ମନୁଷ୍ୟାଃ) ଦ୍ୱାରା ଅଭିଜିତ 'ସତ୍ୟ' ଦିଗରେ । ବେଦର **'ଦୀଧାନାଃ'** ପଦର ତାତ୍ପର୍ଯ୍ୟ ହେଉଛି ଉଭୟ,

୧. ଯସ୍ତସ୍ତମ୍ଭ ସହସା ବି ଜ୍ମୋ ଅନ୍ତାନ୍, ବୃହସ୍ପତିସ୍ତ୍ରିଷଧସ୍ଥୋ ରବେଣ ।

୨. ତଂ ପ୍ରତ୍ନାସ ଋଷୟୋ ଦୀଧ୍ୟାନାଃ, ପୁରୋ ବିପ୍ରା ଦଧିରେ ମନ୍ଦ୍ରଜିହ୍ୱମ୍ ।

ଦେଦୀପ୍ୟମାନ, ଦୀପ୍ତିମୟ ହୋଇ ଉଠିବା ଏବଂ ଚିନ୍ତା କରିବା, ଧ୍ୟାନ କରିବା, ଧୀ ମଧ୍ୟରେ ମନକୁ ସ୍ଥିର କରିବା । ଦ୍ୱ୍ୟର୍ଥକ ବା ବିବିଧାର୍ଥକ ଅସାମାନ୍ୟ ବୈଦିକ ଅଳଙ୍କାର ମାଧ୍ୟମରେ ଏହାର ଅନବରତ ପ୍ରୟୋଗ ହୋଇ ଆସିଛି । ଉକ୍ତ ପ୍ରଥମ ତାତ୍ପର୍ଯ୍ୟଟି ଅନୁସାରେ ଏହାକୁ '**ବିପ୍ରାଃ**' ସହିତ ଯୋଡ଼ା ଯାଇଛି, ଏହାର ଏହି ଭାବାର୍ଥ ଯେ, 'ବୃହସ୍ପତି'ଙ୍କ ବିଜୟଶାଳିନୀ ଶକ୍ତି ଦ୍ୱାରା ଋଷିଗଣ ଅଧିକରୁ ଅଧିକ ଦେଦୀପ୍ୟମାନ ହୋଇଉଠି ଶେଷରେ ଜ୍ଞାନଦୀପ୍ତ, **ବିପ୍ରାଃ**, ହୋଇଗଲେ । ଦ୍ୱିତୀୟ ତାତ୍ପର୍ଯ୍ୟଟି ଅନୁସାରେ ଏହା '**ଦଧିରେ**' ପଦଟି ସହିତ ସମ୍ବନ୍ଧିତ ଏବଂ ଭାବାର୍ଥ ହେଲା ଯେ, ବୃହସ୍ପତିଙ୍କର ପବିତ୍ର ତଥା ପ୍ରଦୀପକ 'ବାକ୍' ରୂପକ ରବ ଦ୍ୱାରା ଆତ୍ମା ମଧ୍ୟରୁ ଉତ୍ଥିତ ବୋଧି ଉପରେ ଋଷିଗଣ ଧ୍ୟାନ କରି, ସେସବୁକୁ ଦୃଢ଼ତାର ସହ ଧୀ ମଧ୍ୟରେ ଧାରଣ କରି, ସେହି ମାନସିକ ସ୍ତରରେ ଆଲୋକିତ ହୋଇ ଯାଇଥିଲେ, ଯାହାକି ଅତି-ଚେତନାର ପୂର୍ଣ୍ଣ ପ୍ରବାହ ପ୍ରତି ଉନ୍ମୀଳିତ ଥାଏ । ଏହିଭାବେ ସେମାନେ ଚିନ୍ତାତ୍ମାର ସେହି କାର୍ଯ୍ୟକଳାପକୁ, ସାଧାରଣତଃ ପୃଷ୍ଠଭାଗରେ ବା ପରଦାର ଅନ୍ତରାଳରେ ରହି ଯାହା କାର୍ଯ୍ୟରତ ତାହାକୁ ସଚେତନ ସତ୍ତାର ସମ୍ମୁଖକୁ ଆଣିବାରେ ସକ୍ଷମ ହେଉଥିଲେ ଏବଂ ଏହାକୁ ସେମାନେ ନିଜ ପ୍ରକୃତିର ମୁଖ୍ୟ କାର୍ଯ୍ୟକଳାପ ରୂପେ ଗଠନ କରିବାରେ ସକ୍ଷମ ହେଉଥିଲେ । ପରିଣାମତଃ ସେମାନେ ନିଜ ଅନ୍ତରସ୍ଥ ବୃହସ୍ପତି ସେଇମାନଙ୍କ ନିମନ୍ତେ ଜୀବନାନନ୍ଦକୁ ଅର୍ଥାତ୍ ଅମରତ୍ୱର ମଦ୍ୟ ବା ପରମାନନ୍ଦକୁ ଆସ୍ୱାଦନ କରିବାକୁ ସମର୍ଥ ହୋଇଥିଲେ । ଏଥି ନିମନ୍ତେ ପ୍ରଥମ ପଦକ୍ଷେପ ହେଉଛି ଦୃଢ଼ ପ୍ରତିଷ୍ଠ ଦୈହିକ ଚେତନାର ଗଠନ କରିବା, ସଚେତନ କ୍ରିୟାକଳାପର ନାୟକ ସ୍ୱରୂପ ଏହି ସଂବୋଧି-ଆତ୍ମାର ମନକୁ ପୁରୋଭାଗକୁ ଆଣିବା ଦ୍ୱାରା ଆନନ୍ଦ ପ୍ରତି ଯେଉଁ ଜାଗରଣ ଘଟେ ତାହାହିଁ ହେଉଛି ସିଦ୍ଧି କିଂବା ଅତି କମ୍‌ରେ ସିଦ୍ଧିର ସର୍ତ୍ତ । (ମନ୍ତ୍ର-୧ ଦ୍ରଷ୍ଟବ୍ୟ)

ମାନବ ମଧ୍ୟରେ 'ଋତଚିତ୍'ର ଗଠନ ହେଉଛି ପରିଣାମର ବିଷୟ । ପ୍ରାକ୍ତନ ଋଷିଗଣ ଏହି ଗତିବୃତ୍ତିର ତୀବ୍ରତମ ପ୍ରତିସ୍ପନ୍ଦନକୁ ପ୍ରାପ୍ତ ହୋଇଥିଲେ; ଆମ ସକ୍ରିୟ ଜୀବନକୁ ସଞ୍ଚରିତ କରିଥିବା ଚେତନା-ପ୍ରବାହର ପୂର୍ଣ୍ଣତମ ଓ ତ୍ୱରମାଣ ସ୍ରୋତ ଆଉ ଅବଚେତନ ସ୍ଥିତିଭଳି ଅଦୃଶ୍ୟ ରହେ ନାହିଁ ବରଂ ପୂର୍ଣ୍ଣଚେତନାର ଆନନ୍ଦରେ ପୂର୍ଣ୍ଣ ହୋଇଉଠେ,– ସୃଷ୍ଟି ସୂକ୍ତରେ ବର୍ଣ୍ଣିତ ମହାସାଗର ପରି ''ଅପ୍ରକେତମ୍'' ରହେ ନାହିଁ ପରନ୍ତୁ ''**ସୁପ୍ରକେତମ୍**'' ହୋଇଯାଏ । ଏହି ପ୍ରକାରେ ସେମାନଙ୍କୁ (ଋଷିମାନଙ୍କୁ) ''**ଧୁନେତୟଃ ସୁପ୍ରକେତଂ ମଦନ୍ତଃ**'' ବୋଲି ବର୍ଣ୍ଣନା କରାଯାଇଛି । ଏହି ଚିତ୍-ଗତିବୃତ୍ତିର ପୂର୍ଣ୍ଣ ତୀବ୍ରତାକୁ ଉପଲବ୍ଧି କରିବା ଦ୍ୱାରା ତଥା ମାନବ ମନ ମଧ୍ୟସ୍ଥ ଏହାର ପୂର୍ଣ୍ଣ ଆଲୋକ ଓ ଆନନ୍ଦ ସହିତ ସମ୍ପୂର୍ଣ୍ଣ ଐକ୍ୟ ଲାଭ କରିବା ପୂର୍ବକ ସେମାନେ ମାନବଜାତି ନିମନ୍ତେ ଏହି ସମସ୍ତ ତୀବ୍ର, ପ୍ରଦୀପ୍ତ ଏବଂ ଆନନ୍ଦକର ଜ୍ଞାନ ଦ୍ୱାରା 'ସତ୍ୟ-ଚେତନା'କୁ 'ଋତମ୍ ବୃହତ୍'କୁ ବୟନ କରିଛନ୍ତି, ଯାହାକି ଏହି ସଚେତ ସତ୍ତାର ମାତୃଗର୍ଭ ଅଥବା ଯୋନି । କାରଣ ପରା ଚେତନା ମଧ୍ୟରୁ ଅବଚେତନା ମଧ୍ୟକୁ ସତ୍ତା ଅବତରଣ କରିଥାଏ ଏବଂ ଏହି ଅବଚେତନାକୁ ବହନ କରୁଥାଏ ଯାହା ଇହଲୋକରେ ଏକ ସଚେତନ ବ୍ୟକ୍ତି-ଆତ୍ମାରୂପେ ଏକକ ମାନବବ୍ୟକ୍ତି ଉଦ୍‌ଭୂତ ହୋଇଛି । ଏହି ସତ୍ୟଚେତନା ସ୍ୱପ୍ରକୃତିରେ ଏହିପରି – ନିଜର ବହିଃପ୍ରସ୍ରବଣରେ ଏହା ପ୍ରାଚୁର୍ଯ୍ୟମୟ, **ପୃଷନ୍ତମ୍**, ଅଥବା, ଏହା ବି ହୋଇପାରେ ନିଜ ସୁସଙ୍ଗତ ଗୁଣଗୁଡ଼ିକର ବିବିଧତାରେ ଏହା ବହୁରଙ୍ଗବିଶିଷ୍ଟ; ଏହାର ଗତି ତୀବ୍ର, **ସୃପ୍ରମ୍**; ସେହି ତେଜୋଦୀପ୍ତ ତୀବ୍ରତା ଦ୍ୱାରା ଏହା ସେହି ସମସ୍ତ ଉପରେ ବିଜୟ ଲାଭ କରନ୍ତି ଯେଉଁମାନେ ଏହାକୁ ଦମନ କରିବାକୁ ଅଥବା ତ୍ରୁଟିତ କରିବାକୁ ଚାହାନ୍ତି, ଅର୍ଥାତ୍ ଏହା **ଅଦବ୍‌ଧମ୍**; ଏ ସମସ୍ତ ବ୍ୟତିରେକେ ଏହା ବିଶାଳ, ପରିବ୍ୟାପ୍ତ, ଅନନ୍ତ, **ଉର୍ବମ୍** । ଏହି ସମସ୍ତ ପରିପ୍ରେକ୍ଷୀରେ ଏହା ସେହି ସୀମିତ ଗତିବୃତ୍ତିର ବିପରୀତ ଯାହା ଅବଚେତନା ମଧ୍ୟରୁ ଉତ୍ପନ୍ନ ହୋଇଥାଏ; କାରଣ ଏହି ଅବଚେତନା ପରିମିତ ତଥା ଧୂସର, ମନ୍ଦଗତି ତଥା ଅବରୁଦ୍ଧ, ବିରୋଧୀଶକ୍ତିଗୁଡ଼ିକର ବିରୋଧ ଦ୍ୱାରା ଏହା ସହଜରେ ପରାଜିତ ହୁଏ ତଥା ଭାଙ୍ଗିଯାଏ, ଏହାର ଆୟତନ ଦୃଷ୍ଟିରୁ ଏହା ଅତ୍ୟନ୍ତ ସଂକୀର୍ଣ୍ଣ ତଥା ସୀମାବଦ୍ଧ । (ଦ୍ୱିତୀୟ ମନ୍ତ୍ର ଦ୍ରଷ୍ଟବ୍ୟ) ।[୩] କିନ୍ତୁ ମାନବ ମଧ୍ୟରେ ଯେଉଁ 'ଋତଚିତ୍' ଅଭିବ୍ୟକ୍ତ ହୋଇଛି ତାହା 'ବୃତ୍ର', 'ବଳ' ପ୍ରଭୃତି ପ୍ରତିରୋଧକ-ଶକ୍ତିଗୁଡ଼ିକର ଉତ୍‌ଥାନ ଦ୍ୱାରା ପୁନଶ୍ଚ ଆବୃତ

---

୩. ଧୁନେତୟଃ ସୁପ୍ରକେତଂ ମଦନ୍ତୋ ବୃହସ୍ପତେ ଅଭି ୟେ ନସ୍ତତସ୍ରେ ।
ପୃଷନ୍ତଂ ସୃପ୍ରମଦବ୍ଧମୂର୍ବଂ ବୃହସ୍ପତେ ରକ୍ଷତାଦସ୍ୟ ୟୋନିମ୍ ॥

ହୋଇଯାଇପାରେ । ସେହି କାରଣରୁ ମାନବାତ୍ମାର ପୂର୍ଣ୍ଣଶକ୍ତି ଦ୍ୱାରା ଏହାକୁ ସେହି ଆବରଣର ସମ୍ଭାବନାରୁ ରକ୍ଷା କରିବା ନିମନ୍ତେ ଋଷି ବୃହସ୍ପତିଙ୍କୁ ପ୍ରାର୍ଥନା କରୁଛନ୍ତି ।

ଅତିଚେତନାର ଆଧାର ହେଉଛି 'ଋତଚିତ୍', ଯାହାର ସ୍ୱଭାବ ହେଉଛି 'ଆନନ୍ଦ' । ଏହି (ଋତଚିତ୍) ଅତିଚେତନାର ପରମ ସ୍ତର, **ପରମା ପରାବତ୍**, ଏହିଠାରୁ ସତ୍ତାର ଅବତରଣ ଘଟିଛି, ଏହାକୁ ଉପନିଷଦମାନଙ୍କରେ ବର୍ଣ୍ଣିତ ପରମ **ପରାର୍ଦ୍ଧ** କୁହାଯାଇଛି, 'ସଚ୍ଚିଦାନନ୍ଦ'ର ସ୍ଥିତି । ଦୈହିକ ଚେତନା ମଧ୍ୟରୁ (**ଅତଃ**) ଉଦ୍‌ଗତ ହୋଇ ପ୍ରାକ୍ତନ ଋଷିଗଣ 'ଋତଚିତ୍' ସହିତ ସଂସ୍ପର୍ଶ ଲାଭ କରିବା ସଦୃଶ ସେମାନେ (ମାନବାତ୍ମାଗଣ) ଉଚ୍ଚତମ ସତ୍ତା ପ୍ରତି ଉତ୍ତୋଳିତ ହେଉଛନ୍ତି ।(୪) ସେମାନେ ଏହାକୁ ନିଜର ଆସ୍ଥାନ ଓ ନିବାସ-କ୍ଷୟ, ଓକ୍‌ସ୍ – କରିଥା'ନ୍ତି । କାରଣ ଦୈହିକସତ୍ତା ରୂପକ ପାହାଡ଼ ମଧ୍ୟରେ ମାନବାତ୍ମା ନିମନ୍ତେ ସେହି ସକଳ ମଧୁଭରା କୂପ ନିଖାତ ହୋଇଛି ଯେଉଁଗୁଡ଼ିକ କି କଠୋର ଅନମନୀୟତା ମଧ୍ୟରୁ ସୁପ୍ତ ଆନନ୍ଦ ରସକୁ ନିଶ୍ଚ୍ୟୁତ କରି ଆଣିଥା'ନ୍ତି; ସତ୍ୟର ସ୍ପର୍ଶ ଘଟିବା ପରେ ମଧୁଭରା ନଦୀଗଣ, ଅମୃତତ୍ୱ-ମଦ୍ୟଭରା ବେଗବତୀ ନିର୍ଝରିଣୀଗଣ କ୍ଷରିତ ତଥା ପ୍ରସ୍ତୁତ ହୋଇ ମାନବ ଚେତନାର ସମଗ୍ର ବ୍ୟାପକତା ଉପରେ ପ୍ରାଚୁର୍ଯ୍ୟର ବନ୍ୟା ରୂପେ ଅଜାଡ଼ି ହୋଇ ପଡ଼ିଥାନ୍ତି ।(୫)

(ତୃତୀୟ ମନ୍ତ୍ର ଦ୍ରଷ୍ଟବ୍ୟ)

ବୃହସ୍ପତି ଏହି ପ୍ରକାରେ ଋତଚିତ୍‌ଗତ 'ଜ୍ୟୋତିଃ'ର ସେହି ବିରାଟତ୍ୱ ମଧ୍ୟରୁ ଉଦ୍ଭୂତ ହୋଇ ପରମା ପରାଚେତନାର ସ୍ୱର୍ଗୀୟ ଅନ୍ତରିକ୍ଷ ମଣ୍ଡଳରେ – **ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍** – ପ୍ରଥମ ଦେବ ରୂପେ ପ୍ରକଟିତ ହୋଇ ଆମ ସଚେତନ ସତ୍ତାର ପୂର୍ଣ୍ଣ ସପ୍ତବିଧ ସମ୍ଭାବନା ମଧ୍ୟରେ ସ୍ୱୟଂ ଉପସ୍ଥିତ ହୋଇଥା'ନ୍ତି, ଭୌତିକଠାରୁ ଆରମ୍ଭ କରି ବିଶୁଦ୍ଧତମ ଆଧ୍ୟାତ୍ମିକତା ଯାଏ ସମସ୍ତ କ୍ଷେତ୍ରକୁ ଅଧିଗ୍ରହଣ କରି ସେ ନିଜର ସପ୍ତନୀତିର ଆନ୍ତର କ୍ରୀଡ଼ା ରୂପକ ସକଳ ଆକୃତି ମଧ୍ୟରେ ବହୁ ରୂପରେ ଜନ୍ମଗ୍ରହଣ କରି, ଆମର ସ୍ଥୂଳଭାଗ ତଥା ଗଭୀରତାଗୁଡ଼ିକୁ ଆଲୋକିତ କରୁଥିବା ସେହି ସମସ୍ତ କ୍ଷେତ୍ରର ସପ୍ତବିଧ କିରଣ ଦ୍ୱାରା ସ୍ୱୟଂ ଦୀପ୍ତିମନ୍ତ ହୋଇ, ତଥା ନିଜର ବିଜୟନାଦ ସ୍ୱରୂପ ରବକୁ ପ୍ରକଟ କରି ସେ 'ରାତ୍ରୀ'ର ସକଳ ଶକ୍ତିକୁ, 'ଅଚେତନା'ର ସମସ୍ତ ଅଧିକୃତ ଅଞ୍ଚଳକୁ, ସକଳ ସମ୍ଭାବ୍ୟ ଅନ୍ଧକାରକୁ ନିରାକୃତ ତଥା ଛିନ୍ନଛତ୍ର କରି ଦିଅନ୍ତି ।(୬)

(ଚତୁର୍ଥ ମନ୍ତ୍ର ଦ୍ରଷ୍ଟବ୍ୟ)

(*ଭାଷ୍ୟର ଅବଶିଷ୍ଟାଂଶ ଆସନ୍ତା ସଂଖ୍ୟାରେ*)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - IX, **"Brihaspati, Power of the Soul"**]

ଅନୁବାଦ : ମଧୁସୂଦନ ମହାପାତ୍ର ✤

୪. ବୃହସ୍ପତେ ୟା ପରମା ପରାବତ ଆ ତ ଋତସ୍ପୃଶୋ ନି ଷେଦୁଃ ।

୫. ତୁଭ୍ୟଂ ଖାତା ଅବତା ଅଦ୍ରିଦୁଗ୍‌ଧା ମଧ୍ୱଃ ଶ୍ଚୋତନ୍ତ୍ୟଭିତୋ ବିରପ୍‌ଶମ୍ ।

୬. ବୃହସ୍ପତିଃ ପ୍ରଥମଂ ଜାୟମାନୋ ମହୋ ଜ୍ୟୋତିଷଃ ପରମେ ବ୍ୟୋମନ୍ ।
ସପ୍ତାସ୍ୟସ୍ତୁବିଜାତୋ ରବେଣ ବି ସପ୍ତରଶ୍ମିରଧମତ୍ ତମାଂସି ।୪।

ଆଗାମୀ କାଲିର ପୂର୍ଣ୍ଣ ସିଦ୍ଧିରେ ପହଞ୍ଚିବା ପର୍ଯ୍ୟନ୍ତ ଆମେ ବିରାମହୀନ ଭାବରେ ଆରୋହଣ କରିଚାଲିବୁ ସୋପାନରୁ ସୋପାନକୁ, ସତ୍ୟରୁ ସତ୍ୟକୁ ।

– ଶ୍ରୀମା

# ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା

## ଶ୍ରୀ ପ୍ରପତ୍ତି

...ପୂର୍ଣ୍ଣାଙ୍ଗ ଶିକ୍ଷାର ଯେଉଁ ଚାରୋଟି ପ୍ରଧାନ ଦିଗ ଅଛି ତାହା ହେଲା ଶାରୀରିକ ଶିକ୍ଷା, ପ୍ରାଣିକ ଶିକ୍ଷା, ମାନସିକ ଶିକ୍ଷା, ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା । ଏହି ପ୍ରବନ୍ଧରେ ଆମେ ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିବା ।

ବ୍ୟକ୍ତିତ୍ୱର ଗଠନ, ବିକାଶ ଓ ଅଭିବୃଦ୍ଧି ସକାଶେ ଶାରୀରିକ, ପ୍ରାଣିକ ଏବଂ ମାନସିକ ଶିକ୍ଷା ଖୁବ୍ ଉପକାରୀ, ଏପରିକି ଅପରିହାର୍ଯ୍ୟ । ମନୁଷ୍ୟର ଅସଂସ୍କୃତ, ଅସଂଯତ ଓ ଖଣ୍ଡ ବିଖଣ୍ଡ ଜୀବନକୁ ଏକ ସଂହତ, ସୁସ୍ପଷ୍ଟ ଓ ଯଥାଯଥ ସବଳ ରୂପ ଦେବାକୁ ଏହି ଶିକ୍ଷା ସର୍ବାଦୌ ଆବଶ୍ୟକ । ଏହାହିଁ ମନୁଷ୍ୟକୁ ଅଚେତନ ଜଡ଼ ଓ ପ୍ରାଣମୟ ଜଗତ ମଧ୍ୟରୁ ଏକ ଦୃଢ଼ ଓ ଅଭଙ୍ଗ ବସ୍ତୁ ରୂପେ ଗଢ଼ି ତୋଳେ । ପୁନଶ୍ଚ ଏହି ସବୁ ଶିକ୍ଷା ବୃତ୍ତିମୂଳକ, ଜୀବନ ଯାତ୍ରା ପଥରେ ଏକାନ୍ତ ସହାୟ । କିନ୍ତୁ ଏସବୁ ଶିକ୍ଷା ଛଡ଼ା ଆଉ ଏକ ପ୍ରକାର ଶିକ୍ଷା ଅଛି ଯାହା ମନୁଷ୍ୟକୁ ଏକ ବୃହତ୍ତର, ମହତ୍ତର ଓ ଉଦାରତର ଲକ୍ଷ୍ୟ ଓ ଆଦର୍ଶ ସମ୍ବନ୍ଧରେ ସଚେତନ କରାଏ । ମନୁଷ୍ୟ କେବଳ ଦେହ-ପ୍ରାଣ-ମନ ବିଶିଷ୍ଟ ସତ୍ତା ନୁହେଁ, ତାହା ମଧ୍ୟରେ ଏକ ବିଶାଳ ଭୂମା-ଚେତନାର ସ୍ପର୍ଶ ରହିଛି । ଏହି ଚେତନାର ବିକାଶ ଓ ଅଭିବୃଦ୍ଧି ଦ୍ୱାରା ଜୀବନର ପୁନର୍ଗଠନ କରିବାହିଁ ଚୈତ୍ୟଶିକ୍ଷାର ପ୍ରାରମ୍ଭ ମାତ୍ର ।

ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା କଥା ଆଲୋଚନା କଲାବେଳେ ସାଧାରଣତଃ ମନରେ ନାନା ପ୍ରକାର ପ୍ରଶ୍ନର ଉଦୟ ହୁଏ । ଚୈତ୍ୟଶିକ୍ଷାର ବାସ୍ତବ ସ୍ୱରୂପ କ'ଣ ? ଚୈତ୍ୟପୁରୁଷ କିଏ ? ଚୈତ୍ୟ ଶିକ୍ଷା କ'ଣ ଧର୍ମ ଶିକ୍ଷା ? ଏହା କ'ଣ ଏକ ମନସ୍ତାତ୍ତ୍ୱିକ ଶୃଙ୍ଖଳା, ନିୟମନ ନା ଆଧ୍ୟାତ୍ମିକ ଉପଲବ୍ଧି ? ଅଥବା ନୈତିକ ବିଧାନ ? ଏହି ଶିକ୍ଷା କି ଉପାୟରେ ସମ୍ଭବ ହୁଏ ? ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଏହି ଶିକ୍ଷା କିପରି ଅନୁସୃତ ହୁଏ ? ଏହିସବୁ ପ୍ରଶ୍ନର ଏଠାରେ ଆଲୋଚନା ହେବା ଉଚିତ ।

ମାନବ ବ୍ୟକ୍ତିତ୍ୱର ବିଭିନ୍ନ ଅଂଶ ସମ୍ବନ୍ଧେ ଆଲୋଚନା କଲାବେଳେ ଏକଥା ସ୍ପଷ୍ଟ ଭାବେ ମନେ ରଖିବାକୁ ହେବ ଯେ ଚୈତ୍ୟପୁରୁଷ ଆମ୍ଭମାନଙ୍କର କେନ୍ଦ୍ରୀୟ ସତ୍ତା (Central being), ଅନ୍ତରାତ୍ମା, ଅନ୍ତଃପୁରୁଷ, ହୃଦ୍‌ପୁରୁଷ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଦୁଇଟି ସତ୍ତା ବାସ କରନ୍ତି – ଚୈତ୍ୟପୁରୁଷ ଓ ଆତ୍ମା । ଚୈତ୍ୟପୁରୁଷ ଭଗବାନଙ୍କର ଅଂଶ, ସେ ହୃଦୟଗୁହାରେ ବହୁତ ଗଭୀରରେ ଅବସ୍ଥିତ । ଅନ୍ୟ ସତ୍ତା ହେଲେ ଆତ୍ମା, ସେ ଶରୀରର ଊର୍ଦ୍ଧ୍ୱରେ ଦ୍ରଷ୍ଟା ରୂପେ ସ୍ଥିତ, ଭଗବାନଙ୍କର ପ୍ରତିଭୂ କିନ୍ତୁ ଅପରିବର୍ତ୍ତନୀୟ । ଚୈତ୍ୟସତ୍ତା କ୍ରମବିବର୍ତ୍ତନ ଅନୁସାରେ ବିକାଶଶୀଳ । ସେ ଊର୍ଦ୍ଧ୍ୱସ୍ଥ ଆତ୍ମା ପରି ନିଷ୍କ୍ରିୟ, ଅପରିବର୍ତ୍ତନୀୟ ନୁହନ୍ତି । ଚୈତ୍ୟସତ୍ତା ମନ-ପ୍ରାଣ-ଶରୀରର ପଶ୍ଚାତ୍‌ରେ ରହି ସମସ୍ତ ସତ୍ତା ଉପରେ ପ୍ରଭାବ ନିକ୍ଷେପ କରନ୍ତି । ଶ୍ରୀଅରବିନ୍ଦ 'ଯୋଗ-ପ୍ରଦୀପ' ପୁସ୍ତକରେ ଲେଖି ଅଛନ୍ତି, ''ଏହି ଅଧସ୍ତନ ଭୁବନରେ, ଅପରା ପ୍ରକୃତିରେ ଭଗବାନଙ୍କର ସେହି ଚିରନ୍ତନ ଅଂଶ ଅନ୍ତରାତ୍ମା ରୂପେ, ଦିବ୍ୟ-ଅଗ୍ନିର ସ୍ଫୁଲିଙ୍ଗ ରୂପେ ଆବିର୍ଭୂତ ହୁଅନ୍ତି ଏବଂ ସେ ବ୍ୟକ୍ତିଗତ କ୍ରମବିକାଶ ଓ ମନ-ପ୍ରାଣ-ଦେହମୟ ସତ୍ତାକୁ ଧାରଣ କରି ରହିଅଛନ୍ତି । ଚୈତ୍ୟପୁରୁଷହିଁ ହେଲେ ଏହି ସ୍ଫୁଲିଙ୍ଗ ଯେ କ୍ରମବର୍ଦ୍ଧିତ ହୋଇ ଅଗ୍ନିଶିଖାରେ ପରିଣତ ହୁଅନ୍ତି ଓ ଚେତନାର ବିକାଶ ସଙ୍ଗେ ସଙ୍ଗେ ବିକଶିତ ହୁଅନ୍ତି ।'' ଅନ୍ୟ ଏକ ପ୍ରସଙ୍ଗରେ ସେ ଚୈତ୍ୟପୁରୁଷଙ୍କ ସମ୍ବନ୍ଧେ ବର୍ଣ୍ଣନା କରି କହୁଅଛନ୍ତି, ''ମନୁଷ୍ୟ ତାହାର ଅନ୍ତରାତ୍ମା ବା ଜୀବାତ୍ମାକୁ ଜାଣେ ନାହିଁ, ସେ କେବଳ ଜାଣେ ନିଜର ଅହଂକୁ ବା ନିଜର ଦେହ-ପ୍ରାଣର ନିୟାମକ ମନୋମୟ ପୁରୁଷକୁ, କିନ୍ତୁ ଆହୁରି ଗଭୀର ସ୍ତରରେ ପହଞ୍ଚିଲେ ସେ ଚିହ୍ନିପାରେ ତା'ର ଅନ୍ତରାତ୍ମା ବା ଚୈତ୍ୟପୁରୁଷଙ୍କୁ ନିଜର ଯଥାର୍ଥ କେନ୍ଦ୍ର ବୋଲି, ଆପଣା ହୃଦୟରେ ପ୍ରତିଷ୍ଠିତ ପୁରୁଷ ବୋଲି । ବିବର୍ତ୍ତନର କେନ୍ଦ୍ରୀୟ ସତ୍ତା ହେଲେ ଚୈତ୍ୟପୁରୁଷ, ସେ ଭଗବାନଙ୍କର ସନାତନ ଅଂଶ, ଜୀବାତ୍ମାରୁ ଉଦ୍ଭୂତ ଏବଂ ତାହାଙ୍କର ପ୍ରତିଭୂ ଏବଂ ଯେତେବେଳେ ପୂର୍ଣ୍ଣ ଚେତନାର ଆବିର୍ଭାବ ହୁଏ, ସେତେବେଳେ ଜୀବାତ୍ମା ଓ ଅନ୍ତରାତ୍ମା ଏକତ୍ର ମିଶି ଯାଆନ୍ତି ।'' 'ଶିକ୍ଷା' ପୁସ୍ତକରେ ଶ୍ରୀମା ଅନ୍ତରାତ୍ମାକୁ ନିର୍ଦ୍ଦେଶ କରିବାକୁ ଯାଇ କହୁଅଛନ୍ତି, ''ସକଳ ସୃଷ୍ଟିର ଆଦି ଉତ୍ସର ଅସଂଖ୍ୟ ସମ୍ଭାବନା ମଧ୍ୟରେ ସେ ହେଲା ଗୋଟିଏ ସୁପ୍ତ ଧାରା; ଏକ ଅଦ୍ୱିତୀୟ ଏବଂ ବିଶ୍ୱ ବ୍ୟାପୀ ଚୈତନ୍ୟର ସହାୟତାରେ ନିଜକୁ ଦେଶ ଏବଂ କାଳ ମଧ୍ୟରେ ନିକ୍ଷେପ କଲା, ବ୍ୟଷ୍ଟି ନିୟମ ବା ବ୍ୟଷ୍ଟି ସତ୍ୟ ମଧ୍ୟରେ ନିଜକୁ ସ୍ଥୂଳରେ ଅଭିଭୂତ କରି ଧରିଲା, ଏହିପରି ଗୋଟିଏ କ୍ରମ-ସ୍ଫୂର୍ତ୍ତ ଧାରାରେ ହୋଇଉଠିଲା

ତାହାର ଅନ୍ତରାତ୍ମା ବା ଚୈତ୍ୟପୁରୁଷ ।'' ଚୈତ୍ୟପୁରୁଷଙ୍କ ସମ୍ବନ୍ଧରେ ବହୁ ବର୍ଣ୍ଣନା ଉପନିଷଦ୍, ଗୀତା ଓ ବୈଷ୍ଣବ ଶାସ୍ତ୍ରମାନଙ୍କରେ ଦେଖିବାକୁ ମିଳେ । କଠୋପନିଷଦରେ ଅଛି, ''ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟ'' ଇତ୍ୟାଦି । ମୋଟରେ କହିବାକୁ ଗଲେ ମନୁଷ୍ୟ ମଧ୍ୟସ୍ଥ ଭାଗବତ ସତ୍ତାହିଁ ତାହାର ଚୈତ୍ୟପୁରୁଷ ! ଚୈତ୍ୟପୁରୁଷଙ୍କ ସ୍ୱାଭାବିକ ଗତି ଭଗବାନଙ୍କ ଆଡ଼କୁ । ଚୈତ୍ୟପୁରୁଷଙ୍କ ଯଥାର୍ଥ ଭାବ ହେଲା ନିଜକୁ ଶିଶୁ ରୂପେ, ଭଗବାନଙ୍କ ସନ୍ତାନ ଓ ଭକ୍ତ ରୂପେ ଅନୁଭବ କରିବା । ଏହାଙ୍କର ଜାଗୃତି ବିନା କେହି ବି ଭଗବାନଙ୍କ ଆଡ଼କୁ ଯାଇପାରେ ନାହିଁ । ଯାହାଙ୍କର ଚୈତ୍ୟପୁରୁଷ ନିଷ୍କ୍ରିୟ କିନ୍ତୁ ମନ, ବୁଦ୍ଧି ବିକଶିତ, ସେମାନଙ୍କ ବିଚାର ଅଭ୍ରାନ୍ତ ବା ଜ୍ୟୋତିର୍ମୟ ନୁହେଁ । ଚୈତ୍ୟପୁରୁଷଙ୍କ ଜାଗରଣହିଁ ଆମ୍ଭମାନଙ୍କର ନବଜନ୍ମ (New Birth) ଏବଂ ଯଥାର୍ଥ ଆତ୍ମୋନ୍ମୀଳନ ।

ଚୈତ୍ୟପୁରୁଷଙ୍କ ଅନୁଭୂତି ଜୀବନରେ ବହୁଭାବରେ ଆସିଥାଏ । ସାଧାରଣତଃ ଚୈତ୍ୟପୁରୁଷ ପର୍ଦାର ଅନ୍ତରାଳରେ ରହି ଅଜଣା ଓ ଅଚିହ୍ନା ଭାବରେ ବ୍ୟକ୍ତିକୁ ସ୍ପର୍ଶ କରନ୍ତି, ପ୍ରଭାବିତ କରନ୍ତି, କେବେ କେବେ ତାହା ମଧ୍ୟରେ ଭାଗବତ ନିର୍ଦ୍ଦେଶର ଅଚାନକ ସୂଚନା ଦିଅନ୍ତି । କେବେ ନାନା ବିପଦ, ଜଞ୍ଜାଳ ମଧ୍ୟରେ ଭଗବାନଙ୍କ ଅହେତୁକୀ କୃପା ଲାଭ କରନ୍ତି । କେବେ କେବେ ଏକ ପୂର୍ଣ୍ଣତର ଓ ମହତ୍ତର ଜୀବନ ପ୍ରାପ୍ତି ନିମିତ୍ତ ସକଳ ବାଧାବିଘ୍ନକୁ ବରଣ କରି ଆଗେଇ ଚାଲନ୍ତି । ବହୁ ମହାପୁରୁଷ, ସାଧୁ, ସନ୍ଥ ଏହାଙ୍କର ଚାଳନାରେ ଚାଳିତ ହୁଅନ୍ତି । ବହୁ ଶିଶୁଙ୍କ ମଧ୍ୟରେ ବି ଏହି ଚୈତ୍ୟପୁରୁଷଙ୍କ କ୍ରିୟା ଦେଖାଯାଏ । ସେମାନଙ୍କ ସ୍ୱତଃସ୍ଫୂର୍ତ୍ତତା, ନିଷ୍କପଟତା, ସରଳତା ଓ ସତ୍ୟ ଦୃଷ୍ଟିହିଁ ଚୈତ୍ୟ-ପୁରୁଷଙ୍କ ପ୍ରଭାବ । ଦୁଃଖର ବିଷୟ କିନ୍ତୁ ମାତାପିତା ଶିଶୁର ଏହି ଅବସ୍ଥାକୁ ବୁଝି ନପାରି ତାକୁ ଅଯଥା ବହିର୍ମୁଖୀ କରାନ୍ତି । ଆମ୍ଭମାନଙ୍କ ମଧ୍ୟରେ ବେଳେ ବେଳେ ପ୍ରଶ୍ନ ଉଠେ : ଏହି ଜୀବନର ଲକ୍ଷ୍ୟ କ'ଣ, ଜୀବନଯାତ୍ରାର ଉଦ୍ଦେଶ୍ୟ କ'ଣ, ବିଶ୍ୱ ସହିତ, ମାନବସମାଜ ସହିତ ଆମର ସମ୍ବନ୍ଧ କ'ଣ ? ଭଗବାନଙ୍କ ପାଖେ ବ୍ୟକ୍ତିର ଆତ୍ମ-ନିବେଦନ କି ବସ୍ତୁ ? ଏହି ଜୀବନର ପରମ ରହସ୍ୟ ଉଦ୍‌ଘାଟନ କରିବା ସମ୍ଭବ କି ? ଏହିସବୁ ପ୍ରଶ୍ନର ଉତ୍‌ଥାପନ ମୂଳରେ ଚୈତ୍ୟପୁରୁଷଙ୍କ କିଛି ପ୍ରଭାବ ମଧ୍ୟ ଥାଏ । ଅନେକଙ୍କ ମନରେ ଏକ ସ୍ୱତଃ ଆତ୍ମ-ଆବିଷ୍କାର ଓ ରହସ୍ୟମୟ ଧର୍ମଭାବର ପ୍ରେରଣା ଅତି ବାଲ୍ୟକାଳରୁ ଦେଖାଯାଇଥାଏ । ଏହାର ଅର୍ଥ ତାଙ୍କ ମଧ୍ୟରେ ଚୈତ୍ୟପୁରୁଷ ଜାଗ୍ରତ୍ ଥିଲେ । ତାଙ୍କର ପୂର୍ବଜନ୍ମରୁ ସାଧନା ଦ୍ୱାରା ଚୈତ୍ୟପୁରୁଷଙ୍କର ବିକାଶ ହୋଇଥିବାରୁ ଏହାର ଜାଗୃତି ବାଲ୍ୟାବସ୍ଥାରୁହିଁ ସମ୍ଭବ ହେଲା ।

ଏହି ଚୈତ୍ୟ-ଉପଲବ୍ଧି ସକାଶେ ଏକ ପ୍ରସ୍ତୁତି ମଧ୍ୟ ଚାଲେ । ଏହା ପାଇଁ ସର୍ବାଦୌ ଆବଶ୍ୟକ ହେଲା ଆନ୍ତରିକତା, ନିଷ୍ଠା, ଐକାନ୍ତିକତା ଓ ସ୍ୱତଃସ୍ଫୂର୍ତ୍ତତା । ଯେ ଆମ୍ଭମାନଙ୍କ ଜୀବନର ପରମ ଦିବ୍ୟବସ୍ତୁ, ତାଙ୍କୁ ଆବିଷ୍କାର କରିବାରେ କୌଣସି ପ୍ରକାର ଶଠତା ଓ ଠକାମି ଚଳେ ନାହିଁ । ଏଥିପାଇଁ କୌଣସି ଯୁକ୍ତିତର୍କ ବା ବୁଦ୍ଧିଗତ ଜ୍ଞାନର ପ୍ରୟୋଜନ ନାହିଁ । ଚୈତ୍ୟ-ଅନୁଭୂତି ଏକାବେଳକେ ସତ୍ୟ ଓ ଅଭ୍ରାନ୍ତ ଅନୁଭୂତି । ଦ୍ୱିତୀୟତଃ ଏହି ପଥରେ ଆଗେଇ ଯିବାକୁ ଦରକାର ଏକ ଦୃଢ଼, ଗଭୀର ଓ ତୀବ୍ର ସଂକଳ୍ପ । ଏହି ଆବିଷ୍କାର ଏକାନ୍ତ ବ୍ୟକ୍ତିଗତ । ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆବଶ୍ୟକ ଅଟଳ ସଂକଳ୍ପ, ଦୃଢ଼ ଇଚ୍ଛାଶକ୍ତି, ଅକ୍ଳାନ୍ତ ଅଧ୍ୟବସାୟ । କହିବାକୁ ଗଲେ ଏ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ପଥ କାଟି ଚାଲିବାକୁ ହୁଏ । ସାହସ ଓ ସହିଷ୍ଣୁତାର ସହିତ ଗୋଟାଏ ଅଗମ୍ୟ ଅରଣ୍ୟକୁ ଭେଦ କରି ଦେଶ ଆବିଷ୍କାର କଲାଭଳି ବୋଧହୁଏ ଚୈତ୍ୟ-ଆବିଷ୍କାର । ତୃତୀୟତଃ ଏହି ଆବିଷ୍କାରର ଲକ୍ଷ୍ୟ ସାଧନରେ ବ୍ୟକ୍ତି ଏକମୁଖୀ ହେଲେ ସଫଳତା ଶୀଘ୍ର ଆସେ । ଏଠାରେ ଛୋଟ ବଡ଼ ବୋଲି କିଛି ନାହିଁ । ସକଳ କାର୍ଯ୍ୟ, ସକଳ ଚିନ୍ତା, ସକଳ ପ୍ରକାର ପରିସ୍ଥିତିରେ ଆମ୍ଭମାନଙ୍କର ଜୀବନର ଏହି ମହତ୍ ଓ ବିରାଟ ଲକ୍ଷ୍ୟ ନିରନ୍ତର ପରିସ୍ଫୁଟ ହେବା ବାଞ୍ଛନୀୟ । ସମଗ୍ର ଜୀବନକୁ ଭଗବତ୍ ଅଭିମୁଖୀ କରି ମନରେ ସର୍ବଦା ସମର୍ପଣ ଓ ନିବେଦନର ଭାବ ରଖିବାକୁ ହେବ । ଭୋଜନ କରିବା ପୂର୍ବରୁ କିଛି ସମୟ ଏକାଗ୍ରତା ସହ ଆହାରକୁ ପ୍ରସାଦ ରୂପେ ସେବନ କରିବ । ସେହିପରି ଶୋଇବା ପୂର୍ବରୁ କିଛିକ୍ଷଣ ଏକାଗ୍ର ହେବ । ସଂକଳ୍ପ କରିବ ଯେପରି ନିଦ୍ରାକାଳରେ ସ୍ନାୟବିକ କ୍ଳାନ୍ତି ଦୂର ହୁଏ ଏବଂ ମସ୍ତିଷ୍କରେ ସ୍ଥିରତା ଓ ପ୍ରଶାନ୍ତି ଦେଖାଦିଏ, ଯାହା ଫଳରେ ନିଦ୍ରାଭଙ୍ଗ ପରେ ସାଧନା ପଥରେ ଦ୍ୱିଗୁଣ ଉତ୍ସାହରେ ଅଗ୍ରଗତି କରିହୁଏ । ସେହିପରି ପ୍ରତ୍ୟେକ କର୍ମ ମଧ୍ୟ ଭଗବାନଙ୍କୁ ଅର୍ପଣ କରିବ । ଏହି ଶିକ୍ଷାର ମୂଳନୀତି ହେଉଛି ''Remember and offer'' ''ସ୍ମରଣ ରଖ ଓ ସମର୍ପଣ କର'' । ଅନ୍ତରର ଭାଗବତୀ ଶକ୍ତିର କ୍ରିୟା ଓ ଉତ୍ତରୋତ୍ତର ସଞ୍ଚାଳନା ଏହା ଦ୍ୱାରାହିଁ ଅନୁଭୂତ ହୁଏ ।

ଏହିପରି ନିରବଚ୍ଛିନ୍ନ ପ୍ରୟାସ, ଅକ୍ଳାନ୍ତ ଉଦ୍ୟମ ଓ ତୀବ୍ର ଅଭୀପ୍ସା ଫଳରେ ଏକ ଦ୍ୱାର ଖୋଲିଯାଏ ଏବଂ ବ୍ୟକ୍ତି ନିଜ ଅନ୍ତରରେ ଏକ ଦିବ୍ୟପ୍ରେରଣାର ଇଙ୍ଗିତ ପାଏ । ସେତେବେଳେ ଏହି ସ୍ଥୂଳ ଜଗତର ଅତି ନଗଣ୍ୟ ବସ୍ତୁ ମଧ୍ୟ ଅନ୍ୟ ପ୍ରକାରେ ପ୍ରତିଭାତ ହୁଏ । ନିଜ ଭିତରର ଭାବଗତ ଅନୁଭୂତି ସକଳ ସ୍ତରରେ ଭାଗବତ ଅନୁଭୂତି ଆଣି ଦିଏ । ଏହା ଚୈତ୍ୟରୂପାନ୍ତର ଓ ସିଦ୍ଧିର ଗୋଟାଏ ଦିଗ । ଏହି ଭଗବତ ପ୍ରାପ୍ତିର କ୍ରିୟାଧାରା ବଢ଼ି ଚାଲେ ଏବଂ ବ୍ୟକ୍ତି ଏହା ପରେ ଆଧ୍ୟାତ୍ମିକ ଶିକ୍ଷାର କ୍ଷେତ୍ରରେ ଉପନୀତ ହୁଏ । ଚୈତ୍ୟ ସିଦ୍ଧିଠାରୁ ଆଧ୍ୟାତ୍ମିକ ସିଦ୍ଧି ଆହୁରି ବୃହତ୍ତର ସିଦ୍ଧି ଏବଂ ଏହି ସିଦ୍ଧି ଫଳରେ ଊର୍ଦ୍ଧ୍ୱଲୋକର ଜ୍ୟୋତିଃ, ଶକ୍ତି, ଆନନ୍ଦ, ଶାନ୍ତି ଆଦି ମହତୀ ଭାଗବତୀ ଶକ୍ତି ଅବତରଣ କରି ବ୍ୟକ୍ତିର ଆଧାରରେ ସ୍ଥାୟୀ ରୂପେ ପ୍ରତିଷ୍ଠିତ ହୁଅନ୍ତି । ସେତେବେଳେ ବ୍ୟକ୍ତିର ଜଡ଼ ଶରୀର ପର୍ଯ୍ୟନ୍ତ ବି ଚିନ୍ମୟ ବସ୍ତୁ ହୋଇଉଠେ । ଏସବୁ ହେବା ସତ୍ତ୍ୱେ ପ୍ରକୃତିର ରୂପାନ୍ତର ଘଟେ ନାହିଁ । ପ୍ରକୃତିର ରୂପାନ୍ତର ଘଟେ ଏକମାତ୍ର ଅତିମାନସ ରୂପକ ବିଶାଳ ଅଧ୍ୟାତ୍ମ-ଶକ୍ତିର କ୍ରିୟା ଫଳରେ । ସୁତରାଂ ଚୈତ୍ୟ ଓ ଅଧ୍ୟାତ୍ମ-ଶିକ୍ଷାର ଶେଷ ପରିଣାମ ରୂପେ ଦେଖା ଦିଏ ଅତିମାନସ ଶିକ୍ଷା । ଅତିମାନସ ସିଦ୍ଧିର ଏକମାତ୍ର ଅବତାରଣା କରିଅଛନ୍ତି ଶ୍ରୀଅରବିନ୍ଦ ଓ ଶ୍ରୀମା । ସ୍ୱୟଂ ଶ୍ରୀଅରବିନ୍ଦ ଏହି ଶକ୍ତିକୁ ଅବତରଣ କରାଇ ଏହି ଧରାପୃଷ୍ଠରେ ଅଧ୍ୟାତ୍ମ ସାଧନାର ନବଯୁଗ ଆନୟନ କରିଛନ୍ତି । ଶ୍ରୀମା ଏହି ଶକ୍ତି ସ୍ୱୟଂ ଧାରଣ କରି ମାନବ-ପ୍ରକୃତି ଉପରେ କ୍ରିୟା କରୁଅଛନ୍ତି । ଅତିମାନସ କ୍ରିୟା ଫଳରେ ପୃଥିବୀରେ ଦେଖା ଦେବ ନୂତନ ମାନବ-ଜୀବନ ଓ ନୂତନ ମାନବଜାତି । ଅତିମାନସର ପ୍ରାଥମିକ କ୍ରିୟା ଫଳରେ ମନୁଷ୍ୟ ମଧ୍ୟରେ ଏକ ଊର୍ଦ୍ଧ୍ୱତନ ଚେତନାର ବିକାଶ ହେବ ଓ ତା'ର ଅଜ୍ଞାନ ଚେତନା ଜ୍ୟୋତିର୍ମୟ ହେବ । ଏହି ଶକ୍ତି କ୍ରମଶଃ ଆଭ୍ୟନ୍ତରୀଣ ମନ-ପ୍ରାଣକୁ ମଧ୍ୟ ପରିବର୍ତ୍ତନ କରିବ । ମନୁଷ୍ୟ ପ୍ରକୃତିର ଆମୂଳଚୂଳ ପରିବର୍ତ୍ତନ ଓ ଅତିମାନସ ଜାତି ସ୍ଥାପନା କେବଳ ଏହି ଶକ୍ତିବଳରେହିଁ ହୋଇପାରିବ ।... ... ✥

## ଚୈତ୍ୟ, ଅତିମାନସ

*ଶିଷ୍ୟ : ମା, ଭାଗବତ ଭୂମି କ'ଣ ଚୈତ୍ୟସତ୍ତାର ଭୂମି ?*

**ଶ୍ରୀମା** : ଚୈତ୍ୟସତ୍ତାର ଭୂମିଠାରୁ ଏହା ଉଚ୍ଚତର । କୁହାଯାଇପାରେ ଯେ ଚୈତ୍ୟସତ୍ତା ଭଗବାନଙ୍କର ବାହନ, ଏହା ଭଗବାନଙ୍କୁ ଧାରଣ କରେ, ଏହା ଭଗବାନଙ୍କର ଆବାସ, କିନ୍ତୁ ଭଗବାନ୍ ଏହାଠାରୁ ଅଧିକ ଉଚ୍ଚରେ । କାରଣ ଚୈତ୍ୟସତ୍ତା ହେଉଛି ଭଗବତ୍ ଅଭିବ୍ୟକ୍ତିର ଗୋଟିଏ ବିଭାବ ମାତ୍ର ।

*ଶିଷ୍ୟ : ଅତିମାନସ ମଧ୍ୟ ଚୈତ୍ୟସତ୍ତା ନୁହେଁ କି ?*

**ଶ୍ରୀମା** : ଚୈତ୍ୟସତ୍ତାଠାରୁ ମଧ୍ୟ ଅତିମାନସ ଅନେକ ଅଧିକ ଉଚ୍ଚରେ ।

ଶ୍ରୀଅରବିନ୍ଦ ଯାହାକୁ ଅତିମାନସ କୁହନ୍ତି ତାହା ହେଉଛି ଏକ ଦିବ୍ୟ ଉପାଦାନ ବା ଭଗବତ୍ ଦିବ୍ୟତତ୍ତ୍ୱ ଯାହା ବର୍ତ୍ତମାନ ବିଶ୍ୱଲୀଳାରେ ଆବିର୍ଭୂତ ହେବାକୁ ଯାଉଛି । ସେ ଏହାକୁ ଅତିମାନସ କହିଛନ୍ତି କାରଣ ଏହା ମନର ପରେ ଆସୁଛି, ଅର୍ଥାତ୍ ପରମ ଭଗବତ୍ ଦିବ୍ୟତତ୍ତ୍ୱର ଏହା ଏକ ନୂତନ ଅଭିବ୍ୟକ୍ତି । ଏବଂ ଏହା ଚୈତ୍ୟ ସହ ସଂବନ୍ଧିତ, ଯେପରି ଭଗବାନ୍ ଚୈତ୍ୟ ସହ ସଂବନ୍ଧିତ, ଅର୍ଥାତ୍ ଚୈତ୍ୟ ହେଉଛି ତାଙ୍କର ନିବାସ, ମନ୍ଦିର, ବାହନ ଯାହାକିଛି ବାହ୍ୟ ଭାବରେ ଭଗବାନଙ୍କୁ ଅଭିବ୍ୟକ୍ତ କରେ । କିନ୍ତୁ ଏହା କେବଳ ନିଜର ସାରସତ୍ୟରେ ଦିବ୍ୟ, ନିଜର ପୂର୍ଣ୍ଣାଙ୍ଗ ରୂପରେ ନୁହେଁ । ଏହା ହେଉଛି ଭଗବାନଙ୍କ ବାହ୍ୟ ପ୍ରକାଶର ଏକ ଧରଣ, ଭଗବାନଙ୍କ ତୁଳନାରେ ଏହା ବାହ୍ୟ ଅର୍ଥାତ୍ ଜାଗତିକ । ✥

# ଅଧ୍ୟାତ୍ମ-ପଥ : ଗ୍ରନ୍ଥ ଓ ଗୁରୁଙ୍କ ଭୂମିକା

## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

*ପ୍ରଶ୍ନ : ଆଧ୍ୟାତ୍ମିକ ଉପଲବ୍ଧି ପାଇଁ ବହି ଓ ଗୁରୁଙ୍କ ଆବଶ୍ୟକତା କେତେ ? ମୁଁ ସଠିକ ବହି ଓ ଗୁରୁ କେଉଁଠୁ ପାଇବି ?*

**ଉତ୍ତର** : ବହି କଥା । ମୋ ଭାଷା ଆପାତତଃ ଆଡ଼ମ୍ବରିକ ବା ଅବାସ୍ତବ ମନେ ହୋଇପାରେ । କିନ୍ତୁ ବକ୍ତବ୍ୟ ବାସ୍ତବ । ଆମ ସମଗ୍ର ଜୀବନର ଭିତ୍ତି ଆଧ୍ୟାତ୍ମିକ । ବିପୁଳ ସମ୍ଭାବନାପୂର୍ଣ୍ଣ ଏ ଜୀବନକୁ ଯଦି କୌଣସି ଅଣଆଧ୍ୟାତ୍ମିକ ଶକ୍ତି ସୃଜନ କରିଥା'ନ୍ତା, ତେବେ ଏଭଳି ପ୍ରଶ୍ନଟିଏ ଆପଣଙ୍କ ମନକୁ ଆସିହିଁ ନଥା'ନ୍ତା । ଆମେ ଯେତେ ଅଜ୍ଞାନ ଅନ୍ଧକାରରେ ନିମଜ୍ଜିତ ଥିଲେ ମଧ୍ୟ ଜ୍ଞାନ ପାଇଁ, ସତ୍ୟ ପାଇଁ, ଜୀବନର ଅର୍ଥ ପାଇଁ ବ୍ୟାକୁଳତା ଆମ ଚେତନାରେ ଅନିବାର୍ଯ୍ୟଭାବେ ବିଦ୍ୟମାନ ରହିଥାଏ । ଆଧ୍ୟାତ୍ମିକ ଦୃଷ୍ଟିକୋଣର ବିକାଶ ନିମନ୍ତେ ଏ ସମଗ୍ର ବିଶ୍ୱହିଁ ଏକ ଅସରା ଏବଂ ଅସମାପ୍ତ ବହି । ଆମେ ଆଗ୍ରହୀ ହେଲେ ଅନୁକୂଳ, ପ୍ରତିକୂଳ ସବୁ ପରିସ୍ଥିତିରେ ଆମ ପାଇଁ କିଛି ଶିକ୍ଷା ପ୍ରଚ୍ଛନ୍ନ ରହିଥାଏ; ସାଧାରଣ ବୈଷୟିକ, ବ୍ୟାବହାରିକ ବା ବିଦ୍ୟାଳୟ-ସୁଲଭ ଶିକ୍ଷା ନୁହେଁ, ଆମ ଚେତନାକୁ ବ୍ୟାପକତର କରିବା ଦିଗରେ ଶିକ୍ଷା । (ଅବଧୂତ ଓ ତାଙ୍କ ପ୍ରାକୃତିକ ଗୁରୁବୃନ୍ଦଙ୍କ ଉପାଖ୍ୟାନ ଜାଣିଥିବେ ।)

ଆଧ୍ୟାତ୍ମିକ ବିକାଶ ଏବଂ ଚେତନାର ଅଭିବୃଦ୍ଧି ଅବିଚ୍ଛେଦ୍ୟ । ଜନ୍ମ ଜନ୍ମ ଧରି ଆମର ଯେଉଁ ଆଧ୍ୟାତ୍ମିକ ବିକାଶ ବା ପ୍ରଗତି ଅବ୍ୟାହତ ରହିଛି – ତାହା ଅଜ୍ଞାନରୁ ଜ୍ଞାନର ଦିଗ୍‌ବଳୟ ଅଭିମୁଖେ । ଅତୀତ ଜନ୍ମ ସବୁର କେତେ ଘଟଣା, କେତେ ମୋହମୁକ୍ତି ତଥା ହୁଏତ କେତେ ସତ୍ ସାହିତ୍ୟରୁ ଜଣେ ଆହରଣ କରିଥିବା ଅଭିଜ୍ଞତା ସେଦିଗରେ ତାକୁ ସହାୟତା ଦେଇଥିବ । ଆଧ୍ୟାତ୍ମିକ ସାହିତ୍ୟର ବିଶେଷ ଅଭାବ ନାହିଁ । ଯୁଗ ଯୁଗ ଧରି ଅସଂଖ୍ୟ ଜ୍ଞାନଲିପ୍ସୁଙ୍କ ଆସ୍ପୃହା ଚରିତାର୍ଥ କରିଥିବା ଭଗବତ୍ ଗୀତାରୁହିଁ ଜଣେ ଆରମ୍ଭ କରିପାରେ ଏବଂ ସାରା ଜୀବନ ସେହିଥିରେ ବିତାଇ ଦେଇପାରେ ନିତ୍ୟ-ନୂତନ ଆଲୋକରେ ଉଦ୍ଭାସିତ ହୋଇ । କିନ୍ତୁ ତାହା ଏକ ବ୍ୟତିକ୍ରମ ଏବଂ ତାହା ଯାନ୍ତ୍ରିକ ଭାବରେ ଅନୁକରଣୀୟ ବୋଲି ଧରିବା ଉଚିତ ନୁହେଁ । ପ୍ରତ୍ୟେକଙ୍କର ସନ୍ଧାନର ମାତ୍ରା ଓ ସ୍ତର ଭିନ୍ନ ।

ଏକଦା ଏ ଲେଖକ ବିପୁଳ ଆଗ୍ରହରେ ବିଦ୍ୱାନ୍ ଓ ସନ୍ଥମାନେ ପରିବେଷଣ କରିଥିବା ଗୀତାର ବିଭିନ୍ନ ବ୍ୟାଖ୍ୟା ପଢ଼ୁଥିଲା । ସେହି କ୍ରମରେ ସେ ପଢ଼ିଲା ଶ୍ରୀଅରବିନ୍ଦଙ୍କର ''Essays on the Gita'' (ଗୀତାନିବନ୍ଧ ମାଳା) । ମନେ ହେଲା ଯେଉଁ ଚେତନା ଏକଦା ଜିଜ୍ଞାସୁବର୍ଗଙ୍କୁ ଗୀତା ରୂପକ ଅନନ୍ୟ ଅବଦାନ ଦେଇଥିଲା, ସେହି ଚେତନାହିଁ ତା'ର ତାତ୍ପର୍ଯ୍ୟ ବୁଝାଉଛି ଏ ନିବନ୍ଧମାଳା ଯୋଗେ । ବୁଦ୍ଧି ତଥା ଜ୍ଞାନ ଚାଳିତ ବହୁ ବ୍ୟକ୍ତିଙ୍କର ଅଧ୍ୟାତ୍ମ ରଚନା ରହିଛି । ଆମେ ସେସବୁ ତାରିଫ କରିପାରିବା । କିନ୍ତୁ ଉପଲବ୍ଧି-ପ୍ରସୂତ ପ୍ରଜ୍ଞାହିଁ ଆମକୁ ପ୍ରଭାବିତ କରିପାରିବ । ଏ ଲେଖକର ପଠନ ପରିସର ବ୍ୟାପକ ନୁହେଁ; ତେବେ ଇତିହାସରେ ମୁଖ୍ୟ ଆଧ୍ୟାତ୍ମିକ ପ୍ରଜ୍ଞା ସମୂହର ମର୍ମ ବୁଝିବାର ଚେଷ୍ଟା କରିଛି । ସେଭଳି ପ୍ରଜ୍ଞାସମ୍ବଳିତ ବହିର ତାଲିକା ଦେବା ନିଷ୍ପ୍ରୟୋଜନ । ଆପଣଙ୍କ ନିଜ ଅନୁସନ୍ଧିତ୍ସା ସେ ଦିଗରେ ସହାୟତା ଦେବ । (ଉପଲବ୍ଧିର ସରଳ ବ୍ୟାଖ୍ୟା : ଜଣେ ଯଦି ମହୁର ଉତ୍ପତ୍ତି, ମହୁମାଛିମାନଙ୍କର ଏବଂ ମହୁର ଶ୍ରେଣୀଭେଦ ଉପରେ ଗବେଷଣା କରିଥିବ, ସେ ବ୍ୟକ୍ତି ମହୁ-ବିଶେଷଜ୍ଞ ପଣ୍ଡିତ । ଆପଣ ସେ ପାଣ୍ଡିତ୍ୟ ଅର୍ଜନ କରି ନଥିଲେ ମଧ୍ୟ ଯଦି ମହୁ ଆସ୍ୱାଦନ କରିଛନ୍ତି, ତେବେ ଆପଣ ମହୁ ଉପଲବ୍ଧି କରିଛନ୍ତି ।) ଜଗନ୍ନାଥ ଦାସଙ୍କ ଭାଗବତରେହିଁ ରହିଛି ଅଧ୍ୟାତ୍ମ ଆଲୋକର ବହୁ ସ୍ଫୁଲିଙ୍ଗ ।

ବର୍ତ୍ତମାନ ଗୁରୁ ପ୍ରସଙ୍ଗକୁ ଆସିବା । ଭାରତର ଗୁରୁ-ପରମ୍ପରା ବିଶ୍ୱରେ ଅନନ୍ୟ । ଭାରତୀୟ ସଂସ୍କୃତିର ନିର୍ମାତା ଯେଉଁ ଋଷିକୁଳ, ସେ ସମ୍ପ୍ରଦାୟ ସହ ତୁଳନୀୟ କୌଣସି ଗୋଷ୍ଠୀର ଦୃଷ୍ଟାନ୍ତ ଆମେ ଅନ୍ୟ କୌଣସି ସଭ୍ୟତାରେ ଦେଖିବାକୁ ପାଉନା । ପ୍ରାଚୀନ ଭାରତରେ ଏକଦା ସେମାନେ ଶିକ୍ଷାଧାରାର ପ୍ରବର୍ତ୍ତକ ଥିଲେ; ଥିଲେ ଗୁରୁ । ଯେଉଁ ବିଦ୍ୟାର୍ଥୀ ଅଧ୍ୟାତ୍ମ ଜୀବନ ସକାଶେ ପ୍ରସ୍ତୁତ ବୋଲି ଗୁରୁ ଅନୁଭବ କରୁଥିଲେ, ତାକୁ ସେ ସେହି ମାର୍ଗରେ ପରିଚାଳିତ କରୁଥିଲେ । ସେ ପର୍ଯ୍ୟାୟର ଗୁରୁ ନାହାନ୍ତି । ବର୍ତ୍ତମାନ ରହିଛନ୍ତି ପାରମ୍ପରିକ ଗୁରୁ; ଏକଦା ଜଣେ ଜଣେ ଋଷିପ୍ରତିମ ମହାପୁରୁଷଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ସଂସ୍ଥାର ଧାରାବାହିକ ଉତ୍ତରାଧିକାରୀ-

ମାନଙ୍କଠାରୁ ଦୀକ୍ଷା ଗ୍ରହଣ ପ୍ରଥା । ଦ୍ୱିତୀୟରେ ପ୍ରଭାବ ବିସ୍ତାର କରିଛନ୍ତି ବେଶ୍ କେତେଜଣ ଦକ୍ଷ ଆଧ୍ୟାତ୍ମିକତା-ପ୍ରଚାରକ । ସେମାନେ କିଛି ହଠଯୌଗିକ କ୍ରିୟା ସହ ମନସ୍ତାତ୍ତ୍ୱିକ ଜ୍ଞାନ ଓ ବିଭିନ୍ନ ରୀତିର ଧ୍ୟାନ ଶୃଙ୍ଖଳାର ସୁପରିକଳ୍ପିତ ସମାବେଶ କରି ଏକ ଏକ ଯୋଜନା ପ୍ରସ୍ତୁତ କରିଥା'ନ୍ତି; ସେହି ଅନୁସାରେ ସମ୍ମିଳନୀ, ତାଲିମ ଶିବିର ଇତ୍ୟାଦି ଆୟୋଜିତ ହୁଏ, ଆଧୁନିକ ପ୍ରଚାର ରୀତିର ବ୍ୟବହାର କରାଯାଏ । ଭାରତରେ ତଥା ବିଦେଶରେ ଏମାନେ ଭିନ୍ନ ଭିନ୍ନ ମାତ୍ରାରେ ପ୍ରଭାବ ସୃଜିବାରେ ସକ୍ଷମ ହୋଇଛନ୍ତି । ଏମାନଙ୍କ ଦ୍ୱାରା ଅନେକେ ଏକ ନିର୍ଦ୍ଦିଷ୍ଟ ମାତ୍ରା ଯାଏ ଉପକୃତ ହୁଅନ୍ତି । ଏମାନଙ୍କ ପ୍ରବର୍ତ୍ତିତ ଶୃଙ୍ଖଳାରୁ ଆମକୁ କିଛି ଆଧ୍ୟାତ୍ମିକ ପାଠ୍ୟ ଜ୍ଞାନ ମିଳିପାରେ; କିନ୍ତୁ ଆମ ଚେତନାର ଗୁଣଗତ ପରିବର୍ତ୍ତନ ହୁଏ ନାହିଁ । ତେବେ ଏମାନେ କ୍ଷତିକାରକ ନୁହନ୍ତି । (କିଛି କିଛି ସ୍ୱୟଂ-ଘୋଷିତ ଗୁରୁ ରହିଥା'ନ୍ତି, ଯେଉଁମାନଙ୍କ ''ଗୁରୁତ୍ୱ'' ଅଳୀକ ।)

ଆଧ୍ୟାତ୍ମିକତା ଏକ ଅନୁଭୂତି-ସାପେକ୍ଷ ଜ୍ଞାନ । ଯେଉଁମାନେ ସେ ଜ୍ଞାନ ଜୀବନରେ ଉପଲବ୍ଧି କରିବାକୁ ଅଗ୍ରସର, ସେମାନେ ଯୋଗ ସାଧକ । ଏଠାରେ ଯୋଗର ଉଲ୍ଲେଖ କରୁଛି ବ୍ୟାପକତର ଅର୍ଥରେ । ଯୋଗର ଚାରି ପ୍ରାଥମିକ ପ୍ରୟୋଜନୀୟତା ହେଲେ ଶାସ୍ତ୍ର, ଉତ୍ସାହ, ଗୁରୁ ଏବଂ କାଳ । ଶାସ୍ତ୍ର ବୋଇଲେ ସେ ମାର୍ଗ ସମ୍ପର୍କରେ ଜ୍ଞାନ; ଉତ୍ସାହର ବ୍ୟାଖ୍ୟା ଅନାବଶ୍ୟକ; ଗୁରୁ ହେଲେ ଦିଗ୍‌ଦର୍ଶକ । କାଳ ମୋଟାମୋଟି ଜଣକର ବ୍ୟକ୍ତିଗତ କ୍ରମବିକାଶରେ ସତ୍ୟାନୁସନ୍ଧାନ ନିମନ୍ତେ ଉପଯୁକ୍ତ ମୁହୂର୍ତ୍ତ । ଆମର ଅଧିକାଂଶ କାର୍ଯ୍ୟକଳାପ ଅହଂପ୍ରଣୋଦିତ । ତେଣୁ କାଳ ଆମ ଆଗରେ ନାନା ପ୍ରତିବନ୍ଧକ ରଖେ । ଯେତେବେଳେ ସତ୍ୟ ପାଇଁ ଜଣକର ଉତ୍ସାହ ହୁଏ ଅବିମିଶ୍ରିତ ନିର୍ମଳ, ସେତେବେଳେ ଦିବ୍ୟ-କରୁଣା ତାକୁ ସ୍ୱାଗତ କରେ ଏବଂ କାଳ ତାକୁ ସହାୟତା ଦିଏ ।

ଏ ଲେଖକର ବିଶ୍ୱାସ ଅନୁସାରେ ଶ୍ରୀଅରବିନ୍ଦଙ୍କ ପ୍ରବର୍ତ୍ତିତ ପୂର୍ଣ୍ଣାଙ୍ଗ ଯୋଗହିଁ ଯୋଗର ଭବିଷ୍ୟତ୍ ଏବଂ ଆଧ୍ୟାତ୍ମିକତାର ସର୍ବୋତ୍ତମ ପ୍ରତିଶ୍ରୁତି । ଏହା ଭଗବାନଙ୍କର ଏ ସୃଷ୍ଟିକୁ ମାୟା ଓ ମିଥ୍ୟା ଆଖ୍ୟା ଦେଇ ବର୍ଜନ କରେନା । ଆମ ଜୀବନରେ ମାୟା ଓ ମିଥ୍ୟାର ପ୍ରଚଣ୍ଡ ପ୍ରଭାବକୁ ଏହା ଅସ୍ୱୀକାର କରେନା; କିନ୍ତୁ ସେଥିରୁ ଉତ୍ତୀର୍ଣ୍ଣ ହେବାର ଶକ୍ତି ଆମ ଚେତନାରେ ନିହିତ ବୋଲି ଏ ଦିବ୍ୟଦର୍ଶନ ଆମକୁ ପ୍ରତିଶ୍ରୁତି ଦିଏ । ଆଧ୍ୟାତ୍ମିକ ଜୀବନଯାପନ ସକାଶେ ସାମାଜିକ ବା ସ୍ଥୂଳ ଜୀବନ ପରିତ୍ୟାଗ କରିବା ଅନିବାର୍ଯ୍ୟ ବୋଲି ଏହା ଘୋଷଣା କରେନା । ବିବର୍ତ୍ତନ କ୍ରମରେ ମଣିଷ ତା'ର ଅପରିଣତ ଜୀବନର ଉର୍ଦ୍ଧ୍ୱତର ଏକ ସୋପାନରେ ଉପନୀତ ହେବ ଏବଂ ଏକ ଦିବ୍ୟ-ଜୀବନର ଅଧିକାରୀ ହେବ; ତାହାହିଁ ତା'ର ଆଧ୍ୟାତ୍ମିକ ଭବିଷ୍ୟତ୍ । (କେବେ, ତାହା ନିର୍ଭର କରେ ଆମର ଆସ୍ପୃହା, ଦିବ୍ୟ-ଶକ୍ତିଠାରେ ସମର୍ପଣ ଏବଂ ପ୍ରକୃତିଗତ ବିରୂପ ଅଭ୍ୟାସ ଏବଂ ପ୍ରଭାବସବୁର ପରିବର୍ଜନ ଉପରେ ।)

ଶାଶ୍ୱତ ବେଦ ରୂପକ ଶାସ୍ତ୍ର ଏବଂ ପରମ ଦିଗ୍‌ଦର୍ଶକ ଗୁରୁ ଉଭୟେ ଆମ ହୃଦୟରେ ଅଧିଷ୍ଠିତ । ଅତଏବ ମାନବ ଗୁରୁ ନଥିଲେ କ୍ଷତି ନାହିଁ । ସେ ଦାୟିତ୍ୱ ଆପଣ ଭଗବାନଙ୍କୁ ଦେଇ ଦିଅନ୍ତୁ । ଯଦି ଆବଶ୍ୟକ ଥିବ, ତେବେ ମାନବ ଗୁରୁଙ୍କ ସହ ଯୋଗାଯୋଗ ଅବଶ୍ୟ ଘଟିବ । ସବୁ ନିର୍ଭର କରେ ପ୍ରାର୍ଥୀର ଆନ୍ତରିକତା ଓ ଆବଶ୍ୟକତା ଉପରେ । ରହସ୍ୟ ହେଲା, ଗୁରୁ ସଚ୍ଚା ହୋଇ ନଥିଲେ ବି ସଚ୍ଚା ଶିଷ୍ୟଟିଏ ଗୁରୁଙ୍କ ଭିତରେ ଜଗଦ୍‌ଗୁରୁଙ୍କୁ ଜାଗରିତ କରିଦେଇ ପାରିବ । ଆମ ଲୋକ କଥାରେ ରହିଛି ଏହାର ଉଦାହରଣ । ସଂକ୍ଷେପରେ :

ଜଣେ ସଚ୍ଚା ଗୁରୁଙ୍କ ତିରୋଧାନ ଅନ୍ତେ ତାଙ୍କ ବ୍ୟକ୍ତିଗତ ସେବକ ଜଣକ ତାଙ୍କ ଆସନରେ ବସିଗଲେ । ନିଜ ଅଯୋଗ୍ୟତାକୁ ଗୋପନ କରିବା ନିମନ୍ତେ ତାଙ୍କୁ ବିଶେଷ କ୍ଳେଶ ସହିବାକୁ ପଡ଼ିଲା ନାହିଁ, କାରଣ ସେ ଖଣ୍ଡମଣ୍ଡଳର ଲୋକେ ଥିଲେ ଅତ୍ୟନ୍ତ ସରଳ ବିଶ୍ୱାସୀ । ନୂଆ ଗୁରୁ ଘୋଷଣା କଲେ, ସେ ଶିଷ୍ୟ ବହୁଳ ଏକ ଏକ ଗାଁରେ ଦୁଇ ଚାରି ଦିନ କରି ବିତାଇବେ । ମନ୍ଦରପୁର ଗାଁ ତରଫରୁ ରାମଦାସ ଆସି ନେହୁରା ହେଲା, ଗୁରୁ ତା' ଗାଁରେ ବିଜେ ହୁଅନ୍ତୁ । ସେ ପ୍ରାୟ ଅଧିଆ ପଡ଼ି ରହିଲା ନଖାଇ ନପିଇ । ତେଣେ ତା' ଘରୁ ଲୋକ ଆସି ତାକୁ ଚେତାଇ ଦେଲେ, ତା'ର ଶିଶୁ କନ୍ୟା ଭୀଷଣ ଅସୁସ୍ଥ; ସେ ଶୀଘ୍ର ଘରକୁ ଯିବା ଚାହି । କିନ୍ତୁ ରାମଦାସ ଗୁରୁଙ୍କୁ ନନେଇ ଯିବ ନାହିଁ ।

ଗୁରୁ ଅବଶ୍ୟ ତାଙ୍କ ମର୍ଜି ଅନୁସାରେ ଗଲେ — ଶୋଭାଯାତ୍ରାରେ । ଆଗେ ଆଗେ ଉଦ୍ଦାମ ଭକ୍ତ ରାମଦାସ । କିନ୍ତୁ ଗୁରୁ-ଆଗମନ ଉପଲକ୍ଷେ ଉତ୍ସବମୁଖର ଗାଁରେ ପଶିବା ବେଳକୁ ଜଣେ ଆସି ତା'କୁ ଖବର ଦେଲା, ତା' ସନ୍ତାନର ଶେଷ ସମୟ ଉପସ୍ଥିତ । ''ଚୁପ୍ କର । ଆଗେ ଗୁରୁ ଥଇଥାନ ହୁଅନ୍ତୁ !'' କହି ରାମଦାସ ସେ ଧନ୍ଦାରେ ବ୍ୟସ୍ତ ରହିଲା । ଅବଶେଷରେ ସେ ଘରେ ପହଞ୍ଚିବା ବେଳକୁ କନ୍ୟା ମୃତ ।

ରାମଦାସ ଶିଶୁକୁ କୋଳାଗ୍ରତ କରି ଦୌଡ଼ିଯାଇ ତା'କୁ ଗୁରୁଙ୍କ ପଦପ୍ରାନ୍ତରେ ଥୋଇ ଗୋଟାଏ ପାତ୍ରରେ ପାଣି ଆଣି ଗୁରୁଙ୍କୁ ସେଥିରେ ତାଙ୍କ ପଦାଙ୍ଗୁଳି କେତୋଟି ବୁଡ଼ାଇବାକୁ ନେହୁରା ହୋଇ ସେ ପାଣି ଛିଞ୍ଚିଲା ଶିଶୁ ଉପରେ । ଶିଶୁର ଆଖିପତା ସ୍ପନ୍ଦିତ ହେଲା । ଚାହୁଁ ଚାହୁଁ ସେ କାନ୍ଦିଲା । ଗୁରୁଙ୍କ ଜୟଧ୍ୱନିରେ ମୁଖରିତ ହେଲା ବାତାବରଣ ! ଧନ୍ୟ ନୂଆବାବାଙ୍କ ବିଭୂତି । ସ୍ଥାନୀୟ ଜମିଦାର ଶୁଣିଲେ ସେ ଅଲୌକିକ ବୃତ୍ତାନ୍ତ; ସେ ଆସି ପ୍ରଣାମାନ୍ତେ ବାବା ତାଙ୍କ ଆତିଥ୍ୟ ଗ୍ରହଣ କରି ତାଙ୍କ ପ୍ରାସାଦରେ ଦିନ କେତୋଟି ବିତାଇବା ନିମନ୍ତେ ଅଳି କଲେ । କିଞ୍ଚିତ୍ କୁଣ୍ଠାର ଅଭିନୟ ଅନ୍ତେ ନିଜ ଶକ୍ତିରେ ଚକିତ ଓ ମୁଗ୍ଧ ବାବା ପ୍ରାସାଦକୁ ଗଲେ । ତାଙ୍କୁ ଦେଖିବା ନିମନ୍ତେ ଶହ ଶହ ନରନାରୀ ଭିଡ଼ କରୁଥା'ନ୍ତି । ପରଦିନ ପ୍ରଭାତରେ ବାବା ପଦ୍ମାସନରେ ଧ୍ୟାନରତ, ଜମିଦାରଙ୍କ ଶିଶୁପୁତ୍ରଟି ଗୁରୁଣ୍ଡି ଗୁରୁଣ୍ଡି ଆସି ତାଙ୍କ କୋଳରେ ଚଢ଼ିଗଲା । ବାବା ଆବର୍ଜନା ଭଳି ତାକୁ ଠେଲିଦେଲେ । କିନ୍ତୁ ନନ୍ଦନଟି ପୁଣି ଆସି ତାଙ୍କ ଲୋଭନୀୟ ଦାଢ଼ିଟିକୁ ଆତ୍ମସାତ୍ କରିବାକୁ ଚେଷ୍ଟା କରନ୍ତେ ମହାଶୟ ତାକୁ ପ୍ରାୟ ଫୋପାଡ଼ି ଦେଲେ ଏବଂ ସେ କାନ୍ଥ ଦେହରେ ପିଟି ହୋଇଯାଇ ଚେତା ହରାଇଲା । ଦୌଡ଼ି ଆସିଲେ ପରିଚାରିକାମାନେ ଓ ଜମିଦାର-ପତ୍ନୀ । ପରେ ପରେ ବୈଦ୍ୟ । ଶିଶୁ ମୃତ !

ବଦ୍ଧ-ଚକ୍ଷୁ ନୂଆବାବାଙ୍କ ଆଗରେ ଉଭା ଜମିଦାର । ''ବାବା !'' ସେ ଗମ୍ଭୀର କଣ୍ଠରେ ସମ୍ବୋଧନ କରି କହିଲେ, ''ଅଧମ ଶିଶୁଟିକୁ ଏଥର ଜୀବନ୍ୟାସ ଦିଅନ୍ତୁ !'' ଗୁରୁ ସାମାନ୍ୟ ବିରକ୍ତି ଦେଖାଇ କହିଲେ, ''ଏତିକି ପାଇଁ ମୋ ଧ୍ୟାନ ଭଙ୍ଗାଇଲ ? ଆଣ କଂସାଏ ପାଣି ।'' ପାଣି ଆସିଲା । ବାବା ସେଥିରେ ଅଙ୍ଗୁଳି ବୁଡ଼ାଇ ଶିଶୁ ଉପରେ ତାହା ସିଞ୍ଚନ କଲେ । ନିଷ୍ଫଳ । ଏକ ଗରାବର୍ତ୍ତି ପାଣିରେ ସେ ଦୁଇ ଗୋଡ଼ ବୁଡ଼ାଇଲେ ଓ ତାହା ଶିଶୁ ଉପରେ ଓଜାଡ଼ି ଦିଆଗଲା । ତଥାପି ନିଷ୍ଫଳ । ଏଥର ଧମକ ଦେଲେ ଜମିଦାର, ''ମୋ ପୁଅ ଉପରେ ତୁମ କରାମତି ଦେଖାଇବ ନା ତୁମ ଉପରେ ମୋ କରାମତି ଦେଖିବ !''

ଗୁରୁ ଥରହର । ସେତିକିବେଳେ ପଶି ଆସିଲା ରାମଦାସ । ''ଗୁରୁଦେବ ! କାହିଁକି ଏ ପରୀକ୍ଷା ?'' କହି ସେ ଗୋଟିଏ ପାତ୍ରରେ ପାଣି ଆଣି ସେଥିରେ ଗୁରୁଙ୍କ ପାଦାଙ୍ଗୁଳି ବୁଡ଼ାଇ ତହିଁରୁ କେତେ ବିନ୍ଦୁ ଶିଶୁଟି ଉପରେ ସିଞ୍ଚନ କରନ୍ତେ ଅବିଳମ୍ବେ ଶିଶୁ ଆଖି ଖୋଲିଲା । ବାବାଙ୍କ ଗୌରବ ଗାନରେ ପୁନର୍ବାର ସ୍ପନ୍ଦିତ ହେଲା ବାତାବରଣ । କିନ୍ତୁ ଏକମାତ୍ର ବାବା ବାପୁଡ଼ାହିଁ ବୁଝୁଥିଲେ ସେ ଚମତ୍କାରର ରହସ୍ୟ ।

କହିବା ବାହୁଲ୍ୟ, ରାମଦାସର ନିଃସର୍ତ୍ତ ବିଶ୍ୱାସ ଓ ଚୂଡ଼ାନ୍ତ ଗୁରୁଭକ୍ତି ଏକ ଅପରାଜେୟ ଶକ୍ତିରେ ପରିଣତ ହୋଇ ପରମଗୁରୁଙ୍କ କରୁଣାକୁ ଅବତରଣ କରାଇ ଆଣିଥିଲା ।

(ସୌଜନ୍ୟ : ''ଜିଜ୍ଞାସାର ଦିଗ୍‌ଦିଗନ୍ତ'' 'ସମାଜ') ✤

---

ପୁରୁଣା ପୃଥିବୀ, ଯାହାକି ଶ୍ରୀଅରବିନ୍ଦଙ୍କ ଭାଷାରେ ଅଧିମାନସର ସୃଜନ, ତାହା ସ୍ୱଭାବତଃ ଥିଲା ଦେବତାମାନଙ୍କର ଯୁଗ, ଏବଂ ଫଳତଃ ଧର୍ମସମୂହର ଯୁଗ । ମୁଁ ଯାହା କହିଲି, ଏ ପୃଥିବୀର ଊର୍ଦ୍ଧ୍ୱରେ ଯାହା ଅଛି, ସେଦିଗରେ ମାନବିକ ପ୍ରୟାସର ନିର୍ଯ୍ୟାସ ଅସଂଖ୍ୟ ଧର୍ମଧାରାର, ମହତ୍ ଆତ୍ମାସବୁ ସହ ଅଦୃଶ୍ୟ ଜଗତର ଏକ ଧର୍ମନୈତିକ ସମ୍ପର୍କର ପ୍ରବର୍ତ୍ତନ କଲା ।...

ଏବଂ ବର୍ତ୍ତମାନ – ଏଯାବତ୍ ପୁରୁଣା କଥା ମନେହୁଏ ଏକାନ୍ତ ପୁରୁଣା, ଏକାନ୍ତ ସମୟ-ସଂଗତି-ରହିତ, ଏକାନ୍ତ ଅଯୌକ୍ତିକ – ପ୍ରକୃତ ସତ୍ୟର ଏକାନ୍ତ ବିକୃତି ।

ଅତିମାନସ ସୃଷ୍ଟିରେ କୌଣସି ଧର୍ମ ତିଷ୍ଠିବ ନାହିଁ । ସମଗ୍ର ଜୀବନହିଁ ହେବ ପୃଥିବୀରେ ଅଭିପ୍ରକାଶମାନ ଦିବ୍ୟ-ଏକତ୍ୱର ଅଭିବ୍ୟକ୍ତି, ତା'ର କ୍ରମ-ରୂପାୟନ ।

– ଶ୍ରୀମା

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୯)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

୨୨ ନଭେମ୍ବର ୧୯୨୮ ସାଲରେ ପଣ୍ଡିଚେରୀକୁ ଫେରି ଆସିଲି, ଆସିବି ନାହିଁ ବୋଲି ସଂକଳ୍ପ କରିଥିବା ସତ୍ତ୍ୱେ । କିନ୍ତୁ ସେ ଇତିହାସ ଏଠାରେ ଦେବା ଦରକାର ନାହିଁ । ଏହା ତ ଆତ୍ମ-ଜୀବନୀ ନୁହେଁ ! ତେବେ ଏତେ କଥା କହିଲି ମୋର ନିଜ ଛବି ଆଙ୍କିବାକୁ ନୁହେଁ, ଶ୍ରୀଅରବିନ୍ଦଙ୍କୁ ମୋର ଯେଉଁ ଆଖି ଦେଖିଛି, ଯେଉଁ ମନ ଜାଣିଛି, ତା'ର କିଛି ପରିଚୟ ନ ଦେଲେ, ଶ୍ରୀଅରବିନ୍ଦଙ୍କର ଛବିଟି ଠିକ୍‌ଭାବେ ଫୁଟିଉଠିବ ନାହିଁ ବୋଲି । ଯଦି ଅଜାଣତରେ ନିଜକୁ ବାହାର କରିଦେଉଥିବି, ସେଥିପାଇଁ ଭଗବାନଙ୍କଠାରୁ କ୍ଷମା ପାଇବି, ଏ ବିଶ୍ୱାସ ଅଛି । କାରଣ ସେ ଅନ୍ତର୍ଯାମୀ, ତେଣୁ ସେ ନିଶ୍ଚୟ ଜାଣିଥିବେ ଯେ ଆତ୍ମାଭିମାନର ଅଗଣିତ ତ୍ରୁଟି ସତ୍ତ୍ୱେ ମୋର ଏ ନିବନ୍ଧର ଉଦ୍ଦେଶ୍ୟ ହେଉଛି ଗୁରୁପୂଜା କରିବା, ଆତ୍ମଚିତ୍ରଣ କରିବା ନୁହେଁ ।

(୪ ଫେବ୍ରୁଆରୀ ୧୯୪୩)

ଶ୍ରୀଅରବିନ୍ଦଙ୍କ ଘରେ ପ୍ରବେଶ କଲି । ସେହି ପୁଣ୍ୟ ମନ୍ଦିର, ଯେଉଁଠାରୁ ସେ ୧୯୨୬ ସାଲଠାରୁ ବାହାରକୁ ବାହାରି ନାହାନ୍ତି । ପ୍ରଣାମ କଲି । ମଥାରେ ହାତ ଦେଇ ସେ ଆଶୀର୍ବାଦ କଲେ । ପଚାରିଲେ, ''ଏବେ ଟିକିଏ ଭଲ ଲାଗୁଛି ତ ?'' ଆଖିରେ ତାଙ୍କର କରୁଣାର କୋମଳ କିରଣ ।

ବାକ୍‌ସ୍ଫୂର୍ତ୍ତି ହେଉ ନଥିଲା । କୌଣସିମତେ ଉତ୍ତର ଦେଲି, ''ହଁ'' । ତାଙ୍କର ନକ୍ଷତ୍ର ପରି ଦୀପ୍ତ ଆଖି ଦୁଇଟିକୁ ଚାହିଁ ପୁଣି ମଥା ନତ କଲି । ଏତେ ଆଲୁଅ ସହିବା ମୁସ୍କିଲ, ମୁହଁ ଟେକି ଚାହିଁ ହେଉ ନଥାଏ । ଅଥଚ ମୁଁ ଅନେକ ପ୍ରଶ୍ନ ମନରେ ଧରି ଆସିଥିଲି ।

ଶେଷରେ ସେହିଁ କଥା କହି ମୋର ଅସ୍ୱସ୍ତିର ଅବସାନ ଘଟାଇଲେ ।

''ଆଜି ସକାଳେ ତୁମେ କେତୋଟି ପ୍ରଶ୍ନ ଲେଖି ମୋ ନିକଟକୁ ପଠାଇଥିଲ । ପ୍ରଥମ ପ୍ରଶ୍ନରୁହିଁ ଆରମ୍ଭ କରିବା ।''

ମୁଁ ମୁଣ୍ଡ ହଲାଇ ସାଗ୍ରହ ସମ୍ମତି ଜଣାଇଲି । ଏହାର ଭୂମିକା ନିଷ୍ପ୍ରୟୋଜନ । କେବଳ ଏତିକି କହି ରଖୁଛି ଯେ ମୁଁ ଏଥର କଥାବାର୍ତ୍ତା ଶେଷ ହେଉ ହେଉ ସେ ଯାହା କହିଥିଲେ ତାହାକୁ ଲେଖି ରଖିଛି ଏବଂ ଯଥା ସମ୍ଭବ ଚେଷ୍ଟା କରିଛି ତାଙ୍କର କହିବାର ଭଙ୍ଗିଟିକୁ ଫୁଟାଇବାକୁ । ମୁଁ ବେଶୀ ସଜାଗ ଥିଲି, ଯେପରି ପ୍ରତିଟି ଲିପି ଆହୁରି ନିଖୁଣ ହେବ । ତେଣୁ ତାଙ୍କର କଥା ଯେଉଁଠି ଭଲକରି ମନେ ରଖିପାରି ନଥିଲି, ତା'ପରଦିନ ସକାଳୁ ଲେଖି ଜଣାଉ ଥିଲି । ସେ ଶୂନ୍ୟସ୍ଥାନଗୁଡ଼ିକୁ ଭର୍ତ୍ତି କରି ଦେଉଥିଲେ ନିଜ ହାତରେ ।

ମୋର ପ୍ରଥମ ପ୍ରଶ୍ନଟି ସୁଦୀର୍ଘ ଥିଲା । ତେଣୁ ଦେଉ ନାହିଁ । ଉତ୍ତରରୁହିଁ ପ୍ରଶ୍ନଟି ଅନ୍ଦାଜ କରି ହେବ । ଗୁରୁଦେବ କହିଲେ, ''ତୁମର ପ୍ରଥମ ପ୍ରଶ୍ନର ଉତ୍ତରରେ ମୁଁ କହିବି ଯେ ସାଧନାରେ ମୋଟାମୋଟି ଦୁଇଟି ପଥ ଅଛି । ଗୋଟିଏ ହେଉଛି ବୁଦ୍ଧଙ୍କର, ଯେ କହୁଥିଲେ ତୁମେ ଗୁରୁ ବା ଅନ୍ୟ କାହାଠାରୁ କମ୍, ବେଶୀ ସାହାଯ୍ୟ ବା ନିର୍ଦ୍ଦେଶ ପାଇପାର, କିନ୍ତୁ ଶେଷଯାଏଁ ତୁମକୁ ଏକାକୀ ଚାଲିବାକୁ ହେବ । ନିଜର ଶକ୍ତିରେ, ବଣ ଭିତରେ ପଥ କାଟି ଯିବାକୁ ହେବ । ଗୋଟିଏ କଥାରେ କହିଲେ ଏହା ହେଉଛି ସନାତନ ତପସ୍ୟାର ପଥ । ଅନ୍ୟଟି ହେଲା ଗୁରୁବାଦ, ଅର୍ଥାତ୍ ଗୁରୁଙ୍କୁ ଭଗବାନଙ୍କର ପ୍ରତିନିଧି ବୋଲି ବରଣ କରିବା । ଏକାନ୍ତ ଭାବରେ ସ୍ୱୀକାର କରିନେବା ଯେ ସେହି ଗୁରୁ ନିଜେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛନ୍ତି ଏବଂ ଅନ୍ୟଜଣକୁ ପଥ ନିର୍ଦ୍ଦେଶ କରିବାରେ ସହାୟ ହୋଇପାରିବେ । ଆମ ଆଶ୍ରମରେ ଯେଉଁମାନେ ଅଛନ୍ତି ସେମାନଙ୍କର ଏହି ପଥ ।''

ମୁଁ କହିଲି, ''ଏସବୁ ମୁଁ ଜାଣେ, କିନ୍ତୁ ମୋର ଗୋଟିଏ ପ୍ରଶ୍ନ ଥିଲା । ଯଦି ଗୁରୁଙ୍କର ଶକ୍ତିକୁ ମାନବିକ ସୀମାରେ ଆବଦ୍ଧ ବୋଲି ଜଣାଯାଏ, ତେବେ ତାଙ୍କୁ କିପରି ଈଶ୍ୱର ଭାବରେ ଦେଖିବ ? କିପରି ତାଙ୍କର ନିର୍ଦ୍ଦେଶରେ ଚାଲିବ ? ଏଠାରେ କହିରଖୁଛି ଯେ ଏହି ପ୍ରଶ୍ନଟି ବ୍ୟକ୍ତିଗତ ଭାବରେ ମୋ ପାଇଁ ଆବଶ୍ୟକ ନୁହେଁ, କାରଣ ମୋର ଭାଗ୍ୟ ପ୍ରସନ୍ନ, ମୁଁ ତ ଆପଣଙ୍କୁ

ଗୁରୁ ରୂପରେ ପାଇଛି । କିନ୍ତୁ ମୋର ଏପରି ବନ୍ଧୁ ଅଛନ୍ତି ଯେଉଁମାନଙ୍କର ଭାଗ୍ୟ ଏତେ ଭଲ ନୁହେଁ । ସେମାନଙ୍କ ସମ୍ବନ୍ଧରେ କ'ଣ କୁହାଯିବ ? ଆଶା କରୁଛି ମୋ କଥା ଆପଣ ବୁଝି ପାରୁଥିବେ ।''

ଗୁରୁଦେବ ହସି କହିଲେ, ''ଅବ୍ୟର୍ଥ ଭାବରେ । ତେବେ ଏ କଥାର ଜବାବ ତ ମୁଁ ଇତିପୂର୍ବରୁ ଦେଇଛି । କହିଛି ଯେ, ଗୁରୁ ଯେତେବେଳେ ସତ୍ୟର ପ୍ରଣାଳୀ ହୋଇ ଆସିଛନ୍ତି, ସେତେବେଳେ ତାଙ୍କ ଉପରେ କିଛିଟା ନିର୍ଭର କରିବାକୁ ପଡ଼ିବ । କିନ୍ତୁ ଯେଉଁମାନେ ସେହି ପ୍ରଣାଳୀକୁ ବହନ କରି ଚାଲିବେ, ଅର୍ଥାତ୍ ଶିଷ୍ୟମାନଙ୍କ ଉପରେ ଅନେକ କିଛି ନିର୍ଭର କରେ ।'' ଶ୍ରୀଅରବିନ୍ଦଙ୍କ ମୁହଁରେ ହସର ଆଭା ଫୁଟି ଉଠିଲା ।

''ଆଧୁନିକ ମନ ଏ ବିଷୟରେ ଭାବିବାକୁ ଯାଇ ମୁସ୍କିଲରେ ପଡ଼ିଯାଏ, କେବଳ ଏଥିପାଇଁ ଯେ ଯେଉଁ ଶକ୍ତି ପଥ ଦେଖାଇ ଚଲାଇ ନିଏ, ସେ ମନର ଯୁକ୍ତିକୁ ମାନି ନେଇ ସିଦ୍ଧିଲାଭର ସଫଳତା ଦିଏ ନାହିଁ । ଆଧୁନିକ ଯୁଗର ମନ ଏହି ସହଜ କଥାଟିକୁ ବୁଝିପାରେ ନାହିଁ ଯେ ଶିଷ୍ୟ ଗୁରୁଙ୍କୁ ଭାଗବତ ପ୍ରତିନିଧି ଭାବରେ ଗ୍ରହଣ କରିନେବା ସଙ୍ଗେ ସଙ୍ଗେ, ଭଗବାନ୍ ମଧ୍ୟ ଗୁରୁଙ୍କ ମଧ୍ୟ ଦେଇ ଆସି ତାକୁ ସ୍ୱୀକାର କରି ନିଅନ୍ତି । ଅର୍ଥାତ୍ ଗୁରୁଙ୍କ ପାଖରେ ନିଜକୁ ଖୋଲି ଧରିବା ଅର୍ଥ, ଭଗବାନଙ୍କ ପାଖରେ ନିଜକୁ ଖୋଲି ଧରିବା । ବାସ୍ତବିକ ଗୁରୁ ତାଙ୍କର 'ମାନବିକ ସୀମାବଦ୍ଧତା' ସତ୍ତ୍ୱେ, ଶିଷ୍ୟର ହାତ ଧରି ନେଇ ଚାଲିପାରନ୍ତି, ସେହି ଶକ୍ତିକୁ ଆବାହନ କରି, ଯାହା ଗୁରୁଙ୍କର ବ୍ୟକ୍ତିରୂପ ଦେଇ କ୍ରିୟମାଣ ହୁଏ । ସେହି ଶକ୍ତି ବଳରେହିଁ ଗୁରୁଙ୍କର ମାନବିକ ସୀମାବଦ୍ଧତା ଥିଲେ ମଧ୍ୟ, ସାଧନା କ୍ଷୁଣ୍ଣ ହୋଇ ନଥାଏ । ମୁଁ ତୁମ ନିକଟକୁ ଥରେ ଲେଖିଥିଲି ଯେ ଏମିତି ବି ହୋଇପାରେ, ସେହି ଗୁରୁଙ୍କର ମାଧ୍ୟମରେହିଁ ଶିଷ୍ୟ ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିପାରେ । ପ୍ରକୃତରେ ବାଞ୍ଛିତ ଗୁରୁଙ୍କ ସହିତ ନିଜକୁ ଜଡ଼ିତ କରିବାର ଶକ୍ତିହିଁ ଅସଲ, ତାଙ୍କର ମାନବିକ ସୀମାବଦ୍ଧତା ବଡ଼ କଥା ନୁହେଁ, ଏଥର ବୁଝିଲ ?''

ତା'ପରେ ଗୁହ୍ୟବିଦ୍ୟା ରୀତିନୀତିର ପ୍ରଶ୍ନ ଉଠିଲା । ଭୌତିକ ଆବିର୍ଭାବ, ଶୂନ୍ୟରେ ଚାଲିବା, ଏସବୁ ବିଷୟରେ । ଏ ବିଷୟରେ ପୁଣି ଟିକିଏ ଭୂମିକା କରିବାକୁ ହେଉଛି । ଦିନେ ମୋର ଜଣେ ଗୁରୁଭାଇଙ୍କ ସାଙ୍ଗରେ ଏହିସବୁ ବ୍ୟାପାର ନେଇ ଆଲୋଚନା ପ୍ରସଙ୍ଗରେ ମୁଁ ମୋର ସନ୍ଦେହ ପ୍ରକାଶ କରିଥିଲି । ଆଲୋଚ୍ୟ ବିଷୟ ଥିଲା ବିଜୟକୃଷ୍ଣ ଗୋସ୍ୱାମୀଙ୍କର ପ୍ରସଙ୍ଗରେ, ଯେଉଁସବୁ କିମ୍ବଦନ୍ତୀ କୁଳଦାନନ୍ଦ ବ୍ରହ୍ମଚାରୀ ତାଙ୍କର ''ସଦ୍‌ଗୁରୁ ପ୍ରସଙ୍ଗ'' ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି । ଏ ସମ୍ପର୍କରେ ବୈଜ୍ଞାନିକ ବିଚାରକଙ୍କର ରାୟ ନେଇ ମଧ୍ୟ କିଛି କଳ୍ପନା-ଜଳ୍ପନା ହୋଇଥିଲା । ସେ ଶ୍ରୀଅରବିନ୍ଦଙ୍କୁ ମୋର ସନ୍ଦିଗ୍ଧତା ସମ୍ବନ୍ଧରେ କହିଥିଲେ । ଉତ୍ତରରେ ଶ୍ରୀଅରବିନ୍ଦ କହିଲେ ଯେ, ''ଏସବୁ ତଥାକଥିତ ଅଲୌକିକ ବ୍ୟାପାର ନେଇ ଲୌକିକ ବୁଦ୍ଧି ଓ ବୈଜ୍ଞାନିକ ଯୁକ୍ତି ଯେଉଁସବୁ ରାୟ ଦିଅନ୍ତି ସେସବୁ ଭ୍ରାନ୍ତ । କାରଣ ଏସବୁ ଶକ୍ତିଙ୍କର କ୍ରିୟାର ଭିତ୍ତି ନିଶ୍ଚୟ ସତ୍ୟ । ଏଥିରେ ସବୁକିଛି ଜାଲ୍‌ଜାଲିଆତି ନୁହେଁ ।'' ଏହି ଉତ୍ତରରେ ମୋର ସଂଶୟଗ୍ରନ୍ଥି ଛିନ୍ନ ହେଲା ନାହିଁ । ମୋର ମନ କେବଳ ଜିଜ୍ଞାସା କରୁଥାଏ ଯେ ଏହିସବୁ ବ୍ୟାପାର ଯେ ସତ୍ୟଭିତ୍ତିକ ତା'ର କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ଅଛି କି ନାହିଁ ବୋଲି । କିନ୍ତୁ ଶ୍ରୀଅରବିନ୍ଦ ସ୍ୱୟଂ ଏସବୁ ଘଟଣାର ଯାଥାର୍ଥ୍ୟକୁ ମଞ୍ଜୁର କରିବା ସତ୍ତ୍ୱେ, ମୁଁ ମୋର ଅବିଶ୍ୱାସକୁ କାଟି ପାରି ନାହିଁ, ସେଥିପାଇଁ ଭାରି ଅସ୍ୱସ୍ତି ଲାଗୁଥାଏ । ଅସ୍ୱସ୍ତିର କାରଣ ହେଉଛି ମୁଁ ନିଜେ ଦେଖିପାରିଲି ଗୁରୁଙ୍କର ବିଚାରଶକ୍ତି ସମ୍ବନ୍ଧରେ ସନ୍ଦେହକୁ ମୁଁ କିପରି ପ୍ରଶ୍ରୟ ଦେଉଛି, ଯେଉଁଥିରେ ମୋ ଅହଂକାର ବେଶ୍ କିଛି ଖୋରାକ ପାଇ ଖୁସି ହୋଇ ଉଠିଛି । ଆଉ ଥରେ ଏକଥା ତାଙ୍କୁ ଖୋଲାଖୋଲି କହିଲି, ତଥାପି ଆଶ୍ୱସ୍ତି ମିଳିଲା ନାହିଁ । ଯାହା ମନକୁ ଆସେ ସବୁ କ'ଣ କହିଦେବା ଉଚିତ ?

ଗୁରୁଦେବ ଶାନ୍ତ ଭାବରେ ଆଶ୍ୱାସନା ଦେଲେ । କହିଲେ, ''ଭୟ କର ନାହିଁ । ଯୋଗର ପରମ ଲକ୍ଷ୍ୟ ହେଲା ଭାଗବତ ଉପଲବ୍ଧି ତଥା ଜୀବନରେ ତା'ର ପ୍ରକାଶ । ଆଉ ସବୁକିଛି ବାହ୍ୟ ଘଟଣା, ଅଧ୍ୟାତ୍ମ ଉପଲବ୍ଧିର ଦିଗରୁ ଦେଖିଲେ କିଛିଟା ଅବାନ୍ତର । ଏସବୁରେ ବିଶ୍ୱାସ ହେଉ ବା ନହେଉ ବିଶେଷ କିଛି ଯାଏ ଆସେ ନାହିଁ । ପ୍ରକୃତରେ ଏ ବିଷୟରେ ତୁମ ବୁଦ୍ଧିର ରାୟ ଉପରେ ତୁମେ ସ୍ୱଚ୍ଛନ୍ଦରେ ଆସ୍ଥା ରଖିପାର ।''

ମୁଁ ଆଶ୍ୱସ୍ତ ହୋଇ କହିଲି, ''ଆପଣଙ୍କର କଥା ଶୁଣି ବଞ୍ଚିଗଲି, କାରଣ ମୋର ଭୟ ଥିଲା ଯେ ସବୁକଥାରେ ଯଦି ଗୁରୁଙ୍କର ମତାମତକୁ ମାନି ନେଇ ପାରନା, ଏଥିରୁ ପ୍ରମାଣିତ ହୋଇଯାଏ ଯେ ତୁମେ ଗୁରୁବାଦର ପଥରେ ଚାଲିବାର ଅଧିକାରୀ ନୁହଁ ।''

ଗୁରୁଦେବ ସ୍ନିଗ୍ଧ ସ୍ୱରରେ କହିଲେ, ''ତୁମକୁ ପୁଣି ଆଶ୍ୱାସନା ଦେଉଛି, ତୁମେ ଭୟ କର ନାହିଁ । ତୁମେ ମୋର ଏଇ କଥାରେ ବିଶ୍ୱାସ କର ଯେ ମୁଁ ଯେତେବେଳେ ମୋ

ଲେଖାରେ ବା କଥାରେ ମୋର ଜୀବନ ଦର୍ଶନ କିଂବା ମୋର ଦୃଷ୍ଟିଭଙ୍ଗିକୁ ପ୍ରକାଶ କରେ, ଅନ୍ୟ ଜଣେ ସେସବୁକୁ ବିଚାର ନକରି ମାନିନେବ, ଏପରି ମୁଁ କହେ ନାହିଁ । ଆଉ ଏତେ ବର୍ଷ ଧରି ଚିହ୍ନି ଜାଣି ତୁମେ ଏକଥା ଭାବି ପାରୁଛ କେମିତି ଯେ ମୁଁ ଅପର ଉପରେ ମୋର ମତାମତକୁ ଚପାଇ ଦେବାକୁ ଚାହେ ? ଡିକ୍‌ଟେଟର୍ ହେବାର ଲୋଭ ମୋର କେଉଁ ଦିନ ନଥିଲା । ମୁଁ କେବେ ଚାହେ ନାହିଁ ଅନ୍ୟ ସମସ୍ତଙ୍କ ପରି ମୋର ନକଲ ଛାଞ୍ଚ ତିଆରି ହେଉ, ଏପରି ଇଚ୍ଛା କରି ନାହିଁ ଯେ ଯେଉଁଠାରେ ଯିଏ ଅଛନ୍ତି ସମସ୍ତେ ମୋର ଅନୁବର୍ତ୍ତୀ ହୁଅନ୍ତୁ କି ମୋ ଭଳି ଯୋଗ କରନ୍ତୁ ।'' ହଠାତ୍ ରହିଯାଇ ସେ କହିଲେ, ''କିପରି ? ଧର – ଏଇ ଆଗରେ ଥିବା ଧାତୁ ମୂର୍ତ୍ତିଟି । ମୋ ଆଖିକୁ ମୂର୍ତ୍ତିଟି ଭାରି ଚମତ୍କାର ଦେଖାଯାଉଛି । କିନ୍ତୁ ତାହା ଯଦି ତୁମ ଆଖିକୁ ଭଲ ନ ଦିଶେ, ତେବେ କ'ଣ ମୁଁ ତୁମ ଉପରେ ରାଗ କରିବି ?''

''ତା'ହେଲେ ଅନେକ ଲୋକ କାହିଁକି କହନ୍ତି ଯେ ଶିଷ୍ୟ ମଧ୍ୟରେ ଐକ୍ୟ ଓ ସୁଷମା ଗଢ଼ି ତୋଳିବାକୁ ଗୁରୁ ତା'ର ଆନୁଗତ୍ୟ ଚାହାନ୍ତି । କିଂବା...'' ମୁଁ ପଚାରିଲି ।

''କିନ୍ତୁ ଐକ୍ୟର ଅର୍ଥ ତ ଏକାକାର ହୋଇଯିବା ନୁହେଁ । 'ଏକ' ଚାହିଁଥିଲେ ସେ 'ବହୁ' ହେବେ । 'ଏକୋଽହଂ ବହୁସ୍ୟାମ୍, ପ୍ରଜାୟେ ୟେତି' । ପ୍ରକୃତରେ ସେହି 'ଏକ'ଙ୍କୁ ସ୍ୱୀକାର କରିବାକୁ ହେଲେ ତୁମକୁ 'ବହୁ'କୁ ବି ସ୍ୱୀକାର କରିବାକୁ ହେବ । ପ୍ରକାଶର ବହୁମୁଖିତାକୁ ମାନିନେବାକୁ ହେବ । ବୁଝିଲ ?''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ


Under the psychic influence all activity becomes balanced.

(MCW, VOL.. 14, P. 331) – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ସାଧନା-ପରମ୍ପରା :

# ଅଷ୍ଟାବକ୍ର ସଂହିତା

### ପଞ୍ଚଦଶ ପ୍ରକରଣ (ତତ୍ତ୍ୱୋପଦେଶ ବିଂଶକ)

ଯେଉଁ ବ୍ୟକ୍ତି ସତ୍ତ୍ୱ ବୁଦ୍ଧି-ସଂପନ୍ନ ସେ ଯଥାଯଥ ଉପଦେଶ ଲାଭ କରି କୃତାର୍ଥ ହୁଅନ୍ତି । କିନ୍ତୁ ଅନ୍ୟ ବ୍ୟକ୍ତିମାନେ କେବଳ ସାରାଜୀବନ ତତ୍ତ୍ୱ ଜିଜ୍ଞାସୁ ହୋଇ ସେହି ମୋହରେ କାଳାତିପାତ କରନ୍ତି ।୧। ବିଷୟ ରସରୁ ବୈରାଗ୍ୟହିଁ ମୋକ୍ଷ ଓ ବିଷୟ ରସରେ ଆସକ୍ତିହିଁ ବନ୍ଧନ, ଏହା ଜ୍ଞାତ ହୋଇ ତୁମର ଯେପରି ଇଚ୍ଛା ସେପରି କର ।୨। ଏହିଭଳି ତତ୍ତ୍ୱଜ୍ଞାନହିଁ ବାଗ୍ମୀକୁ ମୂକ କରିଦିଏ, ଜ୍ଞାନୀକୁ ଜଡ଼ବତ୍ କରେ, ଉଦ୍‌ଯୋଗୀ ବ୍ୟକ୍ତିକୁ ଅଳସ କରିଦିଏ । ତେଣୁ ବିଷୟ ଭୋଗରେ ଲାଳସା ଥିବା ବ୍ୟକ୍ତିମାନେ ଏହି ତତ୍ତ୍ୱବୋଧକୁ ପରିତ୍ୟାଗ କରନ୍ତି ।୩। ତୁମେ ଦେହ ନୁହଁ, ଦେହ ମଧ୍ୟ ତୁମର ନୁହେଁ, ତୁମେ ଭୋକ୍ତା ନୁହଁ କି କର୍ତ୍ତା ମଧ୍ୟ ନୁହଁ; ତୁମେ ହେଉଛ ଚିଦ୍‌ରୂପୀ ସଦାସର୍ବଦା କେବଳ ସାକ୍ଷୀହିଁ, ଏହା ଜାଣି ନିରପେକ୍ଷ ଭାବରେ ସୁଖରେ ବିଚରଣ କର ।୪।

ରାଗ ଓ ଦ୍ୱେଷ ହେଉଛି ମନର ଧର୍ମ, ତୁମର ମନ କେବେ ବି ନାହିଁ; ତୁମେ ନିର୍ବିକଳ୍ପ, ବୋଧାତ୍ମା, ନିର୍ବିକାର; ଅତଏବ ସୁଖରେ ବିଚରଣ କର ।୫।

ଆତ୍ମା ସର୍ବଭୂତରେ ଓ ସର୍ବଭୂତ ଆତ୍ମାରେ ଅବସ୍ଥିତ; ଏହା ଜାଣି ନିରହଂକାର ଓ ମମତ୍ୱ ବିହୀନ ହୋଇ ସୁଖୀ ହୁଅ ।୬। ସମୁଦ୍ରରେ ଯେପରି ତରଙ୍ଗ ଉଠୁଥାଏ ସେହିଭଳି ଯାହା ଭିତରେ ଏହି ବିଶ୍ୱ ସ୍ଫୁରିତ ହେଉଛି, ତୁମେ ଯେ ସେହି ଚିନ୍ମୂର୍ତ୍ତ ସ୍ୱରୂପ ଏଥିରେ ସନ୍ଦେହ ନାହିଁ; ଏହା ଜାଣି ତୁମେ ବିଗତଜ୍ୱର ଓ ସୁଖୀ ହୁଅ ।୭। ହେ ତାତ ! ତୁମେ ଏ ବିଷୟରେ ଶ୍ରଦ୍ଧାକର, ଶ୍ରଦ୍ଧାକର; ମୋହ ପ୍ରକାଶ କର ନାହିଁ, ତୁମେହିଁ ହେଉଛ ପ୍ରକୃତିର ଅତୀତ ଜ୍ଞାନ-ସ୍ୱରୂପ ଭଗବାନାତ୍ମା ।୮। ଏହି ଦେହ, ଗୁଣ ଦ୍ୱାରା ସଂବେଷ୍ଟିତ ହୋଇ ରହିଥାଏ, ଆସୁଥାଏ ଓ ଯାଉଥାଏ, କିନ୍ତୁ ଆତ୍ମା ଗମନ କରେ ନାହିଁ କି ଆଗମନ କରେ ନାହିଁ; ତେଣୁ କେଉଁଥିପାଇଁ ଅନୁଶୋଚନା କରୁଛ ? ।୯। ଏହି ଦେହ, କଳ୍ପାନ୍ତ କାଳ ପର୍ଯ୍ୟନ୍ତ ବିଦ୍ୟମାନ ରହିଥାଉ ବା ଆଜିହିଁ ତାହା ବିନାଶ ପ୍ରାପ୍ତ ହେଉ ତହିଁରେ ତୁମର ବୃଦ୍ଧି ବା କ'ଣ, ହାନି ବା କ'ଣ ? କାରଣ ତୁମେ ହେଉଛ ଚିନ୍ମାତ୍ର ସ୍ୱରୂପ ।୧୦।

ତୁମ ଭଳି ଅନନ୍ତ ମହାସାଗରରେ ବିଶ୍ୱ ରୂପକ ତରଙ୍ଗମାଳା ଉତ୍‌ଥିତ ହେଉ ଅଥବା ବିଲୀନ ହେଉ, ତହିଁରେ ତୁମର କ୍ଷତି ବୃଦ୍ଧି ନାହିଁ ।୧୧। ହେ ତାତ, ତୁମେ ଚିନ୍ମାତ୍ର ରୂପେ, ଏହି ଜଗତ୍ ତୁମଠାରୁ ଭିନ୍ନ ନୁହେଁ, ତେଣୁ କେଉଁ ବସ୍ତୁରେ, କେଉଁ ପ୍ରକାରରେ ତୁମର ହେୟ ଓ ଉପାଦେୟର କଳ୍ପନା ସମ୍ଭବ ହେବ ? ।୧୨। ଏକମାତ୍ର ତୁମେହିଁ ଅବ୍ୟୟ, ଶାନ୍ତ, ନିର୍ମଳ ଓ ଚିଦାକାଶ ସ୍ୱରୂପ; ତୁମର ଜନ୍ମ ବା କେଉଁଠି, କର୍ମ ବା କେଉଁଠି, ଅହଙ୍କାର ବା କେଉଁଠି ? ।୧୩। ତୁମେ ଯାହା କିଛି ଦର୍ଶନ କରୁଛ ତହିଁରେହିଁ ତୁମେ ପ୍ରତିଭାସିତ ହେଉଛ । ସୁବର୍ଣ୍ଣ ନିର୍ମିତ କଟକ, ଅଙ୍ଗଦ ଓ ନୂପୁର କ'ଣ ସୁବର୍ଣ୍ଣଠାରୁ ଭିନ୍ନ ହୋଇ ପାରନ୍ତି ? ।୧୪।

'ଏହା ମୁଁ ଓ ଏହା ମୁଁ ନୁହେଁ' ଏହି ଧରଣର ବିଭାଗ ଓ ଭେଦବୁଦ୍ଧି ପରିତ୍ୟାଗ କର । ସକଳହିଁ ଆତ୍ମସ୍ୱରୂପ, ଏହା ନିଶ୍ଚୟ କରି ନିଃସଂକଳ୍ପ ଓ ସୁଖୀ ହୁଅ ।୧୫।

ତୁମର ଅଜ୍ଞାନରୁହିଁ ଏହି ବିଶ୍ୱ ତୁମକୁ ଏପରି ପ୍ରତୀୟମାନ ହେଉଛି; ବସ୍ତୁତଃ ତୁମେ ଏକ; ତୁମ ଭିନ୍ନ ଅନ୍ୟ ସଂସାରୀ ବା ଅସଂସାରୀ କେହି କଦାପି ନାହାନ୍ତି ।୧୬। ଏହି ବିଶ୍ୱ ଭ୍ରାନ୍ତି ମାତ୍ର, ଏହା କିଛିହିଁ ନୁହେଁ, ଯେଉଁ ବ୍ୟକ୍ତି ଏହା ନିଶ୍ଚୟ କରିଛନ୍ତି, ସେ ସର୍ବଦା ନିଃସ୍ପୃହ ଓ ସ୍ଫୁର୍ତ୍ତିମାତ୍ର ସ୍ୱରୂପ ହୋଇ ଶାନ୍ତି ଲାଭ କରନ୍ତି ।୧୭। ଏହି ସଂସାର ସାଗରରେ ସେହି ଏକହିଁ ସର୍ବଦା ଥିଲେ, ଅଛନ୍ତି ଓ ଭବିଷ୍ୟତରେ ରହିବେ, ତୁମର ବନ୍ଧନ ନାହିଁ କି ମୋକ୍ଷ ବି ନାହିଁ, ଏହା ଜାଣି କୃତକୃତ୍ୟ ହୋଇ ସୁଖରେ ବିଚରଣ କର ।୧୮। ହେ ଚିନ୍ମୟ ! ସଂକଳ୍ପ ବିକଳ୍ପ ଦ୍ୱାରା ଚିତ୍ତ ବିକ୍ଷୋଭକୁ ପ୍ରଶ୍ରୟ ଦିଅ ନାହିଁ; ଆନନ୍ଦ ବିଗ୍ରହ ନିଜ ଆତ୍ମାରେ ଉପଶମ ଲାଭ କରି ସୁଖରେ ଅବସ୍ଥାନ କର ।୧୯। ଧ୍ୟାନକୁ ସର୍ବତ୍ର ପରିତ୍ୟାଗ କର, ହୃଦୟରେ କିଛି ବି ଧାରଣା କର ନାହିଁ, ତୁମେ ମୁକ୍ତ ଓ ଆତ୍ମ ସ୍ୱରୂପ, ତେଣୁ ବୃଥା ଚିନ୍ତାରେ କାହିଁକି ବିମର୍ଷ ହେବ ? ।୨୦।

### ଷୋଡ଼ଶ ପ୍ରକରଣ (ବିଶେଯୋପଦେଶକ)

ହେ ବତ୍ସ ! ତୁମେ ପୁନଃ ପୁନଃ ନାନା ଶାସ୍ତ୍ର ବ୍ୟାଖ୍ୟା କର ବା ଶ୍ରବଣ କର, ଯେପର୍ଯ୍ୟନ୍ତ ତୁମେ ସମଗ୍ର ସଂସାର ସବୁକିଛିକୁ ବିସ୍ମୃତ ହୋଇ ନାହଁ, ସେପର୍ଯ୍ୟନ୍ତ ତୁମର ସ୍ୱାସ୍ଥ୍ୟ

ଲାଭ ହୋଇ ନାହିଁ ।୧। ହେ ବିଜ୍ଞ ! ତୁମେ ଭୋଗ କର ବା କର୍ମ କର ବା ସମାଧି ବି କର ଯେପର୍ଯ୍ୟନ୍ତ ଚିତ୍ତ ସର୍ବାଂଶରେ ବାସନାଶୂନ୍ୟ ହୋଇ ନାହିଁ, ସେପର୍ଯ୍ୟନ୍ତ ଏସବୁଥିରେ ତୁମର ରୁଚି ଜନ୍ମିବ ।୨। ଆୟାସରୁହିଁ ସମସ୍ତେ ଦୁଃଖୀ ହୁଅନ୍ତି, କେହି ଏହା ବୁଝିପାରନ୍ତି ନାହିଁ; ଏହି ଉପଦେଶ ପାଇଁ ଯେ ଧନ୍ୟ ହୁଅନ୍ତି ସେହିଁ ନିବୃତ୍ତି ଲାଭ କରନ୍ତି ।୩। ଚକ୍ଷୁର ନିମେଷ ଉନ୍ମେଷ ଆଦି ସାମାନ୍ୟ କର୍ମରେ ମଧ୍ୟ ଯେ ଖିନ୍ନ ହୁଅନ୍ତି, ସେହିପରି ଅଳସ ବ୍ୟକ୍ତିମାନଙ୍କରହିଁ ସୁଖ ଲାଭ ହୁଏ, ଅନ୍ୟ କାହାର ସେପରି ସୁଖ ହୁଏ ନାହିଁ ।୪। ''ଏହା କର, ଏହା କର ନାହିଁ'' ଯେତେବେଳେ ଚିତ୍ତ ଏହିସବୁ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ସେତେବେଳେ ମନ ଧର୍ମ, ଅର୍ଥ, କାମ, ମୋକ୍ଷରେ ନିରପେକ୍ଷ ହୋଇଥାଏ । ବିରାଗୀ ବ୍ୟକ୍ତିହିଁ ବିଷୟଦ୍ୱେଷୀ ହୁଏ ଓ ଅନୁରାଗୀ ବ୍ୟକ୍ତିହିଁ ବିଷୟ ଲୋଲୁପ୍ତ ହୁଏ ।୫। ଯେଉଁ ବ୍ୟକ୍ତି ଗ୍ରହଣ ବିହୀନ ତଥା ମୋକ୍ଷ ବିହୀନ ହୁଏ ସେ ଅନୁରାଗୀ ନୁହେଁ କି ବିରାଗୀ ନୁହେଁ ।୬।

''ଏହା ହେୟ, ଏହା ଉପାଦେୟ'' ଏଇ ଧରଣର ଭାବହିଁ ସଂସାର ରୂପକ ବୃକ୍ଷର ଅଙ୍କୁର । ଯେପର୍ଯ୍ୟନ୍ତ ସ୍ପୃହା ଜୀବିତ ଥାଏ ସେପର୍ଯ୍ୟନ୍ତ ନିର୍ବିଚାର ଅବସ୍ଥା ଆସେ ନାହିଁ ।୭। ପ୍ରବୃତ୍ତିରୁ ଅନୁରାଗ ଜନ୍ମେ ଓ ନିବୃତ୍ତିରୁ ଦ୍ୱେଷ ଜନ୍ମେ । ଏହିଭଳି ବିବେଚନା କରି ବୁଦ୍ଧିମାନ୍ ବ୍ୟକ୍ତି ବାଳକ ସ୍ୱରୂପ ଅବସ୍ଥାନ କରିବା ଉଚିତ ।୮। ଯେ ବ୍ୟକ୍ତି ଅନୁରାଗୀ ସେ ଦୁଃଖରୁ ରକ୍ଷା ପାଇବା ପାଇଁ ସଂସାର ପରିତ୍ୟାଗ କରିବାକୁ ଇଚ୍ଛା କରନ୍ତି, କିନ୍ତୁ ଯେ ବୀତସ୍ପୃହ ସେ ନିର୍ଦୁଃଖୀ, କୌଣସିଥିରେ ତାଙ୍କର ଖେଦ ନ ଥାଏ ।୯। ଯାହାର ମୋକ୍ଷ ପାଇଁ ବି ଅଭିମାନ ଥାଏ ଓ ଦେହ ପାଇଁ ବି ମମତା ଥାଏ, ସେ ଜ୍ଞାନୀ ନୁହେଁ କି ଯୋଗୀ ନୁହେଁ, ସେ କେବଳ ଦୁଃଖ ଭାଗୀ ।୧୦। ଯେପର୍ଯ୍ୟନ୍ତ ସମଗ୍ର ବିଶ୍ୱର, ସବୁକିଛିର ବିସ୍ମରଣ ହୋଇ ନାହିଁ, ସେପର୍ଯ୍ୟନ୍ତ ହରି, ହର ବା ବ୍ରହ୍ମା ଆସି ତୁମର ଉପଦେଷ୍ଟା ହେଲେ ମଧ୍ୟ ତୁମର ସ୍ୱାସ୍ଥ୍ୟ ଲାଭ ହେବ ନାହିଁ ।୧୧।

## ସପ୍ତଦଶ ପ୍ରକରଣ (ତତ୍ତ୍ୱଜ୍ଞ ସ୍ୱରୂପ ବିଂଶତିକ)

ଯେଉଁ ବ୍ୟକ୍ତି ନିତ୍ୟ ତୃପ୍ତ, ଯାହାର ଇନ୍ଦ୍ରିୟସବୁ ସୁସ୍ଥ, ଯେ ସର୍ବଦା ଏକାକୀ ରହି ଆନନ୍ଦ ଲାଭ କରନ୍ତି, ସେହିଁ ଜ୍ଞାନ ଫଳ ଓ ଯୋଗାଭ୍ୟାସ ଫଳ ପ୍ରାପ୍ତ ହୋଇ ଥାଆନ୍ତି ।୧। ଯେ ତତ୍ତ୍ୱଜ୍ଞ, ସେ କେବେହେଲେ ଜଗତରେ ଖେଦ ପ୍ରାପ୍ତ ହୁଅନ୍ତି ନାହିଁ, କାରଣ ସେ ଜାଣନ୍ତି ଯେ ଏକମାତ୍ର ସେହି ଏକ ଦ୍ୱାରାହିଁ ଏହି ବ୍ରହ୍ମାଣ୍ଡ ମଣ୍ଡଳ ପୂର୍ଣ୍ଣ ହୋଇ ରହିଛି ।୨। ଶଲ୍ଲକୀ-ବୃକ୍ଷର ପଲ୍ଲବ ଭକ୍ଷଣ କରି ଯେଉଁ ହସ୍ତୀ ପରିତୃପ୍ତ ହୋଇଛି, ସେ କେବେହେଲେ ନିମ୍ବ ପଲ୍ଲବ ଭକ୍ଷଣରେ ସନ୍ତୁଷ୍ଟ ହୋଇପାରେ ନା, ସେହିପରି ଯେଉଁ ବ୍ୟକ୍ତି ଆତ୍ମାରାମ, ସେ କେବେହେଲେ ବିଷୟ ଭୋଗରେ ହର୍ଷଲାଭ କରିପାରିବ ନାହିଁ ।୩। ଯେ ଭୋଗ ଓ ଭୁକ୍ତ ବସ୍ତୁରେ ନିଃସ୍ପୃହ ଏବଂ ଅଭୁକ୍ତ ବସ୍ତୁରେ ନିରାକାଂକ୍ଷୀ ଓ ଅନାସକ୍ତ, ସେହିଭଳି ବ୍ୟକ୍ତି ଜଗତରେ ଦୁର୍ଲ୍ଲଭ ।୪। ସଂସାରରେ ଅନେକ ବୁଭୁକ୍ଷୁ ଦେଖା ଯାଆନ୍ତି ଓ ଅନେକ ମୁମୁକ୍ଷୁ ମଧ୍ୟ ଦେଖା ଯାଆନ୍ତି, କିନ୍ତୁ ଭୋଗ ଓ ମୋକ୍ଷ ଉଭୟରେ ନିରାକାଂକ୍ଷୀ ମହାଶୟ ନିଶ୍ଚୟହିଁ ବିରଳ ।୫।

ଯେଉଁ ବ୍ୟକ୍ତି ଉଦାରଚିତ୍ତ, ଧର୍ମ, ଅର୍ଥ, କାମ, ମୋକ୍ଷ, ଜୀବନ ଓ ମୃତ୍ୟୁ – କେଉଁଥିରେ ବି ତାହାର ହେୟ ବା ଉପାଦେୟ ବୋଧ ନ ଥାଏ ।୬। ବିଶ୍ୱର ବିଲୟ ପାଇଁ ତାହାର ବାଞ୍ଛା ନ ଥାଏ କି ବିଶ୍ୱ ଯେଉଁପରି ଅଛି ସେହିପରି ରହିବାରେ ତାହାର ଦ୍ୱେଷ ନ ଥାଏ; ଜୀବିକା ନିର୍ବାହ ପାଇଁ ତାହାର ଯାହା ଆସେ, ସେହିଥିରେହିଁ ଯଥା ସୁଖରେ ସେ ଅବସ୍ଥାନ କରେ ।୭। ଯେଉଁ ବ୍ୟକ୍ତି ଏହି ଜ୍ଞାନ ଲାଭ କରି ଅଛନ୍ତି ସେ କୃତାର୍ଥ, ଗଳିତ ବୁଦ୍ଧି ଓ କୃତୀ । ସେ ଦର୍ଶନ, ଶ୍ରବଣ, ସ୍ପର୍ଶ, ଗନ୍ଧ ଗ୍ରହଣ ଓ ଭୋଜନ କରି ଯଥା ସୁଖରେ ଅବସ୍ଥାନ କରନ୍ତି ।୮। ଯାହା ପାଇଁ ସଂସାର ସାଗର କ୍ଷୀଣ ହୋଇଯାଇଛି, ତାଙ୍କର ଦୃଷ୍ଟି ଶୂନ୍ୟ, ଚେଷ୍ଟା ବୃଥା, ତାଙ୍କର ଇନ୍ଦ୍ରିୟ ଗ୍ରାମ ବିକଳ (ଅର୍ଥାତ୍ ନିର୍ଲିପ୍ତ), କୌଣସି ବିଷୟରେ ତାଙ୍କର ସ୍ପୃହା ନ ଥାଏ କି ବିରକ୍ତି ନ ଥାଏ ।୯। ଅହୋ ! ମୁକ୍ତ ଚେତା ବ୍ୟକ୍ତିଙ୍କର ଅବସ୍ଥା କି ଅଦ୍ଭୁତ ! ସେ ଜାଗରିତ ନୁହନ୍ତି କି ନିଦ୍ରିତ ମଧ୍ୟ ନୁହନ୍ତି, ସେ ଚକ୍ଷୁ ଉନ୍ମୀଳିତ କରନ୍ତି ନାହିଁ କି ନିମୀଳନ ମଧ୍ୟ କରନ୍ତି ନାହିଁ ।୧୦।

ମୁକ୍ତ ପୁରୁଷ ସର୍ବତ୍ର ସୁସ୍ଥ ଦିଶନ୍ତି, ସର୍ବତ୍ରହିଁ ସେ ବିମଳାଶୟ, ସର୍ବତ୍ରହିଁ ସେ ବାସନାମୁକ୍ତ; ସେ ସର୍ବତ୍ରହିଁ ଶୋଭା ପାଆନ୍ତି ।୧୧। ଯେ ଦର୍ଶନ, ଶ୍ରବଣ, ସ୍ପର୍ଶ, ଘ୍ରାଣ, ଭକ୍ଷଣ, ଗ୍ରହଣ, ସମ୍ଭାଷଣ ଓ ପର୍ଯ୍ୟଟନ କରି ମଧ୍ୟ ଏସମସ୍ତ କର୍ମରେ ହିତ ବା ଅହିତ ବୋଧରୁ ମୁକ୍ତ ସେହି ମହାଶୟ ବ୍ୟକ୍ତିହିଁ ମୁକ୍ତ ।୧୨। ଏହିଭଳି ମୁକ୍ତ ବ୍ୟକ୍ତି କାହାର ନିନ୍ଦା କରନ୍ତି ନାହିଁ ବା କାହାର ସ୍ତୁତି କରନ୍ତି ନାହିଁ, କେଉଁଥିରେ ହୃଷ୍ଟ ହୁଅନ୍ତି ନାହିଁ ବା କେଉଁଥିରେ କ୍ରୁଦ୍ଧ ହୁଅନ୍ତି ନାହିଁ, ସେ କିଛି ବି ଦାନ କରନ୍ତି ନାହିଁ ବା କିଛି ବି ଗ୍ରହଣ କରନ୍ତି ନାହିଁ, ସବୁଥିରେହିଁ ସେ

ନିଃସ୍ପୃହ ।୧୩। ଅନୁରାଗିଣୀ ରମଣୀଙ୍କୁ ଦେଖିଲେ କି ମୃତ୍ୟୁ ସମୁପସ୍ଥିତ ହୋଇଛି ବୋଲି ଦେଖିଲେ ଯେ ବିହ୍ୱଳଚିତ୍ତ ହୁଅନ୍ତି ନାହିଁ, ସୁସ୍ଥ ଭାବରେ ଅବସ୍ଥାନ କରନ୍ତି ସେହି ମହାଶୟହିଁ ମୁକ୍ତ ।୧୪। ଯେଉଁ ବ୍ୟକ୍ତି ଧୀର ଓ ସର୍ବତ୍ର ସମଦର୍ଶୀ, ତାଙ୍କର ସୁଖ ଦୁଃଖ, ନର ନାରୀ, ସଂପଦ ଓ ବିପଦ ସଂପର୍କରେ କୌଣସି ଭେଦ ଜ୍ଞାନ ବା ବିଶେଷ ଭାବ ନ ଥାଏ ।୧୫।

ଯେଉଁ ବ୍ୟକ୍ତିଙ୍କ ପାଇଁ ସଂସାର ସାଗର କ୍ଷୀଣ ବୋଲି ବୋଧ ହୁଏ, ତାଙ୍କର ହିଂସା ନାହିଁ, କାରୁଣ୍ୟ ନାହିଁ, ଔଦ୍ଧତ୍ୟ ନାହିଁ, ଦୀନତା ନାହିଁ, ଆଶ୍ଚର୍ଯ୍ୟଭାବ ନାହିଁ, କ୍ଷୋଭ ବି ନାହିଁ ।୧୬। ମୁକ୍ତ ବ୍ୟକ୍ତି ବିଷୟଦ୍ୱେଷୀ ନୁହନ୍ତି କି ବିଷୟଲୋଭୀ ମଧ ନୁହନ୍ତି । ସେ ଅନାସକ୍ତ ଚିତ୍ତ ହୋଇ ପ୍ରାପ୍ତ, ଅପ୍ରାପ୍ତ ସବୁକିଛିର ଉପଭୋଗ କରନ୍ତି ।୧୭। ଯେଉଁ ବ୍ୟକ୍ତି ଶୂନ୍ୟଚିତ୍ତ ଓ କୈବଲ୍ୟ ପଦରେ ସ୍ଥିତିଲାଭ କରିଛନ୍ତି, କୌଣସି କିଛି ସଂପନ୍ନ ହେଲା କି ନ ହେଲା, କୌଣସି ବିଷୟ ହିତ କି ଅହିତ, ତାଙ୍କର ଏହିସବୁ ବିକଳ୍ପ ବୋଧ ନ ଥାଏ ।୧୮। ଏହି ବିଶ୍ୱ ଆଦି କୌଣସି କିଛି ନାହିଁ ବୋଲି ନିଶ୍ଚୟ କରି ସେ ମମତାଶୂନ୍ୟ ଓ ନିରହଙ୍କାର ହୋଇ ରହି ଥାଆନ୍ତି; ତାଙ୍କର ହୃଦୟରୁ ସମସ୍ତ ବାସନା ଦୂର ହୋଇ ଯାଇଛି, ସେ କର୍ମ କରି ମଧ ତାହା କରନ୍ତି ନାହିଁ ।୧୯। ମନୋବିକାର, ସମ୍ମୋହ, ସ୍ୱପ୍ନ ଓ ଜଡ଼ତା ଆଦି ବିବର୍ଜିତ ଏହିପରି ବିଗଳିତ-ମାନସ ବ୍ୟକ୍ତି କେଡ଼େ ଅପୂର୍ବ ଅବସ୍ଥା ଲାଭ କରି ଥାଆନ୍ତି ।୨୦।

## ଅଷ୍ଟଦଶ-ପ୍ରକରଣମ୍ (ଶାନ୍ତି ଶତକ)

ଯାହାଙ୍କ ବିଷୟରେ ଜ୍ଞାନଲାଭ ହେଲେ ସମସ୍ତ ଜଗତ୍ ସ୍ୱପ୍ନବତ୍ ଭ୍ରମ ବୋଲି ବୋଧହୁଏ, ସେହି ସୁଖସ୍ୱରୂପ, ଶାନ୍ତ, ତେଜୋମୟ ଏକରୂପୀଙ୍କୁ ନମସ୍କାର ।୧।

ବିପୁଳ ଅର୍ଥ ଉପାର୍ଜନ ଓ ପ୍ରଚୁର ସୁଖ ଭୋଗ ଲାଭ କଲେ ମଧ ଯଦି ସେସବୁକୁ ପରିତ୍ୟାଗ କରା ନ ଯାଏ ତେବେ ଯଥାର୍ଥରେ ସୁଖୀ ହେବା ସମ୍ଭବ ନୁହେଁ ।୨। ଯେଉଁ ବ୍ୟକ୍ତି ସଂସାର-କର୍ତ୍ତବ୍ୟ ରୂପକ ଦୁଃଖ-ସୂର୍ଯ୍ୟର ଜ୍ୱାଳାରେ ଦଗ୍ଧ ହେଉଥାଏ, ସେ ଯଦି ଶାନ୍ତିରୂପ ପୀୟୂଷ ଧାରାର ଅମୃତସ୍ୱାଦ ନ ପାଏ ତାହାର ସୁଖଲାଭ ହେବ କିପରି ? ।୩। ଏହି ସଂସାର କଳ୍ପନା ମାତ୍ର, ଆତ୍ମାଭିନ୍ନ, ଏଥିରେ ପରମାର୍ଥ ବସ୍ତୁ କିଛି ବି ନାହିଁ । ସ୍ୱଭାବତଃ ଏହି ଅଭାବ ସ୍ୱରୂପ ପ୍ରପଞ୍ଚ କେବେ ଭାବ ସ୍ୱରୂପ ହେବ, ଏପରି ଭାବନା କର ନାହିଁ ।୪। ପରମାତ୍ମାପଦ ନିର୍ବିକଳ୍ପ, ଆୟାସବିହୀନ, ନିର୍ବିକାର ଓ ନିରଞ୍ଜନ; ଏହାକୁ ଦୂର ବୋଲି ବା ନିକଟବର୍ତ୍ତୀ ଓ ସହଜଲଭ୍ୟ ବୋଲି ଭାବ ନାହିଁ ।୫।

ଯେତେବେଳେ ମୋହ ଦୂର ହୋଇଯାଏ ଓ ଆତ୍ମାର ସ୍ୱରୂପଜ୍ଞାନ ଉପଲବ୍ଧ ହୁଏ, ସେତେବେଳେହିଁ ଜ୍ଞାନ ନେତ୍ର ନିରାବରଣ ହୋଇଯାଏ ଓ ସମସ୍ତ ଶୋକ ଦୂର ହୋଇଯାଇ ବ୍ୟକ୍ତି ଆନନ୍ଦରେ ବିରାଜ କରେ ।୬। କେବଳ ଆତ୍ମାହିଁ ନିତ୍ୟ ମୁକ୍ତ ଓ ସନାତନ, ବାକି ସମସ୍ତ କେବଳ କଳ୍ପନା ମାତ୍ର; ବିଜ୍ଞ ଧୀର ବ୍ୟକ୍ତିମାନେ ଏହା ଜାଣନ୍ତି, ସେମାନଙ୍କ ପାଇଁ ବାଳସୁଲଭ ଅନ୍ୟ କିଛି ଅଭ୍ୟାସର ପ୍ରୟୋଜନ କେଉଁଠି ? ।୭। ଆତ୍ମାହିଁ ବ୍ରହ୍ମ, ଏହା ବ୍ୟତୀତ ବାକି ସମସ୍ତ ଭାବାଭାବ କେବଳ କଳ୍ପନା, ଏସମ୍ପର୍କରେ ନିଶ୍ଚିତ ହୋଇ ନିଷ୍କାମ ବ୍ୟକ୍ତି ଆଉ କ'ଣ ବା ଜାଣିବେ, କ'ଣ ବା କହିବେ, କ'ଣ ବା କରିବେ ।୮। ଯେଉଁ ଯୋଗୀ 'ସବୁ କିଛିହିଁ ଆତ୍ମା', ଏହା ନିଶ୍ଚୟ କରିଥାଆନ୍ତି, ସେ ସର୍ବଦା ମୌନଭାବ ନେଇ ରୁହନ୍ତି; 'ମୁଁ ସେହି ଆତ୍ମା' ବା 'ମୁଁ ତାହା ନୁହେଁ', ଏ ପ୍ରକାର ବିକଳ୍ପନା ତାଙ୍କର କ୍ଷୀଣ ହୋଇଯାଏ ।୯। ଏହିଭଳି ଯୋଗୀଙ୍କର ବିକ୍ଷେପ ନ ଥାଏ କି ଏକାଗ୍ରତା ନ ଥାଏ, ଅତିବୋଧ ନ ଥାଏ କି ମୂଢ଼ତା ନ ଥାଏ, ସୁଖ ନ ଥାଏ କି ଦୁଃଖ ନ ଥାଏ ।୧୦। ଏହିଭଳି ଯୋଗୀ ସ୍ୱର୍ଗରାଜ୍ୟ ଓ ଭିକ୍ଷାବୃତ୍ତିରେ, ଲାଭ ଓ ଅଲାଭରେ ଜନପଦ ଓ ଅରଣ୍ୟରେ କୌଣସି ପାର୍ଥକ୍ୟ ଦେଖନ୍ତି ନାହିଁ; ଏକ ନିର୍ବିକଳ୍ପ ସ୍ୱଭାବ ନେଇ ସେ କେଉଁଥିରେ କିଛି ବିଶେଷତା ଦେଖନ୍ତି ନାହିଁ ।୧୧। ଏହିଭଳି ଯୋଗୀଙ୍କର ଧର୍ମ ବା କେଉଁଠି, କାମ ବା କେଉଁଠି, ଅର୍ଥ ବା କେଉଁଠି, ବିବେକିତା ବି କେଉଁଠି ? ମୁଁ ଏହା କରିଛି, ଏହା କରି ନାହିଁ, ଏଇ ଧରଣର ଦ୍ୱନ୍ଦ୍ୱରୁ ସେ ସଦା ମୁକ୍ତ ।୧୨। ଏହି ଭଳି ଜୀବନ୍ମୁକ୍ତ ଯୋଗୀଙ୍କର କର୍ତ୍ତବ୍ୟ ବୋଲି କିଛି ନାହିଁ, ହୃଦୟରେ ବାସନା ବୋଲି କିଛି ନାହିଁ, ସବୁ ବିଷୟରେ ଏକ ସମଭାବ ନେଇ ସେ ଜୀବନଯାପନ କରନ୍ତି ।୧୩।

ଯେଉଁ ମହାତ୍ମା ସର୍ବ ପ୍ରକାର ସଂକଳ୍ପର ସୀମାରେ ଉପନୀତ ହୋଇ ବିଶ୍ରାନ୍ତି ଲାଭ କରିଛନ୍ତି, ତାଙ୍କ ପାଇଁ ମୋହ କେଉଁଠି, ବା ବିଶ୍ୱ ବି କେଉଁଠି, ଧ୍ୟାନ କେଉଁଠି ବା ମୋକ୍ଷ ବି କେଉଁଠି ? ।୧୪। ଯେ ସମଗ୍ର ବିଶ୍ୱକୁ ଦେଖିଛନ୍ତି, କିଛିର ଅସ୍ତିତ୍ୱ ନାହିଁ ବୋଲି ସେ ମନେ କରନ୍ତି ନାହିଁ; କିନ୍ତୁ ଯେ ନିଷ୍କାମ ସେ ବିଶ୍ୱକୁ ଦେଖି ମଧ ଦେଖନ୍ତି ନାହିଁ ।୧୫। ଯେ ପରଂବ୍ରହ୍ମକୁ ଦର୍ଶନ କରିଛନ୍ତି ସେ ମୁଁ ସେହି ବ୍ରହ୍ମ ବୋଲି ଚିନ୍ତା କରନ୍ତି; କିନ୍ତୁ ଯେ ନିଶ୍ଚିନ୍ତ, ସେ ଆଉ ଦ୍ୱିତୀୟ ବସ୍ତୁ ବୋଲି କିଛି ଦେଖନ୍ତି

ନାହିଁ, ତେଣୁ ସେ ଆଉ କ'ଣ ଚିନ୍ତା କରିବେ ? ।୧୬। ଯେ ଆତ୍ମାର ବିକ୍ଷେପକୁ ଦେଖିଛନ୍ତି ସେ ଚିତ୍ତକୁ ନିରୋଧ କରିବେ, କିନ୍ତୁ ଯେ ଉଦାରଚେତା ତାଙ୍କର ଆତ୍ମାରେ ବିକ୍ଷେପ ନାହିଁ, ତେଣୁ ତାଙ୍କର ଆଉ ସାଧନା କରିବାର କ'ଣ ରହିଛି ? ।୧୭।

ଯାହାଙ୍କର ଚିତ୍ତ ବିକ୍ଷିପ୍ତ ନୁହେଁ, ଯେ ଧୀର, ଯଦିଓ ସେ ସାଧାରଣ ଲୋକଙ୍କ ପରି ଆଚରଣ କରନ୍ତି, ତଥାପି ସେ ସମାଧିର କୌଣସି ଆବଶ୍ୟକତା ଦେଖନ୍ତି ନାହିଁ, ତାଙ୍କ ଭିତରେ କୌଣସି ବିକ୍ଷେପ ନ ଥାଏ ବା କୌଣସିଥିରେ ସେ ଲିପ୍ତ ହୁଅନ୍ତି ନାହିଁ ।୧୮। ଭାବାଭାବ ବିହୀନ, ସଦାତୃପ୍ତ, ନିଃସ୍ପୃହ ଜ୍ଞାନୀ ବ୍ୟକ୍ତି ଲୋକ ଦୃଷ୍ଟିରେ କୌଣସି କାର୍ଯ୍ୟ କଲେ ମଧ୍ୟ କିଛି ବି କରନ୍ତି ନାହିଁ ।୧୯। ତାଙ୍କର କୌଣସିଥିରେ ପ୍ରବୃତ୍ତି ନ ଥାଏ ବା ନିବୃତ୍ତି ନ ଥାଏ, ସେହି ଧୀର ବ୍ୟକ୍ତିଙ୍କର କୌଣସି କିଛି ପାଇଁ ବୃଥା ଆଗ୍ରହ ନ ଥାଏ; ତାଙ୍କ ଆଗରେ ଯେତେବେଳେ ଯେଉଁ କର୍ମ ଉପସ୍ଥିତ ହୁଏ ତାହା ସମ୍ପନ୍ନ କରି ସେ ସର୍ବଦା ସୁଖରେ ଅବସ୍ଥାନ କରନ୍ତି ।୨୦। ବାସନାଶୂନ୍ୟ, ଅବଲମ୍ବନହୀନ, ସ୍ୱଚ୍ଛନ୍ଦଚାରୀ, ବନ୍ଧନମୁକ୍ତ ଯୋଗୀ ସଂସ୍କାର-ବାୟୁ ଦ୍ୱାରା ବିକ୍ଷିପ୍ତ ହୋଇ ଶୁଖିଲା ପତ୍ର ପରି ନିଶ୍ଚେଷ୍ଟ ଭାବରେ କର୍ମ ସମ୍ପନ୍ନ କରନ୍ତି ।୨୧। ଯେ ଅସଂସାରୀ, ସେହି ନିର୍ଲିପ୍ତ, ନିରାସକ୍ତ ବ୍ୟକ୍ତିଙ୍କର କେଉଁଥିରେ ହର୍ଷ ବା ବିଷାଦ ନ ଥାଏ । ସେ ସବୁବେଳେ ପ୍ରଶାନ୍ତ ଓ ଶୀତଳମନା ହୋଇ ଦେହହୀନ ବ୍ୟକ୍ତି ପରି ବିରାଜ କରୁ-ଥାଆନ୍ତି ।୨୨।

କୌଣସି ବିଷୟରେ ଯାହାଙ୍କର ଚାଞ୍ଚଲ୍ୟ ନାହିଁ, ଯାହାଙ୍କର ଚିତ୍ତ ସ୍ଥିର ଏବଂ ଯେ ଆତ୍ମାନନ୍ଦରେ ତୃପ୍ତ ହୋଇ ରହିଥାଆନ୍ତି, ସେହି ଧୀର ବ୍ୟକ୍ତିଙ୍କର ତ୍ୟାଗର ବାସନା ନ ଥାଏ, ବିଷୟ ଭୋଗର କୌଣସି ଅନର୍ଥ ମଧ୍ୟ ନ ଥାଏ ।୨୩। ଯେ ସ୍ୱଭାବଗତ ଭାବରେ ଶୂନ୍ୟଚିତ୍ତ, ସେ ଯାହା ଇଚ୍ଛା ତାହା କାର୍ଯ୍ୟ କରିଲେ ମଧ୍ୟ, ସେହି ଧୀର ବ୍ୟକ୍ତିଙ୍କର ମାନ ଅବମାନର କୌଣସି ବୋଧ ନ ଥାଏ ।୨୪। ଏହି ଦେହହିଁ କର୍ମ କରୁଛି, ମୁଁ ଶୁଦ୍ଧାଚାରୀ, ମୁଁ କୌଣସି କର୍ମ କରୁ ନାହିଁ, ଯେ ଏହିଭଳି ବିବେଚନା କରନ୍ତି, ସେ କୌଣସି କର୍ମ କଲେ ମଧ୍ୟ କିଛି କରନ୍ତି ନାହିଁ ।୨୫। ଜୀବନ୍ମୁକ୍ତ ବ୍ୟକ୍ତି ସଂସାରରେ ଅବସ୍ଥିତ ରହି ମଧ୍ୟ, ଆତ୍ମାଭିମାନ ନ ଥାଇ ସମସ୍ତ କାର୍ଯ୍ୟ କରନ୍ତି, ସେ ନିର୍ବୋଧ ନୁହନ୍ତି, ସେ ସୁଖୀ ଓ ଶ୍ରୀମାନ୍ ହୋଇ ସଂସାରରେ ଶୋଭା ପାଆନ୍ତି ।୨୬। ନାନା ବିଚାରରେ ଶ୍ରାନ୍ତ ହୋଇ ଯେ ବିଶ୍ରାନ୍ତି ଲାଭ କରିଥାଆନ୍ତି, ସେହି ଧୀର ବ୍ୟକ୍ତି କୌଣସି କିଛି କଳ୍ପନା କରନ୍ତି ନାହିଁ, କିଛି ବି ଜାଣିବାକୁ ଇଚ୍ଛା କରନ୍ତି ନାହିଁ, କିଛି ବି ଶୁଣିବାକୁ ବା ଦେଖିବାକୁ ବାସନା କରନ୍ତି ନାହିଁ ।୨୭। ଆସମାଧି ପରାୟଣ ବ୍ୟକ୍ତିଙ୍କର କିଛି ବିକ୍ଷେପ ନ ଥାଏ, ତେଣୁ ସେ କାହିଁକି ମୁକ୍ତିକାମୀ ହେବେ ? ''ଅନ୍ୟ ସବୁକିଛି କଳ୍ପନା'' ବୋଲି ନିଶ୍ଚିତ ହୋଇ ସେ କେବଳ ସର୍ବତ୍ର ବ୍ରହ୍ମଙ୍କୁହିଁ ଦେଖିଥାଆନ୍ତି ।୨୮। ଯାହାର ଅହଂକାର ରହିଥାଏ, ସେ ବ୍ୟକ୍ତି କିଛି ନ କରି ମଧ୍ୟ କରୁଛି ବୋଲି ଭାବୁଥାଏ; କିନ୍ତୁ ନିରହଙ୍କାର ବ୍ୟକ୍ତି କୌଣସି କାର୍ଯ୍ୟ କରି ମଧ୍ୟ ମନେ କରେ ସେ କିଛି କରୁ ନାହିଁ । ଯେଉଁ ବ୍ୟକ୍ତି ମୁକ୍ତ, ତାହାଙ୍କର ଚିତ୍ତ ଉଦ୍‌ବେଗ ଶୂନ୍ୟ, ସେ ସଦା ସନ୍ତୁଷ୍ଟ, କର୍ତ୍ତୃତ୍ୱଭାବ ବର୍ଜିତ, ନିଃସନ୍ଦିଗ୍ଧ, ନିଃସ୍ପୃହ ଓ ଆଶାହୀନ ହୋଇ ବିରାଜ କରନ୍ତି ।୩୦।

ଯାହାଙ୍କର ଚିତ୍ତ କୌଣସି କିଛି ନିର୍ଦ୍ଧାରଣ କରିବା ପାଇଁ ବା ଚେଷ୍ଟା କରିବା ପାଇଁ ନିସ୍ପୃହ, ସେ ସବୁକିଛି ନିର୍ଲିପ୍ତ ଭାବରେ ଓ ବିନା ଚେଷ୍ଟାରେ ନିର୍ଣ୍ଣୟ କରନ୍ତି ଓ ସମ୍ପନ୍ନ କରନ୍ତି ।୩୧। ତତ୍ତ୍ୱ କଥା ଶ୍ରବଣ କରି ମୂର୍ଖ ବ୍ୟକ୍ତି ବିମୂଢ଼ ବା ସଙ୍କୁଚିତ ହୋଇ ଯାଆନ୍ତି, କିନ୍ତୁ ଅମୂଢ଼, ଧୀର ବ୍ୟକ୍ତି ମଧ୍ୟ ତାଙ୍କର କୌଣସି କାର୍ଯ୍ୟରେ ଲିପ୍ତଭାବ ନ ଥିବାରୁ ମୂଢ଼ ପରି ମନେ ହୁଅନ୍ତି ।୩୨। ମୂଢ଼ ବ୍ୟକ୍ତିମାନେ ଏକାଗ୍ରତା ଓ ନିରୋଧ ଆଦିର ଅଭ୍ୟାସ କରନ୍ତି, କିନ୍ତୁ ଧୀର ବ୍ୟକ୍ତି ନିଜର କିଛି କରଣୀୟ ଅଛି ବୋଲି ଚିନ୍ତା ନ କରି, ସ୍ୱପ୍ନଭଳି ନିଜର ପଦରେ ଅବସ୍ଥାନ କରନ୍ତି ।୩୩। ପ୍ରଯତ୍ନ ଦ୍ୱାରା ହେଉ ବା ଅଯତ୍ନ ଦ୍ୱାରା ହେଉ ମୂଢ଼ବ୍ୟକ୍ତି କେବେହେଲେ ନିବୃତ୍ତି ଲାଭ କରିପାରିବ ନାହିଁ, କିନ୍ତୁ ପ୍ରାଜ୍ଞ ବ୍ୟକ୍ତି ତତ୍ତ୍ୱ-ନିଶ୍ଚୟ ହେବା ମାତ୍ରେହିଁ ନିବୃତ୍ତି ଲାଭ କରନ୍ତି ।୩୪।

*(ଆଗାମୀ ସଂଖ୍ୟାରେ ଅବଶିଷ୍ଟାଂଶ)*

ପରମ ସତ୍ୟର ଅଭିମୁଖୀ ହେବା ଲାଗି ବହୁବିଧ ମାର୍ଗ ରହିଛି ଓ ତୁମେ କି ଧରଣର ପଥ ଗ୍ରହଣ କରିଛ ତା'ରି ଉପରେ ନିର୍ଭର କରେ ତୁମ ଚରମ ଅନୁଭୂତିର ପ୍ରକୃତି ଯାହା ବଳରେ ତୁମେ ସେହି ଅନିର୍ବଚନୀୟ ତତ୍ତ୍ୱଙ୍କ ମଧ୍ୟକୁ ପ୍ରବେଶ କରିଥାଅ ।

— ଶ୍ରୀଅରବିନ୍ଦ

ଅନ୍ତରାଳ ଜଗତ୍ :

# ପରମାଣୁ ବୋମା ଓ ଅଦୃଶ୍ୟ କ୍ଷୁଦ୍ର ସତ୍ତାମାନେ

ସମସ୍ତ ଶକ୍ତି ବ୍ୟକ୍ତିଗତ । ପ୍ରକୃତିର ସମସ୍ତ ଶକ୍ତି ମଧ୍ୟ ବ୍ୟକ୍ତିଗତ । ଆମେ ଯଦି ସେଗୁଡ଼ିକୁ ନୈର୍ବ୍ୟକ୍ତିକ ବିଷୟ ରୂପେ ଦେଖିବା ତେବେ ସେଗୁଡ଼ିକ ସଙ୍ଗେ ଆମର ସମ୍ପର୍କ ମଧ୍ୟ ନୈର୍ବ୍ୟକ୍ତିକ ହୋଇଉଠିବ । ଉଦାହରଣସ୍ୱରୂପ ବର୍ତ୍ତମାନ ଘଟୁଥିବା ବିଷୟଗୁଡ଼ିକ ଦେଖାଯାଉ । ତୁମେ ଯଦି ଜଣେ ବାୟୁ-ବିଜ୍ଞାନୀ ହୋଇଥାଅ ତେବେ ତୁମେ ପବନର ଗତିକୁ ପର୍ଯ୍ୟବେକ୍ଷଣ କରି ବାୟୁମଣ୍ଡଳର ଚାପ ମାପି ଏବଂ ଏଭଳି ଅନେକ କଥା କରି ସାରି ମନ୍ତବ୍ୟ ଦେବ, ''ଏଇ ସବୁଥିରୁ ଜଣାଯାଉଛି କି ଏତେଦିନ ଧରି ଏଇ – ଏଇସବୁ ଜାଗାମାନଙ୍କରେ ଭୀଷଣ ବା ମଧ୍ୟମ ଧରଣର ବର୍ଷା ହେବ... ଇତ୍ୟାଦି ।'' ତେଣୁ ତୁମ ଲାଗି ଏହା ଏକ ପ୍ରାକୃତିକ ଶକ୍ତି । ତୁମେ ଏହାକୁ ଖୁବ୍ ଧୀରଭାବେ ପର୍ଯ୍ୟବେକ୍ଷଣ କରି ଥାଅ ଏବଂ କେତେଦିନ ଧରି ବର୍ଷା ହେବ ତାହାକୁ ଅପେକ୍ଷା କରି ରହିଥାଅ ।

କିନ୍ତୁ ଏହା ମଧ୍ୟ ଘଟିପାରେ ଯେ ତୁମେ ଏହି ସବୁ ବାତ୍ୟା, ଝଞ୍ଜା, ଝଡ଼ ଓ ବଜ୍ରପାତାଦି ତଥାକଥିତ ପ୍ରାକୃତିକ ଶକ୍ତି ପଛରେ ଲୁଚି ରହିଥିବା ଛୋଟ ଛୋଟ ସଚେତନ ସତ୍ତାମାନଙ୍କ ସଙ୍ଗେ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିପାର । ଯେହେତୁ ଏଗୁଡ଼ିକ ବ୍ୟକ୍ତିଗତ ଶକ୍ତି ତେଣୁ ସେମାନଙ୍କ ସଙ୍ଗେ ତୁମେ ଏକ ପ୍ରକାର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କସ୍ଥାପନ କରିପାର । ସେମାନଙ୍କୁ ଏକ ଯାନ୍ତ୍ରିକ ପ୍ରକୃତିର ଶକ୍ତି ଭାବି କିଂବା ଶତ୍ରୁ ବୋଲି ଭାବି ସେମାନଙ୍କର ଖିଆଲ, ଅତ୍ୟାଚାରର ନିରୁପାୟ ଶିକାର ହେବା ଅପେକ୍ଷା ସେମାନଙ୍କ ସଙ୍ଗେ ଏକ ବନ୍ଧୁତ୍ୱପୂର୍ଣ୍ଣ ବୁଝାମଣା କରିନେବା ଭଲ । ସେମାନଙ୍କ ଉପରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପ୍ରଭାବ ବିସ୍ତାର କରି ତୁମେ ସେମାନଙ୍କୁ ଧୀର ଭାବେ କହିପାର, ''ଦେଖ ତୁମେମାନେ ଏଠି ଉନ୍ମତ୍ତ ଭଳି ଖେଳାଖେଳି କରି ନିରୀହ ସାଧାରଣମାନଙ୍କୁ ହଇରାଣ କରିବା ଅପେକ୍ଷା ଅନ୍ୟ ସ୍ଥାନରେ ଖେଳାଖେଳି କରୁ ନାହଁ କାହିଁକି ?''

ମୁଁ ମୋ ନିଜ ଆଖିରେ ଦେଖିଛି – ଆଲଜେରିଆରେ ଥରେ ଗୋଟିଏ ଶୁଖିଲା ବିଲରେ ନିର୍ଦ୍ଦିଷ୍ଟ ଭାବେ ବର୍ଷା ହୋଇଥିଲା – କାରଣ ତାହା ବର୍ଷା ଚାହୁଁଥିଲା । କିନ୍ତୁ ଠିକ୍ ତା'ର ପାଖଆଖ ବିଲରେ ବର୍ଷା ଦରକାର ପଡୁ ନଥିବାରୁ ସେଠି ବର୍ଷା ନହୋଇ ତାହା ଶୁଖିଲା ରହିଥିଲା । ତେଣୁ ତୁମେ ଯଦି ବୈଜ୍ଞାନିକଧାରାରେ ଚାଲିବ, ତେବେ ଧାରାହିଁ ସବୁକଥା ବୁଝିବ । କିନ୍ତୁ ମୋ ଲାଗି ମୁଁ ଜାଣେ – ଯେ କେହି ପ୍ରକୃତିର ଏହି ଗତି ବା କ୍ରିୟାରେ ହାତ ଦେବ ସେ ତାକୁ ନିୟନ୍ତ୍ରଣ କରିପାରିବ ।

ଆଲଜେରିଆର ଅଭିଜ୍ଞତା ମୁଁ ତୁମକୁ କହିଛି । ବହୁ ବହୁ ଚମତ୍କାର ଘଟଣା ସେଠି ଘଟିଛି । ସେଠି ଏକ ଉପଯୁକ୍ତ ପରିବେଶ ଥିଲା । କିଞ୍ଚିତ୍ ଅଧିକ ବାସ୍ତବ ଜ୍ଞାନ ଲାଗି ଉପଯୁକ୍ତ ପରିବେଶ । କେତେକ ଛୋଟ ଛୋଟ ସତ୍ତା ଅଛନ୍ତି ଯେଉଁମାନେ ବରଫକୁ ନିୟନ୍ତ୍ରଣ କରନ୍ତି ବା ସୃଷ୍ଟି କରନ୍ତି । ସେମାନେ ଗୋଟିଏ ଘର ଭିତରକୁ ପଶିଆସି କହିଲେ – ଆଜି ଏଠି ତୁଷାରପାତ ହେବ । ତୁଷାର ? ସାହାରା ମରୁଭୂମି ପାଖରେ ପୁଣି ତୁଷାରପାତ ?

''ହଁ, ଆଜି ନିଶ୍ଚୟ ବରଫ ପଡ଼ିବ । ସେମାନେ ପାହାଡ଼ଗୁଡ଼ିକ ଉପରେ ଫାର୍ ଗଛ ଲଗାଇଛନ୍ତି ଏବଂ ଫାର୍ ଗଛ ଆମେ ଯେଉଁଠି ଦେଖିବୁ ସେଠି ବରଫ ଝାଡ଼ିବୁ । ଫାର୍ ଗଛ ଲଗାଇବା ମାନେ ଆମକୁ ଆହ୍ୱାନ କରିବା । ଆମେ ତେଣୁ ଆସିଗଲୁ ।''

ଏହିପରି ଭାବେ ସେହି କ୍ଷୁଦ୍ର ସତ୍ତାମାନଙ୍କ ସଙ୍ଗେ କିଛି କଥାବାର୍ତ୍ତା ହେଲା – ଏବଂ ସେମାନେ ତୁଷାରପାତ ଲାଗି ଅନୁମତି ନେଇ ଚାଲିଗଲେ । ତା' ପରେ ପରେ ପାହାଡ଼ଗୁଡ଼ିକ ତୁଷାରାଚ୍ଛାଦିତ ହୋଇଗଲା । ସେଗୁଡ଼ିକ ସବୁ ସାହାରା ମରୁଭୂମିର ଅତି ନିକଟରେ । ତୁମେ କେତେ ମାଇଲ ତଳକୁ ଓହ୍ଲାଇ ଆସିଲେହିଁ ସାହାରାରେ ପହଞ୍ଚିଯିବ ।

କେତେକ ବ୍ୟକ୍ତିଙ୍କର ସଉକ ହେଲା ସେମାନେ ପାହାଡ଼ ଉପରେ ଫାର୍ ଗଛ ଲଗାଇଲେ । ଫାର୍ ଗଛ ଶୀତ ପ୍ରଧାନ ଦେଶର ଗଛ । ସେଇ ଫାର୍ ଗଛସବୁ ତୁଷାର ପାତ କରୁଥିବା ସତ୍ତାମାନଙ୍କୁ ଡାକିଲେ ଏବଂ ସେଇ ତୁଷାରର କ୍ଷୁଦ୍ର ସତ୍ତାମାନେ ଆସି ଗଲେ । ଏଗୁଡ଼ିକ ସବୁ ସତ୍ୟ ଘଟଣା । କାଳ୍ପନିକ ନୁହେଁ ।

ସବୁକଥା ନିର୍ଭର କରେ ତୁମର ସମ୍ପର୍କ ଉପରେ । ବାୟୁବିଜ୍ଞାନୀମାନେ ସେ ବିଷୟଟିକୁ ହୁଏତ ବ୍ୟାଖ୍ୟା କରିପାରନ୍ତି । ମୁଁ ଜାଣେନା – ସେମାନେ ସବୁ କଥାକୁ ସବୁ ବାଟରେ ବ୍ୟାଖ୍ୟା କରିଦେଇ ପାରନ୍ତି ।

ତୁମେ ବସ୍ତୁମାନଙ୍କୁ କିପରି ଦେଖୁଛ ତଦନୁଯାୟୀ ବସ୍ତୁଗୁଡ଼ିକର ସ୍ଥିତି ଓ ଗତିବୃତ୍ତି ନିର୍ଣ୍ଣିତ ହୋଇପାରେ । ଏହାହିଁ

ସତ୍ୟ । ମୁଁ ଆହୁରି ଅନେକ ଘଟଣା ବି ଦେଖିଛି । ବର୍ତ୍ତମାନ ଯେଉଁ ଘଟଣାଟି କହିଲି ତା' ତୁଳନାରେ ସେଗୁଡ଼ିକ ଅବଶ୍ୟ ସେପରି ଚମତ୍କାର ନ ହୋଇପାରେ । ମଣିଷ ବହୁ ବିଷୟ ଉଦ୍ଭାବନ କଲାଣି । ଅବଶ୍ୟ ଉଦ୍ଭାବନ କହିବା ଠିକ୍ ହେବ ନାହିଁ – ଆବିଷ୍କାର କହିବା ଉଚିତ । କାରଣ ମଣିଷର ଅଜ୍ଞାନତା ହେତୁ ସେ ଯାହା ଜାଣି ନଥିଲା, ଜ୍ଞାନ ହେଲାରୁ ସେସବୁକୁ ଜାଣିଲା । ସମସ୍ତ ବସ୍ତୁକୁ ଆବିଷ୍କାର କରି ମନୁଷ୍ୟମାନେ ବଡ଼ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଛନ୍ତି । ଛୋଟ ପିଲାଙ୍କ ଭଳି ବଡ଼ ମଣିଷମାନେ ସେସବୁ ସାଙ୍ଗେ ଖେଳୁଛନ୍ତି । ଏଗୁଡ଼ିକ ସୃଷ୍ଟି କରିବା ଫଳରେ ପ୍ରାକୃତିକ ଶକ୍ତିଗୁଡ଼ିକ ପଛରେ ଥିବା ସେହିସବୁ ଅଦୃଶ୍ୟ ସଚେତନ ସତ୍ତାଗୁଡ଼ିକ ବଡ଼ ବିଚଳିତ ହୋଇପଡ଼ିଛନ୍ତି । ସେହି କ୍ଷୁଦ୍ର କ୍ଷୁଦ୍ର ଅଦୃଶ୍ୟ ସତ୍ତାମାନେ ଏହା ପୂର୍ବରୁ ସ୍ୱଚ୍ଛନ୍ଦଭାବେ ସେମାନଙ୍କ ଜୀବନ ନେଇ ଆତଯାତ ହେଉଥିଲେ ଏବଂ ସେମାନଙ୍କ ପକ୍ଷରେ ଯେଉଁସବୁ ଅନାଗତ ଘଟଣାଗୁଡ଼ିକ ଥିଲା ତା' ପ୍ରତି ସ୍ୱାଭାବିକ ପ୍ରତିକ୍ରିୟା ଦେଖାଉଥିଲେ । ବର୍ତ୍ତମାନ କିନ୍ତୁ ସବୁ ପରିବର୍ତ୍ତିତ ହୋଇଗଲାଣି । ସେମାନଙ୍କ ମୁଣ୍ଡ ଖରାପ ହୋଇଗଲାଣି । ସେମାନେ ଜାଣିପାରୁ ନାହାନ୍ତି ସେମାନଙ୍କୁ କ'ଣ କରିବାକୁ ହେବ ।

ଏକ ସମୟ ଥିଲା – ମହାଯୁଦ୍ଧର ପରେ ପରେ ଯେତେବେଳେ କି ସେସବୁ ସ୍ଥାନମାନଙ୍କରେ ସବୁ ବ୍ୟାପାର ଗଣ୍ଡଗୋଳିଆ ଧରିଗଲା । ଜୀବନ ହୋଇ ଉଠିଲା ନିରର୍ଥକ ଏବଂ ଏହି ଦୁର୍ଭାଗ୍ୟଜନକ ଅବସ୍ଥା ଯେଉଁ ଦିନୁ ଲାଗି ରହିଲା, ସେହି କ୍ଷୁଦ୍ର ସତ୍ତାମାନେ ସେହି ଦିନୁ ସେହି ଗୋଳମାଳିଆ ଅବସ୍ଥାରୁ ଏଯାବତ୍ ମୁକ୍ତ ହୋଇ ନାହାନ୍ତି । ହଁ – ସେମାନେ ପାଗଳ ପ୍ରାୟ ହୋଇଯାଇଛନ୍ତି । ମଣିଷମାନେ ସେହିସବୁ ବସ୍ତୁ ସଙ୍ଗେ ଖେଳ ଖେଳୁଛନ୍ତି – ଅଥଚ ବସ୍ତୁମାନଙ୍କ ସମ୍ପର୍କରେ ସେମାନଙ୍କର କେବଳ ମାତ୍ର ବାହ୍ୟ ଜ୍ଞାନହିଁ ରହିଅଛି । ତା'ମାନେ ସେମାନେ ସେସବୁ ସମ୍ପର୍କରେ କିଛିହିଁ ଜାଣି ନାହାନ୍ତି । ସେମାନେ ଜାଣି ପାରୁ ନାହାନ୍ତି ଯେ ଏହା ଫଳରେ ଯେକୌଣସି ଦୁର୍ଘଟଣା ଘଟିଯାଇ ପାରେ – ହାୟ ହାୟ ! ପୂର୍ବପୁରୁଷମାନେ କହିଲା ଭଳି ପ୍ରଳୟ ମଧ୍ୟ ଘଟିଯାଇପାରେ ।

...ଏହା ଘଟିପାରେ – ନ ଘଟିପାରେ ମଧ୍ୟ । ଏହା ତାହାରି ଉପରେ ନିର୍ଭର କରେ – ଯେଉଁ ଶକ୍ତି ଏହା ମଧ୍ୟରୁ ଆସି ହସ୍ତକ୍ଷେପ କରିବ ।

ମୁଁ ଥରେ ତୁମମାନଙ୍କୁ ସେସବୁ କଥା କହୁଥିଲି । ପବନ, ବର୍ଷା ଓ ଝଡ଼ଝଞ୍ଜା କଥା । ମୁଁ ତୁମମାନଙ୍କୁ ପାଗର ପରିବର୍ତ୍ତନ ପାଇଁ ପ୍ରାର୍ଥନା କରିବାକୁ କହିଥିଲି । ମାତ୍ର ତୁମେମାନେ ତାକୁ ଭାବିଲ ମୁଁ ଥଟ୍ଟା କରୁଥିଲି ବୋଲି ।

ଗୋଟାଏ କଥା କିନ୍ତୁ ଧ୍ରୁବ । ତାହା ହେଉଛି ତୁମେ ଯଦି ସବୁ ବିଷୟରେ ଗଭୀରତର ନିୟମଗୁଡ଼ିକ ଜାଣିବ ଏବଂ ଯଦି ତୁମେ ଉଚ୍ଚତର ଚେତନା ସଙ୍ଗେ ସଂଯୁକ୍ତ ହେବ ଏବଂ ଏପରି କିଛି ବୁଝିବ, ଯାହାକି ମନୁଷ୍ୟ ଧାରଣାର ବହୁ ଅତୀତ – ତେବେ ତୁମେ କାହିଁକି ସାଧାରଣ ମଣିଷଙ୍କ ମତାମତ ଉପରେ ନିର୍ଭର କରିବ ? ଆଧ୍ୟାତ୍ମିକ ଜୀବନ ବା ଦିବ୍ୟ-ଜୀବନ କ'ଣ – ସେ ସମ୍ପର୍କରେ ସାଧାରଣ ଲୋକଙ୍କର କିଛି ଧାରଣାହିଁ ନାହିଁ । ସ୍ୱଭାବତଃ ସେହି ଅଜ୍ଞାନ ବ୍ୟକ୍ତିମାନେ ଆସି ସବୁ ବିଷୟକୁ ଅବଲୀଳାକ୍ରମେ ବିଚାର କରି ତୁମକୁ କିପରି ବଞ୍ଚିବାକୁ ହେବ, ଗତି କରିବାକୁ ହେବ ଓ କ'ଣ, କିପରି କରିବାକୁ ହେବ ସେ ସମ୍ବନ୍ଧେ ଉପଦେଶ ଦେଇଥା'ନ୍ତି । ସେମାନେ କିଛି ଜାଣନ୍ତି ନାହିଁ । କିଛି ଦେଖନ୍ତି ନାହିଁ । ସେଭଳି ଲୋକଙ୍କ ସହିତ ତୁମେ ସମ୍ପୂର୍ଣ୍ଣ ଭାବେ ସମ୍ପର୍କ ଛିନ୍ନ କରିବ ବା ଉଦାସୀନ ରହିବ । ମାତ୍ର ସେମାନଙ୍କ ଠାରୁ ନିଜକୁ ଉଚ୍ଚତର ବୋଲି ଭାବିବ ନାହିଁ । ଅନ୍ୟ ପକ୍ଷରେ ତୁମେ ଦୟାର୍ଦ୍ର ହେବ ଏବଂ ଇଚ୍ଛା କରିବ ସେମାନେ କିପରି ଆଲୋକ ଭିତରେ ପୁନର୍ଜନ୍ମ ଲାଭ କରନ୍ତୁ । ସେଭଳି ଲୋକଙ୍କ ସଙ୍ଗେ ଆଳାପ କରିବ ନାହିଁ ଏବଂ ସେମାନଙ୍କୁ କେବେ ତୁମ ସଙ୍ଗେ ଏକମତ ହେବାକୁ ବା କିଛି ବୁଝାଇବାକୁ ଚେଷ୍ଟା କରିବ ନାହିଁ । ସେପରି କ୍ଷେତ୍ରରେ ତୁମର ସମସ୍ତ ଚେଷ୍ଟା ବିଫଳ ହେବ । ସମ୍ପୂର୍ଣ୍ଣ ଭାବେ ତୁମକୁ ଉଦାସୀନ ରହିବାକୁ ପଡ଼ିବ । ସେମାନଙ୍କ ସମାଲୋଚନା ବା ନିନ୍ଦା ପ୍ରତି ଦୃଷ୍ଟି ଦେବ ନାହିଁ କିଂବା ପ୍ରଶଂସା ପ୍ରତି କାନ ଦେବ ନାହିଁ । ତୁମେ ତ ଜାଣ – ନିନ୍ଦାକୁ ନ କାନେଇବା ବରଂ ଅପେକ୍ଷାକୃତ ସହଜ – ମାତ୍ର ପ୍ରଶଂସା ପ୍ରତି ନିର୍ଲିପ୍ତ ରହିବା ଭାରି କଷ୍ଟକର । ମୁଁ ତୁମକୁ ଏ ସମ୍ପର୍କରେ ଗଳ୍ପଟିଏ କହୁଛି :

ମୁଁ ତୁମମାନଙ୍କୁ ମାଡ଼ାମ୍ ଡି. ଏନ୍‌ଙ୍କ ବିଷୟରେ ବହୁବାର କହିଛି । ସେ ଜଣେ ଶକ୍ତିମୟୀ ମହିଳା – ଏବଂ ବିଶିଷ୍ଟ ବୌଦ୍ଧ ମତାବଲମ୍ବିନୀ ଥିଲେ । ସେ ଭାରତକୁ ଆସିଥିବା ବେଳେ କେତେକ ବିଶିଷ୍ଟ ଭାରତୀୟ ସନ୍ଥ ଓ ଗୁରୁଙ୍କୁ ଦର୍ଶନ କରିବାକୁ ଇଚ୍ଛା କରିଥିଲେ । ସେ ଜଣେ ବିଶିଷ୍ଟ ସାଧୁଙ୍କୁ ମଧ୍ୟ ଭେଟିଥିଲେ । ମୁଁ ତାଙ୍କ ନାମ କହୁ ନାହିଁ । ସେହି ସାଧୁ ତାଙ୍କୁ ଦେଖି କେତେକ ପ୍ରଶ୍ନ କଲେ । ଯୋଗ ଓ ବ୍ୟକ୍ତିଗତ ସାଧନା ଉପରେ ସେମାନଙ୍କର ଆଳାପ ହେଲା । ସେ ମାଡ଼ାମ୍ ଡି. ଏନ୍‌ଙ୍କୁ

ପଚାରିଲେ – ଆପଣଙ୍କୁ ଯଦି କେହି ନିନ୍ଦା କରେ, ତେବେ ଆପଣ ସେଥିପ୍ରତି ଉଦାସୀନ ରହି ପାରନ୍ତି କି ? ମାଡ଼ାମ୍ ଡି. ଏନ୍. ପାରମ୍ପରିକ ରୀତିରେ ଉତ୍ତର ଦେଲେ – ହାତୀ ଚାଲିଲା ବେଳେ କୁକୁର ଭୁକନ୍ତି, ମାତ୍ର ହାତୀ ତାକୁ ଖାତିର କରେ କି ? ସାଧୁଲୋକଙ୍କୁ ସଂସାର ଯାକ ନିନ୍ଦା କଲେ ବି ସେ ଖାତିର କରେନା ।

ଏହି ଘଟଣାଟି ମୋ ଆଗରେ ବର୍ଣ୍ଣନା କରୁ କରୁ ମାଡ଼ାମ୍ ଡି. ଏନ୍. ମୋତେ ହସି ହସି କହିଲେ – ମୋର ସୌଭାଗ୍ୟ ଯେ ସେ ମୋତେ ପଚାରି ନାହାନ୍ତି ମୁଁ ପ୍ରଶଂସା ପ୍ରତି ମଧ୍ୟ ସମାନଭାବେ ଉଦାସୀନ କି ନୁହେଁ ! ତା'ହେଲେ ତ ମୁଁ ହଇରାଣରେ ପଡ଼ିଯାଇଥା'ନ୍ତି !!

ତେଣୁ ତୁମେ କାହାଠାରୁ ନିଜକୁ ଉଚ୍ଚତର ବୋଲି ଭାବିବ ନାହିଁ । ମୁଁ ତୁମକୁ କହିବି – ଏହାର କାରଣ କ'ଣ ! ତୁମେ ଜାଣିରଖ – ମଣିଷ ହେଉ ବା ଅନ୍ୟ ଜୀବ ହେଉ, ତା' ଭିତରର ଚେତନାହିଁ ହେଉଛି ବଡ଼କଥା । ଏଥିରୁ ବୁଝାପଡ଼େ ତୁମେ ସଚେତନ କି ଅଚେତନ ? ତୁମେ ଯେତେବେଳେ ଅଚେତନ ଥାଅ, ସେତିକିବେଳେ ହିଁ ତୁମେ ନିଜକୁ ଅନ୍ୟଠାରୁ ବଡ଼ ବୋଲି ଭାବିଥାଅ । ମାତ୍ର ତୁମେ ଯେତେବେଳେ ସଚେତନ ହୋଇଉଠ ସେତେବେଳେ ତୁମେ ଆଉ ନିଜକୁ ଉଚ୍ଚ ବା ନୀଚ ବୋଲି ଭାବି ପାର ନାହିଁ । କେଉଁ କ୍ଷେତ୍ରରେ ବି ତୁମେ ନିଜକୁ ବଡ଼ ବୋଲି ଭାବିବ ନାହିଁ । କାରଣ ଏହାହିଁ ବଡ଼ କ୍ଷୁଦ୍ରତା ଓ ନୀଚତା । କିନ୍ତୁ ତୁମ ଭିତରେ ପ୍ରଚୁର ସଦିଚ୍ଛା ଓ କରୁଣା ରହିବା ଉଚିତ ଏବଂ ତୁମେ କାହାର ନିନ୍ଦା ପ୍ରଶଂସାରେ ବିଚଳିତ ହେବା କଥା ନୁହେଁ । ସେ ଯାହହେଉ – ସବୁବେଳେ ଭଦ୍ର ହୁଅ, ନମ୍ର ହୁଅ । ତା' ଫଳରେ ତୁମେ ଶକ୍ତିମାନଙ୍କ ସଙ୍ଗେ ସୁସମ୍ପର୍କ ରକ୍ଷାକରି ପାରିବ ଏବଂ ଏହା ଅଧିକ ସଂଗତିପୂର୍ଣ୍ଣ ହୋଇଉଠିବ । ଫଳରେ ତୁମେ କୁତ୍ସିତ ଓ ଧ୍ୱଂସକାରୀ ଶକ୍ତିମାନଙ୍କ ସଙ୍ଗେ ଭଲଭାବେ ସଂଗ୍ରାମ କରି ପାରିବ । କିନ୍ତୁ ବାସ୍ତବ କ୍ଷେତ୍ରରେ ତୁମେ ଏସବୁର ଖୁବ୍ ଉର୍ଦ୍ଧ୍ୱକୁ ଉଠିଯିବା ଉଚିତ ଏବଂ ଈଶ୍ୱରଙ୍କ ସଙ୍ଗେ ପୂର୍ଣ୍ଣ ସଂଯୁକ୍ତ ହୋଇ ରହିବା ଉଚିତ । ଭଗବାନ୍ ତୁମଠାରୁ ତାହାହିଁ ଚାହାନ୍ତି । ତୁମେ ମଧ୍ୟ ତାଙ୍କ ପାଇଁ ଏତିକି ମାତ୍ର କର୍ତ୍ତବ୍ୟ କରିପାରିବ । କାରଣ ତାହାହିଁ ତୁମର ଏ କ୍ଷେତ୍ରରେ ଯାହାକିଛି କରଣୀୟ ଓ ଆବଶ୍ୟକୀୟ । ଏ କ୍ଷେତ୍ରରେ ଅନ୍ୟସବୁ ବିଷୟରେ ଆଉ କିଛି ଗୁରୁତ୍ୱ ନାହିଁ ।

(ଶ୍ରୀମାଙ୍କ ଭାଷଣ ଉପରେ ଆଧାରିତ ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରନ୍ଥରୁ ଆହୃତ ଓ ଅନୂଦିତ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❖

ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ଚୈତ୍ୟସତ୍ତାର ଆବିର୍ଭାବ ଧୀରେ ଧୀରେ ହୋଇଥାଏ, ଏପରିକି ସେମାନେ ସାଧନାର ପଥ ଗ୍ରହଣ କରିଥିଲେ ମଧ୍ୟ । ଚୈତ୍ୟସତ୍ତା ପୂର୍ଣ୍ଣ ଭାବରେ ମୁକ୍ତହେବା ପୂର୍ବରୁ ମନ ଓ ପ୍ରାଣରେ ଏପରି ବହୁତ କିଛି ଅଛି ଯାହାକୁ ପରିବର୍ତ୍ତିତ ଓ ପୁନଃସଂସ୍ଥାପିତ କରିବାକୁ ହେବ । ଆବଶ୍ୟକ ପଦ୍ଧତି ଯଥେଷ୍ଟ ଦୂରଯାଏ ଅଗ୍ରସର କରି ନିଜର ବହୁଯୁଗର ପରଦାକୁ ବିସ୍ଫୋରିତ ଭାବରେ ଅପସାରଣ କରିବା ପାଇଁ ଓ ସମ୍ମୁଖକୁ ଆଣି ତାହା ନିଜର ପ୍ରକୃତିକୁ ନିୟନ୍ତ୍ରିତ କରିବା ପାଇଁ ଆମକୁ ଅପେକ୍ଷା କରିବାକୁ ହେବ ।

ଏହା ସତ୍ୟ ଯେ ଅନ୍ୟ କିଛିହିଁ ଏପରି ଆନ୍ତର ସୁଖ ଓ ଆନନ୍ଦ ଦେଇପାରିବ ନାହିଁ – ଯଦିଓ ମାନସିକ ଓ ପ୍ରାଣିକ ମୁକ୍ତି ଦ୍ୱାରା ବା ସତ୍ତାରେ ଏକ ଦୃଢ଼ ସମତାର ଅଭିବୃଦ୍ଧି ଦ୍ୱାରା ଏକ ଶାନ୍ତି ଆସିପାରେ ।

(*Letters on Yoga,* SABCL Vol - 24, p. 1098) – ଶ୍ରୀଅରବିନ୍ଦ

ଶେଷ ପୃଷ୍ଠା :

# ହୃଦୟ ଗୁହା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ତିନୋଟି ରୂପାନ୍ତର କଥା କୁହାଯାଇଛି – ଚୈତ୍ୟ, ଆଧ୍ୟାତ୍ମିକ ଓ ଅତିମାନସ । ସତ୍ତାର ଚୈତ୍ୟ ଓ ଆଧ୍ୟାତ୍ମିକ ରୂପାନ୍ତର ସମ୍ପନ୍ନ ନହେଲେ ଅତିମାନସ ରୂପାନ୍ତର ପାଇଁ କୌଣସି ଦୃଢ଼ ଭିତ୍ତି ମିଳିବ ନାହିଁ, ବିଶେଷ କରି ଚୈତ୍ୟସତ୍ତାର ନେତୃତ୍ୱରେହିଁ ମନ, ପ୍ରାଣ ଓ ଦେହରେ ପୂର୍ଣ୍ଣଯୋଗର ରୂପାନ୍ତର କ୍ରିୟା ଆରମ୍ଭ ହୁଏ ଓ ଆଗେଇ ଚାଲେ ।

ଆମେ ଜାଣୁ ବା ନଜାଣୁ, 'ମୁଁ' ବୋଲି କହୁଥିବା ଆମର ମନ, ପ୍ରାଣ ଓ ଦେହର ଅହଂମୟ ସତ୍ତାର କୌଣସି ଅଂଶରେ ଯେତେବେଳେ ଚୈତ୍ୟସତ୍ତାର ସ୍ପର୍ଶ ମିଳେ ସେତେବେଳେ ଆମେ କାମନା-ବାସନା ଚରିତାର୍ଥ କରିବାରେ ନିୟୋଜିତ ଅହଂମୟ ଜୀବନରେ ଆଉ ସନ୍ତୁଷ୍ଟ ହୋଇ ରହିପାରୁ ନାହିଁ; ଆମ ଭିତରେ ଗୋଟାଏ କିଛିର ଅଭାବ ଅନୁଭବ କରୁ, ଗତାନୁଗତିକ ସାଧାରଣ ଜୀବନରେ ପାଉ ନଥିବା ଆଉ କିଛି ତୃପ୍ତି ଖୋଜୁ ଓ ତାହାର ସନ୍ଧାନ କରୁ । ସେତେବେଳେ ଚୈତ୍ୟସତ୍ତାର ସକ୍ରିୟ ହସ୍ତକ୍ଷେପ ଆମ ଚେତନା ଓ ଜୀବନର ମୋଡ଼ ବଦଳାଇ ଦିଏ ଓ ଆମେ ସକ୍ରିୟ ଓ ସଚେତ ଭାବରେ ଭଗବାନଙ୍କୁ ଖୋଜିବାର ଓ ପାଇବାର ପଥ ବାଛି ନେଉ । ମା'ଙ୍କ କହିବାନୁସାରେ ଭଗବାନଙ୍କୁ ପାଇବା ପାଇଁ ବାଛି ନେବା ପୂର୍ବରୁ ଭଗବାନ୍ ଆମକୁ ବାଛି ନେଇ ଥାଆନ୍ତି । କାରଣ ଚୈତ୍ୟସତ୍ତାହିଁ ଆମ ଚେତନାର ସେହି ଅଂଶ ଯାହା ଭଗବାନଙ୍କ ସହ ନିତ୍ୟଯୁକ୍ତ ଓ ଆମ ସତ୍ତାରେ ଭଗବତ୍ ଦିବ୍ୟ-ଚେତନାର ପ୍ରତିନିଧି ଓ ଅଂଶ ବିଶେଷ । ତାହାହିଁ ଜାଣେ ଭଗବାନଙ୍କୁ ପାଇବା ହିଁ ଆମ ଜୀବନର ଏକମାତ୍ର ଯଥାର୍ଥ ଲକ୍ଷ୍ୟ ଓ ସେହି ଦିଗରେ ଆମର ଜୀବନ ଓ ଚେତନାର ମୋଡ଼ ଫେରାଇବା ପାଇଁ ସେ ଉପଯୁକ୍ତ ମୁହୂର୍ତ୍ତକୁ ଅପେକ୍ଷା କରିଥାଏ । ସେହି ମୁହୂର୍ତ୍ତଟି କେଉଁ ଭାବରେ ବା କେଉଁ ରୂପରେ ଆସେ ସେଥିରେ ବିଶେଷ କିଛି ଯାଏ ଆସେ ନାହିଁ । ତାହା ଜୀବନରେ ଏକ ବ୍ୟର୍ଥତା, ମୋହଭଙ୍ଗ ବା ଦାରୁଣ ଦୁଃଖ ବା ଧକ୍କା ପାଇ ଆସିପାରେ ବା କୌଣସି ଆଶାତୀତ ସାଫଲ୍ୟ, ଆନନ୍ଦ, ପ୍ରେମ ବା ଭକ୍ତିଭାବର ଏକ ବିପୁଳ ସ୍ପନ୍ଦନ ଓ ଆଲୋଡ଼ନ ଫଳରେ କୌଣସି ଅଦୃଶ୍ୟ ଶକ୍ତି ପ୍ରତି କୃତଜ୍ଞତାର ଭାବ ନେଇ ଆସିପାରେ । ମୂଳ କଥା ହେଲା ଚେତନାର ମୋଡ଼କୁ ଭଗବାନଙ୍କ ଦିଗରେ ଫେରାଇବା ଏବଂ ସେହି କାମଟି ଭଗବାନଙ୍କ ଚେତନା ସହ ନିତ୍ୟଯୁକ୍ତ ଓ ମିଳିତ ହୋଇ ରହିଥିବା ଚୈତ୍ୟସତ୍ତାର ନେତୃତ୍ୱରେହିଁ ହୋଇଥାଏ ।

ବର୍ତ୍ତମାନ ଦେଖିବା ଏହି ଚୈତ୍ୟ-ଚେତନା ଆମ ସତ୍ତାର କେଉଁ ସ୍ଥାନରେ ରହିଛି ? ଯେପରି କୁହାଯାଏ ମନର ସ୍ଥାନ ହେଉଛି ମସ୍ତିଷ୍କରେ, ସେହିପରି ଚୈତ୍ୟସତ୍ତାର ସ୍ଥାନ ହେଉଛି ହୃଦୟରେ । ଶ୍ରୀଅରବିନ୍ଦଙ୍କ ଭାଷାରେ, ''ଚୈତ୍ୟସତ୍ତା ରହିଛି ହୃଦୟ-କେନ୍ଦ୍ରର ପଶ୍ଚାତ୍‌ରେ, ଗଭୀର ଭିତରେ ।'' ଏହି ହୃଦୟ କେନ୍ଦ୍ରହିଁ ଆଧ୍ୟାତ୍ମିକ ଚେତନାର ଆରମ୍ଭ ଓ ବିକାଶରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ । ଭାଗବତରେ ମହାପୁରୁଷ ଜଗନ୍ନାଥ ଦାସଙ୍କ କଥାରେ, ''ଯାହାକୁ ହେଉ ତୁ ସଦୟ, ଜ୍ଞାନ ତା' ହୃଦରୁ ଉଦୟ ।'' ସେ ମସ୍ତିଷ୍କ ବା ମନରୁ ଜ୍ଞାନର ଉଦୟ କଥା ନକହି ହୃଦୟରୁ ଜ୍ଞାନର ଉଦୟ କଥା କହିଛନ୍ତି । ସେହିପରି ମହାଭାରତର ଧର୍ମବକଙ୍କ ପ୍ରଶ୍ନର ଉତ୍ତରରେ ଯୁଧିଷ୍ଠିର ଧର୍ମର ତତ୍ତ୍ୱ ଗୁହାରେ ନିହିତ ରହିଛି ବୋଲି କହିଥିଲେ । ଗୁହାର ଅର୍ଥ ହୃଦୟ-ଗୁହା । ଆଉ ମଧ୍ୟ ଅସଂଖ୍ୟ ସାଧନା ଗ୍ରନ୍ଥରେ ଆମେ ହୃଦୟ-ଗୁହା, ହୃଦୟ-କନ୍ଦର, ହୃଦୟ-ପଦ୍ମ, ହୃଦୟ-କେନ୍ଦ୍ର, ହୃଦୟ-ଆକାଶ, ହୃଦୟ-ଦ୍ୱାର, ହୃଦୟ-ସୁଡ଼ଙ୍ଗ ଆଦିର ଉଲ୍ଲେଖ ଓ ବର୍ଣ୍ଣନା ପାଉ । ତେଣୁ ହୃଦୟ-କେନ୍ଦ୍ର ବା ହୃଦୟ-ପଦ୍ମ ଖୋଲିଯିବା ଓ ଆମର ଚେତନାକୁ ଅନ୍ତର୍ମୁଖୀ କରି ହୃଦୟ-ଗୁହାରେ ପ୍ରବେଶ କରିବା ହେଉଛି ସମସ୍ତ ସାଧନାର ମୂଳ କଥା ।

ଅବଶ୍ୟ ଆଜିର ଆଧୁନିକ ବୈଜ୍ଞାନିକ ବିଚାର କୁହେ ଯେ ହୃଦୟକୁ ଚେତନାର ଏକ କେନ୍ଦ୍ର ବୋଲି ଭାବିବା ଏକ କଳ୍ପନା ମାତ୍ର, ତା'ର କୌଣସି ବାସ୍ତବ ସତ୍ୟ ନାହିଁ । ଆମର ଯେଉଁସବୁ ଭାବ ବା ଆବେଗ-ଅନୁଭୂତିକୁ ଆମେ ହୃଦୟରେ ଅନୁଭବ କରୁ, ପ୍ରକୃତରେ ସେଗୁଡ଼ିକର ସ୍ଥାନ ମସ୍ତିଷ୍କରେ, ସେଗୁଡ଼ିକ ହେଉଛି ମସ୍ତିଷ୍କରେ ଘଟୁଥିବା ନାନା କ୍ରିୟାର ଫଳ । ଦୁଃଖ ବା ଆନନ୍ଦରେ ଅଧୀର ହୋଇ ଆମେ ଯଦିଓ ହୃଦୟକୁ ଚାପି ଧରୁ କିନ୍ତୁ ମସ୍ତିଷ୍କରେହିଁ ତାହା ଘଟିଥାଏ ଓ ସ୍ନାୟୁପ୍ରବାହ ଦ୍ୱାରା ଚାଳିତ ହୋଇ ତାହା ହୃଦୟାଞ୍ଚଳରେ ପହଞ୍ଚି ଥାଏ ।

ଆଧୁନିକ ମତରେ ପୂର୍ବକାଳର ଲୋକମାନେ ଏହି ପ୍ରକ୍ରିୟା ସମ୍ପର୍କରେ ଅଜ୍ଞ ଥିବାରୁ ସେଗୁଡ଼ିକ ହୃଦୟର ଅନୁଭୂତି ଓ ହୃଦୟକୁ ଚେତନାର କେନ୍ଦ୍ର ବୋଲି ଚିହ୍ନିତ କରୁଥିଲେ । ଅବଶ୍ୟ ଏହା ଠିକ୍ ଯେ କୌଣସି ବୈଜ୍ଞାନିକ ଯନ୍ତ୍ରପାତି ଦ୍ୱାରା ହୃଦୟ ପଦ୍ମ ଓ ତହିଁରେ ହେଉଥିବା ଚେତନାର କ୍ରିୟା ଧରା ପଡ଼ିବ ନାହିଁ । ଏହା ମଧ୍ୟ ସତ୍ୟ ଯେ ଆଧ୍ୟାତ୍ମିକ ସାଧକମାନେ ଯେଉଁ ହୃଦୟ କଥା କହିଛନ୍ତି ତାହା ନାନା ଭଲ୍‌ବ୍ ଥାଇ, ରକ୍ତଚାଳନ କରୁଥିବା ଏକ ପମ୍ପ୍ ସଦୃଶ ଦୈହିକ ହୃଦୟ ନୁହେଁ । ଆଧ୍ୟାତ୍ମିକ ସାଧକମାନେ ଯେଉଁ ଚେତନା ବିଷୟରେ କହିଛନ୍ତି ତାହା ମଧ୍ୟ କେବଳ ବାହ୍ୟ ଚେତନା ନୁହେଁ । ତାହା ଅପେକ୍ଷା ଅନେକ ଅଧିକ ବ୍ୟାପ୍ତ, ଗଭୀର, ଘନ ଓ ପ୍ରସାରିତ ଚେତନା, ଯହିଁରେ ବାହ୍ୟ ଓ ଭିତର ସବୁକିଛି ଅନ୍ତର୍ଭୁକ୍ତ, ପୁଣି ତା' ଅପେକ୍ଷା ଆହୁରି ଅଧିକ, ଅନନ୍ତ କିଛି । ମୂଳ ସ୍ୱରୂପରେ ତାହା ଏକ ଦିବ୍ୟ-ଅନ୍ତର୍ଚେତନା, ବିଶ୍ୱମୟ ଓ ବିଶ୍ୱାତୀତ ଚେତନା ।

ଏହି ଦିବ୍ୟ ଭଗବତ୍-ଚେତନା ବା ବ୍ରହ୍ମ-ଚେତନା ଓ ତା'ର ସଚେତ ଅଂଶ ଓ ପ୍ରତିନିଧିରୂପେ ଚୈତ୍ୟ-ଚେତନାର ଆସ୍ଥାନ ରହିଛି – ଆମ ହୃଦୟରେ ଦୈହିକ ହୃଦୟର ପଶ୍ଚାତ୍‌ରେ ଥିବା ଏକ ଚେତନାର କେନ୍ଦ୍ରରେ । ମୁଣ୍ଡକୋପନିଷଦ୍‌ରେ ଯେପରି କୁହାଯାଇଛି, ''ବୃହତ୍ ଏକ ଦିବ୍ୟ, ଅଚିନ୍ତ୍ୟ ଏବଂ ସୂକ୍ଷ୍ମଠାରୁ ଆହୁରି ସୂକ୍ଷ୍ମତର ଏହି ବ୍ରହ୍ମ ବହୁ ରୂପରେ ପ୍ରକାଶ ପାଆନ୍ତି । ସେ ଦୂରଠାରୁ ଆହୁରି ସୁଦୂରରେ ଅଥଚ ଏହି ଦେହର ଅତି ନିକଟରେ, ଏହି ଜଗତରେ ଚେତନ ଜୀବଗଣମାନଙ୍କ ହୃଦୟଗୁହାରେହିଁ ସେ ନିହିତ ରହିଛନ୍ତି – 'ନିହିତଂ ଗୁହାୟମ୍ ।' ଯେତେବେଳେ ଆଧ୍ୟାତ୍ମିକ ସାଧକ ହୃଦୟ-ଗ୍ରନ୍ଥି ଭେଦ କରି ସର୍ବ-ସଂଶୟର ଛିନ୍ନ ହୋଇଯିବା କଥା କହନ୍ତି ସେତେବେଳେ ସେ ଏହି ହୃଦୟ କଥାହିଁ କହନ୍ତି । ସ୍ୱାମୀ ବିବେକାନନ୍ଦ ହୃଦୟରେ ଧ୍ୟାନ କରିବାକୁ ଉପଦେଶ ଦେଇ କହୁଥିଲେ ହୃଦୟରେ ଏକ ପଦ୍ମଫୁଲ ଉପରେ ବା ଏକ ବିନ୍ଦୁ ଉପରେ ଏକାଗ୍ର ହେବାକୁ କିଂବା ହୃଦୟ ଭିତରେ ଏକ ଆକାଶ ରହିଛି ଓ ସେହି ଆକାଶ ଭିତରେ ପୁଣି ଆଉ ଏକ ଆକାଶ ରହିଛି ଓ ସେହି ଆକାଶ ଜ୍ୟୋତିର୍ମୟ – ଏହିପରି ଏକ କଳ୍ପନା ଉପରେ ଏକାଗ୍ର ହେବାକୁ ସେ କହୁଥିଲେ । କିଂବା ମା ଯେତେବେଳେ କୁହନ୍ତି ହୃଦୟର ଗଭୀରରୁ ଆହୁରି ଗଭୀରକୁ ବୁଡ଼ିଯିବାକୁ ଯେଉଁଠି ସେ ନିତ୍ୟ ବିରାଜିତା ଓ ଆସୀନା ହୋଇ ରହିଛନ୍ତି, ସେଠାରେ ତାଙ୍କୁ ପ୍ରତ୍ୟକ୍ଷ ଭାବରେ ଦର୍ଶନ କରିହେବ ଓ ତାଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିହେବ, ସେତେବେଳେ ସେ ଏହି ହୃଦୟ-ଗୁହା ଓ ହୃଦୟ-ସିଂହାସନ କଥାହିଁ କୁହନ୍ତି । ତେଣୁ ସେହି ହୃଦୟର ଗଭୀରରେହିଁ ଆମର ଚୈତ୍ୟସତ୍ତା ରହିଛି, ହୃଦୟ-ଗୁହାର ଗଭୀରରେ ପ୍ରବେଶ କରି ଚୈତ୍ୟ-ଚେତନାର ଜାଗରଣ ଓ ଉନ୍ମୀଳନ ଦ୍ୱାରାହିଁ ଆମେ ଭଗବାନଙ୍କୁ ପାଇବାର ପଥ ପ୍ରଶସ୍ତ କରିଦେଇ ପାରିବୁ ।

## (୨)

"At the end of the tunnel there is the light. The Grace is there permanent and eternal."

– The Mother

(''ସୁଡ଼ଙ୍ଗର ଶେଷରେ ରହିଛି ସେହି ଆଲୋକ । ଦିବ୍ୟ-କୃପା ସେଠାରେ ରହିଛି ସ୍ଥାୟୀ ଓ ଚିରନ୍ତନ ଭାବରେ ।'')

ମା ଏହି କଥାଗୁଡ଼ିକ ଲେଖୁଥିଲେ ଜଣେ ସାଧିକାଙ୍କୁ । ପୂର୍ବରୁ ଆମେ ଯେଉଁ ହୃଦୟ ଗୁହା ଓ ହୃଦୟ ସୁଡ଼ଙ୍ଗ ଆଦି ବିଷୟରେ କିଛିଟା ଆଲୋଚନା କଲୁ, ମା ଏଠାରେ ଯେଉଁ ସୁଡ଼ଙ୍ଗର ଶେଷରେ ଆଲୋକ ରହିଥିବା କଥା କହିଛନ୍ତି ଆମର ମନେ ହୁଏ ହୃଦୟଗୁହାରେ ପ୍ରବେଶ କରିଲା ବେଳେ ସାଧକର ଯେଉଁ ଏକ ସୁଡ଼ଙ୍ଗ ଭିତର ଦେଇ ଆହୁରି ଭିତରକୁ ଭିତରକୁ ଯିବାର ଅନୁଭୂତି ହୁଏ ଏଠାରେ ତାହାକୁହିଁ ସୂଚିତ କରାଯାଇଛି । ପ୍ରଥମେ ହୁଏତ ଏକ ଅନ୍ଧକାରମୟ ସୁଡ଼ଙ୍ଗ ଭିତରେ ଯାଉଥିବା ପରି ମନେ ହୁଏ, କିନ୍ତୁ ତା'ର ଶେଷରେ ରହିଛି ଆଲୋକ; କେବଳ ଆଲୋକ ନୁହେଁ ଦିବ୍ୟକୃପା ମଧ୍ୟ ସ୍ଥାୟୀ ଓ ଚିରନ୍ତନ ଭାବରେ ରହିଛି ବୋଲି ମା କହିଛନ୍ତି । ଶ୍ରୀଅରବିନ୍ଦଙ୍କ ଉକ୍ତିରେ ''ଚୈତ୍ୟସତ୍ତା ରହିଛି ହୃଦୟ କେନ୍ଦ୍ରର ପଶ୍ଚାତରେ ଗଭୀର ଭିତରେ ।''

ତେଣୁ ଚୈତ୍ୟ ଚେତନାରେ ଜାଗ୍ରତ୍ ହେବା ପାଇଁ ଅଭୀପ୍ସୁ ପୂର୍ଣ୍ଣଯୋଗର ସାଧକମାନଙ୍କ ପାଇଁ ହୃଦୟ-କେନ୍ଦ୍ରର ଉନ୍ମୀଳନ ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଲେଖିବା ନିଷ୍ପ୍ରୟୋଜନ । ଏହି କେନ୍ଦ୍ରକୁ ଖୋଲି ଦେବା ପାଇଁ ମା'ଙ୍କ ଶକ୍ତି ନିରନ୍ତର କ୍ରିୟା କରୁଛି, କାରଣ ଏହା ପଛରେ ରହିଥିବା ଚୈତ୍ୟ-ଚେତନା ସହ ଯୁକ୍ତ ନହେଲେ ଆମେ ପୂର୍ଣ୍ଣଯୋଗର ପଥରେ ଅଗ୍ରସର ହୋଇ ପାରିବୁ ନାହିଁ, ନିଷ୍ପତ୍ତିମୂଳକ ଭାବରେ ଜାଣି

ପାରିବୁ ନାହିଁ ଭଗବାନ୍ ଆମ ଦ୍ୱାରା କେଉଁ କାମସବୁ କରାଇ ନେବାକୁ ଚାହାନ୍ତି, ଆମ ପାଇଁ କ'ଣ କର୍ତ୍ତବ୍ୟ ବା କ'ଣ ଅକର୍ତ୍ତବ୍ୟ, କେଉଁଟା ସତ୍ୟ ବା କେଉଁଟା ମିଥ୍ୟା । ମସ୍ତିଷ୍କର ବିଚାର ଦ୍ୱାରା ନୁହେଁ ହୃଦୟର ପ୍ରତ୍ୟକ୍ଷ ଅନୁଭବ ଓ ଜ୍ଞାନ ଭିତରେହିଁ ଆମେ ଜାଣିପାରିବୁ ଭଗବାନ୍ ତାଙ୍କ ଦିବ୍ୟ-ଯୋଜନାରେ ଆମ ପାଇଁ କେଉଁ ସ୍ଥାନ, କେଉଁ କର୍ମ ବା ଭୂମିକା ନିର୍ଦ୍ଧାରିତ କରି ରଖିଛନ୍ତି । ଆମେ ଯେତେବେଳେ ଆମ ଚୈତ୍ୟସତ୍ତାରେ ନିହିତ ହୋଇ ରହିଥିବା ଆମର ସେହି ଦିବ୍ୟ-ନିୟତି ସହ ସଚେତଭାବେ ମିଳିତ ହେଉ, କେବଳ ସେତିକିବେଳେହିଁ ଆମର ସମସ୍ତ ଦ୍ୱିଧା, ଦ୍ୱନ୍ଦ୍ୱ ଓ ସଂଶୟ ଚାଲିଯାଏ ଓ ସଚେତ ଦୃଢ଼ ପଦକ୍ଷେପ ସହ ଆମେ ଭଗବାନଙ୍କ ସେବାରେ ନିଜକୁ ନିୟୋଜିତ କରି ଜୀବନକୁ ସାର୍ଥକ କରୁ । ସ୍ୱାମୀ ବିବେକାନନ୍ଦ ଯେତେବେଳେ କହିଥିଲେ ଯେ କନ୍ୟା-କୁମାରୀରେ ସମୁଦ୍ର କୂଳର ଅନତି ଦୂରରେ ଥିବା ଏକ ଶିଳାଖଣ୍ଡ ଉପରେ ବସି ଧ୍ୟାନ କରୁଥିବା ବେଳେ ହଠାତ୍ ତାଙ୍କ ଜୀବନର ବ୍ରତ, ଉଦ୍ଦେଶ୍ୟ ଓ କର୍ମ ସମ୍ପର୍କରେ ସେ ସଚେତ ହୋଇଗଲେ, ମନେ ହୁଏ ସେ ଏହି ଧରଣର ଏକ ଅନୁଭୂତିକୁହିଁ ସୂଚିତ କରିଛନ୍ତି । ପୂର୍ଣ୍ଣଯୋଗକୁ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କରିଥିବା ପ୍ରତ୍ୟେକ ସାଧକ ପାଇଁ ମଧ୍ୟ ଏହିପରି ଏକ ମୁହୂର୍ତ୍ତ ଆସିବ ଯେତେବେଳେ ସେ ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହୋଇଉଠିବ ଓ ନିଃସନ୍ଦେହ ହୋଇ ଜାଣିପାରିବ ଭଗବାନ୍ ତା' ପାଇଁ କେଉଁ ପରି କର୍ମ ଓ ଜୀବନକୁ ନିରୂପିତ କରି ରଖିଛନ୍ତି ।

ଏଇଠି ଏକ ପ୍ରଶ୍ନ ଆସୁଛି ଯେ ଚୈତ୍ୟସତ୍ତା ସହ ସମ୍ପର୍କ ସ୍ଥାପିତ ନହେବା ପର୍ଯ୍ୟନ୍ତ ସେ କ'ଣ କିଛି ନକରି ଚୁପ୍‌ଚାପ୍ ବସିଥିବ ? ଆଦୌ ନୁହେଁ; ଏ ସମ୍ପର୍କରେ ଶ୍ରୀଅରବିନ୍ଦ ଓ ମା କହିଛନ୍ତି ଯେ ସେତେବେଳେ ସେ ନିଜ ଚେତନାର ଯେତିକି ଉଚ୍ଚତା ବା ଗଭୀରତାରେ ପହଞ୍ଚିଛି, ସେଇ ଚେତନାକୁହିଁ ଅବଲମ୍ବନ କରି ଆନ୍ତରିକ ଭାବରେ ତାକୁ ଯଥାର୍ଥ ବୋଲି ମନେ ହେଉଥିବା କର୍ମ କରିଯିବ । ସେହି କର୍ମଗୁଡ଼ିକ କେତେଦୂର ଭୁଲ୍ ବା ଠିକ୍ ଓ ତା'ର ଫଳାଫଳ ଆଦି ସବୁକିଛିକୁ ସେ ଭଗବାନଙ୍କୁ ସମର୍ପଣ କରି ଚାଲିବ । ସେହି ଆନ୍ତରିକ ଓ ସମର୍ପିତ କର୍ମ ଭିତରେହିଁ ତା'ର ଚେତନା ପ୍ରସ୍ତୁତ ହେଉଥିବ ନିଜ ଚୈତ୍ୟସତ୍ତାର ଉପଲବ୍ଧି ପାଇଁ ଓ ସେହି ଚେତନା ସହ ପ୍ରତ୍ୟକ୍ଷ, ସଚେତ ସଂଯୋଗ ରଖି ନିଶ୍ଚିତ ଓ ନିଃସନ୍ଦେହ ଭାବରେ ଦିବ୍ୟ-ଯୋଜନାରେ ନିଜର ଭୂମିକା ଗ୍ରହଣ ପାଇଁ । ଆନ୍ତରିକ କର୍ମ ଭିତର ଦେଇ ଚେତନାର ଏହି ପ୍ରସ୍ତୁତି ପର୍ବରେ ମା'ଙ୍କ ଶକ୍ତିହିଁ ବରାବର ତା' ସଙ୍ଗେ ସଙ୍ଗେ ରହି ତାକୁ ସମସ୍ତ ବିପଦ ଆପଦରୁ ରକ୍ଷା କରି, ଧୀରେ ଧୀରେ ସମସ୍ତ ବାଧାବିଘ୍ନକୁ ଦୂର କରିଦେଇ ସାଧନାର ପଥରେ ଅଗ୍ରସର କରାଇ ନେଉଥିବେ ବୋଲି ସ୍ୱୟଂ ମା ବାରବାର ପ୍ରତିଶ୍ରୁତି ଦେଇଛନ୍ତି । ହୁଏତ ସେଇ ସମୟଟାହିଁ ସୁଡ଼ଙ୍ଗ ଭିତର ଦେଇ ଆଗଉ ଥିବାର ସମୟ, କେତେବେଳେ ଅନ୍ଧକାର, କେତେବେଳେ ଝାପ୍ସା ଆଲୁଅ, କେତେବେଳେ ହୁଏତ ଘନ ଅନ୍ଧକାର କିନ୍ତୁ ସୁଡ଼ଙ୍ଗର ଶେଷରେ ସ୍ଥାୟୀ ଆଲୋକ ଓ ଦିବ୍ୟକୃପା । ଏହି ମଧ୍ୟବର୍ତ୍ତୀକାଳୀନ ସମୟରେହିଁ ମଝିରେ ମଝିରେ ନାନା ଅବସାଦ, ହତାଶା ଓ ସଂଶୟ ଆଦି ଦେଖା ଦେଇଥାଏ, ଯଦିଓ ମା'ଙ୍କ ସହାୟିକା ଶକ୍ତି ଓ କୃପାର ଝଲକ ମଧ୍ୟ ମିଳୁଥାଏ । ଏହି ସମୟରେ ମଧ୍ୟ ଜୀବନ ସମ୍ପର୍କରେ ନାନା ଅସନ୍ତୋଷ ଏପରିକି ବିଦ୍ରୋହର ଭାବ ଆସେ । ପ୍ରାୟ ସମସ୍ତ ଆଧ୍ୟାତ୍ମିକ ମହାପୁରୁଷମାନେ କହିଛନ୍ତି ଯେ ପୂର୍ଣ୍ଣ ଆଲୋକରେ ଉତ୍ତୀର୍ଣ୍ଣ ହେବାର ଠିକ୍ ପୂର୍ବରୁ ଅନ୍ଧକାର ସବୁଠୁ ଘନୀଭୂତ ହୋଇ ଦେଖା ଦିଏ । ସେତେବେଳେ ଦିବ୍ୟକୃପା ଉପରେ ପୂର୍ଣ୍ଣ ଭରସା ରଖି, ତହିଁରୁ ମିଳୁଥିବା ସହାୟତାକୁ ଆଶ୍ରୟ କରି ଚେତନାର ପରିବର୍ତ୍ତନ ପାଇଁ ନିଜ ଲକ୍ଷ୍ୟରେ ଲାଗି ରହିବାହିଁ ଏକ ମାତ୍ର ବାଟ । ମା'ଙ୍କ କଥାରେ : "The Grace is infinite", ''ଦିବ୍ୟକୃପା ଅନନ୍ତ'' ।

"If you are not satisfied with what you are, take advantage of the Divine's help and change yourself."

(CWM, Vol. 14, P. 222) - The Mother

ଅର୍ଥାତ୍, ''ଯଦି ତୁମେ ନିଜେ ଯାହା ତହିଁରେ ସନ୍ତୁଷ୍ଟ ନୁହଁ ତେବେ ଭଗବାନଙ୍କ ସହାୟତାର ସୁଯୋଗ ନିଅ ଓ ନିଜକୁ ପରିବର୍ତ୍ତିତ କର ।''

ମା ଯେତେବେଳେ ଆମକୁ ଏହି ଭଗବତ୍ ସହାୟତାର ସୁଯୋଗ ନେବା କଥା କହିଛନ୍ତି, ତା'ର ଅର୍ଥ ହେଉଛି ଏହି ଭଗବତ୍ ସହାୟତା ଆମ ସଙ୍ଗେ ସବୁ ସମୟରେ ରହିଛି । ତେଣୁ କେବଳ ଯେ ସୁଡ଼ଙ୍ଗର ଶେଷରେ ପହଞ୍ଚିଲେ ଯାଇ ଆମେ ସେ କୃପାର ସାକ୍ଷାତ୍ ସ୍ପର୍ଶ ଲାଭ କରିବୁ ତା' ନୁହେଁ; ସେଠାରେ ତାହା ଚିରନ୍ତନ ରୂପେ ରହିଛି, ପ୍ରକାଶ୍ୟ ଓ ପ୍ରତ୍ୟକ୍ଷ ରୂପରେ, କିନ୍ତୁ ତାହାରହିଁ ଅନ୍ୟ ରୂପ ହେଉଛି ଭଗବତ୍ ସହାୟତା ଯାହା ଆମ ସଙ୍ଗେ ସଙ୍ଗେ ରହି, କେତେବେଳେ ପ୍ରଚ୍ଛନ୍ନ ଭାବରେ ବା

କେତେବେଳେ ପ୍ରକାଶ୍ୟ ଭାବରେ, କେତେବେଳେ ଗୋପନ ଭାବରେ ବା କେତେବେଳେ ଆମ ଚେତନା ଆଗରେ ପ୍ରକଟ ହୋଇ ତାହା ଆମକୁ ଲକ୍ଷ୍ୟ ପଥରେ ଆଗେଇ ନେଇ ଚାଲିଛି । ଭଗବତ୍ ସହାୟତାର, ଭଗବତ୍ କୃପାର ଏହି କ୍ରିୟା ଆମେ ସେତିକି ଅଧିକରୁ ଅଧିକ ଅନୁଭବ କରିପାରିବୁ ଆମେ ଯେତିକି ଅଧିକ ଆମ ଭିତରେ ରହିଥିବା ଭଗବତ୍ ଉପସ୍ଥିତି ପ୍ରତି, ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦିବ୍ୟ-ଉପସ୍ଥିତି ପ୍ରତି ନିଜକୁ ଖୋଲି ଦେଇପାରିବୁ । ତାଙ୍କର ଦିବ୍ୟ-ଉପସ୍ଥିତି ଆମ ହୃଦୟରେ ନିତ୍ୟ ନିରନ୍ତର ରହିଛି ଓ ତା'ର ନାନାବିଧ ସ୍ପର୍ଶ ଆମକୁ ନାନା ରୂପରେ ମିଳିଥାଏ । କିନ୍ତୁ ଆମେ ନିଜର ଅହଂ ଓ କାମନା-ବାସନାମୟ ଜୀବନରେ ଏତେ ମଜ୍ଜି ରହିଥାଉ ଯେ ତାହାକୁ ପ୍ରତ୍ୟକ୍ଷ ରୂପେ ଅନୁଭବ କରିବା ପାଇଁ ସମର୍ଥ ହୋଇ ପାରୁନା । ତଥାପି ଆମ ବାହ୍ୟ ଚେତନାର ସମସ୍ତ ଜଡ଼ତା ଓ ଅନ୍ଧକାର ସତ୍ତ୍ୱେ ଆମ ଆନ୍ତର ଚେତନା ଆଗରେ ସେହି ଦିବ୍ୟକୃପାର ଆଲୋକ ସମୟ ସମୟରେ ଆମର ସମଗ୍ର ଚେତନାକୁ ଆପ୍ଲୁତ କରି, କ୍ଷଣକ ପାଇଁ ହେଲେ ମଧ୍ୟ ଶାନ୍ତି, ଆନନ୍ଦ ଓ ପ୍ରେମ ଆଦି ଅନୁଭୂତିର ସ୍ପର୍ଶ ଆଣି ଆମ ହୃଦୟରେ ଝଲସି ଉଠେ ଓ ତାହାର ଉପସ୍ଥିତି ଯେ ଏକ ଅବିସମ୍ବାଦିତ ସତ୍ୟ ତାହା ଅସ୍ୱୀକାର କରିବା ତେଣିକି ଅସମ୍ଭବ ହୋଇପଡ଼େ । ଅନୁଭୂତିଟି ଚାଲିଯାଏ, ପ୍ରକୃତରେ ଚେତନାର ପ୍ରସ୍ତୁତି ଅଭାବରୁ ଆମେ ନିଜେହିଁ ସେହି ଅନୁଭୂତିଠାରୁ ଦୂରକୁ ଚାଲି ଆସୁ ଆମ ଗତାନୁଗତିକ ଜୀବନ ଭିତରକୁ କିନ୍ତୁ ତାହାର ଦିବ୍ୟ-ସ୍ମୃତି ଆମ ମନରେ ଓ ହୃଦୟରେ ଏକ ଗଭୀର ରେଖାପାତ କରି ଯାଇଥାଏ । ଦିବ୍ୟକୃପାର ସେହି ଝଲକକୁ ବାରଂବାର ସ୍ମରଣ କରି, ପୁଣି ତାହାକୁ ବାରବାର ପାଇବା ପାଇଁ ଅଭୀପ୍ସା କରିବାହିଁ ଆମ ଚେତନା ଆଗରେ ଏକମାତ୍ର ବାଟ; ଯେତେବେଳେ କି ଶେଷରେ ସେହି ଦିବ୍ୟ-ଚେତନା ସହ ଏକ ହୋଇଯାଇ ତହିଁରେ ବାସ କରିବାକୁ ଆମେ ସମର୍ଥ ହେବୁ । ତାହା ସବୁ ସମୟରେ ଆମ ହୃଦୟର ଗଭୀରରେ ନିତ୍ୟ ନିରନ୍ତର ରହିଛି । ତାହାକୁ ସୃଷ୍ଟି କରିବା ପାଇଁ ଆମକୁ ଶ୍ରମ ଓ ସାଧନା କରିବାକୁ ପଡ଼ିବ ନାହିଁ, ତାହା ରହିଛି, କେବଳ ତାହାକୁ ପାଇବା ପାଇଁ ଯାହା ଆମର ସାଧନା । ରମଣ ମହର୍ଷିଙ୍କ କଥା ଅନୁସାରେ ଆମକୁ କୂଅଟି ଖୋଳିବାକୁ ପଡ଼ିବ, କିନ୍ତୁ ତହିଁରେ ପାଣି ଢାଳି ତାହାକୁ ପୂର୍ଣ୍ଣ କରିବାକୁ ପଡ଼ିବ ନାହିଁ, କୂଅଟି ଖୋଳି ଦେଲେ ଆପେ ଆପେ ପାଣି ଝରି ତାହା ପୂର୍ଣ୍ଣ ହୋଇଯିବ । ଭଗବତ୍ କୃପାର ବାରି ସର୍ବବ୍ୟାପୀ ହୋଇ ସର୍ବତ୍ର ପୂରି ରହିଛି, ଆମକୁ କେବଳ ଆମ ହୃଦୟର ଗଭୀରରୁ ଆହୁରି ଗଭୀରକୁ ଯାଇ ତାହାର ନିତ୍ୟ ଝରକୁ ଖୋଲି ଦେଇ ଆମ ଜୀବନ ଓ କର୍ମ ଭିତରକୁ ତାହାକୁ ଆବାହନ କରି ଆଣିବାକୁ ହେବ । ❖

## ଆଶ୍ରମର ଦୁଇଟି ବାତାବରଣ

ଆଶ୍ରମରେ ଦୁଇଟି ବାତାବରଣ ରହିଛି, ଆମର ଓ ସାଧକମାନଙ୍କର । ଯେତେବେଳେ କିଛି ଅନୁଭବ ଓ ବୋଧ ସଂପନ୍ନ ଲୋକମାନେ ବାହାରୁ ଆସନ୍ତି ସେମାନେ ଏହି ବାତାବରଣର ଗଭୀର ନିରବତା ଓ ଶାନ୍ତିରେ ଅଭିଭୂତ ହୁଅନ୍ତି, କିନ୍ତୁ ସେହି ଅନୁଭବ ମ୍ଳାନ ହେବାକୁ ଲାଗେ ଯେତେବେଳେ ସେମାନେ ସାଧକମାନଙ୍କ ସହିତ ଅଧିକ ମିଳାମିଶା କରନ୍ତି । ନୀରସତା ଓ ଅସ୍ଥିରତାର ବାତାବରଣଟି ସୃଷ୍ଟ ହୁଏ ନିଜେ ସାଧକମାନଙ୍କ ଦ୍ୱାରା – ସେମାନେ ଯଦି ମା'ଙ୍କ ପ୍ରତି ସେପରି ଖୋଲା ରୁହନ୍ତେ ଯେପରି ହେବା ଉଚିତ ତା'ହେଲେ ଏକ ନିରବ ସ୍ଥିରତା ଓ ଶାନ୍ତି ଭିତରେ ବାସ କରନ୍ତେ, ଅସ୍ଥିରତା ଓ ନୀରସତା ଭିତରେ ନୁହେଁ ।

୧୫ ମାର୍ଚ୍ଚ ୧୯୩୭ — ଶ୍ରୀଅରବିନ୍ଦ



28. 2. 68.

Greetings from Auroville
to all men of good will.
Are invited to Auroville all
those who thirst for progress
and aspire to a higher
and truer life.

(Message for the Inauguration of Auroville)

Greetings from Auroville to all men of good will
are invited to Auroville all those who thirst for progress
and aspire to a higher and truer life.

The Mother

28 February 1968 (CWM-13, p. 193)

ସଦିଚ୍ଛାସମ୍ପନ୍ନ ସର୍ବଜନଙ୍କ ଲାଗି ଅରୋଭିଲ୍‌ରୁ ଅଭିନନ୍ଦନ ।
ଯେଉଁମାନେ ଅଗ୍ରଗତି ଲାଗି ପିପାସିତ ଏବଂ ଯେଉଁମାନେ ଏକ ଉଚ୍ଚତର ତଥା
ସତ୍ୟତର ଜୀବନର ଅଭୀପ୍ସା ରଖିଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ଅରୋଭିଲ୍ ଆମନ୍ତ୍ରଣ ଜଣାଉଛି ।

*୨୮ ଫେବ୍ରୁଆରୀ, ୧୯୬୮* *—ଶ୍ରୀମା*

Vol. LXII, No. 1, NAVAJYOTI – 21 February, 2019, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

## ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**